# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୦/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, March 20/2026 | Page 16 | ₹ 7.00

୫୨ଶ ଭାଗ ୧୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 114 ମୂଲ୍ୟ ₹୭/-




## ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'

କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'କୁ ନେଇ ଚର୍ଚ୍ଚା ବଢୁଥିବାବେଳେ ଏହା ଅଗଷ୍ଟ ୧୪ରେ ରିଲିଜ ହେବ ସୂଚନା ଦିଆଯାଇଛି।

୦୨

୧୬

## ଘୋଷାଲ ହେଲେ ସ୍ପୋର୍ଟ୍ସ କମିଶନର

ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ।





ମହାରାଷ୍ଟ୍ର ନବବର୍ଷ ଗୁଡ଼ି ପଡ଼ୱା ପାଳନ ଅବସରରେ ଗୁରୁବାର ବାଇକ୍ ଶୋଭାଯାତ୍ରାରେ ଯାଉଛନ୍ତି ମହିଳା। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ପୁଞ୍ଜି ବଜାରରେ ହାହାକାର

- ସେନ୍‌ସେକ୍ସ, ନିଫ୍ଟି ୩.୨୬% ଖସିଲା
- ନିବେଶକ ହରାଇଲେ ୧୨ ଲକ୍ଷ କୋଟି
- ୧ ଡଲାର=୯୨.୬୫ ଟଙ୍କା

ମୁମ୍ବାଇ/ନୂଆଦିଲ୍ଲୀ,୧୯।୩(ପି.ଟି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ଦୁଷ୍ପରିଣାମ ଭାରତ ସମେତ ସାରା ବିଶ୍ୱକୁ ଭୋଗିବାକୁ ପଡୁଛି। କ୍ରୁଡ୍ ପରିବହନରେ ବାଧା ଯୋଗୁ ତୈଳ ବଜାରରେ ନିଆଁ ଲାଗିଛି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦିନକୁ ଦିନ ଦୁର୍ବଳ ହୋଇ ଅବମୂଲ୍ୟାୟନର ରେକର୍ଡ ଭାଙ୍ଗୁଛି। ଗ୍ଲୋବାଲ ମାର୍କେଟରେ ନେଗେଟିଭ୍ ସେଣ୍ଟିମେଣ୍ଟ ଭିତରେ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଭାରତୀୟ ପୁଞ୍ଜି ବଜାରକୁ ନିବେଶ ପାଇଁ ସୁରକ୍ଷିତ ମଣୁନାହାନ୍ତି। ଷ୍ଟକ୍ସ ବିକ୍ରିଦେଇ ବଣ୍ଡ ଓ ମେଟାଲ ଭଳି ସେକ୍ଟରରେ ଅର୍ଥ ଲଗାଇବାକୁ ପସନ୍ଦ ☞ ପୃଷ୍ଠା-୪

## ରାଜ୍ୟରେ ଅକାଳ ମୃତ୍ୟୁ

### ୨ବର୍ଷରେ ଗଲାଣି ୬,୫୭୮ ଜୀବନ

ଭୁବନେଶ୍ୱର,୧୯।୩(ରବିନାରାୟଣ ଜେନା)

ରାଜ୍ୟରେ ସାପକାମୁଡ଼ା, ବଜ୍ରପାତ ଓ ପାଣିରେ ବୁଡ଼ି ଭଳି ଅକାଳ ମୃତ୍ୟୁ ଦିନକୁ ଦିନ ବଢ଼ି ଚାଲିଛି। ଗତ ଦୁଇବର୍ଷ ମଧ୍ୟରେ ୬,୫୭୮ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ଗୁରୁବାର ରାଜସ୍ୱମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ଏହିସବୁ ବିପତ୍ତି ଓ ବିପର୍ଯ୍ୟୟରେ ପ୍ରାଣହାନୀ ଘଟୁଥିବା ମୃତକଙ୍କ ପରିବାରକୁ ସରକାରଙ୍କ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥାଏ। ଗତ ୨ବର୍ଷରେ ଏବାବଦକୁ ୨୬୩କୋଟି ୧୨ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଗଲାଣି ବୋଲି ମନ୍ତ୍ରୀଙ୍କ ତଥ୍ୟରୁ ଜଣାଯାଇଛି। ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ରେ କେବଳ ବଜ୍ରପାତରେ ୨୮୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ରେ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମ୍ଭାବ୍ୟ ଖାଦ୍ୟ ସଙ୍କଟ**







**କରାଚୀରେ ବର୍ଷା ବିପ୍ରାତ: ୧୯ ମୃତ**
ପାକିସ୍ତାନର କରାଚୀରେ ବର୍ଷା ବିପ୍ରାତରେ ଅନ୍ୟୂନ ୧୯ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ସହରରେ ପ୍ରବଳ ବର୍ଷା ସାଙ୍ଗକୁ ଜୋରଦାର ପବନ ହୋଇଥିଲା। ଛାତ ଓ କାନ୍ଥ ଭୁଶୁଡ଼ିବା ସହ ବଜ୍ରପାତ ଏବଂ ଗଛ ଓ ସାଇନ୍‌ବୋର୍ଡ ପଡ଼ି ଲୋକଙ୍କ ଜୀବନ ଯାଇଛି। ଏକ ଟେଲିଫୋନ୍ ଏକ୍ସଚେଞ୍ଜ କାନ୍ଥ ଓ ଛାତ ଭୁଶୁଡ଼ି ପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା କୋରାଙ୍ଗି ଏସ୍‌ଏସ୍‌ପି ସନ୍‌ଘର ମଲିକ କହିଛନ୍ତି।


ଉଗାଦି ଉତ୍ସବ ଅବସରରେ ଗୁରୁବାର ନୂଆଦିଲ୍ଲୀର ଏପି ଭବନରେ କଳାକାରମାନେ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଆଧାର ଅପ୍‌ଡେଟ୍ ସମୟସୀମା ଧାର୍ଯ୍ୟ କର

**ୟୁଆଇଡିଏଆଇଙ୍କୁ ସିଇସିଙ୍କ ପରାମର୍ଶ**

ନୂଆଦିଲ୍ଲୀ,୧୯।୩(ପି.ଟି.)

ଆଧାର ସଂକ୍ରାନ୍ତ ବିବରଣୀ ଅପ୍‌ଡେଟ୍ (ଅଧୁନାତନ)ରେ ବିଳମ୍ବ ଘଟୁଥିବାରୁ କେନ୍ଦ୍ରୀୟ ସୂଚନା ଆୟୋଗ(ସିଇସି) ଏ ନେଇ ସମୟସୀମା ଧାର୍ଯ୍ୟ କରିବାକୁ ଏକକ ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଆୟୋଗ ଗୁରୁତ୍ୱାରୋପ କରିଛନ୍ତି।

ଜଣେ ମହିଳାଙ୍କ ଆଧାର କାର୍ଡରେ ଜନ୍ମତାରିଖ ସଂଶୋଧନ ପାଇଁ ଅନୁରୋଧକୁ ଠିକ୍ ସମୟରେ ପ୍ରକ୍ରିୟାକରଣ କରାଯାଇ ନ ଥିଲା। ଆବଶ୍ୟକ ଦସ୍ତାବିଜ ଦାଖଲ ସତ୍ତ୍ୱେ ତାଙ୍କ ଅନୁରୋଧ ବହୁ ଦିନ ଧରି ପଡ଼ି ରହିବାରୁ ସେ ଦିଲ୍ଲୀ ହାଇକୋର୍ଟରେ ରିଟ୍ ପିଟିଶନ କରିବାକୁ ବାଧ୍ୟ ହୋଇଥିଲେ। ସିଇସି କହିଛନ୍ତି, ଆବେଦନକାରୀମାନେ ପ୍ରାୟତଃ ଜନ୍ମତାରିଖ, ଲିଙ୍ଗ, ନାମରେ ବନାନଗତ ଅଶୁଦ୍ଧି ଓ ଅନ୍ୟାନ୍ୟ ଜନସାଂଖ୍ୟିକ ବିବରଣୀ ସଂଶୋଧନ ଅଭିଯୋଗ ନେଇ ଆସିଥାଆନ୍ତି, ଯାହା ପ୍ରାୟତଃ ବିଳମ୍ବ ଓ ପ୍ରକ୍ରିୟାରେ ସ୍ୱଚ୍ଛତାରେ ଅଭାବ ଯୋଗୁ ଘଟୁଛି। ବ୍ୟବସ୍ଥାଗତ ଉନ୍ନତିର ଆବଶ୍ୟକତାକୁ ଜୋର ଦେଇ ସିଇସି ଜନସାଂଖ୍ୟିକ ବିବରଣୀ ଅପ୍‌ଡେଟ୍ ପାଇଁ ୟୁଆଇଡିଏଆଇ ତା'ର ବ୍ୟବସ୍ଥାକୁ ଦୃଢ଼ କରିବା ଏବଂ ଏକ ସ୍ୱଚ୍ଛ ଓ ଉପଭୋକ୍ତା-ଅନୁକୂଳ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହିପରି ଅନୁରୋଧ ସଂକ୍ରାନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବା ଓ ଆବେଦନଗୁଡ଼ିକୁ ପ୍ରଯୁଜ୍ୟ ନିୟମ ଓ ବିଧି ଅନୁଯାୟୀ ସମୟବଦ୍ଧ ଭାବେ ତ୍ୱରାନ୍ୱିତ ହେବାକୁ ସୁନିଶ୍ଚିତ କରିବାକୁ କହିଛନ୍ତି। ଆୟୋଗ ମଧ୍ୟ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ଉନ୍ନତ କରିବା ଉପରେ ଜୋର ଦେଇଛନ୍ତି, ଯାହାଦ୍ୱାରା ନାଗରିକମାନେ ଆର୍‌ଟିଆଇ ଧାରା ଉପଯୋଗ କରିବାର ଆବଶ୍ୟକତା ବିନା ଠିକ୍ ସମୟରେ ଉତ୍ତର ପାଇବେ। ଆଧାର ବିବରଣୀ ଅପ୍‌ଡେଟ୍ ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ଦସ୍ତାବିଜ ସମ୍ବନ୍ଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି।

ୟୁଆଇଡିଏଆଇ ଶୁଣାଣି ସମୟରେ ଆୟୋଗଙ୍କୁ ଜଣାଇଛନ୍ତି ଯେ, ଆବେଦନକାରୀଙ୍କ ଆବେଦନକୁ ବର୍ତ୍ତମାନ ଗୁରୁତ୍ୱର ସହ ବିଚାରକୁ ନିଆଯାଇ ତାଙ୍କ ଜନ୍ମତାରିଖ ସଂଶୋଧନ ହୋଇସାରିଛି। କର୍ତ୍ତୃପକ୍ଷ କହିଛନ୍ତି, ଆର୍‌ଟିଆଇ ଆବେଦନଟି ସୂଚନା ଅନୁରୋଧ ପରିବର୍ତ୍ତେ ଅଧିକାଂଶ ଅଭିଯୋଗ ସଂକ୍ରାନ୍ତୀୟ ଥିଲା।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧ୍ୟକ୍ଷଙ୍କ ଇସ୍ତଫା




ନୂଆଦିଲ୍ଲୀ,୧୯।୩

ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପାର୍ଟଟାଇମ୍ ଅଧ୍ୟକ୍ଷ ଅତନୁ ଚକ୍ରବର୍ତ୍ତୀ ବୁଧବାର ଅଚାନକ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ବ୍ୟାଙ୍କର ପ୍ରଶାସନ, ମନୋନୟନ ଓ ବେତନ କମିଟି ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅତନୁ ଦର୍ଶାଇଛନ୍ତି, ଗତ ୨ ବର୍ଷ ହେଲା ସେ ଦେଖିଆସୁଥିବା ବ୍ୟାଙ୍କର ବିଭିନ୍ନ ଘଟଣା ଓ କାର୍ଯ୍ୟଧାରା ତାଙ୍କର ବ୍ୟକ୍ତିଗତ ମୂଲ୍ୟବୋଧ ଓ ନୈତିକତା ସହ ମେଳ ଖାଉନାହିଁ। ସେହି କାରଣରୁ ସେ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଅତନୁଙ୍କ ଇସ୍ତଫା ପରେ ରିଜର୍ଭ ବ୍ୟାଙ୍କ ଗୁରୁବାର କେକି ମିସ୍ତ୍ରିଙ୍କୁ ଅନ୍ତରୀଣ ପାର୍ଟଟାଇମ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛି। ଅତନୁଙ୍କ ଇସ୍ତଫାର କିଛି ଘଣ୍ଟା ମଧ୍ୟରେ ଶେୟାର ବଜାରରେ ନିବେଶକଙ୍କ ଶେୟାର ୧ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଥିଲା। କାରବାର ଆରମ୍ଭରେ ବ୍ୟାଙ୍କ ଶେୟାର ମୂଲ୍ୟ ୭୭୦ ଟଙ୍କା ଥିବାବେଳେ ତାହା ୮.୭୬ ପ୍ରତିଶତ ହ୍ରାସ ପାଇଥିଲା, ଯାହାକି ୫୨ ସପ୍ତାହ ମଧ୍ୟରେ ସର୍ବନିମ୍ନ।

## ଯୁଦ୍ଧ କ୍ଷତିଗ୍ରସ୍ତ ରପ୍ତାନିକାରୀଙ୍କୁ ୪୯୭ କୋଟିର ସହାୟତା

ନୂଆଦିଲ୍ଲୀ,୧୯।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଭାରତୀୟ ରପ୍ତାନିକାରୀମାନଙ୍କୁ ସହାୟତା ପାଇଁ କେନ୍ଦ୍ର ସରକାର ଗୁରୁବାର ରିଲିଫ୍ (ରେସିଲିଏନ୍ସ ଆଣ୍ଡ୍ ଲଜିଷ୍ଟିକ୍ସ ଇଣ୍ଟରଭେନ୍‌ଶନ ଫର୍ ଏକ୍ସପୋର୍ଟ ଫାସିଲିଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଯୁଦ୍ଧ ଯୋଗୁ ମାଲ୍ ପରିବହନ ଖର୍ଚ୍ଚ ବଢ଼ିବା, ବୀମା ପ୍ରିମିୟମ୍ ଏବଂ ପରିବହନ ବିଳମ୍ବଜନିତ ପ୍ରଭାବକୁ ଲାଘବ କରିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏକ୍ସପୋର୍ଟ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ ଅଫ୍ ଇଣ୍ଡିଆ (ଇସିଜିସି) ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି।

## ବିକ୍ରମ ଦୋରାଇସ୍ୱାମୀ ଚାଇନା ପାଇଁ ଭାରତର ନୂଆ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୧୯।୩

ବିକ୍ରମ ଦୋରାଇସ୍ୱାମୀଙ୍କୁ ଚାଇନା ପାଇଁ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଥିବା ଗୁରୁବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ୧୯୯୨ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ ଦୋରାଇସ୍ୱାମୀ ଏବେ ବ୍ରିଟେନ୍‌ରେ ଭାରତର ଉଚ୍ଚାୟୁକ୍ତ ରହିଛନ୍ତି। ସୀମା ଓ ବାଣିଜ୍ୟ ଆଦି ଦ୍ୱିପାକ୍ଷିକ ପ୍ରସଙ୍ଗରେ ଭାରତ ଓ ଚାଇନା କୂଟନୈତିକ ସ୍ତରରେ ଆଲୋଚନା ଜାରି ରଖିଥିବାବେଳେ ଦୋରାଇସ୍ୱାମୀଙ୍କୁ ରାଷ୍ଟ୍ରଦୂତ ନିଯୁକ୍ତି ଦିଆଯାଇଛି।

## ପଶ୍ଚିମବଙ୍ଗ ପାଇଁ ଭାଜପାର ୨ୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

କୋଲକାତା,୧୯।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ଭାଜପା ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ପର୍ଯ୍ୟାୟରେ ୧୧୧ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ଆଇପିଏସ୍ ରାଜେଶ କୁମାର, ରୁପା ଗାଙ୍ଗୁଲି ଏବଂ ପୂର୍ବତନ ଟିଏମ୍‌ସି ନେତା ତାପସ ରୟଙ୍କ ସମେତ ବହୁ ନୂଆ ନେତା ସ୍ଥାନ ପାଇଛନ୍ତି। ପଶ୍ଚିମବଙ୍ଗର ମୋଟ ୨୯୪ ଆସନ ମଧ୍ୟରୁ ପୂର୍ବରୁ ଭାଜପା ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା। ଭାଜପା ଆସାମ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟରେ ୮୮ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି।

## ଥାଇଲାଣ୍ଡ: କ୍ଷମତା ବଜାୟ ରଖିଲେ ଅନୁଟିନ୍

ବ୍ୟାଙ୍କକ୍,୧୯।୩

ଥାଇଲାଣ୍ଡ ପାର୍ଲାମେଣ୍ଟରେ ଗୁରୁବାର ଅନୁଷ୍ଠିତ ଭୋଟରେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଅନୁଟିନ୍ ଚାର୍ନଭିରାକୁଲ୍ କ୍ଷମତା ବଜାୟ ରଖିବାକୁ ଯାଉଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୪୯୮ ସଦସ୍ୟ ଉପସ୍ଥିତ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ୍‌ରେ ଭୁମଜାଇଥାଇ ପାର୍ଟି ନେତା ଅନୁଟିନ୍‌ଙ୍କୁ ୨୯୩ ଖଣ୍ଡ ଭୋଟ୍ ମିଳିଛି। ଫେବ୍ରୁଆରୀରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଅନୁଟିନ୍‌ଙ୍କ ଦଳ ୧୯୧ ଆସନ ଜିତିଥିଲାବେଳେ ଅନ୍ୟ ଦଳ ସହ ମିଶି ମେଣ୍ଟ ଗଠନ କରିଥିଲା।

# ମଧ୍ୟପ୍ରାଚ୍ୟ: ଇନ୍ଧନ ପାଲଟିଛି ଅସ୍ତ୍ର

ତେହରାନ୍,୧୯।୩



ଆମେରିକା-ଇରାନ୍ ଯୁଦ୍ଧକୁ ୨୦ ଦିନ ବିତିଛି। ଉଭୟ ପକ୍ଷ ମଧ୍ୟରେ ଆକ୍ରମଣ-ପ୍ରତ୍ୟାକ୍ରମଣ ଆହୁରି ତୀବ୍ର ହୋଇଛି। ଆମେରିକା ଓ ଇସ୍ରାଏଲ ଇରାନକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ କରିବା ଲକ୍ଷ୍ୟରେ ଆକ୍ରମଣ ଜାରି ରଖିଛନ୍ତି। କିନ୍ତୁ ହାର୍ ମାନିବାକୁ ପ୍ରସ୍ତୁତ ନ ଥିବା ଇରାନ୍ ତୈଳକୁ ଅସ୍ତ୍ର କରିଛି। କାତାରସ୍ଥିତ ବିଶ୍ୱର ସର୍ବବୃହତ୍ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଇରାନ୍‌ର ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରାବିଶ୍ୱକୁ ଚିନ୍ତିତ କରିଛି। ପାରସ୍ ହେଉଛି ପାରସ୍ୟ ଉପସାଗରସ୍ଥିତ ଏକ ଉପଦ୍ୱୀପ ଯାହାର ୩୦ରୁ ୪୦ ଭାଗ ଇରାନ୍ ଅଧୀନରେ ରହିଛି। ବାକି ୬୦ ଭାଗ କାତାର ଅଧୀନରେ ରହିଛି। ଏହି ଉପଦ୍ୱୀପରୁ ଉତ୍ପାଦନ ହେଉଥିବା ଏଲଏନଜି ବିଶ୍ୱର ଅଧିକାଂଶ ଭାଗକୁ ରପ୍ତାନି ହୋଇଥାଏ। ହେଲେ ଇସ୍ରାଏଲ ପ୍ରଥମେ ଇରାନ୍ ଅଧୀନ ପାରସ୍ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିବା ପରେ ଇରାନ୍ କାତାର ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କରିଛି। ଏହା ବୈଶ୍ୱିକ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି। କେବଳ କାତାର ନୁହେଁ, ଆମେରିକା ବିରୋଧରେ ପ୍ରତିଶୋଧ ନେବା ଲାଗି ଇରାନ୍ ସାଉଦି ଆରବ ଏବଂ କୁଏଟ୍ ତୈଳ ବିଶୋଧନଗାର ଉପରେ ମଧ୍ୟ ଆକ୍ରମଣ କରିଛି। ଇସ୍ରାଏଲ ଯଦି ପୁଣି ଇରାନ୍‌ର ତୈଳ ଠିକଣା ଉପରେ ଆକ୍ରମଣ କରେ ତେବେ କାତାର ପାରସ୍ ଗ୍ୟାସ୍ ଫିଲ୍ଡକୁ ସମ୍ପୂର୍ଣ୍ଣ ଉଡାଇ ଦିଆଯିବ ବୋଲି ଇରାନ୍ ମିଲିଟାରି ଅପରେଶନାଲ କମାଣ୍ଡ ମୁଖ୍ୟ ଖାତମ୍ ଅଲ-ଅନବିୟ ଧମକ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ଦେଶ ବ୍ୟତୀତ ଇରାନ୍ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ତୈଳ ପରିବହନ ବନ୍ଦ କରିଥିଲାବେଳେ ଏବେ ତୈଳବାହୀ ଜାହାଜ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଛି। ଏଭଳି ସ୍ଥିତିରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଉତ୍ତେଜନା ଚରମ ସୀମା ଛୁଇଁବା ସହ ତେଲ ଓ ଗ୍ୟାସ୍‌କୁ ଇରାନ ଅସ୍ତ୍ର କରି ବୈଶ୍ୱିକ ଅର୍ଥନୀତିକୁ ଉଜାଡ଼ିଦେବାକୁ ଉଦ୍ୟମ ଚଳାଇଛି। ସାଉଦି ଆରବଠାରୁ ଆରମ୍ଭ କରି ୟୁଏଇ, କାତାର, କୁଏଟ୍, ଜୋର୍ଡାନ ଆଦି ତୈଳ ଓ ଗ୍ୟାସ୍ ଉତ୍ପାଦନକାରୀ ରାଷ୍ଟ୍ର ଏବେ ଇରାନ୍ ଟାର୍ଗେଟରେ ରହିଥିବାରୁ ଆଗକୁ ସ୍ଥିତି ଆହୁରି ଭୟଙ୍କର ହୋଇପଡ଼ିବ ବୋଲି ଆଶଙ୍କା ବଢ଼ିଛି।

**ସାମୁଦ୍ରିକ କେବୁଲ ନଷ୍ଟ କରିପାରେ ଇରାନ୍**

ତୈଳ ଓ ଗ୍ୟାସ୍ ଭିତ୍ତିଭୂମିକୁ ଇରାନ୍ ଟାର୍ଗେଟ କରିବା ପରେ ଏବେ ସାମୁଦ୍ରିକ ଇଣ୍ଟରନେଟ୍ କେବୁଲକୁ ଇରାନ୍ ନଷ୍ଟ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ୟୁରୋପ, ଏସିଆ ଏବଂ ଆଫ୍ରିକାର ଇଣ୍ଟରନେଟ୍ ଟ୍ରାଫିକ୍‌କୁ ସଂଯୋଗ କରୁଥିବା ବହୁ ଗୁରୁତ୍ୱପୂର୍ଣ୍ଣ କେବୁଲ ଲୋହିତ ସାଗର ଏବଂ ପାରସ୍ୟ ସାଗର ଦେଇ ଯାଇଛି। କିନ୍ତୁ ଶତ୍ରୁ ରାଷ୍ଟ୍ରଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ଇରାନ୍ ଏହି କେବୁଲ ନଷ୍ଟ କରି ଗ୍ଲୋବାଲ ଟେଲିକମ୍ ଓ ଡାଟା ବ୍ୟବସ୍ଥାକୁ ପ୍ରଭାବିତ କରିବାକୁ ଉଦ୍ୟମ କରିପାରେ ବୋଲି କୁହାଯାଉଛି। ସେପଟେ ଇରାନ୍‌ର ଛାୟା ସେନା ଭାବେ କାର୍ଯ୍ୟ କରୁଥିବା ୟେମେନ୍‌ର ହୁଟି ବିଦ୍ରୋହୀମାନେ ମଧ୍ୟ ଏଡେନ୍ ସାଗରରେ ତୈଳବାହୀ ଜାହାଜ ଉପରେ ଆକ୍ରମଣ କରିପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି।

# ୭୩ ରାଜ୍ୟ ସଭା ସଦସ୍ୟଙ୍କ ନାମରେ ଆପରାଧିକ ମାମଲା

**ଏଡିଆର୍ ରିପୋର୍ଟ**
**୩୧ ଅରବପତି**

ନୂଆଦିଲ୍ଲୀ,୧୯।୩(ପି.ଟି.)

ରାଜ୍ୟ ସଭାର ମୋଟ ସଦସ୍ୟ ସଂଖ୍ୟାର ପ୍ରାୟ ୩୨ ପ୍ରତିଶତଙ୍କ ନାମରେ ଆପରାଧିକ ମାମଲା ରହିଥିଲାବେଳେ ୧୪ ପ୍ରତିଶତ ଅରବପତି ବୋଲି ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ସଭାର ୨୩୩ ସଦସ୍ୟଙ୍କ ମଧ୍ୟରୁ ୨୨୯ ଜଣଙ୍କ ସତ୍ୟପାଠକୁ ବିଶ୍ଳେଷଣ ଆଧାରରେ ଏଡିଆର୍ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛି। ଝାଡ଼ଖଣ୍ଡରୁ ଗୋଟିଏ ରାଜ୍ୟ ସଭା ଆସନ ଖାଲି ପଡ଼ିଥିବାବେଳେ ୩ ଜଣ ଏମ୍‌ପିଙ୍କ ସତ୍ୟପାଠ ମିଳିନାହିଁ। ଉକ୍ତ ରିପୋର୍ଟରେ ନବନିର୍ବାଚିତ ୩୭ ଏମ୍‌ପିଙ୍କ ଘୋଷଣା ମଧ୍ୟ ସ୍ଥାନ ପାଇଛି।

୨୨୯ ଏମ୍‌ପିଙ୍କ ମଧ୍ୟରୁ ୭୩ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ (୧୬%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଥିବା ସେମାନେ ସତ୍ୟପାଠରେ ଦର୍ଶାଇଥିଲେ। ଜଣେ ଏମ୍‌ପିଙ୍କ ନାମରେ ହତ୍ୟା ମାମଲା ରହିଥିବାବେଳେ ୪ ଜଣଙ୍କ ନାମରେ ହତ୍ୟା ଉଦ୍ୟମ, ୩ ଜଣଙ୍କ ନାଁରେ ମହିଳା ବିରୋଧୀ ଅପରାଧ ମାମଲା ରହିଛି। ଦଳୀୟ ଦୃଷ୍ଟିରୁ ଦେଖିଲେ ଭାଜପାର ୯୯ ଏମ୍‌ପିଙ୍କ ମଧ୍ୟରୁ ୨୭ ଜଣ, କଂଗ୍ରେସର ୨୮ ଜଣଙ୍କ ମଧ୍ୟରୁ ୧୨, ଟିଏମ୍‌ସିର ୧୩ ସଦସ୍ୟଙ୍କ ମଧ୍ୟରୁ ୪, ଆପ୍‌ର ୧୦ ଜଣରୁ ୪ ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ସିପିଆଇଏମ୍‌ର ୩ ଏମ୍‌ପି ଏବଂ ବିଆର୍‌ଏସ୍‌ର ପ୍ରତ୍ୟେକ ଏମ୍‌ପିଙ୍କ ନାମରେ ଆପରାଧିକ ମାମଲା ଥିବା ଜଣାପଡ଼ିଛି।

ସେହିପରି ୩୧ ଜଣ ଅରବପତି (୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଥିବା) ଏମ୍‌ପିଙ୍କ ମଧ୍ୟରୁ ଭାଜପାରୁ ବିଆର୍‌ଏସ୍‌ରୁ ୨, ଏନ୍‌ସିପିରୁ ୩ ଜଣ ଏମ୍‌ପିଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ସେମାନେ ଘୋଷଣା କରିଛନ୍ତି। ରାଜ୍ୟ ସଭା ସଦସ୍ୟମାନଙ୍କ ହାରାହାରି ସମ୍ପତ୍ତି ୧୨୦.୬୯ କୋଟି ଟଙ୍କା। ଭାଜପା ଏମ୍‌ପିମାନଙ୍କ ହାରାହାରି ସମ୍ପତ୍ତି ୨୮.୨୯ କୋଟି ହୋଇଥିବାବେଳେ କଂଗ୍ରେସ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୨୮.୬୧ କୋଟି ଟଙ୍କା। ସେହିପରି ଟିଏମ୍‌ସି ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୭.୭୦ କୋଟି, ଆପ୍ ୫୭୪.୦୯ କୋଟି, ୱାଇଏସ୍‌ଆର୍‌ସିପି ୫୨୨.୬୩ କୋଟି, ଏସ୍‌ପି ୩୯୯.୭୧ କୋଟି, ବିଜେଡି ୧୦୫.୬୩ କୋଟି ଏବଂ ଡିଏମ୍‌କେ ଏମ୍‌ପିଙ୍କ ହାରାହାରି ସମ୍ପତ୍ତି ୧୧.୯୦ କୋଟି ଟଙ୍କା। ବିଆର୍‌ଏସ୍ ସଦସ୍ୟ ବନ୍ଦିପାର୍ଥ ସାରଧିଙ୍କ ସମ୍ପତ୍ତି ୫,୩୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଆପ୍ ସଦସ୍ୟ ରାଜିନ୍ଦର ଗୁପ୍ତାଙ୍କ ସମ୍ପତ୍ତି ୫,୦୫୩ କୋଟି ଏବଂ ୱାଇଏସ୍‌ଆର୍‌ସିପିର ଆଲ୍ଲା ଅୟୋଧ୍ୟା ରାମି ରେଡ୍ଡୀଙ୍କ ସମ୍ପତ୍ତି ୨,୫୭୭ କୋଟି ଟଙ୍କା। ଅନ୍ୟପକ୍ଷରେ ଆପ୍ ଏମ୍‌ପି ସନ୍ତ ବଲବୀର ସିଂଙ୍କ ସମ୍ପତ୍ତି ସର୍ବନିମ୍ନ ୩ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ମଣିପୁରର ମହାରାଜା ସାନଜାଓବା ଲେଇଶେମ୍ବାଙ୍କ ସମ୍ପତ୍ତି ମୂଲ୍ୟ ୫ ଲକ୍ଷ ହୋଇଥିବାବେଳେ ଟିଏମ୍‌ସିର ପ୍ରକାଶ ଚିକ୍ ବାରାଇକ୍‌ଙ୍କ ସମ୍ପତ୍ତି ୯ ଲକ୍ଷ ଟଙ୍କା।

# ୨୦୦ ବିଲିୟନ ଡଲାର ଲୋଡ଼ିଲା ପେଣ୍ଟାଗନ୍

**ଆମେରିକୀୟ କଂଗ୍ରେସରେ ମତଭେଦ**

ୱାଶିଂଟନ୍,୧୯।୩


ଡୋନାଲ୍ଡ ଟ୍ରମ୍ପ | ହେଗସେଥ୍

ଇରାନ୍ ବିରୋଧରେ ସପ୍ତାହକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ଆମେରିକା ଏବେ ଯୁଦ୍ଧ ଖର୍ଚ୍ଚକୁ ନେଇ ହରଡ଼ଘଣାରେ ପଡ଼ିଛି। ଯୁଦ୍ଧ ଖର୍ଚ୍ଚକୁ ନେଇ ଆମେରିକା କଂଗ୍ରେସ୍‌ରେ ମତଭେଦ ଆରମ୍ଭ ହୋଇଛି। ଯୁଦ୍ଧର ପ୍ରଥମ ୭ ଦିନ ମଧ୍ୟରେ ଆମେରିକାକୁ ୧୧ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥିଲାବେଳେ ଏବେ ଆହୁରି ୨୦୦ ବିଲିୟନ ଡଲାର ଆବଶ୍ୟକ ଥିବା ପେଣ୍ଟାଗନ୍ ହ୍ୱାଇଟ୍ ହାଉସକୁ ଜଣାଇଛି। କଂଗ୍ରେସ ଅନୁମୋଦନରେ ଏହି ଅର୍ଥ ଯୋଗାଇ ଦେବାକୁ ପ୍ରତିରକ୍ଷା ସଚିବ ହେଗସେଥ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜଣାଇଛନ୍ତି। କିନ୍ତୁ ଏହାକୁ ନେଇ କଂଗ୍ରେସରେ ଫାଟ ସୃଷ୍ଟି ହୋଇଛି। ଯୁଦ୍ଧକୁ ଆମେରିକାର ନ୍ୟାଶନାଲ କାଉଣ୍ଟର ଟେରରିଜମ୍ ସେଣ୍ଟରର ମୁଖ୍ୟ ଜୋ କେଣ୍ଟ୍ ନାପସନ୍ଦ କରି ପଦ ଛାଡିବା ପରେ ଆମେରିକାର ବିଭିନ୍ନ ମହଲରେ ମତଭେଦ ଦେଖାଯାଇଛି।

# ଫିନ୍‌ଲାଣ୍ଡ ସବୁଠୁ ସୁଖୀ ରାଷ୍ଟ୍ର



**ୱାର୍ଲ୍ଡ ହାପିନେସ୍ ରିପୋର୍ଟ**
**୧୧୬ତମ ସ୍ଥାନରେ ଭାରତ**

ଲଣ୍ଡନ,୧୯।୩

ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ଭାବେ ନିଜର ମାନ୍ୟତା ବଜାୟ ରଖିଛି। କ୍ରମାଗତ ଭାବେ ୯ମ ଥର ପାଇଁ ବିଶ୍ୱର ସବୁଠୁ ସୁଖୀ ରାଷ୍ଟ୍ର ସୂଚୀ (ୱାର୍ଲ୍ଡ ହାପିନେସ୍ ରିପୋର୍ଟ)ରେ ଏହି ଦେଶ ସର୍ବାଗ୍ରେ ରହିଛି। କେବଳ ଫିନ୍‌ଲାଣ୍ଡ ନୁହେଁ, ଡେନ୍‌ମାର୍କ, ସୁଇଡେନ ଏବଂ ନରୱେ ଭଳି ଉତ୍ତର ଆଟଲାଣ୍ଟିକ୍‌ର ବିଭିନ୍ନ ଦେଶ ଏହି ରିପୋର୍ଟରେ ପ୍ରଥମ ୧୦ ସ୍ଥାନରେ ରହିଛନ୍ତି। ଅକ୍ସଫୋର୍ଡ ୟୁନିଭର୍ସିଟିର ୱେଲ୍‌ବିଙ୍ଗ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ପ୍ରତିବର୍ଷ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ପ୍ରକାଶ କରାଯାଇଥାଏ। ସାମ୍ପ୍ରତିକ ସମୟରେ ଫିନ୍‌ଲାଣ୍ଡବାସୀ ବିଶ୍ୱର ସବୁଠୁ ଖୁସି ନାଗରିକ ହେବାର ସୌଭାଗ୍ୟ ବଜାୟ ରଖିଛନ୍ତି।

ଜାତିସଂଘର ସଷ୍ଟେନେବଲ ଡେଭଲପମେଣ୍ଟ ସଲ୍ୟୁଶନ ନେଟ୍‌ୱର୍କ ଏବଂ ଗ୍ୟାଲପ୍ ନାମକ ଘରୋଇ ସଂସ୍ଥାର ମିଳିତ ଉଦ୍ୟମରେ ୧୪୦ଟି ଦେଶର ଲୋକଙ୍କ ମତାମତକୁ ନେଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଭାରତ ଏହି ତାଲିକାରେ ୧୧୬ତମ ସ୍ଥାନରେ ରହିଥିଲାବେଳେ ଯୁଦ୍ଧ ଲଢୁଥିବା ଇସ୍ରାଏଲ ଏବଂ ଇରାନ୍ ଭାରତ ଠାରୁ ଭଲ ସ୍ଥାନରେ ରହିଛନ୍ତି। ଏହି ଦୁଇ ଦେଶର ସ୍ଥାନ ୯୭ତମ ସ୍ଥାନରେ ରହିଛି। ଆମେରିକାର ସ୍ଥାନ ୨୩ ରହିଥିଲାବେଳେ କାନାଡ଼ା ୨୫ ଏବଂ ବ୍ରିଟେନ ସ୍ଥାନ ୨୯ ରହିଛି। ହାପିନେସ୍ ରିପୋର୍ଟ ଅନୁଯାୟୀ ଭାରତରେ ହାରାହାରି ଜୀବନକାଳ ୫୮.୨ ବର୍ଷ ରହିଛି। ସ୍ୱାଧୀନତା ମାପଦଣ୍ଡକୁ ନେଇ ଭାରତର ସ୍ଥାନ ୬୧ ରହିବା ସହ ଦୁର୍ନୀତି କ୍ଷେତ୍ରରେ ୬୪ ରହିଛି। ତେବେ ସୋସିଆଲ ମିଡିଆର ପ୍ରଭାବ ଯୁବପିଢିଙ୍କ ସୁଖ ଏବଂ ଜୀବନଶୈଳୀକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରଥିବା ରିପୋର୍ଟରେ କୁହାଯାଇଛି। ବିଶେଷକରି ଇଂରାଜୀ ଭାଷାଭାଷୀ ପଶ୍ଚିମ ୟୁରୋପୀୟ ଦେଶଗୁଡିକରେ କିଶୋର ବର୍ଗ ସୋସିଆଲ ମିଡିଆ ପ୍ରଭାବରେ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ନଷ୍ଟକରି ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଅବନତିମୁହାଁ ହେଉଛନ୍ତି ବୋଲି ଏହି ରିପୋର୍ଟରେ କୁହାଯାଇଛି।

# ଅଗଷ୍ଟ ୧୪ରେ ପରଦାକୁ ଆସିବ 'ନାଗଜିଲା'


କାର୍ତ୍ତିକ ଆର୍ଯ୍ୟନ

**ମୁମ୍ବାଇ:** ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ନାଗଜିଲା'ରେ ସେ ଏକ 'ଇଚ୍ଛାଧାରୀ ନାଗ' ଭୂମିକାରେ ନଜର ଆସିବେ, ଯାହାକୁ ଦେଖିବା ପାଇଁ ପ୍ରଶଂସକ ବେଶ୍ ଉତ୍ସାହିତ। ମୃଗଦୀପ ସିଂ ଲାମ୍ବାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୧୪ରେ ରିଲିଜ ହେବ। ନିକଟରେ ମୁମ୍ବାଇରେ ଆୟୋଜିତ ଏକ ବଡ଼ ଇଭେଣ୍ଟରେ ଫିଲ୍ମ ନିର୍ମାତା ଏବଂ ଓଟିଟି ପ୍ଲାଟ୍‌ଫର୍ମ ମଧ୍ୟରେ ହୋଇଥିବା ଚୁକ୍ତି ବିଷୟରେ ଘୋଷଣା କରାଯାଇଛି। ଫିଲ୍ମଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ପରେ ଆମାଜନ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମ୍ ହେବ। ଏହି ଅବସରରେ ଫିଲ୍ମର ଏକ ନୂଆ ପୋଷ୍ଟର ମଧ୍ୟ ଉନ୍ମୋଚିତ ହୋଇଛି, ଯେଉଁଥିରେ କାର୍ତ୍ତିକଙ୍କର ଏକ ରହସ୍ୟମୟ ନାଗ ଲୁକ୍ ଦେଖିବାକୁ ମିଳୁଛି।

ଫିଲ୍ମର କାହାଣୀ ଏମିତି ଏକ ଦୁନିଆ ଉପରେ ଆଧାରିତ ଯେଉଁଠି ନାଗନାଗୁଣୀମାନେ ମଣିଷଙ୍କ ଗହଣରେ ବାସ କରନ୍ତି। କିନ୍ତୁ ଜଣେ ଦୁଷ୍ଟ ରାଜନେତା ଯେତେବେଳେ ଜଣେ ବେଫିକର ଇଚ୍ଛାଧାରୀ ନାଗର 'ନାଗମଣି' ଏବଂ ଜୀବନ ପଛରେ ପଡ଼ନ୍ତି, ସେତେବେଳେ ଦୁନିଆରେ ଆରମ୍ଭ ହୁଏ ବିନାଶ। ଏହି ବିପଦରୁ ନିଜକୁ ଏବଂ ଦୁନିଆକୁ ବଞ୍ଚାଇବା ପାଇଁ କାର୍ତ୍ତିକ (ନାଗ ଚରିତ୍ର) କିପରି ସଂଘର୍ଷ କରୁଛନ୍ତି, ତାହା ହିଁ ଫିଲ୍ମର ମୁଖ୍ୟ ଆକର୍ଷଣ। ଚଳଚ୍ଚିତ୍ରରେ ମୁଖ୍ୟ କଳାକାର ଭାବେ କାର୍ତ୍ତିକ ଆର୍ଯ୍ୟନ, ପ୍ରୀତି ମୁକୁନ୍ଦନ, ରବି କିଶନ ପ୍ରମୁଖ ନଜର ଆସିବେ। ଏହାର ପ୍ରଯୋଜନା ଦାୟିତ୍ୱ କରଣ ଜୋହର (ଧର୍ମା ପ୍ରଡକ୍ସନ) ଏବଂ ମହାବୀର ଜୈନଙ୍କ ଉପରେ ରହିଛି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years




**ଦିଲ୍ଲୀରେ ଆଜି**



ଆମେରିକା ସହ ଭାରତର ଟ୍ରେଡ୍‌ଡିଲ୍‌କୁ ବିରୋଧ ସହ ଚାଷୀଙ୍କ ଉତ୍ପାଦିତ ଶସ୍ୟର ଏମ୍‌ଏସ୍‌ପି ଦାବିରେ ନୂଆଦିଲ୍ଲୀ ରାମଲୀଲା ମଇଦାନରେ ମହିଳା କୃଷକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ-ଚମନ ଗୌତମ)

# କାତାର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଇରାନ୍‌ର ଆକ୍ରମଣ

- ସାଉଦି ରିଫାଇନେରିରେ ମିଶାଇଲ୍ ମାଡ଼
- ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି

**ଦୁବାଇ,୧୯।୩**

ଇରାନ୍‌ର ସାଉଥ୍ ପାର୍ସ ଏବଂ ଅସାଲୁୟେହ ଗ୍ୟାସ୍ ଫିଲ୍ଡରେ ଇସ୍ରାଏଲ୍ ଆକ୍ରମଣ କରିବା ପରେ ତେହରାନ୍ କାତାରରେ ଥିବା ବିଶ୍ୱର ସର୍ବବୃହତ୍ ଲିକ୍ୱିଫାଏଡ୍ ନ୍ୟାଚୁରାଲ ଗ୍ୟାସ୍ (ଏଲ୍‌ଏନ୍‌ଜି) ପ୍ଲାଣ୍ଟ ଉପରେ ମିଶାଇଲ୍ ମାଡ଼ କରିଛି। ଫଳରେ ରାସ୍ ଲାଫାନ ସିଟିରେ ଥିବା ଉକ୍ତ ପ୍ଲାଣ୍ଟ ଧ୍ୱଂସ ହୋଇଯାଇଛି। ଏଥିସହିତ ଲୋହିତ ସାଗରରେ ଥିବା ସାଉଦି ଆରବର ଏକ ତୈଳ ବିଶୋଧନାଗାର ଉପରେ ମଧ୍ୟ ଇରାନ୍ ଆକ୍ରମଣ କରିଛି। କୁଏତ୍‌ର ୨ଟି ତୈଳ ବିଶୋଧନାଗାର ଜଳୁଥିବାବେଳେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଉପକୂଳରେ ଏକ ଜାହାଜ ଜଳୁଥିବାବେଳେ କାତାର ନିକଟରେ ଅନ୍ୟ ଏକ ଜାହାଜ ଧ୍ୱଂସ ହୋଇଯାଇଛି।

ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ ଯୋଗୁ ଗୁରୁବାର ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ପାଇଛି। ବ୍ରେଣ୍ଟ କ୍ରୁଡ୍ ଅଏଲ୍ ଦାମ୍ ବ୍ୟାରେଲ ପ୍ରତି ୧୧୮ ଡଲାରରେ ପହଞ୍ଚିଛି। ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ କରିବା ପୂର୍ବରୁ ତୈଳ ଦର ଯାହା ଥିଲା, ଏବେ ତା'ଠାରୁ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୃଦ୍ଧି ଘଟିଲାଣି। ବିଶ୍ୱ ବଜାର ପ୍ରାକୃତିକ ଗ୍ୟାସ୍‌ର ମୁଖ୍ୟ ଉତ୍ସ କୁହାଯାଉଥିବା କାତାରର ଏକ ବୃହତ୍ ଏଲ୍‌ଏନ୍‌ଜି ଫାସିଲିଟି ଜଳୁଥିବାବେଳେ ଏହାକୁ ଲିଭାଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଜାରି ରହିଛି। ପୂର୍ବରୁ ହୋଇଥିବା ଆକ୍ରମଣ ଯୋଗୁ ଉତ୍ପାଦନ ବନ୍ଦ ରହିଥିବାବେଳେ ସଦ୍ୟ ମିଶାଇଲ୍ ଆକ୍ରମଣ ଯୋଗୁ ଏହା ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି।

ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ଦିନରୁ ଇରାନ ପାରସ୍ୟ ଉପସାଗର ପଡ଼ୋଶୀ ଦେଶଗୁଡ଼ିକର ତୈଳ ଓ ଗ୍ୟାସ୍ ଫାସିଲିଟିଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛି। ଏଥିସହିତ ଇନ୍ଧନ ପରିବହନର ଅନ୍ୟତମ ପ୍ରମୁଖ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ ବନ୍ଦ କରିଦେଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। କାତାର ଉପରେ ☞ପୃଷ୍ଠା-୧୩

## 'ଶକ୍ତି ତଥ୍ୟ' ଏବେ 'ରାଷ୍ଟ୍ରୀୟ ସୁରକ୍ଷା'

### ପ୍ରତିଦିନର ତଥ୍ୟ ଦେବେ ତୈଳ ଓ ଗ୍ୟାସ୍ କମ୍ପାନୀ

**ନୂଆଦିଲ୍ଲୀ,୧୯।୩ (ପି.ଟି.)**

ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ପ୍ରାୟ ୭% ବୃଦ୍ଧି ଘଟିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ନେଉଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ୍‌ର ସବୁଠାରୁ ବଡ଼ ଗ୍ୟାସ୍ କ୍ଷେତ୍ର 'ସାଉଥ ପାର୍ସ' ଉପରେ ଆକ୍ରମଣ ହେବା ଫଳରେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ସେହିପରି ଇରାନ୍ ପକ୍ଷରୁ କାତାରର ଏଲ୍‌ଏନ୍‌ଜି ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇଛି, ଯାହା ବିଶ୍ୱ ଶକ୍ତି ବଜାରରେ ଆତଙ୍କ ଖେଳାଇ ଦେଇଛି। ବିଶେଷକରି ତୈଳ ପରିବହନ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ମାର୍ଗ 'ଷ୍ଟ୍ରେଟ ଅଫ୍ ହର୍ମୁଜ' ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଅଧିକ ଜଟିଳ କରିଛି। ଏହାର ପ୍ରଭାବରେ ତୈଳ ଦର (ବ୍ରେଣ୍ଟ କ୍ରୁଡ୍) ☞ପୃଷ୍ଠା-୧୩

# ଜଙ୍ଗଲରେ କଲେଜ ଛାତ୍ରୀଙ୍କୁ ହତ୍ୟା

## ବଳାତ୍କାର ପରେ ମାରି ଦିଆଯାଇଥିବା ସନ୍ଦେହ

**କାମାକ୍ଷାନଗର/ ଢେଙ୍କାନାଳ, ୧୯।୩ (ସୁଧୀର କୁମାର ପରିଡା /ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ ଛାତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀଙ୍କୁ ବଳାତ୍କାର ପରେ ବୀଭତ୍ସ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ମୃତ ଛାତ୍ରୀ କାମାକ୍ଷାନଗର କନିଷ୍ଠ ମହିଳା ମହାବିଦ୍ୟାଳୟର +୨ ପ୍ରଥମ ବର୍ଷର ଅଙ୍କିତା ପ୍ରିୟଦର୍ଶିନୀ ବାରିକ ବୋଲି ଜଣାପଡ଼ିଛି। ମୃତଦେହ ସକାଳୁ ଠାବ ହୋଇଥିଲେ ମଧ୍ୟ ଏହାକୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରା ନ ଯାଇ ଘରୋଇ ଆମ୍ବୁଲାନ୍ସ ଯୋଗେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ବହୁ ସମୟ ପକାଇ ରଖିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଯାଇଥିଲା। ଛାତ୍ରୀଙ୍କ ପରିବାର ଲୋକ ମାନସିକସ୍ତରରେ ଭାଙ୍ଗି ପଡିଥିବାବେଳେ ☞ପୃଷ୍ଠା-୧୩





| ଆଜି ହିଁ ଯୋଗ ଦିଅନ୍ତୁ, କମ୍ ପୈଠ କରନ୍ତୁ | ବୟସ | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) | ପେନ୍‌ସନ ସ୍ଲାବ୍ (₹) | ପୈଠଯୋଗ୍ୟ ରାଶି (₹) |
|---|---|---|---|---|---|
| | ୧୮ | ୧୦୦୦ | ୪୨ ପ୍ରତି ମାସ | ୫୦୦୦ | ୨୧୦ ପ୍ରତି ମାସ |
| | ୪୦ | ୧୦୦୦ | ୨୯୧ ପ୍ରତି ମାସ | ୫୦୦୦ | ୧୪୫୪ ପ୍ରତି ମାସ |





# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କିଓସ୍କ ଆବଣ୍ଟନ ପାଇଁ ଲଟେରି କାର୍ଯ୍ୟକ୍ରମ, ସ୍ଥାନ: ଏକାମ୍ର ସମ୍ମିଳନୀ ହଲ୍, ବିଏମ୍‌ସି ଆଇସିଓଏମ୍‌ସି ଟାୱାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଦ ଆଡଭେଞ୍ଚର, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପଖାଳ ପର୍ବ -୨୦୨୬, ସ୍ଥାନ: ପାନ୍ଥନିବାସ, ସମୟ: ମଧ୍ୟାହ୍ନ ୧୨ଟା।
- ଶହୀଦ ନଗର ଦୁର୍ଗା ପୂଜା ସମିତି ପକ୍ଷରୁ ଅନ୍ତର୍ଜାତୀୟ ପଖାଳ ଦିବସ, ସ୍ଥାନ: ଶହୀଦ ନଗର ଦୁର୍ଗା ପୂଜା ସମିତି, ରୂପାଲି ଛକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ୨୬ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ବନ୍ଧୁ ମିଳନ ଉତ୍ସବ, ସ୍ଥାନ: ପ୍ରିୟଦର୍ଶୀ ମିଶ୍ରଙ୍କ ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

**କଟକ**
- ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ପଖାଳ ଦିବସ, ସ୍ଥାନ: କାର୍ଯ୍ୟାଳୟ ପରିସର, ଶକ୍ତିନଗର, ସମୟ: ମଧ୍ୟାହ୍ନ ୧୨ଟା।
- କଟକ ମହାନଗର ନିଗମର ମେୟରଙ୍କ ପକ୍ଷରୁ ପଖାଳ ଦିବସ, ସ୍ଥାନ: ବାରବାଟୀ ଦୁର୍ଗ ବାସଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଶ୍ରୀ ମଦନ ମୋହନ ମଠ ଓ ଆମ ପ୍ରେରଣା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ, ସ୍ଥାନ: ମଠ ପ୍ରାଙ୍ଗଣ, ଥଟାରୀସାହି, ଚାଉଳିଆଗଞ୍ଜ, ସମୟ: ଅପରାହ୍ନ ୧ଟା।
- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର' ଉଦ୍‌ଘାଟନ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ଛାତ୍ରୀଛାତ୍ରଙ୍କ ଧାରଣା, ସ୍ଥାନ: ହିନ୍ଦୀ ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆ ସମ୍ପର୍କିତ ବୈଠକ, ସ୍ଥାନ: ସର୍କିଟ ହାଉସ୍, ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ପଖାଳ ଦିବସ, ସ୍ଥାନ: ଆରୋଗ୍ୟ ୱେଲ୍‌ନେସ୍ ସେଣ୍ଟର, ୱାଇଲ୍ଡ ଗ୍ରାସ୍ ନିକଟ, ସମୟ: ଅପରାହ୍ନ ୧ଟା।

**ଖୋର୍ଦ୍ଧା**
- ଶରଧାପୁର ୧୪ ଦୋଳ ମେଳଣ, ସ୍ଥାନ: ବାଲୁଙ୍କେଶ୍ୱର ଦେବଙ୍କ ପୀଠ ମେଳଣ ପଡ଼ିଆ, ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଘେଇଟାଙ୍ଗୀ ଖେଳପଡ଼ିଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପଖାଳ ଦିବସ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ଉତ୍ତରାୟଣୀ କ୍ଲବ, ଜଟଣୀ, ସମୟ: ଅପରାହ୍ନ ୧ଟା।
- ପ୍ରବଚନ ଓ ଜ୍ଞାନ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

**ବାଲେଶ୍ୱର**
- ବରିଷ୍ଠ ନାଗରିକଙ୍କ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ସକାଳ ୮ଟା।
- ଭାଗବତ ପାରାୟଣ, ସ୍ଥାନ: ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଦା, ବସ୍ତା, ସମ: ସକାଳ ୮ଟା।
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପିଣ୍ଡାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ବାର୍ଷିକ ମହୋତ୍ସବ, ସ୍ଥାନ: ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ସାମ୍ବାଦିକଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଜିଲା ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇଏମ୍ ପକ୍ଷରୁ ଆଲୋଚନା ସଭା, ସ୍ଥାନ: ଶ୍ରମିକ ଭବନ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଆଇଆର୍ ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଖାନନଗର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ଆୟୁଷ୍ମାନ କଲ୍ୟାଣମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ ପଖାଳ ଦିବସ, ସ୍ଥାନ: ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଏସ୍‌ଆଇଆର୍ ବୈଠକ, ସ୍ଥାନ: ଶୁଭମ୍ ଗେଷ୍ଟ ହାଉସ, ବାଲିଆପାଳ, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ବାଇକ୍ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି କଲେଜ ଛକ, ଅପରାହ୍ନ ୩ଟା।
- ବିବେକାନନ୍ଦ ବିଦ୍ୟାପୀଠର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାପୀଠ ପରିସର, ତିହିଡ଼ି ସମୟ: ଅପରାହ୍ନ ୫ଟା।
- ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭଣ୍ଡାରିପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- କପିଳମୁନି ମହୋତ୍ସବ, ସ୍ଥାନ: ବିଦେଇପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବେତଡା, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦୁଝର**
- ଚବିଶ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବାଙ୍ଗୋର, ହାଟଡିହୀ, ସମୟ: ସକାଳ ୬ଟା।
- ସନ୍ତୋଷୀ ମା ମନ୍ଦିରରେ ମାନସିକ ପୂଜା, ସ୍ଥାନ: ଗୋପାଳପୁର, ହାଟଡିହୀ, ସମୟ: ସକାଳ ୭ଟା।
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜେଏସ୍‌ଡବ୍ଲୁ- ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ୪ ର୍ଥ ଗ୍ରାମ ସଭା, ସ୍ଥାନ: ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଧନୁର୍ଜୟପୁର ଗ୍ରାମ ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଖାଳ ଦିବସ, ସ୍ଥାନ: ନୀଳାଦ୍ରି, ବଡବିଲ,ସମୟ: ମଧ୍ୟାହ୍ନ ୧୨ ଟା।
- ପ୍ରେସ କ୍ଲବ ପକ୍ଷରୁ ପଖାଳ ଦିବସ ପାଳନ,ସ୍ଥାନ: ଯୋଡ଼ା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୧ଟା।
- ରୌପ୍ୟ ଜୟନ୍ତୀ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: କୁନ୍ଦୁରୁନଲା ସରସ୍ୱତୀ ଶିଶୁ ମନ୍ଦିର, ଯୋଡ଼ା, ସମୟ: ଅପରାହ୍ନ ୨ଟା।
- ଶ୍ରୀରାମଙ୍କ ମନ୍ଦିରରେ ନବାହ୍ନ ପାରାୟଣ, ରାମଚରିତ ପାଠ, ପ୍ରବଚନ, ସ୍ଥାନ: ଡ଼ୁଅଁର, ହାଟଡିହୀ, ସମୟ: ଅପରାହ୍ନ ୪ଟା।
- ଶାନ୍ତି କମିଟି ବୈଠକ, ସ୍ଥାନ: ବଡବିଲ ଥାନା, ବଡବିଲ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ଅବସରରେ ହରି ହାଟ, ଶ୍ରୀମଦ ଭାଗବତ ପଠନ, ସ୍ଥାନ: ଯୋଡ଼ା, ସମୟ: ଶୁକ୍ରବାର ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଗିରଫ ୩୪ ଆଦିବାସୀଙ୍କ ଖଲାସ ଦାବିରେ ମିଳିତ ଆଦିବାସୀ ମଞ୍ଚ ପକ୍ଷରୁ ୪୮ ଘଣ୍ଟିଆ ବାମନଘାଟି ଉପଖଣ୍ଡ ବନ୍ଦ ଡାକରା, ସ୍ଥାନ: ରାଇରଙ୍ଗପୁର, ସମୟ: ସକାଳ ୬ଟା।
- ପ୍ରତିଭା ଚୟନ କାର୍ଯ୍ୟକ୍ରମ, ସ୍ଥାନ:ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା ୩୦।
- ବାମନଘାଟି ସାଂସ୍କୃତିକ ପରିଷଦ ପକ୍ଷରୁ ପଖାଳ ଦିବସ ପାଳନ, ସ୍ଥାନ: ପିସିଏମ୍ କଲ୍ୟାଣୀ ମଣ୍ଡପ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଗଞ୍ଜାମ**
- ବିଶ୍ୱ ପଖାଳ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ପିପୁଲ୍ଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଚଟିଆ ଦିବସ ପାଳନ, ସ୍ଥାନ: ବୁଗୁଡ଼ା, ପିପୁଲ୍ଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଚେତନାନନ୍ଦ ସରସ୍ୱତୀଙ୍କ ଜନ୍ମୋତ୍ସବରେ ଆଧ୍ୟାତ୍ମିକ ସଭା, ସ୍ଥାନ: ଦିଗପହଣ୍ଡି ଏନଏସି ଗଡ଼ ଚୈତନ୍ୟପୁର ଶାସନ ସାହି, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପଖାଳ ପରବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହରୀ ନାମଯଜ୍ଞର ଅଧିବାସ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ପ୍ରବୋଧନ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ନବଦିନାତ୍ମକ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ମା ବାୟାଣୀ ଯାତ୍ରା, ସ୍ଥାନ: କିଶୋରନଗର ବ୍ଲକ ବଇଣ୍ଡାର ବାଦିବାହାଲ, ସମୟ: ଅପରାହ୍ନ ୪ଟା।

**ଜଗତ୍‌ସିଂହପୁର**
- ଆଇସିଡିଏସ୍ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲାଫିଙ୍ଗ କ୍ଲବ ପକ୍ଷରୁ ପଖାଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ବାରୁଣୀ ମେଳା, ସ୍ଥାନ: ଉତ୍ତରେଶ୍ୱର ମହାଦେବ ପୀଠ, ଚିତ୍ରୋତ୍ପଳା ନଦୀ ପଠା, ପାଟକୁରା, ଗରଦପୁର, ଇନ୍ଦୁପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- କେନ୍ଦ୍ରାପଡା ଜିଲାସ୍ତରୀୟ ବିଶ୍ୱ ପଖାଳ ଦିବସ, ସ୍ଥାନ: ଡେରାବିଶ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ରେଣ୍ଡସ କ୍ଲବ ପକ୍ଷରୁ ବିଶ୍ୱ ପଖାଳ ଦିବସ ଓ ଆଲୋଚନା ଚକ୍ର, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡା ଜିଲା ଯାତ୍ରା କମିଟି ପକ୍ଷରୁ ପଖାଳ ଦିବସ ପାଳନ ଓ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଚଣ୍ଡିଆ ହୋଟେଲ, ଶାମସୁନ୍ଦରପୁର ଗଡା, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯଯାତି ଆଜ୍ଞାମାଳ ଶୋଭାଯାତ୍ର ଓ ମଞ୍ଚ ପୂଜା, ସ୍ଥାନ: ବିରଜା ମନ୍ଦିର ପ୍ରାଙ୍ଗଣଠାରୁ ମହୋତ୍ସବ ପଡିଆ, ସମୟ: ସକାଳ ୬ଟା।
- କମାଗଡ଼ ହିଙ୍ଗୁଳା ଯାତ୍ରା ଶୁଭାରମ୍ଭ, ସ୍ଥାନ: ଧର୍ମଶାଳା ବ୍ଲକ କମାଗଡ଼ ହେଙ୍ଗୁଳା ପଡ଼ିଆ, ସମୟ: ସକାଳ ୬ଟା।
- ଦ୍ୱିଦିବସୀୟ ଶ୍ରୀମଦ ଭାଗବତ କଥାମୃତ, ସ୍ଥାନ: ରାମେଶ୍ୱର ମନ୍ଦିର, ଚନ୍ଦ୍ରଶେଖରପୁର, ରାମଚନ୍ଦ୍ରପୁର, ବରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜନ ଗଣନା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ପଳାଶୁଣୀ ପୀଠରେ ମେଳଣ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ପଳାଶୁଣୀ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ଯଯାତି ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବରୁଣେଇ ସମର ସ୍ମାସ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ରାଣିଛେଳି ବନାମ ଲକ୍ଷ୍ମୀପ୍ରସାଦ ମଧ୍ୟରେ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ କଣ୍ଟିଲୋ, ସମୟ:ପୂର୍ବାହ୍ନ ୧୧ଟା।
- ଜଙ୍ଗଲ ନିଆଁର କାରଣ ଓ ନିରାକରଣ ଉପରେ ସଚେତନତା, ସ୍ଥାନ: ଖଣ୍ଡପଡା ବ୍ଲକ କଣ୍ଟିଲୋ, ସମୟ:ଅପରାହ୍ନ ୩ ଟା।
- ନାଟ୍ୟଧାରା ପକ୍ଷରୁ ୬ଷ୍ଠ ରାଜ୍ୟସ୍ତରୀୟ ନାଟ୍ୟମେଳାର ଷଷ୍ଠ ଦିବସର ନାଟକ ସମୁଦ୍ର, ସ୍ଥାନ: ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିୟମ, ସମୟ:ସନ୍ଧ୍ୟା ୭ଟା।

**ରାୟଗଡ଼ା**
- ତେଲୁଗୁ ସମ୍ପ୍ରଦାୟର ଉଗାଦି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଖଲିଗୁଡ଼ା ପଡିଆ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ଜିଲା ସ୍ତରୀୟ ପଖାଳ ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ:ମଧ୍ୟାହ୍ନ ୧୨ଟା।
- ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ନିଶନାହାଣ୍ଡିସ୍ଥିତ ଏସଏସ୍‌ଡି ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା ୩୦।

**କୋରାପୁଟ**
- ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ରେଳିଭାଗ ଓ ଆରଡି ବିଭାଗର ଜମି ଚିହ୍ନଟ, ସ୍ଥାନ: ବାଲଡ଼ା ରେଳଧାରଣା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**
- କୃଷକଙ୍କ ନିମନ୍ତେ ତାଲିମ ଶିବିର, ସ୍ଥାନ: ଜିଲା କୃଷି ଅଧିକାରୀ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।
- ପଖାଳ ଦିବସ ପାଳନ, ସ୍ଥାନ: ଚିତ୍ରକୋଣ୍ଡା, ମାଲକାନଗିରି, ସମୟ: ମଧ୍ୟାହ୍ନ ୧ଟା ୩୦।

**ସମ୍ବଲପୁର**
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକ ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା, ସ୍ଥାନ: ଭୂତାପଡା, ସମୟ: ସକାଳ ୮ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ପ୍ରାନ୍ତର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।

**ବଲାଙ୍ଗୀର**
- ରାଜ୍ୟସ୍ତରୀୟ ମହାକୋଶଳ କୋଶଲୀ ନାଟବାଦୀ ନାଟ୍ ଯାତରାର ତୃତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମଣ୍ଡପ, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**
- ଗ୍ରୀଷ୍ମକାଳୀନ ଶିବିରର ୬ଷ୍ଠ ଦିବସ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଇଏସ୍‌ଆଇସି ମେଡିକାଲ କଲେଜ ଦାବିରେ ଖବରଦାତା ସମ୍ମିଳନୀ, ସ୍ଥାନ: ଆର୍‌ଏମ୍‌ସି ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।
- ଦିଲୀପ ରାୟଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ମେ ଫେୟାର ହକି ଭିଲେଜ, ସମୟ: ମଧ୍ୟାହ୍ନ ୧୨ଟା।

**ସୁନ୍ଦରଗଡ଼**
- ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପରିସର, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧ଟା।
- ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ପଖାଳ ଦିବସ, ସ୍ଥାନ: ଅବସର ଭବନ, ରେଭେନ୍ୟୁ କଲୋନୀ, ସୁନ୍ଦରଗଡ଼, ସମୟ: ମଧ୍ୟାହ୍ନ ୧୨ଟା ୩୦।

**ବରଗଡ଼**
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ବ୍ଲକ ଅଫିସ ସମ୍ମୁଖ, ବରଗଡ଼, ସମୟ: ସକାଳ ୬ଟା ୩୦।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ:ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲ ପଡ଼ିଆ, ଗାଇସିଲେଟ, ସମୟ:ଅପରାହ୍ନ ୨ଟା ୨୦।
- ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**
- ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ ରେଙ୍ଗାଲି (ନୂଆପଡ଼ା), ସମୟ: ସକାଳ ୮ଟା ୦୫।
- ପଲିଟେକ୍‌ନିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ପଲିଟେକନିକ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏସ୍‌ଏମ୍‌ଇ ଉପରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ଡ୍ରିଡ଼ି ପ୍ଲାନିଂ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଡିଷ୍ଟ୍ରିକ୍ଟ ଲୋକାଲ କମିଟି ବୈଠକ (ଡିଏଲ୍‌ସି), ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ୧୧ଟା ୩୦।
- ଦଶମ ରାଜ୍ୟସ୍ତରୀୟ କନ୍ଧମାଳ ଲୋକ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଲୋକ କଳା ମଣ୍ଡପ ପଡିଆ କନ୍ଧମାଳ, ସମୟ ସନ୍ଧ୍ୟା ୭ଟା।

**ଦେବଗଡ଼**
- ବାର୍ଷିକ ଉତ୍ସବ, ସ୍ଥାନ: ବାରକୋଟ ବ୍ଲକ୍ ଡିମିରିପୋଷି ଆଶ୍ରମ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: ତିଲେଇବଣି ବ୍ଲକ ଖଜୁରୀଦର୍ହ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ଜିଲା ଅଭିଯୋଜନା ନିର୍ଦ୍ଦେଶାଳୟ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସବ୍‌ରେଜିଷ୍ଟ୍ରି ଅଫିସ ପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ ଉତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

**ନୂଆପଡ଼ା**
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଢକସର ତଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଚଇତି ପର୍ବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଜଟଗଡ଼, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ଦୁର୍ଗା ମନ୍ଦିରରେ ବ୍ରହ୍ମଚାରିଣୀ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଦ୍ୱାରା ରିଭ୍ୟୁ ମିଟିଂ, ସ୍ଥାନ: ଡିଏମ୍‌ଏଫ୍ ହଲ, ଝାରସୁଗୁଡ଼ା, ସମୟ: ଅପରାହ୍ନ ୩ଟା ୩୦।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଣୀଆକୁ ରଣ ଯେତେ**
**କହୁଣିଆକୁ କହୁଣି ସେତେ ।**

ରଣୀ ବ୍ୟକ୍ତିଙ୍କୁ ଯେତେ ଅଧିକ ରଣ ଦେଲେ ମଧ୍ୟ ସିଏ ନେବା ଲାଗି କେବେ କୁଣ୍ଠା ପ୍ରକାଶ କରି ନ ଥାନ୍ତି। ଆଶାଠାରୁ ଅଧିକ ମିଳିଲେ ମଧ୍ୟ ନେବା ଲାଗି ସଦା ପ୍ରସ୍ତୁତ ହୋଇଥାନ୍ତି ବା ଆଗଭର ହୋଇଥାନ୍ତି। ସେହିପରି କହୁଣିଆ ବା ମାଡ଼ଖିଆ ବ୍ୟକ୍ତିଙ୍କୁ ଯେତେ କହୁଣି ମାଡ଼ ଦେଲେ ମଧ୍ୟ ସିଏ ସେତେ ସହିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଏତେ ଚାତର**
**ମାଛ ବିକି ବିକି ଦିନ ଯାଉଥିଲା**
**ଦେହେ ନଗଉଛି ଗନ୍ଧା ଅତର।**

ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ଅଭାବୀ ଜୀବନ ବିତାଇଥିବା ବ୍ୟକ୍ତି ସମୟକ୍ରମେ ଧନଶାଳୀ ହୋଇଯିବା ପରେ ନିଜକୁ ଅନ୍ୟ ଆଗରେ ଦେଖେଇ ହେବାରେ ସଙ୍କୋଚ କରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପୁଞ୍ଜି ବଜାରରେ...

ପ୍ରଥମ ପୃଷ୍ଠାରୁ...

କରୁଛନ୍ତି। ଏହି କ୍ରମେ ଗୁରୁବାର ଦେଶର ଶେୟାର ମାର୍କେଟକୁ ଆଉ ଏକ ବଡ଼ ଝଟକା ଲାଗିଛି। ବିଏସ୍‌ଇ ସେନ୍‌ସେକ୍ସ ଏବଂ ଏନ୍‌ଏସ୍‌ଇ ନିଫ୍ଟି୫୦ରେ ୩.୨୬% ହ୍ରାସ ପରିଲକ୍ଷିତ ହୋଇଛି। ଏହି କାରଣରୁ ନିବେଶକମାନେ ଦିନକରେ ୧୨ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବେଞ୍ଚମାର୍କ ଷ୍ଟକ୍ ସୂଚକାଙ୍କ ସେନ୍‌ସେକ୍ସ (ଦେଶର ସର୍ବବୃହତ୍ ୩୦ କମ୍ପାନୀ) ଏବଂ ନିଫ୍ଟି (ଶେଷ୍ଠ ୫୦ କମ୍ପାନୀ)ରେ ଗୁରୁବାର ଟ୍ରେଡିଂ ସେସନ୍‌ରେ ରକ୍ତସ୍ନାନ ବା ହାହାକାର ସ୍ଥିତି ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୨,୪୯୬ ପଏଣ୍ଟ ତଳକୁ ଖସି ୭୪,୨୦୭ରେ କାରବାର ଶେଷ ହୋଇଥିବାବେଳେ ନିଫ୍ଟି୫୦ ମଧ୍ୟ ୩.୨୬% (୭୭୫ ପଏଣ୍ଟ) ହ୍ରାସ ପାଇ ୨୩,୦୦୨ରେ ବନ୍ଦ ହୋଇଛି। ୨୦୨୪ ଜୁନ୍ ପରେ ଭାରତୀୟ ଶେୟାର ମାର୍କେଟରେ କୌଣସି ଦିନ ଏତେ କ୍ରାଶ୍ ଦେଖିବାକୁ ମିଳି ନ ଥିଲା। ସେନ୍‌ସେକ୍ସରେ ତାଲିକାଭୁକ୍ତ ହୋଇଥିବା ସର୍ବାଧିକ କ୍ଷତିଗ୍ରସ୍ତ କମ୍ପାନୀଗୁଡ଼ିକ ହେଲା ଇଟର୍ନାଲ, ବଜାଜ୍ ଫାଇନାନ୍ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଲାର୍ସନ୍ ଆଣ୍ଡ ଟୁବ୍ରୋ ଏବଂ ବଜାଜ୍ ଫିନ୍‌ସର୍ଭ। ଏଚ୍‌ଡିଏଫ୍‌ସି ଚେୟାରମ୍ୟାନ ଅତନୁ ଚକ୍ରବର୍ତ୍ତୀ ନୈତିକତା କାରଣରୁ ଇସ୍ତଫା ଦେବା ପରେ ଏହାର ଶେୟାର ଭାଲ୍ୟୁରେ ୫.୧୩% ହ୍ରାସ ଘଟିଛି।

ବୁଧବାର ଏଫ୍‌ଆଇଆଇମାନେ ଭାରତୀୟ ବଜାରରୁ ୨,୭୧୪.୩୫ କୋଟି ଟଙ୍କାର ଷ୍ଟକ୍ ବିକ୍ରି କରିଥିବାବେଳେ ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ) ୩,୨୫୩.୦୩ କୋଟି ଟଙ୍କାର ଷ୍ଟକ୍ କିଣିଥିଲେ। କିନ୍ତୁ ଗୁରୁବାର ବଜାର ଯେଉଁଭଳି ଭାବେ ଏକତରଫା ତଳମୁହାଁ ହୋଇ ଚାଲିଥିଲା, ସମ୍ଭବତଃ ଡିଆଇଆଇମାନେ ଅଧିକ ଷ୍ଟକ୍ସ କିଣିବାକୁ ସାହସ ଜୁଟାଇ ପାରିନାହାନ୍ତି। ଚଳିତମାସର ୧୨ଟି ଟ୍ରେଡିଂ ସେସନ୍‌ରେ ଏଫ୍‌ଆଇଆଇ ୭୭,୨୧୪ କୋଟି ଟଙ୍କା ଭାରତୀୟ ଶେୟାର ବଜାରରୁ ପ୍ରତ୍ୟାହାର କରିନେବା ଏକ ବଡ଼ ଝଟକା ନିଶ୍ଚୟ।

ଇରାନ୍ ବିରୋଧରେ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ଯୋଗୁ ହର୍ମୁସ ପ୍ରଣାଳୀ ଦେଇ କ୍ରୁଡ୍ ପରିବହନରେ ବାଧା ହେତୁ ତୈଳ ଓ ଗ୍ୟାସ୍ ବଜାରରେ ଅସ୍ଥିରତା ସାଙ୍ଗକୁ କ୍ରମବର୍ଦ୍ଧିଷ୍ଣୁ ଭୂରାଜନୈତିକ ଉତ୍ତେଜନାକୁ ଏହି କ୍ରାଶ୍ ପାଇଁ ବିଶେଷ ଭାବେ ଦାୟୀ କରାଯାଉଛି। କେବଳ ଗୁରୁବାର ସେସନ୍‌ରେ ନିବେଶକମାନଙ୍କୁ ୧୨ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି।

ଏସୀୟ ବଜାର ଦକ୍ଷିଣ କୋରିଆର କୋସ୍‌ପି, ଜାପାନର ନିକ୍କେଇ ୨୨୫ ଇଣ୍ଡେକ୍ସ, ସାଂଘାଇର ଏସ୍‌ଏସ୍‌ଇ କମ୍ପୋଜିଟ୍ ଇଣ୍ଡେକ୍ସ ଏବଂ ହଂକଂର ହଂଗ ସେଙ୍ଗ୍ ଇଣ୍ଡେକ୍ସରେ ମଧ୍ୟ ଅନୁରୂପ ହ୍ରାସ ଦେଖିବାକୁ ମିଳିଛି। ୟୁରୋପୀୟ ବଜାର ଉପରେ ମଧ୍ୟ ଯୁଦ୍ଧ ଘନଘଟାର କଳାବାଦଲ ଛାଇ ହୋଇରହିଛି।

ଇତିମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହେବାର ଆଉ ଏକ ରେକର୍ଡ ଭାଙ୍ଗିଛି। ଗୁରୁବାର ସେସନ୍‌ରେ ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଭାରତୀୟ ମୁଦ୍ରା ୯୨.୪୨ରେ ଖୋଲିଥିଲା। ପରେ ୯୨.୬୫ରେ ଏହାର କାରବାର ଶେଷ ହୋଇଥିଲା। ଡଲାର ଶକ୍ତିଶାଳୀ ହେବାରେ ଲାଗିଥିବାବେଳେ ଟଙ୍କାର ବିନିମୟ ମୂଲ୍ୟ କ୍ରମଶଃ ତଳକୁ ଖସିବା ଭାରତୀୟ ଅର୍ଥନୀତି ପାଇଁ ଚିନ୍ତାର କାରଣ ହୋଇଛି।

## ରାଜ୍ୟରେ ଅକାଳ...

୩୧୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିପାଇଁ ଦୁଇବର୍ଷରେ ୨୪କୋଟି ଟଙ୍କା ଅନୁକମ୍ପାମୂଳକ ସହାୟତା ବାବଦକୁ ପ୍ରଦାନ କରାଯାଇଛି। ଏଥିମଧ୍ୟରେ ମୟୂରଭଞ୍ଜରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ଜିଲାରେ ୨୦୨୩-୨୪ରେ ୩୨ଜଣଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବାବେଳେ ୨୦୨୪-୨୫ରେ ୮୩ଜଣଙ୍କ ମୃତ୍ୟୁ ହୋଇଛି।

ସେହିପରି ୨୦୨୩-୨୪ରେ ପାଣିରେ ବୁଡ଼ି ୨୦୦୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ମୟୂରଭଞ୍ଜରେ ସର୍ବାଧିକ ୧୮୪ଜଣ ରହିଥିବାବେଳେ ବାଲେଶ୍ୱରରେ ୧୮୩, କେନ୍ଦୁଝରରେ ୧୫୫, ସୁନ୍ଦରଗଡ଼ରେ ୧୩୫, ଗଞ୍ଜାମରେ ୧୪୮, କଟକରେ ୧୨୬ଜଣ ରହିଥିଲେ। ଏହାବାଦ୍ ଅବଶିଷ୍ଟ ଜିଲାରେ ମୃତ୍ୟୁସଂଖ୍ୟା ୨ଅଙ୍କ ଭିତରେ ରହିଥିଲା। ୨୦୨୪-୨୫ରେ ପାଣିରେ ବୁଡ଼ି ମୃତ୍ୟୁସଂଖ୍ୟା ୧୮୫୪ ରହିଛି। ଏହିବର୍ଷ ବାଲେଶ୍ୱରରେ ସର୍ବାଧିକ ୧୬୮ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବାବେଳେ ମୟୂରଭଞ୍ଜରେ ୧୨୬, ସୁନ୍ଦରଗଡ଼ରେ ୧୦୮, ଗଞ୍ଜାମରେ ୧୦୩ଜଣ ରହିଥିବାବେଳେ ଅବଶିଷ୍ଟ ଜିଲାରେ ୨ଅଙ୍କ ଭିତରେ ମୃତ୍ୟୁସଂଖ୍ୟା ରହିଥିଲା। ଏହି ଦୁଇବର୍ଷରେ ୩୮୬୦ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫୪କୋଟି ୪୦ଲକ୍ଷ ଟଙ୍କାର ସରକାରୀ ସହାୟତା ପ୍ରଦାନ କରାଯାଇଛି। ୨୦୨୩-୨୪ର ୮୦କୋଟି ୨୪ଲକ୍ଷ ଏବଂ ୨୦୨୪-୨୫ରେ ୭୪କୋଟି ୧୬ଲକ୍ଷ ଟଙ୍କା ମୃତକଙ୍କ ପରିବାରକୁ ସହାୟତା ଦିଆଯାଇଛି।

ସାପକାମୁଡ଼ା ମୃତ୍ୟୁ ମଧ୍ୟ ରାଜ୍ୟରେ ଉଦ୍‌ବେଗଜନକ ରହିଛି। ୨୦୨୩-୨୪ରେ ରାଜ୍ୟରେ ୧୧୪୭ଜଣଙ୍କ ମୃତ୍ୟୁ ହୋଇଥିଲା। ବାଲେଶ୍ୱରରେ ସର୍ବାଧିକ ୧୧୯ଜଣଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ ରାୟଗଡ଼ାରେ ୫ଜଣ ଏବଂ ଅନ୍ୟସବୁ ଜିଲାରେ ମୃତ୍ୟୁ ସଂଖ୍ୟା ୨ଅଙ୍କ ଭିତରେ ରହିଥିଲା। ୨୦୨୪-୨୫ରେ ସାପକାମୁଡ଼ା ମୃତ୍ୟୁ ସଂଖ୍ୟା ୯୭୧ ରହିଥିଲା। ବାଲେଶ୍ୱରରେ ସର୍ବାଧିକ ୯୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଗଜପତିରେ ୪, କନ୍ଧମାଳରେ ୭ ଏବଂ ଅନ୍ୟ ସବୁ ଜିଲାରେ ମୃତ୍ୟୁସଂଖ୍ୟା ୨ ଅଙ୍କରେ ରହିଥିଲା। ସାପକାମୁଡ଼ା ମୃତ୍ୟୁ ବାବଦକୁ ସରକାର ଗତ ୨ବର୍ଷରେ ୮୪କୋଟି ୭୨ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୨୦୨୩-୨୪ରେ ୪୫କୋଟି ୮୮ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବାବେଳେ ୨୦୨୪-୨୫ରେ ୩୮କୋଟି ୮୪ଲକ୍ଷ ଟଙ୍କା ସାପକାମୁଡ଼ା ମୃତକଙ୍କ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାର ଖର୍ଚ୍ଚଭାରର ଆଧିକ୍ୟ, ପୁରାତନ ରୋଗର ପୀଡ଼ା ଏବଂ ପୂର୍ବ ଶତ୍ରୁତାରୁ ଚିନ୍ତିତ ରହିବେ। ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରର ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ଅସୁବିଧା ହେବନାହିଁ। ଆଜି ଶିଳ୍ପ, ବାଣିଜ୍ୟ, ନିର୍ମାଣ, ପରିବହନ ସାଙ୍ଗକୁ ବ୍ୟବସାୟିକସ୍ଥିତ ହାଲୁକା ରହିବ। ସଭାସମିତି, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟାଦି ଦିଗରୁ ଖୁସି ରହିବେ।

**ବୃଷ**
ଆଜିର ପ୍ରତ୍ୟୁଷ ଯାତ୍ରା ସାଙ୍ଗକୁ ବନ୍ଧୁ ମିଳନର ସୁଯୋଗ ଜୁଟିବ। କୃତ୍ତିକା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଅନୁକୂଳ ପରିବେଶ ସୃଷ୍ଟି ହେବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା କିମ୍ବା ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ଓ ପରୋକ୍ଷ ଶତ୍ରୁତା ହେତୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ମିଥୁନ**
ଆତ୍ମୀୟଙ୍କ ସହାୟତାରେ ମନ ଅନୁଯାୟୀ କାମ କମ୍‌ର ସୁବିଧା ସୁଯୋଗ ପାଇ ଖୁସି ହେବେ। ପୁନର୍ବସୁ ନକ୍ଷତ୍ର ବନ୍ଧୁଙ୍କୁ ବକେୟା ମାଗିବାରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବ। ଆନୁଷ୍ଠାନିକ କାମ, ବ୍ୟବସାୟ ଓ ପରିବହନରେ ସମସ୍ୟା ଆସିବ। ଯାତ୍ରା ସମୟରେ ଅଜଣା ଲୋକ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ଆଶଙ୍କା ରହିଛି।

**କର୍କଟ**
କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ସମ୍ମୁଖୀନ ହୋଇ କାମ କରିବେ। ଅଶ୍ଳେଷା ନକ୍ଷତ୍ର ସକାଶେ ସହକର୍ମୀ ଦୋଷାରୋପ କରି ସମସ୍ୟାକୁ ବଢାଇ ଦେବେ। ପାରିବାରିକ କ୍ଷେତ୍ରରେ ପୁରୁଣା ସମସ୍ୟା ତୁଟି ଯାଇଥିଲେ ମଧ୍ୟ ନୂତନ ସମସ୍ୟା ଦେଖାଦେବ। ଆଜି ବାଣିଜ୍ୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ସମୟ ଅନୁକୂଳ ରହିବ।

**ସିଂହ**
ବନ୍ଧୁ ଗହଣରେ ମନ କଥା ମନରେ ରଖି ଯଥା ସମ୍ଭବ ଔପଚାରିକତାକୁ ଭୁଲିଯିବା ଠିକ୍ ହେବନାହିଁ । ଉତ୍ତରା ଫାଲଗୁନୀ ନକ୍ଷତ୍ର ପଡୋଶୀଙ୍କ ସହାୟତାରେ ହଜି ଯାଇଥିବା ଜିନିଷ ଫେରି ପାଇବେ। ପରିବହନ, ବ୍ୟବସାୟ, ନିର୍ମାଣ, ସଂଗଠନ ଓ ରାଜନୀତି ପାଇଁ ଦିନଟି ଭଲ। କର୍ମାରମ୍ଭ, ମନୋରଞ୍ଜନ କାର୍ଯ୍ୟକ୍ରମ ସକାଶେ ବ୍ୟସ୍ତ ରହିବେ।

**କନ୍ୟା**
କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ସହକର୍ମୀଙ୍କ ଘରୋଇ ବ୍ୟାପାର କିମ୍ବା ସ୍ପର୍ଶକାତର କଥାରେ ଚିହ୍ନା ପଡିବା ସମସ୍ୟାକୁ ବଢାଇଦେବ। ଜରୁରୀ କାମରେ ବାହାରକୁ ଯିବାକୁ ବାଧ ହୋଇପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ।

**ତୁଳା**
କର୍ମକ୍ଷେତ୍ରରେ ସହକର୍ମୀଙ୍କୁ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ରେ ବ୍ୟସ୍ତ ରହିବେ। ସ୍ୱାତୀ ନକ୍ଷତ୍ର ନୂତନ ଗାଡ଼ି, ଯାନ୍ତ୍ରିକ ଜିନିଷ, ଅଳଙ୍କାର, ପୋଷାକପତ୍ର କିଣିବାକୁ ମନ ବଳାଇବେ। ସଭାସମିତି, ସାହିତ୍ୟ ଚର୍ଚ୍ଚା, ମେଳା ମହୋତ୍ସବ, ସଙ୍ଗୀତ ଆସରରେ ସାମିଲ୍ ହେବାର ସୁଯୋଗ ମିଳିବ।

**ବିଛା**
ବିଶାଖା ନକ୍ଷତ୍ରକୁ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ସଭା ସମିତି କ୍ଷେତ୍ରରେ ନିୟୋଜିତ ହେବେ। ଶନିଙ୍କ ପ୍ରଭାବରେ ଆର୍ଥିକ ସ୍ଥିତି ଦୁର୍ବଳ ରହିବ, ଫଳରେ କେତେକ କାମ ଅଟକି ରହିଯିବ। ପୂର୍ବସ୍ଥିରୀକୃତ ଯୋଜନା ପରିସ୍ଥିତି ଅନୁଯାୟୀ ବଦଳିଯାଇପାରେ।

**ଧନୁ**
ପୂର୍ବଷାଢା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଉଚ୍ଚପଦାଧିକାରୀଙ୍କ ଅନୁକମ୍ପାରେ କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଜିର ଯାତ୍ରା, ସାହିତ୍ୟ, ସଙ୍ଗୀତ, କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ମକର**
ଶ୍ରବଣା ନକ୍ଷତ୍ର ସକାଶେ ଅତୀତ ସ୍ମୃତିଚାରଣ ମାନସିକ ଅସ୍ଥିରତାର କାରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବନ୍ଧୁତା ସ୍ଥାପନରେ ଦିନଟି ସ୍ମରଣୀୟ ହେବ। ଯାତ୍ରାକାଳରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଆଇନ, ଅଦାଲତ, ପ୍ରଶାସନ, ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷା ପରାୟଣ ବ୍ୟକ୍ତି ପ୍ରଶଂସାକୁ ସହି ନ ପାରି ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି ଓ ବନ୍ଧୁ ମିଳନର ସୁଯୋଗ ପାଇବେ।

**ମୀନ**
ରେବତୀ ନକ୍ଷତ୍ର କାର୍ଯ୍ୟବ୍ୟସ୍ତତାରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଖାଦ୍ୟପେୟ ଠିକ୍ ନ ରହିବାରୁ ଅଜୀର୍ଣ୍ଣ, ଅମାଶୟ ଦେଖାଦେବାର ଆଶଙ୍କା ରହିଛି। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡା ଲାଗିପାରେ । ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଆଜି ମାର୍ଚ୍ଚ ୨୦ ତାରିଖ, ବିଶ୍ୱ ଘରଚଟିଆ ଦିବସ, ସାର୍ବଜନୀନ ପଖାଳ ଦିବସ, ରମଜାନ ମାସର ରୋଜା ଶେଷ, ଚୈତ୍ର ଶୁକ୍ଳ ଦ୍ୱିତୀୟା ଶୁକ୍ରବାର। ରାଶିନକ୍ଷତ୍ର- ରେବତୀ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୪ ଗତେ, ଘ.୦୬।୪୨ ମଧ୍ୟେ, ଘ.୦୭।୩୦ ଗତେ, ଘ.୦୮।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୨୪ ଗତେ, ଘ.୧୧।୫୪ ମଧ୍ୟେ ରାହୁ କାଳ।




# ୨୨ରେ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

ତାଳଚେର,୧୯।୩ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଜନ୍ତାଳ ପର୍ବ ଆସନ୍ତା ୨୨ ତାରିଖରେ ଗୋପାଳପ୍ରସାଦସ୍ଥିତ ମା'କୁଟେଇଶୁଣୀ ପୀଠ ପରିସରରେ ଅନୁଷ୍ଠିତ ହେବ। ଗୁରୁବାର ମା' ହିଙ୍ଗୁଳାଙ୍କ ଦ୍ୱିତୀୟ ପହିଲି ପୂଜା ଅନୁଷ୍ଠିତ ହେବା ପରେ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ଗଣନା କରି ଜନ୍ତାଳ ପୂଜାର ଦିନ ଧାର୍ଯ୍ୟ କରିଥିଲେ। ଏହି ଦିନ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଏକ ଶୋଭାଯାତ୍ରାରେ କୁଟେଇଶୁଣୀ ମଣ୍ଡପକୁ ନିଆଯାଇ ରୀତିନୀତି ଅନୁଯାୟୀ ମାର୍ଜନା ଓ ସ୍ନାନ ପରେ ଶାବର ମତରେ ପୂଜାର୍ଚ୍ଚନା କରାଯିବ। ଏହାପରେ ପତିଆରଙ୍କୁ ପାରମ୍ପରିକ ବିଧି ବିଧାନ ଅନୁଯାୟୀ ନିମନ୍ତ୍ରଣ କରି କୁଟେଇଶୁଣୀ ମଣ୍ଡପରେ ପୂଜାର୍ଚ୍ଚନା କରାଯିବ। ଏହି ପତିଆରଙ୍କ ମାଧ୍ୟମରେ ମା' ହିଙ୍ଗୁଳାଙ୍କ ଆବିର୍ଭାବର ଦିଗ ସମ୍ବନ୍ଧରେ ସୂଚନା ମିଳିଥାଏ। ପୂର୍ବ ସୂଚନାକୁ ଆଧାର କରି ଦେହୁରୀ ଅର୍ଦ୍ଧରାତ୍ରିରେ ଏକାଯାଇ ମା'ଙ୍କ ଆବିର୍ଭାବ ସ୍ଥଳୀ ବା ଉଭାସ୍ଥଳୀ ଚିହ୍ନଟ କରିବାର ବିଧି ରହିଛି।

# ପ୍ରସାଦ ଡାଲମାରେ ମଲାସାପ

ପଟ୍ଟାମୁଣ୍ଡାଇ,୧୯।୩(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁରେ ଭାଗବତ ସପ୍ତାହ ଚାଲିଥିଲା। ବୁଧବାର ରାତିରେ ୪୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ପରଷା ଯାଇଥିଲା। ମାତ୍ର ପ୍ରସାଦ ଦେବା ସମୟରେ ଡାଲମା ହଣ୍ଡାରେ ଏକ ବିଷଧର ସାପ ପଡିଥିବା ଦେଖିବାକୁ ମିଳିଥିଲା। ସେତେବେଳକୁ ଅନେକ ଲୋକ ଡାଲମା ଖାଇ ସାରିଥିଲେ। ଏ କଥା ପ୍ରଚାରିତ ହେବା ପରେ ଲୋକଙ୍କ ଭିତରେ ଭାଳେଣି ପଡିଥିଲା। ଭୟରେ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚିଥିଲେ। ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିଥିବା ନେଇ ମେଡିକାଲ ଅଫିସର ନିରାକାର ପରିଡା କହିଛନ୍ତି। ସେ କହିଛନ୍ତି, ଲୋକଙ୍କୁ ଚିକିତ୍ସା ପରେ ଗୁରୁବାର ସକାଳୁ ଏକ ଡାକ୍ତରୀ ଦଳ ପୌର ପରିଷଦର ୧୦ ନମ୍ବର ୱାର୍ଡ ଯାଇ ଘଟଣାର ତଦନ୍ତ କରି ଫେରିଛନ୍ତି। ସମସ୍ତେ ସୁସ୍ଥ ଥିବା ସେ କହିଛନ୍ତି। ଜଣେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଚିତି, ରଣା, ବୋଡା ଓ ଝିଟିପିଟି ଚମଡା ବା କାତିରେ ବିଷ ଥାଏ। ସେହି ସାପ ଖାଦ୍ୟରେ ପଡିବା ମାତ୍ରେ ବିଷାକ୍ତ ହୋଇଯାଏ, ଯାହା ଶରୀରକୁ ହାନି ପହଞ୍ଚାଏ। ମାତ୍ର ଅନ୍ୟ ସାପ ରାଗିଲେ ଏକ ତରଳ ବିଷ ନିର୍ଗତ ହୁଏ। ଚୋଟ ମାରିଲେ ବିଷ ଶରୀରରେ ପ୍ରବେଶ କରି କ୍ଷତି ଘଟାଇଥାଏ। ସାଧାରଣତଃ ରନ୍ଧା ହୋଇଥିବା ବିଷାକ୍ତ ସାପ ଖାଇବାକୁ ନିରାପଦ ବୋଲି ବିବେଚନା କରାଯାଏ। କାରଣ ରନ୍ଧା ହେଲେ ପାକସ୍ଥଳୀ ଏସିଡ୍ ଦ୍ୱାରା ବିଷ(ପ୍ରୋଟିନ୍) ନଷ୍ଟ ହୋଇଯାଏ। ତଥାପି ଯଦି ପାଟି, ଗଳା କିମ୍ବା ପେଟରେ କୌଣସି ଘା କିମ୍ବା କ୍ଷତ ଥାଏ, ତେବେ ବିଷ ରକ୍ତ ପ୍ରବାହରେ ମିଶି ମାରାତ୍ମକ ହୋଇପାରେ। ସାପର ବିଷ ଗ୍ରନ୍ଥି ଦ୍ୱାରା ଉତ୍ପାଦିତ ହୁଏ ଏବଂ ସାପର ମୁଣ୍ଡ ପଛପଟ ଆଖି ପଛରେ ଥିବା ଆଲଭିଓଲିରେ ସଂରକ୍ଷିତ ହୁଏ। ବିଷ କେବଳ ଏହି ସ୍ଥାନରେ ରହିଥାଏ। ବିଷ ସାପର ଶିରା ମାଧ୍ୟମରେ କିମ୍ବା ତାର ମାଂସପେଶୀ (ମାଂସ) ମାଧ୍ୟମରେ ପ୍ରବାହିତ ହୁଏ ନାହିଁ। ଯଦି ସାପ ମୁଣ୍ଡ କାଟି ଦିଆଯାଏ ତେବେ ଏହା ଖାଇବା ପାଇଁ ନିରାପଦ ହେବ। ଯଦି ମୁଣ୍ଡକୁ ଖାଇବେ ଏହା କ୍ଷତିକାରକ ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନାରେ ଭିଡ଼

# ନୂଆପଡ଼ାରେ ହୀରା, କଳାହାଣ୍ଡିରେ ମାଣିକ ଖଣିର ସନ୍ଧାନ: ମନ୍ତ୍ରୀ ଜେନା

ଭୁବନେଶ୍ୱର,୧୯।୩(ରବିନାରାୟଣ ଜେନା)

ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ବର୍ତ୍ତମାନ ସୁଦ୍ଧା ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ, ଗ୍ରାଫାଇଟ୍ ଉତ୍ତୋଳନ ହେଉଛି। ଆଗାମୀ ଦିନରେ ସୁନା, ହୀରା ଓ ମାଣିକ ଭଳି ଅମୂଲ୍ୟ ସମ୍ପଦର ମଧ୍ୟ ଉତ୍ତୋଳନ କରାଯିବ ବୋଲି ଗୁରୁବାର ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହକୁ ଦର୍ଶାଇଛନ୍ତି। ମନ୍ତ୍ରୀ କହିଛନ୍ତି, ନୂଆପଡ଼ା ଜିଲା ନୂଆପଡ଼ା ବ୍ଲକ କାଲମିଦାଦରଠାରେ ହୀରାପଥର ଥିବାର ଚିହ୍ନଟ ହୋଇଛି। ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁ ରହିଛି। ସେହିପରି କଳାହାଣ୍ଡି ଜୁନାଗଡ ବ୍ଲକର ହିଞ୍ଜିଳିବାହାଲ-ଜିଲିଙ୍ଗିଦାରଠାରେ ମାଣିକ ଥିବା ଚିହ୍ନଟ ହୋଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଡିଜିପିଏସ୍ ସର୍ଭେ, ଲ୍ୟାଣ୍ଡ ସିଡ୍ୟୁଲ, ଭୂତାତ୍ତ୍ୱିକ ରିପୋର୍ଟର ତର୍ଜମା କାର୍ଯ୍ୟ ଶେଷ ହେଲା ପରେ ଉକ୍ତ ବ୍ଲକଗୁଡ଼ିକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଖଣିଜ ନିଲାମି ନିୟମ-୨୦୧୫ ଅନୁସାରେ ନିଲାମ କରାଯିବା ପାଇଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ, ଯାହାକି ସମୟ ସାପେକ୍ଷ ବୋଲି ମନ୍ତ୍ରୀ କହିଛନ୍ତି।

ବିଜେଡି ସଦସ୍ୟ ସନାତନ ମହାକୁଡ ଏବଂ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପୃଥକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଜେନାଙ୍କ ତଥ୍ୟ ଅନୁଯାୟୀ, ଦେବଗଡ଼ ଜିଲାର ରିଆମାଳ ବ୍ଲକ ଆଦାସ-ରାମପାଲ୍ଲୀ ଅଞ୍ଚଳରେ ତମ୍ବାବାହୀ ପଥର, ଗ୍ରାଫାଇଟ୍, ନିକେଲ ସହିତ ସୁନା ଥିବା ଜଣାପଡ଼ିଛି। ସେହିପରି ମୟୂରଭଞ୍ଜର କୁଳିଅଣା ବ୍ଲକ ମଦନାସାହି-କାଞ୍ଚିଆ ଅଞ୍ଚଳରେ ତମ୍ବାବାହୀ ପଥର ସହିତ ସୁନା ଥିବା ଆକଳନ ହୋଇଛି। ଅନୁରୂପ ଭାବେ କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଗୋପୁର-ଜଳଡିହୀ ଅଞ୍ଚଳରେ ସୁନାପଥର ଥିବାର ସନ୍ଧାନ ମିଳିଛି।

# ପ୍ରତି ବ୍ଲକ୍‌ର ୫୦% ଜମି ଜଳସେଚନ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୩(ସୁନିତ୍ ମିଶ୍ର)


ମୋହନ ଚରଣ ମାଝୀ

କୁହାଯାଏ, 'ଚାଷ ଅଛି ଯାହାର, କି ଆନନ୍ଦ ତାହାର'। କିନ୍ତୁ ଏକବିଂଶ ଶତାବ୍ଦୀର ପ୍ରଥମ ୨୪ ବର୍ଷ ଏହି ଉକ୍ତି ହୋଇଥିଲା,'ଚାଷ ଅଛି ଯାହାର, କି ଦୁଃଖ ତାହାର'। ଏହି ତଥାକଥିତ ୨୪ ବର୍ଷିଆ ଉତ୍ତମ ଶାସନକାଳରେ ଚାଷୀକୁଳ ୧୦୦ ଟଙ୍କା ବୋନସ ପାଇବା ପାଇଁ ସେମାନଙ୍କ ଆଖିର ଲୁହ ଶୁଖିଗଲା, କିନ୍ତୁ ତାଙ୍କୁ ସେତିକି ମିଳିପାରିଲା ନାହିଁ। ଚାଷୀଙ୍କ ଦୁଃଖର ଅନ୍ୟତମ କାରଣ ଥିଲା, ଜମିକୁ ପାଣି ଯୋଗାଇବା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହି ସାମାନ୍ୟ କାମ ମଧ୍ୟ ଠିକ୍ ଭାବେ କରିପାରିଲେ ନାହିଁ। କାରଣ ଜଳସେଚନ ବିଭାଗ ଓ ରାଜୀବ ଭବନ ଥିଲା ଅଣ ଓଡ଼ିଆ ଠିକାଦାରଙ୍କ ଆଡ୍ଡାସ୍ଥଳୀ। ଏହି ପବିତ୍ର ଗୃହର ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୦୦୬ରେ ଘୋଷଣା କରିଥିଲେ, ରାଜ୍ୟର ୩୫% ଚାଷଜମିକୁ ଜଳସେଚନ ଯୋଗାଇଦେବେ। ଏହାପରେ ୨୦୦୮ରେ ଘୋଷଣା କଲେ, ବ୍ଲକ୍ ନୁହେଁ, ପ୍ରତି ଗ୍ରାମରେ ଥିବା ଚାଷଜମିକୁ ଅନ୍ତତଃ ପକ୍ଷେ ୩୫% ଜମିକୁ ଜଳସେଚନ ଯୋଗାଇଦେବେ। ମାତ୍ର ତାହା କଥାରେ ରହିଗଲା। ୨୪ ବର୍ଷର ସରକାର ଦେଇଥିବା ପ୍ରତିଶ୍ରୁତି ୩୫% ଜମିକୁ ଜଳସେଚନର ଧୂଆଁବାଣକୁ ଆମେ ସତରେ ପରିଣତ କରିବୁ। ଆମ ସରକାର ୫ ବର୍ଷରେ ଯେଉଁ ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ ପାଇଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ ହେଲେ ପ୍ରତି ବ୍ଲକ୍‌ର ୩୫% ନୁହେଁ, ଅନ୍ତତଃ ପକ୍ଷେ ୫୦% ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜଳ ସମ୍ପଦ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ସେଥିପାଇଁ ସମସ୍ତ ବିଧାୟକଙ୍କୁ ଅନୁରୋଧ, ଯେପରି ନିଜ ନିଜ ଅଞ୍ଚଳରେ ୫୦% ଜମିକୁ ଜଳସେଚନର ସୁବିଧା ଉପଲବ୍ଧ ହେବ ସେ ଦିଗରେ ପ୍ରସ୍ତାବ ଦିଅନ୍ତୁ ବୋଲି ସେ କହିଛନ୍ତି। ବିରୋଧୀ ଦଳ ଶବ ଉପରେ ଶୋଭାଯାତ୍ରାକରି ପୀଡ଼ିତଙ୍କୁ ପରିହାସ କରନ୍ତୁ, ଆମେ ଲୋକଙ୍କ ପାଇଁ କାମକରି ତାଙ୍କ ଲୁହ ପୋଛିବୁ। ଠିକ୍ ଯେପରି କୃଷକ ସମୃଦ୍ଧି ଯୋଜନା ପ୍ରଣୟନକରି କୃଷକ ସମାଜର ଆଖିରୁ ଲୁହ ପୋଛିପାରିଛୁ। କିଛିଦିନ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଗୃହକୁ ଆସୁ ନ ଥିଲେ। ଏବେ ସବୁଦିନ ଗୃହକୁ ଆସୁଛନ୍ତି। ଅନେକ ଲୋକ ଏହାର ଶ୍ରେୟ ତାଙ୍କୁ(ମୁଖ୍ୟମନ୍ତ୍ରୀ) ଦେଉଛନ୍ତି। ଯେଉଁ କାରଣରୁ ହେଉ ପଛକେ ବିରୋଧୀ ଦଳ ନେତା ସବୁଦିନ ଗୃହକୁ ଆସୁଛନ୍ତି ବଡ଼ କଥା। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭାଜପା ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ସର୍ବବୃହତ୍ ହୀରାକୁଦ ଡ୍ୟାମ୍‌ର ସେଚ ପଦ୍ଧତିର ନବୀକରଣ ପାଇଁ ୮୫୫ କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରିଥିଲେ। ହୀରାକୁଦ ଡ୍ୟାମ୍ ସେଚ ପଦ୍ଧତିର ନବୀକରଣ ପାଇଁ ୮୨୩ କୋଟି ୫୮ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୧୧ଟି ପ୍ରକଳ୍ପ ପାଇଁ ଚୁକ୍ତିନାମା ହୋଇ କାର୍ଯ୍ୟ ଚାଲୁଛି । ୨୧ଟି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଚାଲୁଅଛି ଏବଂ ବାକି ଗୋଟିଏ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ଏହି ଯୋଜନା ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି। ଅନିୟମିତ ବୃଷ୍ଟିପାତ, ଜଳସେଚନ ଓ ଘରୋଇ ତଥା ଶିଳ୍ପକ୍ଷେତ୍ରରେ ବର୍ଦ୍ଧିତ ଜଳ ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ନିମନ୍ତେ ଆମ ସରକାର ୧ ହଜାର ୭୯୦ କୋଟି ଟଙ୍କା ବ୍ୟୟ ବରାଦରେ ଆନ୍ତଃ ରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ପ୍ରଣୟନ କରିଛନ୍ତି। ଏହା ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯିବା ପ୍ରସ୍ତାବ ରହିଛି। ଏହା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୬ଟି ନଦୀ ସଂଯୋଗୀକରଣ ପ୍ରକଳ୍ପର ସର୍ବେକ୍ଷଣ ଓ ବୈଷୟିକ କାର୍ଯ୍ୟ ଆରମ୍ଭ କରାଯାଇଛି। ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଗଙ୍ଗୁଆ ନଦୀର ଏକ ସ୍ୱତନ୍ତ୍ର ଐତିହ୍ୟ ରହିଛି। ୧୧ଟି ନାଳ ମାଧ୍ୟମରେ ପ୍ରାୟ ୩୩ କିଲୋମିଟର ଦୀର୍ଘ ଗଙ୍ଗୁଆ ନଦୀରେ ସହରର ସମସ୍ତ ଅଶୋଧିତ ଜଳ ପ୍ରବେଶ କରୁଛି, ଯାହା ଦୟା ନଦୀକୁ ଦୂଷିତ କରୁଛି। ଏଥିପାଇଁ ପ୍ରାୟ ୮ ହଜାର ୭୩୬ କୋଟି ଟଙ୍କା ବ୍ୟୟ ହେବ ଏବଂ ପ୍ରକଳ୍ପଟି ୫ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ କରାଯିବ। ସହର ମଧ୍ୟରେ ବର୍ଷାଜଳ ନିଷ୍କାସନ ପାଇଁ ଜଳ ସମ୍ପଦ ବିଭାଗ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସମନ୍ୱୟରେ ସହର ମଧ୍ୟରେ ବର୍ଷାଜଳ ନିଷ୍କାସନ ପରିଚାଳନା ଏବଂ ଉନ୍ନତି ଅର୍ବାନ ଷ୍ଟର୍ମ ୱାଟର ଡ୍ରେନେଜ ମ୍ୟାନେଜମେଣ୍ଟ ଆଣ୍ଡ ଇମ୍ପ୍ରୁଭମେଣ୍ଟ ପ୍ରୋଗ୍ରାମ ଆରମ୍ଭ ପାଇଁ ପ୍ରସ୍ତାବ ରହିଛି। ରାଜ୍ୟର ମହାନଦୀ, ବଂଶଧାରା ଜଳ ବିବାଦ ଓ ପୋଲାଭରମ ପ୍ରକଳ୍ପ ଦ୍ୱାରା ଓ ଜଳମଗ୍ନ ଅଂଶ ପାଇଁ ଚାଲିଥିବା ବିବାଦରେ ଗୃହର ସଚେତନ ସଦସ୍ୟଙ୍କର ଉଦ୍‌ବେଗ ସହ ସମ୍ପୂର୍ଣ୍ଣ ସହମତ। ରାଜ୍ୟର ବୃହତ୍ତର ସ୍ୱାର୍ଥ ରକ୍ଷା ନିମନ୍ତେ ଆମ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ବିବାଦଗୁଡିକ ଟ୍ରିବ୍ୟୁନାଲ ଏବଂ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ପବିତ୍ର ଗୃହରେ ବିଶଦ ବିବରଣୀ ଦେବା ପାଇଁ ଉଚିତ ମନେକରୁନାହିଁ। ଶେଷରେ ଗୃହରେ ଜଳ ସମ୍ପଦ ବିଭାଗର ଅନୁଦାନ ଦାବି ୧୬ ହଜାର ୪୮୮ କୋଟି ୯୨ଲକ୍ଷ ଟଙ୍କାର ବ୍ୟୟ ବରାଦକୁ ମଞ୍ଜୁର ମିଳିଛି।

## ବିରୋଧୀ ଶବ ଉପରେ ରାଜନୀତି କରି ପୀଡ଼ିତଙ୍କୁ ଉପହାସ କରନ୍ତୁ, ଆମେ ସେମାନଙ୍କ ଲୁହ ପୋଛିବୁ

37001/12/2526

ODISHA INDIA'S BEST KEPT SECRET.


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ପର୍ଯ୍ୟଟନ ଆପଣଙ୍କୁ ପଖାଳ ପରବ - ୨୦୨୬ରେ ଓଡ଼ିଶାର ସମୃଦ୍ଧ ରାନ୍ଧଣା ଐତିହ୍ୟ ପାଳନ କରିବାକୁ ସାଦର ନିମନ୍ତ୍ରଣ କରୁଛି।

ପଖାଳ ପରବ

ଓଡ଼ିଶାର ପ୍ରିୟ ଗ୍ରୀଷ୍ମକାଳୀନ ସ୍ୱାଦିଷ୍ଟ ପଖାଳ ଭାତ ଏବଂ ରାଜ୍ୟର ରାନ୍ଧଣା ଐତିହ୍ୟକୁ ପରିଭାଷିତ କରୁଥିବା ପ୍ରାମାଣିକ ସ୍ୱାଦକୁ ସମ୍ମାନିତ କରି ପଖାଳ ପରବ ପାଳନ କରାଯାଉଛି।

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

୨୦ ମାର୍ଚ୍ଚ ୨୦୨୬ | ଦିବା ୧୨:୦୦ ଘଟିକା
ପାନ୍ଥନିବାସ, ଭୁବନେଶ୍ୱର

OIPR-37001/37001/2/25-26/0004



# ସମ୍ଭାବ୍ୟ ଖାଦ୍ୟ ସଙ୍କଟ




ବ୍ରାମ୍ ଗୋଭାରଟ୍ସ
ଡାଇରେକ୍ଟର ଜେନେରାଲ, ସିଆଇଏମ୍ଏମ୍ୱାଇଟି

ଶାରୋନ ବୁର୍କେ
ଚିଫ୍ ଏନ୍‌ଗେଜ୍‌ମେଣ୍ଟ ଅଫିସର, ସିଆଇଏମ୍ଏମ୍ୱାଇଟି

ଇରାନ୍ ବିରୋଧରେ ଆମେରିକା–ଇସ୍ରାଏଲ୍ ଯୁଦ୍ଧ ଆରମ୍ଭ କରିବା ପରଠାରୁ ହର୍ମୁଜ ଷ୍ଟ୍ରେଟ୍‌ରେ ସଙ୍କଟ ଦେଖାଯାଇଛି। ସେହି ସମୁଦ୍ର ପଥ ଦେଇ ପ୍ରତିଦିନ ପାଖାପାଖି ୧୦୦ ଜାହାଜ ଯାଉଥିଲା। ଯୁଦ୍ଧ ଯୋଗୁ ଏବେ ହାତଗଣତି କେତୋଟି ଜାହାଜ ଯାଉଛି। ହର୍ମୁଜ ଷ୍ଟ୍ରେଟ୍ ଏକ ଅଣଓସାରିଆ ସାମୁଦ୍ରିକ ପଥ ହୋଇଥିବାରୁ ଇରାନ୍ ଏବେ ସେଠାରେ ମାଇନ୍ସ ବିଛାଇଛି ଏବଂ ଏହି ପଥ କିଛି ଦିନ କିମ୍ବା ମାସ ମଧ୍ୟରେ ବନ୍ଦ ହୋଇଯିବାର ସମ୍ଭାବନା ଦେଖାଗଲାଣି। ବୈଶ୍ୱିକ ଶକ୍ତି ବଜାରରେ ଆରମ୍ଭରୁ ଝଟକା ଅନୁଭବ ହେଲାଣି। ହେଲେ ଏହି ପଥ ଲମ୍ବା ସମୟ ଧରି ବନ୍ଦ ରହିଲେ ଏକ ବିପଜ୍ଜନକ ପରିଣାମ ସାମ୍ନାକୁ ଆସିପାରେ। ଏହାର ପ୍ରଭାବ ଗ୍ୟାସ୍ ପମ୍ପରେ ପଡ଼ିବ ନାହିଁ ବରଂ ଡାଇନିଂ ଟେବ୍‌ଲରେ ଅନୁଭୂତ ହେବ। ହର୍ମୁଜ ଷ୍ଟ୍ରେଟ୍ କେବଳ ତେଲ କିମ୍ବା ଗ୍ୟାସ୍‌ର ନୁହେଁ ବରଂ ଏହା ବିଶ୍ୱ ଖାଦ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ପଥ। ଗହମ, ମକା, ଚାଉଳ, ସୋୟାବିନ, ଚିନି ଏବଂ ପ୍ରାଣୀ ଖାଦ୍ୟ ଏହି ସାମୁଦ୍ରିକ ପଥ ଦେଇ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକୁ ଯାଇଥାଏ ଏବଂ ରାସାୟନିକ ସାର ଓ ଇନ୍ଧନ ବାହାର ଦେଶକୁ ରପ୍ତାନି ହୋଇଥାଏ।

ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ଆମଦାନୀ ଖାଦ୍ୟ ଉପରେ ନିର୍ଭରଶୀଳ। ଖାଦ୍ୟଶସ୍ୟ, ଚାଉଳ, ପ୍ରାଣୀ ଖାଦ୍ୟ ଏବଂ ଖାଇବା ତେଲ ପାଇଁ ସେମାନେ ଜଳପଥ ଉପରେ ନିର୍ଭର କରନ୍ତି, ଯାହା ବିଦେଶରୁ ଜାହାଜରେ ସେମାନଙ୍କ ଦେଶକୁ ଆସିଥାଏ। ତେବେ ବିଗତ କିଛି ବର୍ଷ ହେଲା ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ସେମାନଙ୍କ ଖାଦ୍ୟ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେମାନେ ଖାଦ୍ୟ ଭଣ୍ଡାର ବ୍ୟବସ୍ଥାକୁ ସମ୍ପ୍ରସାରଣ କରିବା ସହ ଦେଶରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଅଧିକ ନିବେଶ କରିଛନ୍ତି। ସେମାନେ ମଧ୍ୟ ବିକଳ୍ପ ସାମୁଦ୍ରିକ ପଥ ସନ୍ଧାନ କରିଛନ୍ତି। ହର୍ମୁଜ ଷ୍ଟ୍ରେଟ୍‌କୁ ଛାଡ଼ି ସ୍ଥଳପଥରେ ଯାନରେ କିମ୍ବା ବନ୍ଦର ବାଟ ଦେଇ (ଯଥା ସାଉଦି ଆରବର ଜେଧା ଇସ୍‌ଲାମିକ ପୋର୍ଟରେ) ଲୋହିତ ସାଗରରେ ଯିବାର ପଥ ରହିଛି।

ଏହିସବୁ ପଦକ୍ଷେପ ଭରସାଯୋଗ୍ୟ ହେଲେ ମଧ୍ୟ ପର୍ସିଆନ ଗଲ୍ଫ ଯଦି ଦୀର୍ଘଦିନ ଧରି ବନ୍ଦ ରହେ, ତେବେ କ୍ଷତିଭରଣା କରାଯାଇପାରିବ ନାହିଁ। ହର୍ମୁଜ ଷ୍ଟ୍ରେଟ୍ ଦେଇ ଆସୁଥିବା ପାଖାପାଖି ୭୦% ଖାଦ୍ୟ ବାହାରିନ୍, କୁଏଟ୍, କାତାର, ସଂଯୁକ୍ତ ଆରବ ସଂଘ, ସାଉଦିଆରବ ଏବଂ ଇରାକର ଲୋକେ ଖାଇଥା'ନ୍ତି। ତେବେ ଖାଦ୍ୟ ଆମଦାନୀଜନିତ ସଙ୍କଟ ଦୂର କରିବାକୁ ହେଲେ ଏଫ୍ଏଓଏସ୍‌ଟିଏଟି ତଥ୍ୟ ଅନୁଯାୟୀ, ପାଖାପାଖି ୧୦୦ ମିଲିୟନ ଲୋକ ରହୁଥିବା ଏହିସବୁ



ଦେଶରେ ପ୍ରତିଦିନ ପ୍ରାୟ ୧୯୧.୩ ମିଲିୟନ ପାଉଣ୍ଡ ଖାଦ୍ୟ ଦରକାର। ଏଭଳି ଏକ ଅବରୋଧ ମଧ୍ୟରେ ମଧ୍ୟପ୍ରାଚ୍ୟକୁ ଖାଦ୍ୟ ଯୋଗାଇବା ଲାଗି ପ୍ରତିବନ୍ଧିତ ବାୟୁମାର୍ଗରେ ଏକ ନିଆରା ମାନବୀୟ ଅଭିଯାନ ଆବଶ୍ୟକ ହୋଇପାରେ। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ, ୨୦୨୪ରେ ୭୧ ଦେଶରେ ୮୧ ମିଲିୟନ ଲୋକଙ୍କୁ ପ୍ରତିଦିନ ହାରାହାରି ୧୫ ମିଲିୟନ ପାଉଣ୍ଡ ଖାଦ୍ୟ ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଯୋଗାଇ ଦେଇଥିଲା। ସବୁଦିଗରୁ ସମ୍ପୂର୍ଣ୍ଣ ଭାବେ ଅବରୋଧ ଜାରି ରହିଲେ ଇରାନ୍ ଏହାର ପଡ଼ୋଶୀ ଆରବ ଦେଶଗୁଡ଼ିକ ତୁଳନାରେ ଅଧିକ କ୍ଷତିଗ୍ରସ୍ତ ହେବ। ସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହେଲେ ତାହା ଇରାନ୍‌ର ଶକ୍ତି ରପ୍ତାନିକୁ ସୀମିତ କରିବା ସହ ଆମଦାନୀ ଖାଦ୍ୟଶସ୍ୟ ଦର ବୃଦ୍ଧି ପାଇବ। ପୂର୍ବରୁ ମୌଳିକ ଆବଶ୍ୟକତାକୁ ନେଇ ଇରାନୀୟମାନେ ସମସ୍ୟାର ସମ୍ମୁଖୀନ ହୋଇ ସାରିଛନ୍ତି, ଯାହାକୁ ନେଇ ଚଳିତବର୍ଷ ପ୍ରାରମ୍ଭରେ ଗଣ ଆନ୍ଦୋଳନ ଦେଖାଯାଇଥିଲା।

ଖାଦ୍ୟ ମୂଲ୍ୟ ବୃଦ୍ଧି ଓ ଅଭାବ ଯୋଗୁ ରାଜନୈତିକ ଅସ୍ଥିରତା ଦେଖାଯାଇଥିବା ଇତିହାସରୁ ଜଣାଯାଏ। ୨୦୦୮ରେ ଏନର୍ଜି (ଶକ୍ତି) ଏବଂ ରାସାୟନିକ ସାର ମୂଲ୍ୟ ବୃଦ୍ଧି ସହ ଗମ୍ଭୀର ପାଣିପାଗ ସ୍ଥିତି ଓ ଯୋଜନାରେ ବିଫଳତା ଯୋଗୁ ଖାଦ୍ୟଶସ୍ୟର ମୂଲ୍ୟ ପାଖାପାଖି ଦୁଇଗୁଣ ବୃଦ୍ଧି ଘଟିଥିଲା, ଯାହାକୁ ନେଇ ଅନେକ ଦେଶରେ ଆନ୍ଦୋଳନ ଓ ହିଂସା ଦେଖାଯାଇଥିଲା। କିଛି ବର୍ଷ ପରେ, ୨୦୧୦ ଓ ୨୦୧୧ରେ ରୁଷିଆରେ ଭୟଙ୍କର ମରୁଡ଼ି ଓ ଗ୍ରୀଷ୍ମପ୍ରବାହରେ ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇଥିଲା। ଫଳରେ ବିଶ୍ୱରେ ଖାଦ୍ୟ ମୂଲ୍ୟ ସବୁଠୁ ଅଧିକ ବୃଦ୍ଧି ହେବା ସହ ଏହାକୁ କେନ୍ଦ୍ରକରି ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକାରେ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ବିଶ୍ୱରେ ଖାଦ୍ୟଶସ୍ୟ, ରାସାୟନିକ ସାର ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଘଟି ଖାଦ୍ୟ ଅସୁରକ୍ଷା ବଢ଼ିଯାଇଛି। ଗୋଟିଏ ପକ୍ଷରେ ଜଳବାୟୁ ବିପର୍ଯ୍ୟୟ ଓ ମହାମାରୀ ପ୍ରଭାବ ଯୋଗୁ ବିଶ୍ୱ ଖାଦ୍ୟ ବ୍ୟବସ୍ଥା ଅଧିକ ଚାପରେ ରହିଛି। ଅନ୍ୟପଟେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରଠାରୁ ବିଶ୍ୱରେ ହିଂସାତ୍ମକ ସଂଘର୍ଷ ଅଧିକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଭବିଷ୍ୟତରେ ହର୍ମୁଜ ଷ୍ଟ୍ରେଟ୍ ଅବରୋଧ ହେଲେ ତାହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ ବରଂ ବାହାର ଦେଶଗୁଡ଼ିକରେ ଅନୁଭୂତ ହେବ। ଦକ୍ଷିଣ ଏସିଆରୁ ଆରମ୍ଭ କରି ସାହାରା ମରୁଭୂମି, ଦକ୍ଷିଣରେ ଥିବା ଆଫ୍ରିକୀୟ ଦେଶଗୁଡ଼ିକ ପର୍ଯ୍ୟନ୍ତ ଏବଂ ଏପରିକି ୟୁରୋପଠାରୁ ଆରମ୍ଭ କରି ଆମେରିକାଯାଏ ସାରା ବିଶ୍ୱରେ କୃଷକମାନେ ସ୍ଥାୟୀ ଭାବେ ରାସାୟନିକ ସାର ଓ ଇନ୍ଧନ ଉପରେ ନିର୍ଭର କରନ୍ତି। ଆଧୁନିକ କୃଷିରେ ଅଧିକ ଶସ୍ୟ ଉତ୍ପାଦନ ସକାଶେ ଆବଶ୍ୟକ ଯବକ୍ଷାରଯାନ ସାର ପ୍ରସ୍ତୁତିର ମୁଖ୍ୟ ଉପାଦାନ ହେଉଛି ପ୍ରାକୃତିକ ଗ୍ୟାସ୍। ଏକ ଆକଳନରୁ ଜଣାଯାଏ ଯେ, ହର୍ମୁଜ ଷ୍ଟ୍ରେଟ୍ ଦେଇ ବୈଶ୍ୱିକ ଯବକ୍ଷାରଜାନ ସାର ବାଣିଜ୍ୟର ୩୦–୪୦% ଯାଇଥାଏ।

ସାର ମୂଲ୍ୟ ବୃଦ୍ଧି ହେଲେ କୃଷକମାନେ କମ୍ ଫସଲ କରିବେ ଓ କମ୍ ସାର ପ୍ରୟୋଗ କରିବେ। ଫଳରେ ଉତ୍ପାଦନ ହ୍ରାସ ପାଇବ ଏବଂ ତାହାର ପ୍ରଭାବ ଖାଦ୍ୟ ବ୍ୟବସ୍ଥା ଉପରେ ପଡ଼ିବ। କୃଷକ ଏବଂ ପରିବହନରେ ଜଡ଼ିତ ଚାଳକଙ୍କଠାରୁ ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାରେ ଜଡ଼ିତ ବ୍ୟକ୍ତି ପ୍ରଭାବିତ ହେବେ। ଯୋଗାଣ ଶୃଙ୍ଖଳ କ୍ଷତିଗ୍ରସ୍ତ ହେବ। ଜାହାଜରେ ଖାଦ୍ୟ, ଇନ୍ଧନ ଏବଂ ସାର ପରିବହନ ବାଧାପ୍ରାପ୍ତ ହେବା ଯୋଗୁ କିଛି ସପ୍ତାହ କିମ୍ବା ମାସ ମଧ୍ୟରେ ଏଗୁଡ଼ିକର ମୂଲ୍ୟ ବୃଦ୍ଧି ହୋଇପାରେ। ଏହାସହ ଜଳସଙ୍କଟ ଦେଖାଦେବାର ସମ୍ଭାବନା ଅଧିକ। ଯୁଦ୍ଧ କାରଣରୁ ଯଦି ମଧ୍ୟପ୍ରାଚ୍ୟର ପାଣି ଦୂଷିତ ହୁଏ କିମ୍ବା ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଅଚଳ ହୋଇଯାଏ, ତେବେ ଏହାର ପରିଣାମ ଭୟଙ୍କର ହୋଇଯିବ। ଗମ୍ଭୀର ଜଳାଭାବର ସମ୍ମୁଖୀନ ହେଉଥିବା ବାହାରିନ୍ ଓ ଇରାନ୍ ଗତ ସପ୍ତାହରେ ଜଣାଇଥିଲେ ଯେ, ସେମାନଙ୍କ ଡିଷ୍ଟିଲେଶନ ପ୍ଲାଣ୍ଟଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି। ଯଦି ଲଗାତର ଏଭଳି ଆକ୍ରମଣ ଜାରି ରହେ, ତେବେ ପ୍ଲାଣ୍ଟଗୁଡ଼ିକ ନଷ୍ଟ ହେବ ଏବଂ ଜଳ ଯୋଗାଣ ବ୍ୟବସ୍ଥା ଦୂଷିତ ହୋଇ ଅନେକ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବ। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଏହାକୁ ଯୁଦ୍ଧ ଅପରାଧ ଭାବେ ବିଚାର କରାଯିବ। ଯୁଦ୍ଧ ଭିତରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ମରାମତି କରାଯାଇପାରେ ବୋଲି ୟୁକ୍ରେନ୍ ଦର୍ଶାଇଥିଲେ ମଧ୍ୟ ଡିଷ୍ଟିଲେଶନ ବ୍ୟବସ୍ଥା ଅତ୍ୟନ୍ତ ଜଟିଳ ହୋଇଥିବାରୁ ଏହାକୁ ଶୀଘ୍ର ସଜାଡ଼ିବା ଲାଗି ଖୁବ୍ କମ୍ ବିକଳ୍ପ ରହିଛି।

ଅନେକ ଦଶନ୍ଧି ଧରି ମଧ୍ୟପ୍ରାଚ୍ୟରେ ଅନ୍ତର୍ଜାତୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ଗଣ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ପ୍ରସାର ରୋକିବା ଉପରେ ଗୁରୁତ୍ୱ ଦେଇଛି। ତେବେ ସମୁଦ୍ରରେ ମାଇନ୍ସ ହେଉ କିମ୍ବା ସ୍ଥାୟୀ ଯୁଦ୍ଧ ଯୋଗୁ ହର୍ମୁଜ ଷ୍ଟ୍ରେଟ୍ ବନ୍ଦ ହୋଇଗଲେ ତାହା ବୈଶ୍ୱିକ ଖାଦ୍ୟ ଓ ଶକ୍ତି ବ୍ୟବସ୍ଥାରେ ବାଧା ସୃଷ୍ଟି କରିବ। ଏହାସହ ଜଳସଙ୍କଟ ସୃଷ୍ଟି କରି ନାଗରିକଙ୍କର ବ୍ୟାପକ କ୍ଷତି ଘଟାଇବ। ଯୁଦ୍ଧରେ ଜଡ଼ିତ ସମସ୍ତ ପକ୍ଷ ସହିତ ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ଏଭଳି ପରିଣାମ ଦୂର କରିବା ସକାଶେ ସବୁ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବା ଉଚିତ। ଏହି ସମୟରେ ବୈଶ୍ୱିକ ଖାଦ୍ୟ ବ୍ୟବସ୍ଥା ବିପଜ୍ଜନକ ସ୍ଥିତିରେ ରହିଛି ଏବଂ ଏହା ଏକ ସତର୍କ ଘଣ୍ଟି ବୋଲି ବିଚାର କରିବାକୁ ପଡ଼ିବ। ଅନେକ ଲକ୍ଷ ଲୋକଙ୍କର ମାନବୀୟ ଅଧୋଗତି ହେବା ପୂର୍ବରୁ ନୀତି ନିର୍ଦ୍ଧାରକମାନେ ଖାଦ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ସକାଶେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

# ସରଳ ଓ ଜଟିଳତାର ଭାଗମାପ



ସଚ୍ଚିଦାନନ୍ଦ ଦାଶ

ସାଧାରଣତଃ ଆମେ ଲୋକଙ୍କଠାରୁ ଏପରି ଶୁଣିବାକୁ ପାଉ ଯଥା ''ଆମ ସାଇର ରାମବାବୁ ଖୁବ୍ ସରଳ, ସିଧାସାଦା ଲୋକ। ତାଙ୍କ ପୁଅ ରମେଶ ମଧ୍ୟ ଠିକ୍ ତାଙ୍କ ପରି''। ସେହିପରି ବିଦ୍ୟାଳୟ ହେଉ ଅବା କାର୍ଯ୍ୟାଳୟ, ଠିକ୍ ଏପ୍ରକାରର ସରଳ ଲୋକ ବାରି ହୋଇପଡ଼ନ୍ତି। ଦେଖାଯାଏ, ସ୍କୁଲରେ ପିଲାଟିଏ ଅନ୍ୟ ଗୋଟିଏ ସାଙ୍ଗଠାରୁ ମାଡ଼ଖାଇ ଘରକୁ ପଳେଇ ଆସିବ, ବରଂ ତା' ବିରୋଧରେ କିଛି କହିବ ନାହିଁ କି ଶ୍ରେଣୀ ଶିକ୍ଷକଙ୍କୁ ଏ ବାବଦରେ ଗୁହାରି କରେ ନାହିଁ। କଲେଜ ପରୀକ୍ଷାରେ ସମସ୍ତେ କପି କରି ଉତ୍ତର ଲେଖି ଯାଉଥିବେ, ମାତ୍ର ଏମିତି କିଛି ସରଳତାସମ୍ପନ୍ନ କିଶୋର ଅଛନ୍ତି, ସେମାନେ କପି କରିବାକୁ ଭୟ କରିବେ। ତା' ଛଡ଼ା ସରଳ ଲୋକମାନେ ଯଦିଓ ଭୟାଳୁ ହୋଇଥାନ୍ତି, ମାତ୍ର ସୁବିଧାବାଦୀ ହୋଇ ନ ଥା'ନ୍ତି। ଉପରୋକ୍ତ ଉଦାହରଣରୁ ଆମେ ଅନୁମାନ କରିପାରୁ ଯେ, କିଛି ନ କହି ନୀରବତା ରକ୍ଷା କଲେ, ସେ ଲୋକକୁ ସରଳ ବୋଲି କୁହାଯିବ। ନା, ତା' ନୁହେଁ। ସରଳତା ସହିତ ଆଉ କିଛି ଉପାଦେୟ ତଥ୍ୟ ଅଛି। କେହି କେହି ଏମାନଙ୍କୁ ନିୟମ ଉପରେ ଆଧାରିତ ନୀତିବାନ ଲୋକ ଭାବେ ଅଭିହିତ କରିଥା'ନ୍ତି। ଆଉ ଏକ ପ୍ରକାର ସରଳ ଲୋକ ଅଛନ୍ତି, ଯେଉଁମାନେ ନିଜକୁ ନ୍ୟୂନ ଭାବିଥାନ୍ତି। ସେମାନେ ନିଜକୁ ଧୈର୍ଯ୍ୟହରା, ଭୀରୁ, ନିକମା ଇତ୍ୟାଦି ଭାବି ନେଇଥାନ୍ତି। ବେଳେ ବେଳେ ନିଜର ବୁଦ୍ଧି ଓ ବିବେକକୁ ଅସ୍ୱୀକାର କରିବାକୁ ପଛାନ୍ତି ନାହିଁ। ଏପରି ନିଜକୁ ଭାବିବା ପ୍ରକୃତ ସରଳତା ନୁହେଁ, ବରଂ ଏହା ଏକ ଆତ୍ମ ଅବମୂଲ୍ୟାୟନ। ଏତାଦୃଶ କାର୍ଯ୍ୟକଳାପ ଆମମାନଙ୍କୁ ଉନ୍ନତିର ପଥରୁ ଦୂରେଇ ରଖେ। ଜୀବନକୁ ବ୍ୟର୍ଥ ଓ ଅର୍ଥହୀନ କରିଦିଏ। ଏହିପରି ସ୍ଥିତିରେ ପରିବାର, ସମାଜ ଓ ସାଙ୍ଗସାଥୀମାନେ ସରଳଲୋକଟିକୁ କହିଚାଲିବେ। ''ତୁଟା ବୋକା, ସରଳିଆଟା, ତୁ ସେ ଅମୁକ ଭଳିଆ ନୁହଁ, ତୋ ଦ୍ୱାରା କିଛି ହୋଇପାରିବ ନାହିଁ ଇତ୍ୟାଦି''। ଏହାଦ୍ୱାରା ସରଳଲୋକଟି ଆତ୍ମବିଶ୍ୱାସ ହରେଇ ବସେ ଏବଂ ଲୋକଟି ନିଜକୁ ଅଯୋଗ୍ୟ ବୋଲି ଭାବିନିଏ।

ସରଳତାର ଠିକ୍ ବିପରୀତରେ ଅଛି ଜଟିଳତା। କେତେଜଣ ଲୋକ ଅଛନ୍ତି, ଅତି କୁଟିଳ ମନୋବୃତ୍ତିର। ସେମାନେ ନିଜକୁ ବା ନିଜର ମନ୍ତବ୍ୟକୁ ଠିକ୍ ଭାବେ ପରିପ୍ରକାଶ କରିପାରନ୍ତି ନାହିଁ। ସବୁକିଛି ନକାରାତ୍ମକ ଚିନ୍ତାଧାରା ରଖିଥାନ୍ତି। କାର୍ଯ୍ୟକ୍ଷେତ୍ରରେ ସବୁ ଓଲଟପାଲଟ୍ କରିଦେଇଥାନ୍ତି। ଏ ପ୍ରକାର ଲୋକ ଜଟିଳତାର ବଶବର୍ତ୍ତୀ ହୋଇଥାନ୍ତି। ଚରିତ୍ର ଓ ବ୍ୟକ୍ତିତ୍ୱର ସଂରକ୍ଷଣ ସେମାନଙ୍କ ପାଖରେ ଫିକା ପଡ଼ିଯାଏ ଏବଂ ଜଟିଳତାକୁ ମନରେ ବାନ୍ଧିରଖି ଅନ୍ୟର କ୍ଷତିକରିବାକୁ ପଛାନ୍ତି ନାହିଁ। ଜଟିଳ ପ୍ରକୃତିର ଲୋକ ଅନ୍ୟଜଣେ ଭଲ ମଣିଷକୁ ଖାଲରେ ପକାଇ ନିଜେ ଖସି ହେବାର ଉପାୟ ମନରେ ପାଞ୍ଚୁଥାଏ ଏବଂ ନିଜ ଦୋଷ ଦୁର୍ବଳତାକୁ ସବୁବେଳେ ଘୋଡ଼ାଇ ରଖିବାକୁ ଚେଷ୍ଟା କରେ। ଏ ପ୍ରକାର ଲୋକଙ୍କ ସମ୍ବନ୍ଧରେ ସାଇ ପଡ଼ିଶାରେ କହିବୁଲନ୍ତି – ''ସେ ଲୋକଟା ପ୍ରଚଣ୍ଡ କୂଟନୀତିପ୍ରବଣ। ତା' ପେଟରୁ ପଦେ ହେଲେ ସତ କଥା ବାହାରିବନି ?'' ଏ ସମାଜ ବା ଜାତିର କଥା ଚିନ୍ତାକଲେ, ଏପରି ହୃଦ୍‌ବୋଧ ହୁଏ ଯେ, ଜଟିଳତାସମ୍ପନ୍ନ ଲୋକମାନେ ଦେଶ ପାଇଁ କ୍ଷତିକାରକ। ଏମାନେ ବାହାରକୁ ଚାକଚକ୍ୟ ଥାନ୍ତି, ମାତ୍ର ଅନ୍ତରରେ ହୀନମନ୍ୟତା ଓ ଖଳ ପ୍ରବୃତ୍ତିର ହୋଇଥାନ୍ତି। ଜଟିଳ ଲୋକମାନେ ଖୋଲା ହୃଦୟରେ ହସି କଥା ହୁଅନ୍ତି ନାହିଁ।

ସରଳତା ଓ ଜଟିଳତା ଗୁଣ ଭିନ୍ନ ଭିନ୍ନ ଭାବେ ମଣିଷଠାରେ ଦେଖାଗଲେ, ତାହା ମଣିଷ ପ୍ରତି ହାନିକାରକ ହୋଇଥାଏ। ତେଣୁ ଆମମାନଙ୍କୁ ଦୈନନ୍ଦିନ ଜୀବନରେ ସରଳତା ଓ ଜଟିଳତାର ସନ୍ତୁଳନକୁ ରକ୍ଷା କରିବାକୁ ପଡ଼ିବ। ଆଜିର ଯୁଗରେ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ରକ୍ଷା କରିବା ପାଇଁ ଏ ମଣିଷକୁ ସରଳ ସଙ୍ଗେ ଜଟିଳ ହେବାକୁ ପଡ଼ିବ। ଏକ ପ୍ରବାଦ ଅଛି – ସରଳ ହୁଅ, ମାତ୍ର ବୋକାଭାବେ ସରଳ ହୁଅନାହିଁ। ବେଳେ ବେଳେ କର୍ମସ୍ଥଳୀ ବା ଯେକୌଣସି ଆନୁଷ୍ଠାନିକ କାର୍ଯ୍ୟରେ କିଛି ନକାରାତ୍ମକ ଲୋକ ଭୁଲ୍ ଲୋକର ସରଳତାର ଫାଇଦା ଉଠାଇ ନିଅନ୍ତି। ଏପରି କ୍ଷେତ୍ରରେ ଭଲ ଲୋକ ଜଟିଳତାକୁ ଆପଣେଇବାର ଆବଶ୍ୟକତା ଅଛି। ଠିକ୍ ସେହିପରି ମଣିଷକୁ ସରଳ ହେବାର ଆବଶ୍ୟକତା ରହିଛି। ଦୈନନ୍ଦିନ ଜୀବନରେ ସରଳ ବ୍ୟବହାର ପ୍ରଦର୍ଶନ ଗ୍ରହଣୀୟ। ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କଠାରୁ ଶିକ୍ଷାଲାଭ କରିଛେ। 'ସିମ୍ପୁଲ ଲିଭିଂ, ହାଇ ଥିଙ୍କିଙ୍ଗ୍'। ସରଳ ଭାବନାରେ ଉଚ୍ଚ ବିଚାର ଶକ୍ତିଥାଏ। ସରଳ ଲୋକ ମନରେ ଉଚ୍ଚ ଆକାଂକ୍ଷା ଓ ଆଶା ଜନ୍ମିତ ହେବାର ପରିଲକ୍ଷିତ ହୁଏ। ସରଳ ମନୋଭାବର ଲୋକ ବିଶ୍ୱାସୀ ଏବଂ ମାନସିକ ସ୍ତରରେ କର୍ମଠ ହୋଇଥାନ୍ତି।

ସଡିଏ, କଟକ
ମୋ : ୭୦୦୮୬୫୦୬୯୩

## ଏଇ ଭାରତରେ

କୃଷି ସାମ୍ବାଦିକତା ଜୀବନରେ କୃଷି ଓ କୃଷକଙ୍କ ସମସ୍ୟା ସମ୍ପର୍କରେ ଅନେକ କିଛି ଜାଣିବା ପରେ ସେହି ବୃତ୍ତିରୁ ଓହରି ଆସି ଏବେ ଏମ୍.ଜେ. ପ୍ରବୁ ପାରମ୍ପରିକ ଧାନ ଚାଷ ପାଇଁ କୃଷକଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସେ ସିଡ୍ ବ୍ୟାଙ୍କ ମାଧ୍ୟମରେ ବିଲୁପ୍ତ ହୋଇଯାଉଥିବା ପାରମ୍ପରିକ ଧାନ ଚାଷରେ ପାଖାପାଖି ୮୦୦ କୃଷକଙ୍କୁ ସହାୟତା କରିସାରିଲେଣି। ୨୦୧୪ରେ ସେ ଗ୍ରୀନ୍ କଜ୍ ଫାଉଣ୍ଡେଶନ ପ୍ରତିଷ୍ଠା କରିବା ପରେ ୨୦୧୭ରେ ବାୟୋଡାଇଭର୍ସିଟି ଇଣ୍ଟରନ୍ୟାଶନାଲ ସହଭାଗିତାରେ ତାମିଲନାଡୁର ଛେଙ୍ଗାଲପାଟୁ ଜିଲାରେ କମ୍ୟୁନିଟି ସିଡ୍ ବ୍ୟାଙ୍କ ଖୋଲିବା ଆରମ୍ଭ କରିଥିଲେ। ସିଡ୍‌ବ୍ୟାଙ୍କରୁ ଜଣେ ଚାଷୀ ୨ କେ.ଜି. ବିହନ ନେଇ ଅମଳ ପରେ ୪ କେଜି ବିହନ ଦେଉଛନ୍ତି। ସିଡ୍‌ବ୍ୟାଙ୍କ ବଞ୍ଚିରହିବା ଲାଗି ଏଭଳି ଉପାୟ କରାଯାଇଛି। ବିନା ଚୁକ୍ତି ଅର୍ଥାତ୍ କେବଳ ବିଶ୍ୱାସରେ କୃଷକଙ୍କୁ ପାରମ୍ପରିକ ଧାନ ବିହନ ଦିଆଯାଉଛି। ଏବେ ଜିଲାରେ ନଅଟି କମ୍ୟୁନିଟି ସିଡ୍ ବ୍ୟାଙ୍କ ଚାଲିଛି ଓ ସେଠାରୁ ଚାଷୀମାନେ ୧୩ଟି କିସମର ଧାନ ବିହନ ନେଇ ଚାଷ କରୁଛନ୍ତି। ଏହିସବୁ ଧାନରେ କମ୍ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉଛି। ଏପରି କି ଏସବୁ ଅତ୍ୟଧିକ ବର୍ଷାରେ ମଧ୍ୟ ନଷ୍ଟ ହେଉନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୦ ମାର୍ଚ୍ଚ ୧୯୭୭

- ଆଫଗାନିସ୍ତାନର ରାଷ୍ଟ୍ରପତି ମହମ୍ମଦ ଦାଉଦ୍ କାବୁଲରେ ଏକ ନୂତନ ବେସାମରିକ ସରକାର ଗଠନ କରିଛନ୍ତି ବୋଲି କୂଟନୈତିକ ସୂତ୍ରରୁ ଜଣାଯାଇଛି।
- ପୂର୍ବ ଜର୍ମାନୀର ମାଗଜିବର୍ଗଠାରେ ଏକ ଆୟୁର୍ବେଦିକ ଗବେଷଣା କେନ୍ଦ୍ର ସ୍ଥାପନ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 7 | | | | 4 |
| | | | 4 | | | | | 2 |
| | 8 | | | | | 6 | | |
| | 3 | 2 | | | 1 | | | |
| | 5 | 7 | | | | | | 3 |
| | 6 | | 8 | | | | | 1 |
| | | | 9 | 6 | | 7 | | |
| 2 | | | | 4 | | 3 | | 6 |
| | | 5 | | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 7 | 4 | 5 | 9 | 6 | 2 |
| 4 | 9 | 6 | 1 | 8 | 2 | 7 | 5 | 3 |
| 7 | 5 | 2 | 3 | 6 | 9 | 8 | 4 | 1 |
| 2 | 8 | 3 | 6 | 5 | 4 | 1 | 9 | 7 |
| 9 | 4 | 7 | 8 | 1 | 3 | 6 | 2 | 5 |
| 1 | 6 | 5 | 2 | 9 | 7 | 4 | 3 | 8 |
| 8 | 7 | 4 | 5 | 3 | 6 | 2 | 1 | 9 |
| 5 | 2 | 9 | 4 | 7 | 1 | 3 | 8 | 6 |
| 6 | 3 | 1 | 9 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

# ବିଷ ବଳୟର ଧାରା



ଅସିତ୍ ମହାନ୍ତି

ବ୍ରିଟିଶ ଜୀବବିଜ୍ଞାନୀ ତଥା ରିଭର ମନଷ୍ଟର୍ସ ଉପସ୍ଥାପକ ଜେରେମି ୱେଡ୍ ରହସ୍ୟମୟ ମିଠାପାଣି ପ୍ରାଣୀଙ୍କୁ ଖୋଜିବାରେ ପ୍ରସିଦ୍ଧ। ତାଙ୍କର ଯାତ୍ରା କେବଳ ମାଛ ଧରିବା ନୁହେଁ, ପ୍ରକୃତି ଓ ମାନବ ସମାଜର ସମ୍ପର୍କକୁ ବୁଝିବାରେ କେନ୍ଦ୍ରିତ। ଭାରତରେ ଗଙ୍ଗା ପରିଦର୍ଶନ ସମୟରେ ସେ ନଦୀକୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ପ୍ରଦୂଷଣ ଓ ମାନବୀୟ ଅବହେଳାରେ ଜଡ଼ିତ ଏକ କାହାଣୀ ଭାବେ ଦେଖିଥିଲେ।

ବହୁଳ ଭାବରେ ଚର୍ଚ୍ଚିତ ଭିଡିଓରେ ଜେରେମି ୱେଡ୍ ଗଙ୍ଗାନଦୀର ଜଳ ପରୀକ୍ଷା କରିଥିଲେ ଏବଂ ଏହାକୁ ଫେକଲ କୋଲିଫର୍ମ ଜୀବାଣୁ ଦ୍ୱାରା ପ୍ରଦୂଷିତ ବୋଲି ପାଇଥିଲେ, ଯାହା ମାନବ ମଳର ଉପସ୍ଥିତିକୁ ସୂଚିତ କରିଥିଲା। ତାଙ୍କର ସରଳ ରାସାୟନିକ ପରୀକ୍ଷା ଆଶାକରାଯାଇଥିବା ପରିଷ୍କାର ଫଳାଫଳ ବଦଳରେ ହାଲୁକା ବାଦାମୀ ରଙ୍ଗ ଦେଖାଇଥିଲା, ଯାହା ଗୁରୁତର ପ୍ରଦୂଷଣ ସ୍ତରକୁ ଉଜାଗର କରିଥିଲା। ୱେଡ୍‌ଙ୍କ ପରୀକ୍ଷା, ବିଶେଷକରି କାନପୁର ଆଖପାଖ ଅଞ୍ଚଳରେ ମଳ ପ୍ରଦୂଷଣର ଉଚ୍ଚ ସ୍ତର ସୂଚାଇଥିଲା। କିଛି ରିପୋର୍ଟରେ ମଳ କୋଲିଫର୍ମ ସଂଖ୍ୟା ଉଚ୍ଚ ବୋଲି ଉଲ୍ଲେଖ କରାଯାଇଥିଲା, ଯାହା ଏକ ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତିକୁ ଇଙ୍ଗିତ କରିଥିଲା। ସାଧାରଣତଃ ପାନୀୟ ଜଳରେ ଫେକଲ କୋଲିଫର୍ମର ପରିମାଣ ୦ ହେବା ଉଚିତ ଏବଂ ଯଦି ଏହା ୫୦୦ରୁ କମ୍ ଥାଏ ତେବେ ଏଥିରେ ପହଁରିପାରିବେ, କିନ୍ତୁ ଗଙ୍ଗାରେ ଏହାର ପରିମାଣ ୮୨,୦୦୦ ମିଳିଥିଲା । ଏହାର ଅର୍ଥ ହେଉଛି ଏଥିରେ ପହଁରିବା ଭୁଲିଯାଆନ୍ତୁ, ଏହାକୁ ଛୁଇଁବା ମଧ୍ୟ ନିଷେଧ। ପ୍ରକୃତରେ, ଯେତେବେଳେ ଜେରେମି ଗଙ୍ଗା ନଦୀରେ ତାଙ୍କର ରିମୋଟ କଣ୍ଟ୍ରୋଲ ସବ୍‌ମେରାଇନକୁ ତଳକୁ ଓହ୍ଲାଇଥିଲେ, ସେତେବେଳେ ସେ ଜଳପୃଷ୍ଠରେ ଅଳିଆ ସହ କେବଳ ପ୍ଲାଷ୍ଟିକ୍ ପାଇଥିଲେ। ତାଙ୍କ ସବ୍‌ମେରାଇନ ପ୍ଲାଷ୍ଟିକ୍‌ରେ ଫସିଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଜାଣିପାରିଲେ ଯେ ଗଙ୍ଗା କ୍ରୋମିୟମ, ସୀସା ଏବଂ ଆର୍ସେନିକ୍ ଭଳି ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ। ଏହି ରାସାୟନିକ ପଦାର୍ଥଗୁଡ଼ିକ ପ୍ରକୃତରେ ଚମଡ଼ା କାରଖାନାରୁ ଆସିଥାଏ।

ୱେଡ ତାଙ୍କ ମାଇଟ ରିଭର୍ସ ଡକ୍ୟୁମେଣ୍ଟାରିରେ ଦେଖାଇଥିଲେ ଯେ ଅପରିଷ୍କାର ନର୍ଦ୍ଦମା ଏବଂ ଶିଳ୍ପ ନିର୍ଗତ ବର୍ଜ୍ୟ ନଦୀକୁ ଗୁରୁତର ପ୍ରଦୂଷିତ କରୁଛି, ଯାହା ପାଣିର ପବିତ୍ରତାର ଧାରଣାକୁ ଚ୍ୟାଲେଞ୍ଜ କରୁଛି। ଏହି ବୈଜ୍ଞାନିକ ମୂଲ୍ୟାଙ୍କନ ପରିବେଶଗତ ଅବକ୍ଷୟର ସତ୍ୟକୁ ଉଜାଗରକରି ଉନ୍ନତ ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉଲ୍ଲେଖ କରିଥିଲା।

ଭାରତର ପବିତ୍ର ନଦୀ ଭାବରେ ବିବେଚିତ ଗଙ୍ଗାକୁ କେବଳ ଧାର୍ମିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଜୀବନର ପ୍ରତୀକ ଭାବରେ ଦେଖାଯାଏ। ଏହାର କୂଳରେ ଅନେକ ସଭ୍ୟତା ଜନ୍ମ ନେଇଥିଲା। କିନ୍ତୁ ୱେଡ୍‌ଙ୍କ ସମୟରେ ଯେଉଁ ଚିତ୍ର ଦେଖାଯାଇଥିଲା ତାହା ଏକ କଷ୍ଟକର ବାସ୍ତବତା । ସେ ଦେଖିଥିଲେ ଯେ ଚମଡ଼ା କାରଖାନା ଏବଂ



ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ସେମାନଙ୍କର ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକୁ ଗଙ୍ଗାରେ ବିନା କୌଣସି ପ୍ରତିବନ୍ଧକରେ ଛାଡ଼ି ଦେଉଥିଲେ। ଏହି ପ୍ରଦୂଷଣ କେବଳ ଜଳକୁ ପ୍ରଦୂଷିତ କରୁ ନ ଥିଲା, ବରଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ତାଙ୍କ ଅଭିଜ୍ଞତାରେ ୱେଡ୍ ଗଙ୍ଗାରେ ଜୀବମାନଙ୍କୁ ଦେଖିବା ବିଷୟରେ ବର୍ଣ୍ଣନା କରିଥିଲେ,ଯେଉଁମାନେ ସେମାନଙ୍କର ପ୍ରାକୃତିକ ରୂପ ହରାଇ ବସିଥିଲେ। ମାଛ ଉପରେ କ୍ଷତ, ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଏବଂ କିଛି ପ୍ରଜାତି ସମ୍ପୂର୍ଣ୍ଣ ଲୋପପାଇବା ଚିନ୍ତାର କାରଣ ଥିଲା। ଏହିସବୁ ପ୍ରମାଣିତ କରିଥିଲା ଯେ ଚମଡ଼ା କାରଖାନାରୁ ନିର୍ଗତ କ୍ରୋମିୟମ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ପାଣିରେ ମିଶି ସମଗ୍ର ପରିବେଶକୁ ନଷ୍ଟକରୁଥିଲା। ୱେଡ୍ ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରଦୂଷଣ କେବଳ ମାଛ ପାଇଁ ନୁହେଁ , ବରଂ ଏହା ମାନବ ସମାଜ ପାଇଁ ଏକ ବିପଦ ସଙ୍କେତ ଥିଲା। ସେ ଦେଖିଥିଲେ ଯେ ମତ୍ସ୍ୟଜୀବୀମାନେ ଗଙ୍ଗାରୁ ଧରିଥିବା ମାଛ ସ୍ୱାସ୍ଥ୍ୟ ପାଇଁ ଏତେ ଖରାପ ଯେ ବଜାରରେ ସେସବୁ ବିକ୍ରି କରିବା କଷ୍ଟକର। ଏହା ବ୍ୟତୀତ ଚର୍ମରୋଗ, ପେଟରୋଗ ଏବଂ ଅନ୍ୟାନ୍ୟ ସଂକ୍ରମଣ ଭଳି ପ୍ରଦୂଷିତ ଜଳ ଦ୍ୱାରା ହେଉଥିବା ରୋଗ ସାଧାରଣ ହୋଇଯାଇଛି। ୱେଡ୍ ଏହି ସମସ୍ୟାକୁ ଏକ ସତର୍କଘଣ୍ଟି ଭାବରେ ଦେଖିଲେ ଯାହା ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଏବେ ପଦକ୍ଷେପ ନ ନେଉ, ତେବେ ଆମେ ଜୀବନକୁ ବିପଦରେ ପକାଇବୁ। ୱେଡ୍‌ଙ୍କ ଦୃଷ୍ଟିକୋଣ ସର୍ବଦା ଜଣେ ବୈଜ୍ଞାନିକ ଏବଂ କାହାଣୀକାରଙ୍କ ପରି ରହିଆସିଛି। ସେ ଗଙ୍ଗାକୁ ତାଙ୍କର ଯାତ୍ରାର କେବଳ ଏକ ଅଭିଜ୍ଞତା ଭାବରେ ନୁହେଁ ବରଂ ଏକ ବାର୍ତ୍ତା ଭାବରେ ଦେଖିଥିଲେ। ସେ କହିଥିଲେ, ଗଙ୍ଗା ଭଳି ପବିତ୍ର ଜଳକୁ ରକ୍ଷାକରିବା କେବଳ ଭାରତର ଦାୟିତ୍ୱ ନୁହେଁ, ବରଂ ସମସ୍ତ ମାନବ ସମାଜର ଦାୟିତ୍ୱ। ଏହି ନଦୀ କେବଳ ଏକ ଭୌଗୋଳିକ ଧାରା ନୁହେଁ; ଏହା ଏକ ଧାରା ଯାହା ମାନବତାକୁ ସଂଯୋଗକରେ, ଯାହା ସଂସ୍କୃତିକୁ ଜୀବନ୍ତ ରଖେ ଏବଂ ଯାହା ପ୍ରକୃତି ସହ ଆମର ସମ୍ପର୍କକୁ ମଜଭୁତ କରେ। ଯଦି ଆମେ ଏହାକୁ ଅଦୃଶ୍ୟ ହେବାକୁ ଦେଉ, ତେବେ ଆମେ ଆମର ଇତିହାସ, ଆମର ଧର୍ମ ଏବଂ ଆମର ଭବିଷ୍ୟତକୁ ନଷ୍ଟ କରିଦେବୁ।

ସେ ଚମଡ଼ା କାରଖାନାରୁ ପ୍ରଦୂଷଣକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ଯେ ପୁଞ୍ଜିବାଦ ଏବଂ ଶିଳ୍ପ ଲୋଭ କିପରି ପ୍ରକୃତିକୁ ନଷ୍ଟ କରୁଛି। ଏହାର ପ୍ରଦୂଷଣ କେବଳ ପରିବେଶ ପ୍ରତି ନୁହେଁ ବରଂ ଧାର୍ମିକ ଏବଂ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଅପମାନ। ଜେରେମି ୱେଡ୍‌ଙ୍କ ଗପ ଏକ କାହାଣୀ ପାଲଟିଥିଲା ଯାହା ଆମକୁ ଚିନ୍ତା କରିବାକୁ ବାଧକରେ। ସେ ଯାହା ଦେଖିଲେ ତାହା ଏକ ଚିତ୍ର ଯାହା ଆମ ସମସ୍ତଙ୍କୁ ଆମର କାର୍ଯ୍ୟର ପୁନର୍ବିଚାର କରିବାକୁ ପ୍ରେରଣା ଦିଏ। ଗଙ୍ଗାରେ ମାଛଙ୍କ ମୃତ୍ୟୁ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ; ଏହା ଏକ ସଙ୍କେତ ଯାହା ଆମକୁ କହୁଛି ଯେ ଆମେ ଆମର ନିଜ ଜୀବନକୁ ବିପଦରେ ପକାଉଛୁ। ୱେଡ୍‌ଙ୍କ ବାର୍ତ୍ତା ସ୍ପଷ୍ଟ ଥିଲା: ଯଦି ଆମେ ଏବେ ପଦକ୍ଷେପ ନ ନେଉ, ତେବେ ଆମେ କେବଳ ଏକ ନଦୀ ନୁହେଁ ବରଂ ଆମର ଇତିହାସ, ଧର୍ମ ଏବଂ ଭବିଷ୍ୟତ ହରାଇବୁ।

ସୁଜନପୁର, ଯାଜପୁର
ମୋ: ୯୪୩୭୨୮୮୦୨୮

## ପାଠକ ଶ୍ରେଷ୍ଠ ବିଚାରକ

### ଲକ୍ଷ୍ୟ ଧାର୍ଯ୍ୟ ଧାନ ଉଠାଯାଉ

ମହାଶୟ,
ଜଗତ୍‌ସିଂହପୁର ଜିଲାରୁ ରାଜ୍ୟ ସରକାର ଚଳିତବର୍ଷ ବିଭିନ୍ନ ମଣ୍ଡିରେ ୧୭ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ଚାଷୀମାନଙ୍କଠାରୁ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । କିନ୍ତୁ ଅଦ୍ୟାବଧି ଜିଲାର ବିଭିନ୍ନ ମଣ୍ଡିରେ ଫେବୃଆରୀ ମାସର ଧାନ ନିଆଯାଉଛି । ଫଳରେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମଣ୍ଡିରୁ କ୍ରୟ କରାଯାଇଛି । ଫଳରେ ଜଗତ୍‌ସିଂହପୁର ଜିଲାର ଚାଷୀ ତାଙ୍କ ଧାନ ଦେବା ମଣ୍ଡିରେ ଅନିଶ୍ଚିତତା ଦେଖାଯାଉଛି । ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ,ଜିଲା ଯୋଗଣ ବିଭାଗ ଅଧିକାରୀ ଗୁରୁତ୍ୱର ସହ ପ୍ରତ୍ୟେକ ଧାନ ମଣ୍ଡିର ଲକ୍ଷ୍ୟ ଧାର୍ଯ୍ୟ ମୁତାବକ କ୍ରୟ କରିବ। ବ୍ୟବସ୍ଥା ୩୧।୩।୨୦୨୬ ସୁଦ୍ଧା ବ୍ୟବସ୍ଥା କରା ନ ଗଲେ, ଚାଷୀମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଏଥି ପ୍ରତି ଜିଲା ପ୍ରଶାସନ ମୁଖ୍ୟତଃ ଜଗତ୍‌ସିଂହପୁର ଜିଲାପାଳ ଦୃଷ୍ଟି ଦେବାକୁ ଅନୁରୋଧ।

– ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ରାଷ୍ଟ୍ରୀୟ ନବବର୍ଷ ପାଳିତ

**ଟାଙ୍ଗୀ, ୧୯।୩(ରଘୁନାଥ ସାହୁ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟାଙ୍ଗୀ ଖଣ୍ଡର କନ୍ଧନୟାଗଡ଼ ସ୍ଥିତ ଗୁରୁକୁଳ ଶିକ୍ଷାକେନ୍ଦ୍ର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଖଣ୍ଡର ସେବା ପ୍ରମୁଖ ଭଗବାନ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିକ୍ଷିତ ସେଠୀ, ମୁଖ୍ୟ ବକ୍ତା ଖୋର୍ଦ୍ଧା ସହ ଜିଲା ସଂଘ ଚାଳକ ଲଳିତ ନାରାୟଣ ମହାପାତ୍ର ଯୋଗଦେଇ ପାଶ୍ଚାତ୍ୟ ସଂସ୍କୃତିକୁ ଗୁରୁତ୍ୱ ନ ଦେଇ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବାକୁ ମତବ୍ୟକ୍ତ କରିଥିଲେ। ଦେବସ୍ମିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିତା ପରିଡ଼ା, ସୋନାଲି ଛୋଟରାୟ, ପ୍ରିୟଦର୍ଶିନୀ ଛୁଆଳସିଂହ, ଉଷାରାଣୀ ରାଉତ, ରୋଜାଲିନ ବେହେରା, ଅନ୍ନପୂର୍ଣ୍ଣା ସେଠୀ, ଶିବରାମ ସେଠୀ, ସାଇ ଶାଶ୍ୱତ ଗୁରୁ ସ୍ୱୟଂଶ୍ରୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ବୃଦ୍ଧାଙ୍କ ମୁଣ୍ଡ ଫାଟିଲା

**ବାରଙ୍ଗ, ୧୯।୩(ଲିଙ୍ଗରାଜ ରାଉତ):** ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ଗୁରୁବାର ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୁଣ୍ଡ ଫାଟିଛି। ସେ ହେଲେ ନରଣପୁର ଗ୍ରାମର କବିତା ଦାସ(୬୫)। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ନରଣପୁର ଗ୍ରାମର କବିତା ଜମିବାଡ଼ି କାଗଜପତ୍ର ଠିକ୍ କରିବା ଉଦ୍ଦେଶ୍ୟରେ ଗତ କିଛିଦିନ ହେବ ତହସିଲ କାର୍ଯ୍ୟାଳୟ ଆସି ପ୍ରାୟ ସମସ୍ତ କର୍ମଚାରୀଙ୍କୁ ଭେଟି ଅଭିଯୋଗ କରିଥାନ୍ତି। ହେଲେ କର୍ମଚାରୀମାନେ ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ଗୁରୁବାର ଅପରାହ୍ନରେ ପୁଣି କବିତା ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ସେଠାକାର ରାତ୍ର ଜଗୁଆଳିଙ୍କ ସହ ଆସିବା କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାତ୍ର ଜଗୁଆଳି ଜଣଙ୍କ କବିତାଙ୍କୁ ଆକ୍ରମଣ କରିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ କବିତା ତଳେ ପଡ଼ି ମୁଣ୍ଡ ଫାଟିଛି ବୋଲି ରାତ୍ର ଜଗୁଆଳି କହିଛନ୍ତି।

### ଅନିଲ ସେଠ ହେଲେ ମିଡିଆ ସେଲ୍ ସଂଯୋଜକ

**କୃଷ୍ଣପ୍ରସାଦ, ୧୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ):** ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଗଣମାଧ୍ୟମ ସଂଯୋଜକ ଭାବେ ଅନିଲ କୁମାର ସେଠ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ପୁରୀ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ଭାବେ ଦୁଇଥର ମନୋନୀତ ହୋଇଥିଲେ। ତାଙ୍କ ଘର କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଆମ ବସ୍ ଧକ୍କାରେ ଷଣ୍ଢ ଗୁରୁତର

**ଜଟଣୀ, ୧୯।୩(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଥାନା ଅଧୀନ ପୋଡ଼ପଡା ରାସ୍ତାରେ ଗୁରୁବାର ଆମ ବସ୍ ଧକ୍କାରେ ଷଣ୍ଢ ଗୁରୁତର ଆହତ ହୋଇଛି। ଖବରପାଇ ଜଟଣୀ ଗୋ ସୁରକ୍ଷା ସଙ୍ଗଠନର ଗୋସେବକମାନେ ପହଞ୍ଚି ଷଣ୍ଢଟିକୁ ଉଦ୍ଧାର କରି ଭୁବନେଶ୍ୱର ଆଇଗିଣିଆସ୍ଥିତ ରଘୁନାଥ ଗୋଶାଳାକୁ ଚିକିତ୍ସା ଓ ସେବା ପାଇଁ ପଠାଇଥିଲେ।

# ଲୁପ୍ତ ଲୋକକଳାର ପୁନରୁଦ୍ଧାର କରେ ମହୋତ୍ସବ

**ବୋଲଗଡ଼, ୧୯।୩(ଦେବବ୍ରତ ହୋତା)**


ଅମୃତ ଉତ୍ସବ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଅମୃତ ଉତ୍ସବ ଉଦ୍‌ଘାଟିତ**

ସ୍ଥାନୀୟ ଦୋଳପଡ଼ିଆରେ ଅନୁଷ୍ଠିତ ପନ୍ଦର ଦୋଳ ଯାତ୍ରା ଅବସରରେ ବାରପଲ୍ଲୀ ଦୋଳଯାତ୍ରା କମିଟି ପକ୍ଷରୁ ଅମୃତ ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଲୁପ୍ତ ପ୍ରାୟ ଲୋକକଳାକୁ ପୁନରୁଦ୍ଧାର କରୁଛି ମହୋତ୍ସବ ବୋଲି କହିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଭାଗରେ ଆୟୋଜିତ ସାଧାରଣ ସଭାରେ ଶିକ୍ଷାବିତ୍ ରାଧାଶ୍ୟାମ ରାୟଗୁରୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ବକ୍ତାଭାବେ କଂଗ୍ରେସ ପ୍ରବକ୍ତା ସୋନାଲି ସାହୁ, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଅଗ୍ନିଶ୍ରମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ, ସାମାଜିକକର୍ମୀ ରମେଶ ପଟ୍ଟନାୟକ, ଆଡଭୋକେଟ ଗୌରୀ ଦେବୀ, ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନେକ ପ୍ରତିଭା, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। କଟକର ସୁରମନ୍ଦିର କଳାକାରଙ୍କ ଓଡ଼ିଶୀ ନୃତ୍ୟ, ଲୋଇସିଂହାର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ସହ ପ୍ରାର୍ଥନା ପ୍ରତିଭା ବିଜେତା ସାଇ ସୌମ୍ୟକାନ୍ତଙ୍କ ଓଡ଼ିଶୀ ନୃତ୍ୟ ଓ ଶେଷରେ ଭୁବନେଶ୍ୱରର ସୁମନ୍ତ ଦାସଙ୍କ ଭଜନ କାର୍ଯ୍ୟକ୍ରମକୁ ଦର୍ଶକଙ୍କ ମନ ଛୁଇଁଥିଲା। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଏକକ ଏବଂ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା। ସମ୍ପାଦକ ଅବିନାଶ ସୁବୁଦ୍ଧି ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଅମୃତ ଉତ୍ସବ ଉଦ୍‌ଘାଟନ ଅବସରରେ ଗୁରୁବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଶୈଳପୁତ୍ରୀ ବେଶରେ ମା'ବନଦୁର୍ଗା

**ନିରାକାରପୁର, ୧୯।୩(ମାନସ ଚନ୍ଦ୍ର ପଟ୍ଟନାୟକ)**



ରାମେଶ୍ୱର ପଞ୍ଚାୟତଠାରେ ଥିବା ମା'ବନଦୁର୍ଗାଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ନବରାତ୍ରର ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ସହସ୍ରକୁମ୍ଭାଭିଷେକ ପରେ ମା'ଙ୍କର ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଆଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ପଟ୍ଟଯୋଷୀ ସହଯୋଗ କରିଥିଲେ। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଏହି ଦିବ୍ୟ ବେଶ ଦର୍ଶନ କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ

**ବେଗୁନିଆ, ୧୯।୩(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ସଦର ମହକୁମା ସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ଆଧ୍ୟାତ୍ମିକ ପରିଷଦ ପକ୍ଷରୁ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଛି। ସନ୍ଧ୍ୟାରେ ପ୍ରବକ୍ତା ହରିହର ଜେନା ଯୋଗଦେଇ ସତ୍‌ସଙ୍ଗ ମହିମା ଓ ଶିବ ପାର୍ବତୀ ବିବାହ ଉପରେ ପ୍ରବଚନ ଦେଇଥିଲେ। ଗତ ବୁଧବାର ଘଟ ସ୍ଥାପନ କରାଯାଇଥିବା ବେଳେ ଆସନ୍ତା ୨୮ତାରିଖରେ ନଗର ଭ୍ରମଣ ଓ ବିସର୍ଜନ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବ୍ୟାସ ଭାବେ ବିପିନ ବିହାରୀ ମହାପାତ୍ର ରହିଥିବା ବେଳେ କଳସ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ପରେ ପ୍ରବଚନ ସ୍ଥଳରେ ସ୍ଥାପନ ହୋଇଥିଲା। ପ୍ରତ୍ୟେହ ସକାଳେ ପାରାୟଣ ଏବଂ ରାତି ୭ଟା ୩୦ରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୯।୩(ସୁଚିସ୍ମିତା ସାହୁ)**

ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ପୂରଣ ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ୯ଦିନ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଛି ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ। ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ କ୍ରମେ ବୁଧବାର ରାତିରେ ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ଉପଦେଷ୍ଟା ବିଜୟ ମଲ୍ଲ, ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଆଠଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିଲେ। ସେଠାରେ ପ୍ରତିନିଧିମଣ୍ଡଳୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କ ଉପସ୍ଥିତିରେ ଘଣ୍ଟାଏରୁ ଅଧିକ ସମୟ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଜାତୀୟ ସ୍ୱାସ୍ଥ୍ୟ ମିଶନର ଛଟେଇ ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ତାଙ୍କ ଅତିରିକ୍ତ ସଚିବଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ମହାସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ରାଜ୍ୟର ତଥ୍ୟକୁ ଆଧାର କରି ସ୍ଥାୟୀ ନିଯୁକ୍ତି ପାଇଁ ଯାହା ଆନୁଷଙ୍ଗିକ ବ୍ୟବସ୍ଥା ଆବଶ୍ୟକ ତାହାର ତର୍ଜମା କରି ଏକ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୁରୁବାର ଆଇନ ମନ୍ତ୍ରୀ, ଭଟଲି ବିଧାୟକ, ଏକାମ୍ର ବିଧାୟକ ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିବା ସହିତ ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ ଅନୁରୋଧ କରିଥିଲେ।

# 'ଶିଶୁଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଯାଉ'

**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସଂସ୍କୃତି ସୁରକ୍ଷା ସମିତି ଖୋର୍ଦ୍ଧା ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ଆର୍‌ଏସ୍‌ଏସ୍ ସହ ପ୍ରାନ୍ତସେବା ପ୍ରମୁଖ ବେଲେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ, ଆଧୁନିକ ଜ୍ଞାନକୌଶଳ ଭାରତକୁ ଆଗକୁ ବଢ଼ୁଥିବା ବେଳେ ଭାରତୀୟ ମୂଲ୍ୟବୋଧ, ସଂସ୍କୃତିର ଅଧୋପତନ ଘଟୁଛି। ଏକ ସୁନ୍ଦର ଭାରତ ପରିକଳ୍ପନା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଦେଶର ଭବିଷ୍ୟତ ଗଠନ ପାଇଁ ଶିଶୁଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରାଯାଉ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଆର୍‌ଏସ୍‌ଏସ୍ ସହ ପ୍ରାନ୍ତ କାର୍ଯ୍ୟବାହ ଇଂ.ସୁଦର୍ଶନ ଦାସ କହିଥିଲେ ଯେ, ଭାରତ ସର୍ବଦା ବିଶ୍ୱକୁ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇ ଆସିଛି। ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲାଗି ସମସ୍ତଙ୍କ ସହଯୋଗର ଆବଶ୍ୟକ ରହିଛି। ସଂସ୍କୃତି ଗୋଟିଏ ଜାତିର ଆଧାର। ସଂସ୍କୃତି ହଜିଲେ, ତାହା ସହିତ ଜାତିର ଅସ୍ତିତ୍ୱ ମଧ୍ୟ ହଜିଯିବ। ଭାରତୀୟ ସଂସ୍କୃତିକୁ ନେଇ ଗର୍ବ କରିବାକୁ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ପ୍ରଶାନ୍ତ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣରେ ରାଷ୍ଟ୍ରୀୟ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଗୋଲକ ହାତୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମନ୍ଦିରର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### କଲେଜ ଛାତ୍ରୀଙ୍କୁ ପାଇଖାନା ସଫେଇ ପାଇଁ କହିବାରୁ ଅସନ୍ତୋଷ

**ନିରାକାରପୁର, ୧୯।୩(ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତରେ ଥିବା ଏକ କଲେଜରେ ଛାତ୍ରୀମାନଙ୍କୁ ପାଇଖାନା ସଫେଇ କରିବା ପାଇଁ କୁହାଯିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାଶୀପୁର ଗ୍ରାମର ଜଣେ ଅଭିଭାବକ କୁହନ୍ତି, ତାଙ୍କ ଝିଅ ଉକ୍ତ କଲେଜରେ ଯୁକ୍ତ ୩ରେ ପାଠ ପଢ଼ନ୍ତି। ସେ ଏନ୍‌ସିସି ଛାତ୍ରୀ। କଲେଜର ଏନ୍‌ସିସି ଅଫିସର ସମସ୍ତ ଏନ୍‌ସିସି ଛାତ୍ରୀଙ୍କୁ ହଷ୍ଟେଲ କ୍ୟାମ୍ପସ ସଫା କରିବା ପାଇଁ କହୁଛନ୍ତି। କଲେଜରେ କ'ଣ ପାଣି ନାହିଁ କ୍ୟାମ୍ପସ ସଫା କରିବାକୁ, ଏନ୍‌ସିସି ପିଲା ସଫା କରିବେ ଅଭିଭାବକ ଜଣଙ୍କ ପ୍ରଶ୍ନ କରିଛନ୍ତି। ଏନେଇ ଏନସିସି ଅଫିସର କହିଛନ୍ତି, ଛାତ୍ରୀଙ୍କୁ ଏଭଳି କାର୍ଯ୍ୟ କରିବାକୁ କହିବାକୁ ଉଦ୍ଦେଶ୍ୟ ନ ଥିଲା। ପ୍ରିନ୍ସିପାଲ କହିବାରୁ ପିଲାଙ୍କୁ କ୍ୟାମ୍ପସ ସଫା କରିବା ଲାଗି କହିଥିଲି। ଅନ୍ୟପଟେ ପିଲାଙ୍କୁ ସଫେଇ କରିବା ପାଇଁ କହିଥିବା ପ୍ରିନ୍ସିପାଲ ସ୍ୱୀକାର କରିଛନ୍ତି।

# ପରମବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱୟଂସେବକମାନେ ଆଦ୍ୟ ସରସଂଘଚାଳକ ପ୍ରଣାମ ଦେଇଥିଲେ। ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ, ସହ ନଗର ସଂଘଚାଳକ ସତ୍ୟବାନ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଧ୍ୱଜବନ୍ଦନା ପରେ ମୁଖ୍ୟ ବକ୍ତା ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଆଇନଜୀବୀ ଅଜିତ ପଟ୍ଟନାୟକ ରାଷ୍ଟ୍ରୀୟ ନବବର୍ଷ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଜି ଠାରୁ ବ୍ରହ୍ମାଙ୍କ କାଳ ଗଣନା, ଶ୍ରୀରାମ ଚନ୍ଦ୍ରଙ୍କ ରାଜ୍ୟାଭିଷେକ, ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ସୃଷ୍ଟିର ପ୍ରାରମ୍ଭ ଦିବସ, ବିକ୍ରମ ସମ୍ବତ ଓ କାଳ ଗଣନା ଆରମ୍ଭ, ନବରାତ୍ର, ଶକ୍ତି ଆରାଧନାର ଆରମ୍ଭ, ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡା. ହେଡଗୱାରଙ୍କ ଜନ୍ମଦିବସ। ଏହି ଦୃଷ୍ଟିରୁ ଚୈତ୍ର ଶୁକ୍ଳ ପ୍ରତିପଦାକୁ ହିନ୍ଦୁ ନବବର୍ଷ ଭାବେ ପାଳନ କରାଯାଏ। ନିଜ ସଂସ୍କୃତି, ପରମ୍ପରାକୁ ଭଲ ପାଆନ୍ତୁ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସମୂହ ସ୍ୱାର୍ଥ ପାଇଁ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଆଦର୍ଶ ପରିବାର, ପର୍ଯ୍ୟାବରଣ ସୁରକ୍ଷା, ସେବା ଓ ସମର୍ପଣ, ସାମାଜିକ ସମରସତା, ଦେଶ ପ୍ରତି ନାଗରିକ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ କହିଥିଲେ। ଭାରତ ସର୍ବଦା ବିଶ୍ୱକୁ ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇ ଆସିଛି। ପରମ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲାଗି ସମସ୍ତଙ୍କ ସହଯୋଗର ଆବଶ୍ୟକ ରହିଛି। ଏକ ଆଦର୍ଶ, ସଶକ୍ତ, ସମୃଦ୍ଧ, ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ସୁଚାରୁଭାବେ ସମ୍ପର୍ଣ୍ଣ କରିବାକୁ ପଡିବ। ନଗର କାର୍ଯ୍ୟବାହ ପ୍ରଶାନ୍ତ ବେହେରା ସଂଯୋଜନା କରିଥିଲେ।

### ଘରଚଟିଆକୁ 'ରାଜ୍ୟ ପକ୍ଷୀ'ର ମାନ୍ୟତା ଦାବି

**ପୁରୁଣା ଭୁବନେଶ୍ୱର: ୧୯।୩(ସୁବାସ ଚନ୍ଦ୍ର ପ୍ରଧାନ):** ଶୁକ୍ରବାର ବିଶ୍ୱ ଘରଚଟିଆ ଦିବସ। ଏହି ଅବସରରେ ଘରଚଟିଆକୁ 'ରାଜ୍ୟପକ୍ଷୀ'ର ମାନ୍ୟତା ଦେବା ପାଇଁ ପରିବେଶକର୍ମୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃତିରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଗାଁ ଦାଣ୍ଡରେ ଶୁଭୁଥିବା ଘରଚଟିଆଙ୍କ କିଚିରିମିଚିରି ଶବ୍ଦ ଏବେ ପ୍ରାୟତଃ ଶୁଣିବାକୁ ମିଳୁନାହିଁ। କଂକ୍ରିଟ୍ ସହରରେ ନୁଆଁଣିଆ ଚାଳଘର ଅଭାବରୁ ଏମାନେ ନିଜର ବସା ତିଆରି କରିବା ପାଇଁ ସ୍ଥାନ ପାଉନାହାନ୍ତି, ଫଳରେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ସୂଚନାଥାଉ କି, ୨୦୧୨ ମସିହାରୁ ଦିଲ୍ଲୀ ସରକାର ଘରଚଟିଆକୁ ନିଜର ରାଜ୍ୟପକ୍ଷୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଘରଚଟିଆ ବଂଶ ରକ୍ଷା କରିବା ପାଇଁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଘରର ଛାତ ଉପରେ କୃତ୍ରିମ ବସା ଲଗାଇବାକୁ ସାହୁ ପରାମର୍ଶ ଦେଇଛନ୍ତି। ଏହା ସହିତ ସେମାନଙ୍କ ପାଇଁ ପାତ୍ରରେ ଖାଦ୍ୟ ଓ ପାଣିର ବ୍ୟବସ୍ଥା କଲେ ଏହି ବିଲୁପ୍ତପ୍ରାୟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ହୋଇପାରିବ। ପରିବେଶ ଓ ମଣିଷ ସମାଜର ବୃଦ୍ଧି ପାଇଁ ଘରଚଟିଆଙ୍କ ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ।

# ଭୁବନେଶ୍ୱର ଜିଲା ଦାବିରେ ଆଇନମନ୍ତ୍ରୀଙ୍କୁ ଦାବିପତ୍ର



**ଭୁବନେଶ୍ୱର, ୧୯।୩ (ସୌମ୍ୟରଞ୍ଜନ ରାଉତ)**

ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପାଇଁ ଦାବି ତେଜିବାରେ ଲାଗିଛି। ଏନେଇ ଭୁବନେଶ୍ୱର ଜିଲା ଅଭିଯାନ ପକ୍ଷରୁ ଗୁରୁବାର ଆଇନଜୀବୀମାନେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯାନ ମୁଖ୍ୟ ଲିଙ୍ଗରାଜ ସାହୁ, ଅଲ୍ ଓମେନ୍ସ ଆଡ୍‌ଭୋକେଟ୍ ଫୋରମ୍ ଅଧ୍ୟକ୍ଷା ଆଇନଜୀବୀ ହରପ୍ରିୟା ସାମନ୍ତରାୟ, ସସ୍ମିତା ନନ୍ଦ, ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସମ୍ପାଦକ ରାଜକିଶୋର ଦାସ, ଶ୍ୱେତପଦ୍ମା ପଟ୍ଟନାୟକ, ହେମଲତା ମେହେରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରିବାକୁ ଦାବିକରି ପୂର୍ବରୁ ଜୟଦେବ, ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ ଓ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ସମେତ ପ୍ରାୟ ୭୫ଟି ସ୍ଥାନରେ ସ୍ୱତନ୍ତ୍ର ଶିବିର କରାଯାଇ ଦସ୍ତଖତ ସଂଗ୍ରହ କରାଯାଇଛି ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି।

**ପାରିକୁଦ ମହୋତ୍ସବ**

# ମାହାରି ନୃତ୍ୟ ମନ ମୋହିଲା

**କୃଷ୍ଣପ୍ରସାଦ, ୧୯।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**


ପାରିକୁଦ ମହୋତ୍ସବ ଅବସରରେ କଳାକାରଙ୍କ ଦ୍ୱାରା ପରିବେଷିତ ମାହାରି ନୃତ୍ୟ।

କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ବାଲିଗୋଠ ମେଳଣ ପଡ଼ିଆରେ ଦ୍ୱିତୀୟ ବାର୍ଷିକ ପାରିକୁଦ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବରେ ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଥାଏ। ପାଟ ପାଟପଟୁଆରରେ ୪୨ମୌଜାରୁ ୧୬ ଠାକୁର ଆସି ପହଞ୍ଚି ନିଜ ଆସନ ଅଳଙ୍କୃତ କରିଥାନ୍ତି। ଠାକୁରଙ୍କୁ ଅଲଣ୍ଡା ଏବଂ ପାରିକୁଦଗଡ଼ର ଦଧିବାମନ ଦେବ ସମସ୍ତ ଠାକୁରଙ୍କୁ ନିମନ୍ତ୍ରଣ କରିଥାନ୍ତି। ଠାକୁରଙ୍କ ପ୍ରତିନିଧିଭାବେ ୪୨ମୌଜା ସଭାପତି କୈଳାସ ଚନ୍ଦ୍ର ପଟନାୟକ ଏବଂ କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଜେନା ନିମନ୍ତ୍ରଣ ଦେଇଥିଲେ। ଅପରାହ୍ନ ୨ଟାରେ ସମସ୍ତ ଠାକୁର ପଡିଆରେ ବିଜେ କରିଥିଲେ। ପାରିକୁଦ ରାଜା ସାହେବ ସନ୍ତୋଷ କୁମାର ମାନସିଂହ ବିଗ୍ରହମାନଙ୍କ ଦର୍ଶନ କରିଥିଲେ। ମହୋତ୍ସବରେ ସମ୍ପାଦକ ପ୍ରଶାନ୍ତ କୁମାର ପଲେଇ, କୋଷାଧ୍ୟକ୍ଷ ମୋଚିରାମ ନାୟକ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ବାବୁଲା ନାୟକ, ପ୍ରାଣନାଥ ପଲେଇ, ଅଜୟ କୁମାର ପଲେଇ, ଲକ୍ଷ୍ମୀଧର ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ପାଇକ ଆଖଡ଼ା ପରିବେଷଣ ହୋଇଥିଲା। ପରେ ମାହାରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ରାତିରେ ଏକ ଗଣନାଟ୍ୟ ନାଟ୍ୟ ପରିବେଷଣ କରିଥିଲା। ଏହି ମହୋତ୍ସବ ୪ଦିନ ଧରି ଚାଲିବ। ପ୍ରତିଦିନ ସମସ୍ତ ଠାକୁରଙ୍କ ନୀତି ସେହିଠାରେ କରାଯିବ ବୋଲି ପୂଜକମାନେ କହିଛନ୍ତି। ଶାନ୍ତିଶୃଙ୍ଖଳା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ନୂତନ ଆଶ୍ରମ ପ୍ରତିଷ୍ଠା

ତିଗିରିଆ, (ଜାଫର ଖାଁ) ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରଠାରେ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ନୂତନ ଆଶ୍ରମ ପ୍ରତିଷ୍ଠା ଉତ୍ସବ ଗୁରୁବାର ଶେଷ ହୋଇଛି। ସୋମବାର ଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ କରମଲା ଶାନ୍ତିଆନନ୍ଦାଶ୍ରମର ସାଧୁସନ୍ଥମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଶ୍ରୀ ଠାକୁରଙ୍କ ନଗର ପରିକ୍ରମା, କଳସ ଶୋଭାଯାତ୍ରା, ବିଶାଶାନ୍ତି ନାମଯଜ୍ଞ, ଘୃତଯଜ୍ଞ, ସନାତନଧର୍ମ ସମ୍ମିଳନୀ, ଭଜନ ସମାରୋହ, ସହ ଗୋଟିପୁଅ ନୃତ୍ୟ ଓ ଲୀଳା ନାଟକ 'ଦିନେ ନଖୋଜଇ ଦୀନବନ୍ଧୁ' ମଞ୍ଚସ୍ଥ ହୋଇଥିଲା। ବାବାଜୀ ରାଧାରମଣ ଦାସ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।



ବାସନ୍ତିକ ନବରାତ୍ରର ପ୍ରଥମ ଦିବସରେ ମା' ଚର୍ଚ୍ଚିକାଙ୍କ ସ୍ୱତନ୍ତ୍ର ବେଶ।

# ଅଧିକ ବ୍ୟାଙ୍କ ଋଣ ପ୍ରଦାନକୁ ଗୁରୁତ୍ୱ

### ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି, ଜିଲ୍ଲା ପରାମର୍ଶଦାତା ସମିତି ବୈଠକ

**କଟକ,୧୯।୩ (କାର୍ତ୍ତିକ ସାହୁ)**

କଟକ ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଉପସ୍ଥିତିରେ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଋଣ ବଣ୍ଟନ ଓ ଅଧିକ ବ୍ୟାଙ୍କ ଖୋଲିବା ଆଦି ଉପରେ ଜିଲ୍ଲାପାଳ ଆଲୋଚନା କରିଥିଲେ। କ୍ରେଡିଟ-ଡିପୋଜିଟ ଅନୁପାତ, ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିସହ ଉପସ୍ଥିତ ବ୍ୟାଙ୍କଗୁଡ଼ିକରେ ବିଭିନ୍ନ ବିଭାଗର ଋଣ ଅନୁମୋଦନ ପାଇଁ ବାକି ଥିବା କାର୍ଯ୍ୟଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ କୃଷି, ପଶୁପାଳନ, ମତ୍ସ୍ୟ, ହସ୍ତତନ୍ତ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ କରି ଜିଲ୍ଲାର ଉନ୍ନତିରେ ସହଯୋଗ କରିବାକୁ ପରାମର୍ଶ ଦେବା ସହ ଜିଲ୍ଲାର ଉନ୍ନତିରେ ସହଯୋଗ କରୁଥିବା ବ୍ୟାଙ୍କଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଇ-କିଷାନ ଉପାଜ ନିଧି, ପିଏମ୍ ସ୍ୱନିଧି ଆଦି ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ଋଣ ପ୍ରଦାନ କରିବାକୁ ଆଲୋଚନା କରାଯାଇଥିଲା। ଲିଡ୍ ବ୍ୟାଙ୍କ ପ୍ରବନ୍ଧକ ସତ୍ୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ, ଡିଡିଏମ ନାବାର୍ଡ କଟକ ପୂର୍ଣ୍ଣିମା ପରିଡ଼ା, ଆରବିଆଇ ଏଲବିଓ ରାହୁଲ କାନ୍ତ, ୟୁକୋ ବ୍ୟାଙ୍କ ପ୍ରବନ୍ଧକ ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।




ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି, ଜିଲ୍ଲା ପରାମର୍ଶଦାତା ସମିତି ବୈଠକରେ ଉପସ୍ଥିତ ବିଧାୟକ, ଜିଲ୍ଲାପାଳ ଏବଂ ଅନ୍ୟମାନେ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ପୁରୀ ଗଲେ ୨୮୬ ଶ୍ରଦ୍ଧାଳୁ

**କଟକ,୧୯।୩ (କାର୍ତ୍ତିକ ସାହୁ)**

ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାର ୨୮୬ଜଣ ଶ୍ରଦ୍ଧାଳୁ ଗୁରୁବାର ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଜିଲ୍ଲାର ୧୪ଟି ବ୍ଲକରୁ ଚୟନ ହୋଇଥିବା ସମସ୍ତ ତୀର୍ଥଯାତ୍ରୀ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ୮ଟି ସ୍ୱତନ୍ତ୍ର ଏସି ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। କଟକ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ପର୍ଯ୍ୟଟନ ବିଭାଗ ଉପନିର୍ଦ୍ଦେଶକ ସୁଜାତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଭାଜପା ଯୁବମୋର୍ଚ୍ଚା ମିଡିଆସେଲ୍ ଆବାହକ ହେଲେ ରତିରଞ୍ଜନ

**ଆଠଗଡ଼,୧୯।୩ (ସତ୍ୟ ପ୍ରସାଦ ରଥ)**

ଆଠଗଡ ଏନ୍‌ଏସି ଅଞ୍ଚଳର ଯୁବନେତା ତଥା ଯୁବ ସାମାଜିକ କର୍ମୀ ରତି ରଞ୍ଜନ ପାଇକରାୟ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ମିଡିଆସେଲ୍‌ର ୱେବ୍ ପୋର୍ଟାଲ ରାଜ୍ୟ ଆବାହକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ତାଙ୍କ ରାଜ୍ୟ କମିଟିରେ ଯୁବ ସଙ୍ଗଠକ ରତି ରଞ୍ଜନଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଏନେଇ ରତି ରଞ୍ଜନ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଓ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଜାରିଆ ପାହାଡ଼ରେ ନିଆଁ : ୫୦ ହେକ୍ଟର ଜଳିଗଲା

**ବାଙ୍କୀ,୧୯।୦୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପ ବ୍ଲକ ଅନ୍ତର୍ଗତ ଚନ୍ଦକା ନିକଟବର୍ତ୍ତୀ ଜାରିଆ ପାହାଡ଼ ପାର୍ଶ୍ୱବର୍ତ୍ତୀ ତଳିଆ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ମିଳିଛି । ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଏହି ନିଆଁ ଲାଗିଥିବା ବେଳେ ପ୍ରାୟ ୫୦ହେକ୍ଟର ଅଞ୍ଚଳକୁ ବ୍ୟାପି ଯାଇଥିଲା । ଖବରପାଇ ଡମପଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ । ପ୍ରାୟ ୨ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ କରିବାରେ ଅଗ୍ନିଶମ ବାହିନୀ ସଫଳ ହୋଇଥିଲା। ନିଆଁ ଲାଗିବାର କାରଣ ଏପଯର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନଥିବା ବେଳେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଚର୍ଚ୍ଚା ହେଉଛି। ନିଆଁରେ ଜଙ୍ଗଲରେ ଥିବା କାଜୁ ଗଛ ସହ ଅନ୍ୟ କେତୋଟି ଦାମୀ ଗଛ ପୋଡି ଯାଇଛି। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଜଙ୍ଗଲ ନିଆଁକୁ ଆୟତ କରିବା ସମ୍ଭବ ହୋଇନଥିବା ବେଳେ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଉଦ୍ୟମ ଯୋଗୁଁ ନିଆଁକୁ ଆୟତ କରାଯାଇ ପାରିଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି।

## ବାଙ୍କୀରେ ଶିଳ୍ପ ସଚେତନତା ଶିବିର

**ବାଙ୍କୀ , ୧୯।୩ (ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ବ୍ଲକ ଆନୁକୂଲ୍ୟରେ ଏକ ଶିଳ୍ପ ସଚେତନତା ଶିବିର କଳାପଥର କପିଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଚିତ୍ତରଞ୍ଜନ ମହାନ୍ତିଉଦ୍ୟାନ ବିଭାଗ, ଶ୍ରୀନିବାସ ଦାସ କୃଷି ବିଭାଗ, ଶିଶିର କୁମାର ସାହୁ ପ୍ରାଣୀ ବିଭାଗ, ସତ୍ୟପ୍ରିୟ ସାହୁ ଶିଳ୍ପ ବିଭାଗ, ସୁଶୀଲ କୁମାର ରାଉତ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ବାଙ୍କୀ ବ୍ଲକରେ ଉଦ୍ୟୋଗ କରିବା ପାଇଁ ଇଚ୍ଛୁକ ଯୁବକମାନଙ୍କୁ ସରକାରଙ୍କ ସମସ୍ତ ସ୍କିମ ବିଷୟରେ ବୁଝାଇଥିଲେ । ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ଯୁବ ଚାଷୀ ତଥା ଯୁବ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଦେଇଥିଲେ।

## ଲଉଡ଼ି ନୃତ୍ୟ ଉତ୍ସବ ଉଦ୍‌ଯାପିତ



**ଚୌଦ୍ୱାର,୧୯।୩ (ଆଶୁତୋଷ ଦାସ)**

ଚୌଦ୍ୱାର ଯାଦବ ମହାସଭା ଓ ସରଦେଈ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଚୌଦ୍ୱାରରେ ଲଉଡ଼ି ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସଙ୍ଗଠନ ସମ୍ପାଦକ ବିଷ୍ଣୁ ଚରଣ ନାୟକଙ୍କ ପରିଚାଳନାରେ ସରଦେଈ ଠାକୁରାଣୀଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ମୋଟ ୭ଟି ଲଉଡ଼ି ଦଳ ଯୋଗଦେଇ ଚିତ୍ତାକର୍ଷକ ଲଉଡ଼ି ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ସୋରେନ୍ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉତ୍କଳ ଯାଦବ ମହାସଭା କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗଣେଶ ପ୍ରସାଦ ବେହେରା, ଯୁବ ଯାଦବ ସଭାପତି ପ୍ରଦୀପ ବେହେରା, ଅନନ୍ତ ଗୋପାଳ ଦାସ, ପ୍ରୀତିରଞ୍ଜନ କାଠୁଆ, କାଉନସିଲର ଅଜିନୀ ବେହେରା, ବିମଳ କୁମାର ବେଉରା, ଝୁଲେନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୁପ୍ତପ୍ରାୟ ପାରମ୍ପରିକ ଲୋକ ନୃତ୍ୟ ଲଉଡ଼ି ଖେଳକୁ ବଞ୍ଚାଇ ରଖିବାରେ ସଙ୍ଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ। ହରିହର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରୁ ସାଇ ପ୍ରଶାନ୍ତି ମନ୍ଦିରର ବାର୍ଷିକ ଉତ୍ସବ

**ମାହାଙ୍ଗା,୧୯।୩(ଅଜୟ କୁମାର ମହାନ୍ତି)**

ମାହାଙ୍ଗା ଜରିଆ ନଦୀକୂଳ ଲଙ୍ଗଳେଶ୍ୱର ମହାଦେବ ମନ୍ଦିର ନିକଟରେ ଅବସ୍ଥିତ ସାଇ ପ୍ରଶାନ୍ତି ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ୨୫ ତାରିଖରୁ ଆରମ୍ଭ ହୋଇ ୨୮ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ୨୫ ତାରିଖ ବୁଧବାର ପୂର୍ବାହ୍ନରେ ଅଙ୍କୁରାରୋପଣ ଓ ସନ୍ଧ୍ୟାରେ ଜରିଆ ନଦୀରେ ଆଳତି କରାଯିବ। ୨୬ ତାରିଖ ସକାଳ ୮ଟାରେ କଳସ ଶୋଭାଯାତ୍ରା ପରେ ଯଜ୍ଞ ଆରମ୍ଭ ହେବ। ୨୭ ତାରିଖରେ ପବିତ୍ର ରାମନବମୀ ଅବସରରେ ସାଇବାବାଙ୍କ ଦିବ୍ୟ ଚଉଡି ଶୋଭାଯାତ୍ରା ଦିନ ୩ ଟା ବେଳେ ଆୟୋଜନ କରାଯିବା ସହ ୨୮ ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ୨୬ରୁ ୨୮ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ମାହାଙ୍ଗା ସାଇ ପ୍ରଶାନ୍ତି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା

**ତିଗିରିଆ,୧୯।୩ (ଜାଫର ଖାଁ)**

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାର ଆରାଧ୍ୟ ଠାକୁରାଣୀ ମା'ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଗୁରୁବାରଠାରୁ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି। ପୂଜାର ପ୍ରଥମ ଦିବସରେ ମା'ଭକ୍ତ ମାନଙ୍କୁ ନିଜ ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତୀ, କଳସ ଶୋଭାଯାତ୍ରା, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତୀ ଆଦି ନୀତି ସମ୍ପନ୍ନ ହୋଇଥିଲା।

# 'ବିଜୁ ଲିଗାସି ନାଁରେ ଚାଲିଛି ସ୍ୱାର୍ଥର ଖେଳ'

### ବାଙ୍କୀ ବିଧାୟକ ଓ ପ୍ରାକ୍ତନ ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

**ବାଙ୍କୀ/ତାଳବସ୍ତ, ୧୯।୩**
**(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ କୁମାର ନାୟକ )**

ରାଜ୍ୟ ସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ ବିଜେଡି ପକ୍ଷର ଚୟନ କରାଯାଇଥିବା ଓ କଂଗ୍ରେସ ସମର୍ଥନ କରିଥିବା ପ୍ରାର୍ଥୀଙ୍କୁ ଚୟନ ନ କରି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଭାଜପା ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଏପରି କରି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସେ ବିଶ୍ୱାସଘାତ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରାକ୍ତନ କଂଗ୍ରେସ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ଅପରାହ୍ନରେ ବାଙ୍କୀ ମେଡିକାଲ ଛକରେ ଏକ ବିଦ୍ରୋହ ସଭା ଆୟୋଜନ କରାଯାଇ ଉପରୋକ୍ତ ମନ୍ତବ୍ୟ ଦିଆଯାଇଛି। ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ପରି ଦେବୀ ରଞ୍ଜନ ମଧ୍ୟ ନବୀନଙ୍କୁ ଧୋକା ଦେଇଛନ୍ତି। ଦେବୀ ବିଜୁ ଲିଗାସି ନାଁରେ ସ୍ୱାର୍ଥର ଖେଳ ଖେଳିଛନ୍ତି ବୋଲି ଦେବାଶିଷ ସଭାରେ କହିଛନ୍ତି। ଏପରି କରି ବାଙ୍କୀବାସୀଙ୍କୁ ଦେବୀ ରଞ୍ଜନ ଧୋକା ଦେବା ସହ ବଦ୍‌ନାମ କରିଛନ୍ତି। ଏନେଇ ସେ ବିଧାୟକ ପଦରୁ ଇସ୍ତଫା ଦେଇ ପୁନର୍ବାର ନିର୍ବାଚନ ଲଢ଼ିବାକୁ ଦେବାଶିଷ ଆହ୍ୱାନ ଦେଇଥିଲେ। ବାଙ୍କୀ ମାଟିର ସ୍ୱାଭିମାନ ରକ୍ଷା ପାଇଁ ଆଗାମୀ ଦିନରେ ଜୋରଦାର ଲଢ଼େଇ ହେବ ବୋଲି ସେ କହିଥିଲେ। ଏହାପରେ କଂଗ୍ରେସ କର୍ମୀମାନେ ପ୍ରଭାତ ଓ ଦେବୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବାଙ୍କୀର ବରିଷ୍ଠ କଂଗ୍ରେସ କର୍ମୀ କ୍ଷେତ୍ରବାସୀ ଦାଶ , ନରେଶ ସାହୁ, ଅସିତ ବରଣ ପଟ୍ଟନାୟକ, ବିଶ୍ୱରଞ୍ଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ପ୍ରଧାନ, ରମାକାନ୍ତ ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।




ପ୍ରତିବାଦ ସଭାରେ ମଞ୍ଚାସୀନ କଂଗ୍ରେସ ନେତୃମଣ୍ଡଳୀ।

## ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ବୃଦ୍ଧାଙ୍କ ମୁଣ୍ଡ ଫାଟିଲା

**ବାରଙ୍ଗ,୧୯।୩(ଲିଙ୍ଗରାଜ ରାଉତ):**

ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ଗୁରୁବାର ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୁଣ୍ଡ ଫାଟିଛି। ସେ ହେଲେ ନରଣପୁର ଗ୍ରାମର କବିତା ଦାସ(୬୫)। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ନରଣପୁର ଗ୍ରାମର କବିତା ଜମିବାଡ଼ି କାଗଜପତ୍ର ଠିକ୍ କରିବା ଉଦ୍ଦେଶ୍ୟରେ ଗତ କିଛିଦିନ ହେବ ତହସିଲ କାର୍ଯ୍ୟାଳୟ ଆସି ପ୍ରାୟ ସମସ୍ତ କର୍ମଚାରୀଙ୍କୁ ଭେଟି ଅଭିଯୋଗ କରିଥାନ୍ତି। ହେଲେ କର୍ମଚାରୀମାନେ ତାଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଇ ନ ଥାନ୍ତି। ଗୁରୁବାର ଅପରାହ୍ନରେ ପୁଣି କବିତା ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ତେବେ ସେଠାକାର ରାତ୍ର ଜଗୁଆଳିଙ୍କ ସହ ଆସିବା କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାତ୍ର ଜଗୁଆଳି ଜଣଙ୍କ କବିତାଙ୍କୁ ଆକ୍ରମଣ କରିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଅନ୍ୟପକ୍ଷରେ କବିତା ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡ ଫାଟିଛି ବୋଲି ରାତ୍ର ଜଗୁଆଳି କହିଛନ୍ତି।

## ସନାତନୀ ସେନା ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

**କଟକ ସଦର,୧୯।୩ (ସୁଶାନ୍ତ କୁମାର ଜେନା)**

୪୨ ମୌଜା ଅନ୍ତର୍ଗତ ବ୍ରହ୍ମପୁରସ୍ଥିତ ମା' ଥାନପତି ମନ୍ଦିରରେ ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦ ଅବସରରେ ସନାତନୀ ସେନା ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଉତ୍କଳ ପ୍ରାନ୍ତର ବିଭିନ୍ନ ସ୍ଥାନ, ମଠ ମନ୍ଦିରରୁ ଆସିଥିବା ସାଧୁସନ୍ଥ, ବରେଣ୍ୟ ପ୍ରବଚକ, ପଣ୍ଡିତ ମଣ୍ଡଳୀଙ୍କ ସହ ରାଷ୍ଟ୍ରବାଦୀ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଅପରାହ୍ନରେ ସାଧୁସନ୍ଥଙ୍କ ଗହଣରେ ନଗର ପରିକ୍ରମା କାର୍ଯ୍ୟକ୍ରମ ଝିଙ୍କିରିଆ ରଣେଷଣ୍ଡ ମନ୍ଦିର ପ୍ରାଙ୍ଗଣରୁ ବାହାରି ଥାନପତି ମନ୍ଦିରରେ ପହଞ୍ଚି ଥିଲା। ସନ୍ଧ୍ୟା ଆଳତି ପରେ ରାଷ୍ଟ୍ରୀୟ ନବବର୍ଷ ପାଳନ ସମ୍ପର୍କରେ ପ୍ରବଚକ ଓ ସାଧୁମାନେ ଦିବ୍ୟବାଣୀ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସନାତନୀ ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡା, ସମ୍ପାଦକ ରଘୁନାଥ ଚୌଧୁରୀ, ପଣ୍ଡିତ ପ୍ରଦୀପ୍ତ ମହାପାତ୍ର, ଚିନ୍ମୟ ଦେବତା, ଅମରେନ୍ଦ୍ର ଦାସ, ଦୁଷ୍ମନ୍ତ ନନ୍ଦ, ବାବୁନି ରଥ, ଅର୍ଜୁନ ଦାସ, ବ୍ରହ୍ମପୁର ସରପଞ୍ଚ ରବି ନାରାୟଣ ପ୍ରଧାନଙ୍କ ସମେତ ସେନାର ସଦସ୍ୟ ଓ ଶୁଭେଚ୍ଛୁମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭାଗବତ ପ୍ରତିଯୋଗିତା: ବାଦଭୂଇଁ ଚାମ୍ପିୟନ

**ବଡ଼ମ୍ବା, ୧୯।୩ (ମାୟାଧର ମଲ୍ଲିକ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମରେ ଗତ ୭ ଦିନ ଧରି ଚାଲିଥିବା ଭାଗବତ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମା'ମଙ୍ଗଳା ସାଂସ୍କୃତିକ ପରିଷଦ, ଖୁଣ୍ଟକଟା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତା ମା'ମଙ୍ଗଳା ଯାତ୍ରା ପଡ଼ିଆରେ ହୋଇଯାଇଛି। ଏଥିରେ ବଡ଼ମ୍ବା, ନୟାଗଡ଼ ଅଞ୍ଚଳର ୮ ଭାଗବତ ଦଳ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ମହୁଲିଆ, ମଙ୍ଗଳପୁର, ମଙ୍ଗରାଜପୁର, ବାଦଭୂଇଁ, ଯୋଡ଼ମ୍ବ, ବାଙ୍ଗେରିସିଂହା, ଫତେଗଡ଼ ଓ ବେଣାଗାଡ଼ିଆର ଭାଗବତ ମଣ୍ଡଳୀ। ଉଦ୍‌ଯାପନୀ ଦିବସରେ ବଡ଼ମ୍ବାର ବାଦଭୂଇଁ ଓ ନୟାଗଡ଼ ଅଞ୍ଚଳର ବେଣାଗାଡ଼ିଆ ଦଳଙ୍କ ମଧ୍ୟରେ ଫାଇନାଲ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଦଭୂଇଁ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ବେଣାଗାଡ଼ିଆ ରନରଅପ୍ ହୋଇ ପୁରସ୍କୃତ ହୋଇଛି। ଉଦ୍‌ଯାପନୀ ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ପ୍ରଦୀପ କୁମାର ପ୍ରଧାନ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ରାଉତଙ୍କ ସମେତ ସଦସ୍ୟମାନେ ଯୋଗଦେଇଥିଲେ।

# 'ଧନେଶ୍ୱର ରଥଙ୍କ ଜୀବନଦର୍ଶନ ଯୁବଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ'



କର୍ମଯୋଗୀ ଧନେଶ୍ୱର ରଥଙ୍କ ଜୟନ୍ତୀ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।

**କଟକ,୧୯।୩ (କାର୍ତ୍ତିକ ସାହୁ)**

କର୍ମଯୋଗୀ ଧନେଶ୍ୱର ରଥଙ୍କ ୧୦୮ତମ ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବରେ ସ୍ୱର୍ଗତ ରଥଙ୍କ ପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଧନେଶ୍ୱର ରଥଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା କହିଲେ, ଧନେଶ୍ୱର ରଥଙ୍କ ଜୀବନଦର୍ଶନ ଯୁବଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ। ଧନେଶ୍ୱର ରଥଙ୍କ ପୁତ୍ର ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ନାତି ତଥା 'ଡ୍ରିମ୍‌ସ'ର ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ, ଡ୍ରିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପ୍ରମୁଖ ଧନେଶ୍ୱରଙ୍କ ଗୁଣଗାନ କରିଥିଲେ। ପୁତ୍ର ତଥା ଡ୍ରିମ୍‌ସର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପଦ୍ମିନୀ କେୟାର ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଡା. ପି.କେ. ମିଶ୍ର, ପ୍ରଫେସର ଡା. ନିରୁପମା ଚୟନୀ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଡିନ୍ (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଆଇକ୍ୟୁଏସି ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ଅଧ୍ୟାପକ ଡ. ଜିତ୍ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ ରାସ୍ତା : କୋଟିଏ ଟଙ୍କାର ଜମି ଦାନ କଲେ ସେନାପତି ପରିବାର

### ବିଧାୟକଙ୍କ ବ୍ୟକ୍ତିଗତ ପାଣ୍ଠିରେ ନିର୍ମିତ ରାସ୍ତା ଉଦ୍‌ଘାଟିତ

**ଆଠଗଡ,୧୯।୩(ସତ୍ୟ ପ୍ରସାଦ ରଥ)**

ଆଠଗଡ ବ୍ଲକ ଇଚ୍ଛାପୁର ପଞ୍ଚାୟତର ଗୁଡୁପଡା ଗ୍ରାମରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାଟି ଦୀର୍ଘଦିନ ଧରି ସରକାରୀ ଅନୁଦାନରୁ ବଞ୍ଚିତ ଥିଲା। ମାଟି ପଚ ପଚ କାଦୁଅ ରାସ୍ତାରେ ଯିବା ଆସିବା କରୁଥିଲେ ସ୍ଥାନୀୟ ଅଞ୍ଚଳବାସୀ ବାଧ୍ୟ ହେଉଥିଲେ କେବଳ ଗୁଡୁପଡା ଗ୍ରାମବାସୀ ନୁହନ୍ତି ସେହି ରାସ୍ତା ଦ୍ୱାରା ଢେଙ୍କାନାଳ ଜିଲ୍ଲାର ଅନେକ ପଞ୍ଚାୟତର ଲୋକ ଭୁବନେଶ୍ୱର,କଟକ ଯିବାଆସିବା କରିଥାନ୍ତି। ରାସ୍ତାର ମଧ୍ୟ ଭାଗରେ ସୀମାନ୍ତ ଢେଙ୍କାନାଳ ଜିଲ୍ଲାର ଶଙ୍କରପୁର ଗ୍ରାମର ସେନାପତିପରିବାରର ସ୍ଥିତିବାନ ଜମି ଥିଲା। ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଇଚ୍ଛାପୁର ଏବଂ ଶଙ୍କରପୁର ପଞ୍ଚାୟତ ସରପଞ୍ଚଙ୍କ ମିଳିତ ଉଦ୍ୟମରେ ଶଙ୍କରପୁର ଗ୍ରାମର ରାଜ କିଶୋର ସେନାପତି ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିବା ପରେ ସେମାନେ ୧୫ଡିସିମିଲରୁ ଊର୍ଦ୍ଧ୍ୱ ଜମି ଦାନ କରିଛନ୍ତି। ଏହା ମୂଲ୍ୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହାପରେ ଆଠଗଡ ବିଧାୟକଙ୍କ ବ୍ୟକ୍ତିଗତ ୪ଲକ୍ଷ ଟଙ୍କା ସହାୟତାରେ ଶଙ୍କରପୁରଠାରୁ ଗୁଡୁପଡା ରାସ୍ତା ସିମେଣ୍ଟ କଂକ୍ରିଟ କରାଯାଇଛି। ଗୁରୁବାର ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି।

ଏହାଦ୍ୱାରା ଗ୍ରାମବାସୀ ବହୁ ଉପକୃତ ହେବେ ସେ ବୋଲି କହିଛନ୍ତି। ଉକ୍ତ ରାସ୍ତା ପାଇଁ ସେନାପତି ପରିବାର ଜମି ଦାନ କରିଥିବାରୁ ସେନାପତିମାର୍ଗ ନାମରେ ଉକ୍ତ ରାସ୍ତାକୁ ନାମିତ କରାଗଲା ବୋଲି ବିଧାୟକ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ପୂର୍ବତନ କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ଇଚ୍ଛାପୁର ସରପଞ୍ଚ କବିରାଜ ସାହୁ, ସମିତିସଭ୍ୟା ମୋନାଲିସା ସାହୁ, ଶଙ୍କରପୁର ସରପଞ୍ଚ ରବୀନ୍ଦ୍ର କୁମାର ବେହେରା, ସମିତିସଭ୍ୟ ନୀଳମଣି ରାଉତ ଓ ଗ୍ରାମମୁରବୀ ସୁଧାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ରାସ୍ତା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବକ୍ତବ୍ୟ ଦେଉଛନ୍ତି।

**ଦିବ୍ୟାଙ୍ଗଙ୍କ ଗାଡ଼ି ଚୋରି କରିନେଲେ ଦୁର୍ବୃତ୍ତ**

**ଭୁବନେଶ୍ୱର,(ତ୍ରିନାଥ ମହାନ୍ତି):** ଦିବ୍ୟାଙ୍ଗ ଦୟାନିଧି ପଣ୍ଡାଙ୍କ ଗାଡ଼ି ଚୋରି ହୋଇଥିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଚୋରି ସ୍ଥାନରେ ଲାଗିଥିବା ସିସିଟିଭି ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରୁଛି। ଦୟାନିଧି ଗୋଠିବାବା ଲେପ୍ରସି କଲୋନିରେ ରହୁଥିବାବେଳେ ବୁଧବାର ତାଙ୍କ ଗାଡ଼ିକୁ ଘର ଆଗରେ ରଖିଥିବାବେଳେ ଚୋରି ହୋଇଯାଇଥିଲା। ଦୟାନିଧି ୮୦ ପ୍ରତିଶତ ଦିବ୍ୟାଙ୍ଗ ଥିବାରୁ ତାଙ୍କୁ ସରକାରଙ୍କ ତରଫରୁ ଏକ ଗାଡ଼ି ମିଳିଥିଲା। ଗାଡ଼ି ଚୋରି ହୋଇଥିବାରୁ ଏବେ ବ୍ୟବସାୟ କରିବାକୁ ଯାଇ ପାରୁନାହାନ୍ତି।



# ବିବିଧ ସଂସ୍କୃତି, ପରମ୍ପରାର ସହାବସ୍ଥାନ ହିଁ ଭାରତର ପ୍ରକୃତ ସୌନ୍ଦର୍ଯ୍ୟ





ଲୋକଭବନରେ ଉଗାଦି, ଗୁଡ଼ି ପାଡ଼ୱା ଉତ୍ସବ ପାଳନ ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି , ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟିଙ୍କ ସହ ଅନ୍ୟମାନେ। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଲୋକଭବନରେ ଉଗାଦି, ଗୁଡ଼ି ପାଡ଼ୱା ଉତ୍ସବ ପାଳିତ

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ)

ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିବିଧତା, ଯାହା ମଧ୍ୟରେ ଶକ୍ତିଶାଳୀ ଏକତା ରହିଛି। ଏହି ବିବିଧ ସଂସ୍କୃତି ଓ ପରମ୍ପରାର ସହାବସ୍ଥାନ ହିଁ ଆମ ଦେଶର ପ୍ରକୃତ ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଲୋକଭବନର ନ୍ୟୁ ଅଭିଷେକ ହଲଠାରେ ଗୁରୁବାର ଉଗାଦି (ତେଲୁଗୁ ନବ ବର୍ଷ) ଓ ଗୁଡ଼ି ପାଡ଼ୱା (ମରାଠୀ ନବ ବର୍ଷ) ଉତ୍ସବ ପାଳନ ଅବସରରେ ରାଜ୍ୟପାଳ ତେଲୁଗୁ ଓ ମରାଠୀ ଗୋଷ୍ଠୀର ଆମନ୍ତ୍ରିତ ଅତିଥିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ସେ କହିଲେ, ଏହିପରି ଉତ୍ସବ କେବଳ ସାଂସ୍କୃତିକ ଉତ୍ସବ ପାଳନ ନୁହେଁ, ବରଂ ଏହା ଆମ ଆତ୍ମାର ଜାଗରଣ, ବନ୍ଧନକୁ ଦୃଢ଼ ଏବଂ ଆଶା ସହିତ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଏ। ଉଗାଦି ଉତ୍ସବ ସମ୍ପର୍କରେ ରାଜ୍ୟପାଳ କହିଲେ, ଚୈତ୍ର ମାସର ପ୍ରଥମ ଦିନରୁ ତେଲୁଗୁ ନୂଆ ବର୍ଷର ଆରମ୍ଭ ହୋଇଥାଏ। 'ଉଗାଦି' ଶବ୍ଦଟି ସଂସ୍କୃତ ଶବ୍ଦ 'ଯୁଗ' ଓ 'ଆଦି'ରୁ ଉତ୍ପନ୍ନ ହୋଇଛି, ଯାହା ଆମ ଜୀବନରେ ନୂତନ ଯୁଗ ଆରମ୍ଭର ପ୍ରତୀକ। ଉଗାଦିର ସବୁଠାରୁ ସୁନ୍ଦର ପରମ୍ପରା ହେଉଛି ଉଗାଦି ପାଚଡ଼ି ପ୍ରସ୍ତୁତି, ଯାହା ମିଠା, ଖଟା, ତିକ୍ତ, ରାଗ, ଲୁଣିଆ ଓ କଷାରୁ ତିଆରି ହୋଇଥାଏ। ଏହି ଛଅ ସ୍ୱାଦ ଜୀବନର ବିଭିନ୍ନ ଭାବନା ଓ ଅନୁଭୂତି ଯଥା ଆନନ୍ଦ, ଦୁଃଖ, କ୍ରୋଧ, ଆଶ୍ଚର୍ଯ୍ୟ, ଭୟ ଓ ଶାନ୍ତିକୁ ବ୍ୟାଖ୍ୟା କରେ। ସେହିପରି ମରାଠୀ ନବବର୍ଷ 'ଗୁଡ଼ି ପାଡ଼ୱା' ଗଭୀର ସାଂସ୍କୃତିକ ଓ ଐତିହାସିକ ମହତ୍ୱ ବହନ କରେ। ଏହା ହିନ୍ଦୁ ପଞ୍ଜିକା ଅନୁଯାୟୀ ନୂଆ ବର୍ଷର ଆରମ୍ଭ ଏବଂ ନବୀକରଣ, ସମୃଦ୍ଧି ଓ ବିଜୟର ପ୍ରତୀକ। ଏହିଦିନ ପରିବାରବର୍ଗ ଘର ବାହାରେ ଗୁଡ଼ି ଉତ୍ତୋଳନ କରନ୍ତି, ଯାହା ବିଜୟ, ପବିତ୍ରତା ଓ ଆଗାମୀ ବର୍ଷରେ ସମୃଦ୍ଧିର ଆଶାକୁ ପ୍ରତିଫଳନ କରେ। ପରମ୍ପରା ଅନୁଯାୟୀ ଏହିଦିନ ଭଗବାନ ରାମଙ୍କର ରାବଣ ଉପରେ ବିଜୟ ସହିତ ମଧ୍ୟ ଜଡ଼ିତ, ଯାହା ଧର୍ମର ଅଧର୍ମ ଉପରେ ବିଜୟର ପ୍ରତୀକକୁ ସୂଚିତ କରେ। ଗୁଡ଼ି ପାଡ଼ୱା ଆମର ପ୍ରକୃତି ସହିତ ସମ୍ପର୍କକୁ ମଧ୍ୟ ସୁନ୍ଦର ଭାବେ ପ୍ରତିଫଳିତ କରେ। ବସନ୍ତ ଋତୁରେ ପାଳନ କରାଯାଉଥିବାରୁ ଏହା ପ୍ରକୃତି ସହିତ ଜଡ଼ିତ। ଏହା ନବୀନ ଆରମ୍ଭକୁ ସକରାତ୍ମକତା, କୃତଜ୍ଞତା ଓ ଦୃଢ଼ସଂକଳ୍ପ ସହିତ ଗ୍ରହଣ କରିବାକୁ ପ୍ରେରଣା ଦିଏ।

ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଓଡିଶା ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ଆଇଜି ଅଫ୍ ପୋଲିସ (ପର୍ସନେଲ) ପ୍ରବୀଣ କୁମାର, ଶିକ୍ଷ ନିର୍ଦ୍ଦେଶକ ଅବୋଲି ସୁନୀଲ ନରଭାଣେ, ଅବକାରୀ କମିଶନର ପି. ଅନଷୋ ରେଡ୍ଡି, ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନ୍ସେଲର୍ ପ୍ରଫେସର ଡ. ଗୁଡ଼ା ଶ୍ରୀଦେବୀ ଓ ଆଇଆଇଟି ଭୁବନେଶ୍ୱରର ଆସୋସିଏଟ ପ୍ରଫେସର ଡ. ସତୀଶ ଡାନଡ଼ୋଲେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ରାଜ୍ୟପାଳଙ୍କ ଶାସନ ସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

# ଲାଞ୍ଚ ନେଇ ଗିରଫ ହେଲେ ଓରେଡ଼ା ସହାୟକ ନିର୍ଦ୍ଦେଶକ

## ବକେୟା ବିଲ୍ ମଞ୍ଜୁର କରିବାକୁ ୧୦ ହଜାର ମାଗିଥିଲେ

ଭୁବନେଶ୍ୱର,୧୯।୩(ତ୍ରିନାଥ ମହାନ୍ତି)

ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଜାଲରେ ଧରାପଡ଼ି ଓରେଡ଼ା'ର ସହାୟକ ନିର୍ଦ୍ଦେଶକ(ଟେକ୍ନିକାଲ) ଶ୍ରୀମାଦ୍ରି ଶ୍ରୀକାନ୍ତ ରାଓ ଗିରଫ ହୋଇଛନ୍ତି। ତାଙ୍କ ନିକଟରୁ ୧୦ ହଜାର ଲାଞ୍ଚ ଟଙ୍କାକୁ ଜବତ କରାଯାଇଛି। ଶ୍ରୀକାନ୍ତଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି।

କଟକର ଜଳ ଏବଂ ଭୂମି ପରିଚାଳନା ପ୍ରତିଷ୍ଠାନରେ ଏକ ୬୦ କିଲୋୱାଟ ସୌରଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ବାକି ଥିବା ରାଶି ପ୍ରଦାନ ପାଇଁ ୩୦ ହଜାର ଟଙ୍କା ଶ୍ରୀକାନ୍ତ ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି ଅଭିଯୋଗକାରୀ କହିବା ପରେ ୧୦ ହଜାର ଟଙ୍କାରେ ଡିଲ୍ ଫାଇନାଲ ହୋଇଥିଲା। ଏନେଇ ଅଭିଯୋଗକାରୀ ଭିଜିଲାନ୍ସକୁ ଜଣାଇଥିଲେ। ଗୁରୁବାର ଅଭିଯୁକ୍ତ ଶ୍ରୀକାନ୍ତ ଅଫିସ ନିକଟରେ ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲେ। ଯାଞ୍ଚ ପରେ ତାଙ୍କ ପକେଟରୁ କେମିକାଲ ବୋଳା ଟଙ୍କା ଜବତ କରାଯିବା ସହ ହାତକୁ ପାଣିରେ ଧୁଆଯାଇଥିଲା। ଏଥିରେ କେମିକାଲର ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ୩ଟି ସ୍ଥାନରେ ଚଢଉ କରାଯାଇ ଯାଞ୍ଚ କରାଯାଉଛି।

# ଅନ୍‌ଲାଇନ ଟ୍ରେଡିଂ ନାମରେ ୧୦ କୋଟି ଠକେଇ

## ଦୁବାଇ ଫେରାର ହେବେ ବେଳେ ବିମାନବନ୍ଦରରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୩(ତ୍ରିନାଥ ମହାନ୍ତି)

ଅନ୍‌ଲାଇନ ଟ୍ରେଡିଂ ନାମରେ ୧୦ କୋଟି ଟଙ୍କା ଠକେଇ ମାମଲାରେ ଶହୀଦନଗର ଥାନା ପୋଲିସ କେନ୍ଦ୍ରାପଡ଼ାର ଅନୀଲ କୁମାର ଦାସଙ୍କୁ ଗିରଫ କରିଛି। ପୋଲିସ ଗିରଫ କରିବା ପାଇଁ ଚଢ଼ାଉ କରୁଥିବା ଜାଣି ସେ ଦୁବାଇ ଫେରାର ହେବା ପାଇଁ ଭୁବନେଶ୍ୱର ବିମାନ ବନ୍ଦର ଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅନୀଲଙ୍କୁ ବିମାନ ବନ୍ଦରରୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁସାରେ, ଅନୀଲଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ସେ ଶହୀଦନଗରରେ ଏକ ଜାଲ୍ କମ୍ପାନୀ କରି ଅଫିସ ଖୋଲିଥିଲେ। ଲୋକଙ୍କୁ ଅନ୍‌ଲାଇନ୍ ଟ୍ରେଡିଂ କରି ରାତାରାତି କୋଟିପତି ହେବାର ଲୋଭ ଦେଖାଇଥିଲେ। ଏହି ଲୋଭରେ ପଡ଼ି ଏକାଧିକ ବ୍ୟକ୍ତି ଉକ୍ତ ସଂସ୍ଥାରେ ଟଙ୍କା ଲଗାଇଥିଲେ। ଏହି ଉପାୟରେ ଲୋକଙ୍କ ପାଖରୁ ସେ ୧୦କୋଟିରୁ ଅଧିକ ଟଙ୍କା ସଂଗ୍ରହ କରିଥିଲେ। ହେଲେ ଟଙ୍କା ଦୁଇଗୁଣ କରିବା ବଦଳରେ ଟଙ୍କା ନେଇ ପଳାଇଥିଲେ। ଠକାମିର ଶିକାର ହୋଇଥିବା ବ୍ୟକ୍ତି ଏନେଇ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ମାମଲା ରୁଜୁକରି ଅନୀଲଙ୍କୁ ଖୋଜୁଥିଲେ। ହେଲେ ଗୁରୁବାର ଫେରାର ହେବା ବେଳେ ତାଙ୍କୁ ପୋଲିସ ଗିରଫ କରିଛି।

# ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣ ସକ୍ରିୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଓଇଏସ୍‌ର ପତ୍ର

ଭୁବନେଶ୍ୱର, ୧୯।୩(ବନ୍ଦନା ସେଠୀ)

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଗଠିତ ରାଜ୍ୟ ଆର୍ଦ୍ରଭୂମି ପ୍ରାଧିକରଣର କାର୍ଯ୍ୟକାରିତା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛି ଓଡ଼ିଶା ପରିବେଶ ସମିତି (ଓଇଏସ୍)। ସ୍ପେସ୍ ଆପ୍ଲିକେଶନ ସେଣ୍ଟର (ଏସ୍ଏସି ଆଟ୍‌ଲାସ ୨୦୨୧) ମାଧ୍ୟମରେ ରାଜ୍ୟରେ ଚିହ୍ନଟ ହୋଇଥିବା ୧୩,୬୭୭ରୁ ଅଧିକ ସଂଖ୍ୟାର ଆର୍ଦ୍ରଭୂମିର ପରିଚାଳନା ନିମନ୍ତେ ଏହି ପ୍ରାଧିକରଣକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୃଦ୍ଧିପାଉଥିବା ପରିବେଶଗତ ଆହ୍ୱାନ ଏବଂ ଆର୍ଦ୍ରଭୂମି ପରିସଂସ୍ଥା ଉପରେ ବର୍ଦ୍ଧିତ ମାନବୀୟ ଚାପ ପରିପ୍ରେକ୍ଷୀରେ ପ୍ରାଧିକରଣକୁ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ ସମ୍ପାଦନ କରିବାକୁ ପଡିବ୍। ବିଶେଷକରି ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଉପକୂଳରେ ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି ଏବଂ ସମୁଦ୍ର ପତନ ବୃଦ୍ଧି ଭଳି ଚରମ ପାଣିପାଗ ଘଟଣାଗୁଡ଼ିକର ବର୍ଦ୍ଧିତ ବାରମ୍ବାରତା ପରିପ୍ରେକ୍ଷୀରେ, ଓଡ଼ିଶାରେ ଆର୍ଦ୍ରଭୂମି ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଅନୁକୂଳନ ଏବଂ ପ୍ରଶମନ ରଣନୀତି ଭାବରେ ଉଭା ହୋଇଛି। ମାତ୍ର ଅସଂଯୋଜିତ ସହରୀକରଣ, ଜବରଦଖଲ ଏବଂ ପ୍ରଦୂଷଣ ପ୍ରଭାବରେ ସହରାଞ୍ଚଳର ଆର୍ଦ୍ରଭୂମିଗୁଡ଼ିକ ଏକ ଚିନ୍ତାଜନକ ହାରରେ ଜଙ୍ଗଲ ଅପେକ୍ଷା ତିନି ଗୁଣ ଦ୍ରୁତ ଗତିରେ ଅଦୃଶ୍ୟ ହୋଇଯାଉଛନ୍ତି। ତେଣୁ ଆର୍ଦ୍ରଭୂମି ପ୍ରାଧିକରଣ ସକ୍ରିୟ ହୋଇ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି। ଆର୍ଦ୍ରଭୂମି ସଂରକ୍ଷଣ ବିଷୟରେ ବ୍ୟକ୍ତିଗତ ଧ୍ୟାନ ପ୍ରଦାନ କରିବା ପାଇଁ ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି।

# ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭୁବନେଶ୍ୱର,୧୯।୩
(ସୌମ୍ୟରଞ୍ଜନ ରାଉତ)

ଗଙ୍ଗାଧର ମେହେର ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୦୨ତମ ଶ୍ରାଦ୍ଧଦିବସ ଗୁରୁବାର ଗଙ୍ଗାଧର ମେହେର ମାର୍ଗଠାରେ ପାଳିତ ହୋଇଯାଇଛି। କମିଟିର ସମ୍ପାଦକ ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର, ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ, ଶୁକଦେବ ମେହେର ଓ ଗୋପାଳ କୃଷ୍ଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଭୁଲିଆ ମେହେର ସମାଜର ସଭାପତି ଆଶୁତୋଷ ମେହେର, ଆଲୋକ ମହାନ୍ତି ଓ ଖବରଦାତା ସୁଶୀଲ କୁମାର ବାଗ ପ୍ରମୁଖ ବରପୁତ୍ରଙ୍କ ଜୟଗାନ କରିଥିଲେ। ସ୍ମୃତି କମିଟି କୋଷାଧ୍ୟକ୍ଷ ଗୀତା ମେହେର, ଉତ୍କଳ ସମ୍ମିଳନୀ ମଞ୍ଜେଶ୍ୱର ଶିଳ୍ପାଞ୍ଚଳର ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ବାସନ୍ତୀ ତ୍ରିପାଠୀ, କମିଟିର କାର୍ଯ୍ୟାଳୟ ସମ୍ପାଦକ ସମୀର ମେହେର, ଅଶ୍ୱିନୀ କୁମାର ମେହେର ପ୍ରମୁଖ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗଙ୍ଗାଧର ପ୍ରତିଷ୍ଠାନ ଅଧ୍ୟକ୍ଷ ମିହିର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।



ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ।

# ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ

## ଟ୍ରେନ୍ ଲାଇନରୁ ବିଲ୍ଡରଙ୍କ ମୃତଦେହ ମିଳିବା ମାମଲା

ଭୁବନେଶ୍ୱର,୧୯।୩(ତ୍ରିନାଥ ମହାନ୍ତି)

ହୋଲି ଦିନ ଲିଙ୍ଗରାଜ ଷ୍ଟେଶନରୁ ବିଲ୍ଡର ମୁରଲୀଧର ବେହେରାଙ୍କ ମୃତଦେହ ମିଳିବା ଘଟଣା ନୂଆମୋଡ଼ ନେଇଛି। ଆତ୍ମହତ୍ୟା ନୁହେଁ ବରଂ ମୁରଲୀଙ୍କୁ ହତ୍ୟାକରି ଟ୍ରେନ୍ ଲାଇନ୍‌ରେ ଅଭିଯୁକ୍ତ ଫିଙ୍ଗି ଦେଇଛନ୍ତି। ଏନେଇ ମୁରଲୀଙ୍କ ବାପା ସୁରେନ୍ଦ୍ର ବେହେରା ଏୟାରଫିଲ୍ଡ ଥାନାରେ ହତ୍ୟା ଅଭିଯୋଗ ଆଣିଥିଲେ। ଏନେଇ ଏୟାରଫିଲ୍ଡ ଥାନା ପୋଲିସ ଜିରୋ ଏଫ୍‌ଆଇଆର୍ କରି ଜିଆର୍‌ପି ଥାନାକୁ ଟ୍ରାନ୍ସଫର କରିଛି। ଏନେଇ ଜିଆରପି ପୋଲିସ କେସ୍ ନଂ-୪୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି।

ଗତ ୩ତାରିଖରେ ମୁରଲୀଧରଙ୍କ ମୃତଦେହ ଲିଙ୍ଗରାଜ ଷ୍ଟେଶନରୁ ଜବତ କରାଯାଇଥିଲା। ଖଣ୍ଡବିଖଣ୍ଡିତ ମୃତଦେହ ଷ୍ଟେଶନ ନିକଟରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ତାଙ୍କ ନିକଟକୁ ପୂର୍ବରୁ ବହୁଥର ହତ୍ୟା ଧମକ ଆସୁଥିବାରୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ମୃତ ମୁରଲୀଧରଙ୍କ ବାପା ସୁରେନ୍ଦ୍ର ବେହେରା କହିଛନ୍ତି। ପୋଲିସ ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ସିଡିଆର୍ ରିପୋର୍ଟ ଆଧାରରେ ଛାନ୍‌ଭିନ କରୁଛି।

# ୨୬ ତାରିଖ ଯାଏ ବର୍ଷା

## ୧୯ ଜିଲ୍ଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୧୯।୩(ବନ୍ଦନା ସେଠୀ)

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଜାରି ରହିଥିବାବେଳେ ଗତ ୨୪ଘଣ୍ଟାରେ ୧୩ଟିସ୍ଥାନରେ ବର୍ଷା ହୋଇଛି। କୋରାପୁଟର ବୋରିଗୁମ୍ମାଠାରେ ସର୍ବାଧିକ ୫୭.୪ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ସମ୍ବଲପୁର କୁଚିଣ୍ଡାଠାରେ ୪୪ ମି.ମି., ନବରଙ୍ଗପୁର ଡାବୁଗାଁଠାରେ ୪୩.୨ ମି.ମି., କୋରାପୁଟ ଲମତାପୁଟଠାରେ ୩୪ ମି.ମି., କଳାହାଣ୍ଡିର କଳମପୁରରେ ୨୬.୨ ମି.ମି. ବର୍ଷା ହୋଇଛି। ଅନ୍ୟପକ୍ଷରେ ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ ଓ ପାର୍ଶ୍ୱବର୍ତ୍ତୀ ୟାନମ ଉପରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆଗାମୀ ୭ ଦିନ ଅର୍ଥାତ୍ ୨୬ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାରଠାରୁ ୩ଦିନ ଯାଏ ପ୍ରବଳ ଝଡ଼ପବନ ସହ କୁଆପଥର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ବିଶେଷକରି ଶୁକ୍ରବାର ରାଜ୍ୟର ୨୫ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡା, ବରଗଡ଼ ଓ ସମ୍ବଲପୁରରେ ବିଜୁଳି ଘଡ଼ଘଡ଼ି ସହ ୫୦ରୁ ୬୦ କି.ମି. ବେଗରେ ଝଡ଼ପବନ ଓ କୁଆପଥର ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, ବଲାଙ୍ଗୀର, କନ୍ଧମାଳ, ବୌଦ୍ଧ, ସୋନପୁର, ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କି.ମି. ବେଗରେ ଝଡ଼ ପବନର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବିଜୁଳି, ଘଡ଼ଘଡ଼ି ଓ କୁଆପଥର ବର୍ଷା ସମୟରେ ସତର୍କତା ଅବଲମ୍ବନ ସହ ଘରୁ ନ ବାହାରିବା ପାଇଁ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ସତର୍କ କରିଛନ୍ତି।

# ସରକାରୀ ଅବହେଳାକୁ ଦାୟୀକଲା ଜନସ୍ୱାସ୍ଥ୍ୟ ଅଭିଯାନ

## ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା

ଭୁବନେଶ୍ୱର,୧୯।୩ (ବନ୍ଦନା ସେଠୀ)

ଏସ୍‌ସିବି କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟରରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୨ଜଣ ରୋଗୀଙ୍କ ଅକାଳ ମୃତ୍ୟୁ ଓଡ଼ିଶାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ନଗ୍ନ ଓ ନିର୍ମମ ଅବହେଳାର ସତ୍ୟକୁ ସାମ୍ନାକୁ ଆଣିଛି। ଏହା କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଥିବା ପ୍ରଶାସନିକ ଅବହେଳା ଓ ଦାୟିତ୍ୱହୀନତାର ସ୍ପଷ୍ଟ ପରିଣାମ ବୋଲି ଜନସ୍ୱାସ୍ଥ୍ୟ ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଘଟଣାକୁ ଏକ ପ୍ରଣାଳୀଗତ ବିଫଳତା ଭାବେ ଚିହ୍ନଟ କରାଯାଇ ତୀବ୍ର ପ୍ରତିବାଦ କରାଯାଇଥିଲା। ଅଗ୍ନି ସୁରକ୍ଷା ନିୟମର ଅନୁପାଳନ ନ ହେବା, ଆପାତକାଳୀନ ପ୍ରସ୍ତୁତିର ଅଭାବ, ଭିଡ଼ ନିୟନ୍ତ୍ରଣରେ ଗୁରୁତର ତ୍ରୁଟି, ସୁରକ୍ଷା ପ୍ରକ୍ରିୟାରେ ପାରଦର୍ଶିତାର ଅଭାବ, ଉଦ୍ଧାର କାର୍ଯ୍ୟରେ ସମନ୍ୱୟର ଅଭାବ, ବିପଦ ପରିଚାଳନା ପ୍ରସ୍ତୁତିର ଅନୁପସ୍ଥିତି ଆଦି କାରଣ ପାଇଁ ଏତେ ବଡ଼ ଅଘଟଣ ଘଟିଯାଇଛି। ଏଥିପାଇଁ କେବଳ ଶାସନରେ ଥିବା ସରକାର ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ଦାୟୀ। ବର୍ତ୍ତମାନର ଡବଲ ଇଞ୍ଜିନ ସରକାରର ମୁଖ୍ୟମନ୍ତ୍ରୀ ନିଜ ବିଫଳତାକୁ ମାନିବା ପରିବର୍ତ୍ତେ ପୂର୍ବ ସରକାରକୁ ଦୋଷ ଦେଇ ଜନମତକୁ ଭ୍ରମିତ କରିବା ଶାସନର ଗମ୍ଭୀରତା ଓ ନୈତିକତାକୁ ଅପମାନ କରୁଛି ବୋଲି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯିବା ସହିତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବା, ମୃତକଙ୍କ ପରିବାରକୁ ନ୍ୟାୟ, କ୍ଷତିପୂରଣ ଓ ସୁରକ୍ଷା ଦିଆଯିବା, ଚିକିତ୍ସାଧୀନ ସମସ୍ତ ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ପ୍ରଦାନ କରିବାକୁ ଅଭିଯାନର ରାଜ୍ୟ ଆବାହକ ଗୌରାଙ୍ଗ ମହାପାତ୍ର, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ, ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରମୁଖ ଦାବି କରିଛନ୍ତି।

# ଭୁବନେଶ୍ୱର ଜିଲ୍ଲା ଦାବିରେ ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର



ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇଁ ଦାବି ତେଜିବାରେ ଲାଗିଛି। ଏନେଇ ଭୁବନେଶ୍ୱର ଜିଲ୍ଲା ଅଭିଯାନ ପକ୍ଷରୁ ଗୁରୁବାର ଆଇନଜୀବୀମାନେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯାନ ମୁଖ୍ୟ ଲିଙ୍ଗରାଜ ସାହୁ, ଅଲ୍ ଓମେନ୍ସ ଆଡ୍‌ଭୋକେଟ୍ ଫୋରମ୍ ଅଧ୍ୟକ୍ଷା ଆଇନଜୀବୀ ହରପ୍ରିୟା ସାମନ୍ତରାୟ, ସସ୍ମିତା ନନ୍ଦ, ଭୁବନେଶ୍ୱର ଓକିଲ ସଂଘର ପୂର୍ବତନ ସମ୍ପାଦକ ରାଜକିଶୋର ଦାସ, ଶ୍ୱେତପଦ୍ମା ପଟ୍ଟନାୟକ, ହେମଲତା ମେହେରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲ୍ଲା କରିବାକୁ ଦାବିକରି ପୂର୍ବରୁ ଜୟଦେବ, ଭୁବନେଶ୍ୱର ଏକାମ୍ର, ଭୁବନେଶ୍ୱର ମଧ୍ୟ ଓ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ସମେତ ପ୍ରାୟ ୭୫ଟି ସ୍ଥାନରେ ସ୍ୱତନ୍ତ୍ର ଶିବିର କରାଯାଇ ଦସ୍ତଖତ ସଂଗ୍ରହ କରାଯାଇଛି ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି।

# ଘରଚଟିଆକୁ 'ରାଜ୍ୟ ପକ୍ଷୀ'ର ମାନ୍ୟତା ଦାବି

ପୁରୁଣା ଭୁବନେଶ୍ୱର:୧୯।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଶୁକ୍ରବାର ବିଶ୍ୱ ଘରଚଟିଆ ଦିବସ। ଏହି ଅବସରରେ ଘରଚଟିଆକୁ 'ରାଜ୍ୟପକ୍ଷୀ'ର ମାନ୍ୟତା ଦେବା ପାଇଁ ପରିବେଶକର୍ମୀ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବିକରିଛନ୍ତି। ସୁଶାନ୍ତ କହିଛନ୍ତି, ଗାଁଦାଣ୍ଡରେ ଶୁଭୁଥିବା ଘରଚଟିଆଙ୍କ କିଚିରିମିଚିରି ଶବ୍ଦ ଏବେ ପ୍ରାୟତଃ ଶୁଣିବାକୁ ମିଳୁନାହିଁ। କଂକ୍ରିଟ୍ ସହରରେ ନୁଆଁଣିଆ ଚାଳଘର ଅଭାବରୁ ଏମାନେ ନିଜର ବସା ତିଆରି କରିବା ପାଇଁ ସ୍ଥାନ ପାଉନାହାନ୍ତି, ଫଳରେ ଏମାନଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ୨୦୧୨ ମସିହାରୁ ଦିଲ୍ଲୀ ସରକାର ଘରଚଟିଆକୁ ନିଜର ରାଜ୍ୟପକ୍ଷୀ ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଘରଚଟିଆ ବଂଶ ରକ୍ଷା କରିବା ପାଇଁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଘରର ଛାତ ଉପରେ କୃତ୍ରିମ ବସା ଲଗାଇ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବାକୁ ସାହୁ ପରାମର୍ଶ ଦେଇଛନ୍ତି।



# ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ

## ଅଡିଟ୍ କରାଯାଇ ନିରାପତ୍ତା ବ୍ୟବସ୍ଥା ଲଗାଇବାକୁ ପିଡବ୍ଲ୍ୟୁଡିକୁ କୁହାଯାଇଛି

ଭୁବନେଶ୍ୱର,୧୯।୩(ତ୍ରିନାଥ ମହାନ୍ତି)

କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ପରେ ରାଜ୍ୟର ଏକାଧିକ ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯିବ। ଯେଉଁ ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବ ସେଠାରେ ତୁରନ୍ତ କରିବାକୁ ପିଡବ୍ଲ୍ୟୁଡିକୁ ଦାୟିତ୍ୱ ଦିଆଯିବ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି, ପୂର୍ବରୁ ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଡିଟ୍ କରାଯାଇ ରିପୋର୍ଟ ଦିଆଯାଇଥିଲା। ଯେଉଁଠି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ସେଠାରେ କରିବାକୁ ପିଡବ୍ଲ୍ୟୁଡି ବିଭାଗକୁ କୁହାଯାଇଥିଲା। ସରକାର ଏଥିପାଇଁ ୪୦୦ କୋଟି ଟଙ୍କା ମଞ୍ଜୁରୀ କରିଛନ୍ତି। ହେଲେ ହସ୍ପିଟାଲରେ ରୋଗୀ ଥିବାରୁ ପିଡବ୍ଲ୍ୟୁଡି ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାରେ ବିଳମ୍ବ କରୁଛି ବୋଲି ଅଗ୍ନିଶମ ଡିଜି କହିଛନ୍ତି।

ମିଳିଥିବା ତଥ୍ୟ ଅନୁସାରେ, ନିକଟରେ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ସରକାରୀ ହସ୍ପିଟାଲର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଡିଟ୍ କରାଯାଇଥିଲା। ତେବେ ଅଡିଟ ସମୟରେ ଏକାଧିକ ସରକାରୀ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ ଏବଂ ଯେଉଁଠି ଅଛି ତାହା ଠିକ୍ ଭାବେ କାମ କରୁ ନ ଥିବା ଜଣାପଡ଼ିଥିଲା। ଏହା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଡିଟ୍ କରି ତୁରନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ନାହିଁ। ଅଗ୍ନି ନିରାପତ୍ତା ବ୍ୟବସ୍ଥା ଲଗାଇବାକୁ ଦାୟିତ୍ୱ ନେଇଥିବା ପିଡବ୍ଲ୍ୟୁଡି କାମ କରିବାରେ ବିଳମ୍ବ କରୁଛି। ଯେଉଁଥିପାଇଁ ଛୋଟ ଅଗ୍ନିକାଣ୍ଡ ଘଟିଲେ ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ବଡ଼ ଦୁର୍ଘଟଣା ଘଟୁଛି। ବଡ଼ କଥା ହେଲା ସରକାରୀ ହସ୍ପିଟାଲରେ କାମ କରୁଥିବା କର୍ମଚାରୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିଭଳି ବ୍ୟବହାର କରାଯିବ ଜାଣି ନାହାନ୍ତି। ତେଣୁ ସେମାନଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଶିଖାଇବ ଅଗ୍ନିଶମ ବିଭାଗ। ଏଥିଲାଗି ଅଗ୍ନିଶମ ବିଭାଗ ସମସ୍ତ ହସ୍ପିଟାଲରେ ମକ୍‌ଡ୍ରିଲ୍ କରାଯିବା ସହ ମେଡ଼ିକାଲ ଷ୍ଟାଫ୍‌କୁ ଅଗ୍ନି ନିରାପତ୍ତା ଯନ୍ତ୍ରପାତିର ବ୍ୟବହାର ଶିଖାଇବେ ବୋଲି ଷଡ଼ଙ୍ଗୀ କହିଛନ୍ତି।

# ୨୭ରୁ ସାହିଯାତ: ତୁରନ୍ତ ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ

## ଆର୍ଥିକ ଅନୁଦାନ ପାଇଁ ସରକାରଙ୍କୁ ଧନ୍ୟବାଦ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ କମିଟି ସଦସ୍ୟଙ୍କ ସହ ଅଧିକାରୀମାନେ ।

ଇ ଏପ୍ରିଲ ୧୨ରେ ସରିବ। ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ଶ୍ରୀକ୍ଷେତ୍ର ସାହିଯାତର ପ୍ରସ୍ତୁତି ବୈଠକ ଗୁରୁବାର ସର୍କିଟ ହାଉସରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୌରବମୟ ସାଂସ୍କୃତିକ ସମରକଳାର ପରମ୍ପରାକୁ ଅଧିକ ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଯେଉଁ ବିଭାଗକୁ ଯାହା ଦାୟିତ୍ୱ ଦିଆଯାଉଛି, ତାହାକୁ ସାହିଯାତ ପୂର୍ବରୁ ସମାପନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ରାସ୍ତାଘାଟ ମରାମତି, ଆଲୋକ, ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା, ଅଗ୍ନିଶମ, ପାନୀୟଜଳ, ପ୍ରଚାରପ୍ରସାର, ପରିମଳ ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓହଳି ପଡ଼ିଥିବା ବିଦ୍ୟୁତ୍ ତାର, କେବୁଲ ତାର ଅପସାରଣ ବା ଉଚ୍ଚରେ ରଖିବାକୁ କୁହାଯାଇଛି। ଗତବର୍ଷ ସାହିଯାତ ପାଇଁ ସରକାର ଆଠସାହି ଆଖଡ଼ାକୁ ୧୬ ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ସାହି ସଦସ୍ୟମାନେ ସରକାର ଓ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ମାର୍ଚ୍ଚ ୨୭ରେ କାଳିକାଦେବୀ ସାହି ପକ୍ଷରୁ ଶ୍ରୀରାମ ଜନ୍ମ ଉତ୍ସବ, ୨୮ରେ ମାଟିମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ଓ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା, ୨୯ରେ ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ, ୩୦ରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଶ୍ରୀରାମ ବନବାସ ଆୟୋଜନ ହେବ। ଏପ୍ରିଲ ୧ରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ମାୟାମୃଗ, ୩ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି, ୪ରେ ବାଲିସାହି ପକ୍ଷରୁ ସେତୁବନ୍ଧ ପ୍ରତିଷ୍ଠା, ୫ରେ ବାଲିସାହି ପକ୍ଷରୁ ରାବଣ ବଧ ଓ ୧୨ରେ ଗୌଡବାଡ଼ ସାହି ପକ୍ଷରୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଆଠସାହି ଆଖଡ଼ା ସମନ୍ୱୟ ସମିତିର ସମ୍ପାଦକ ତଳୁଛ ନୀଳକଣ୍ଠ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଗଣେଶ ଦାସ ମହାପାତ୍ର, ବରିଷ୍ଠ ସଦସ୍ୟ ଅନନ୍ତ ତିଆଡ଼ି, ଭଗବାନ ସୁଆର, ରବିନାରାୟଣ ଦାସ, ରାମଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ମିଶ୍ର, ରାମଚନ୍ଦ୍ର ମହାପାତ୍ର, ଯୋଗେନ୍ଦ୍ର ନାୟକ, ପୁଅ ସୁଆର, ନରେନ୍ଦ୍ର ମହାନ୍ତି, ଚକ୍ରଧର ମହାପାତ୍ରଙ୍କ, ନାରାୟଣ ମହାପାତ୍ର, ପ୍ରଫୁଲ୍ଲ ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ରଥ, ଦାମୋଦର ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଅନିରୁଦ୍ଧ ମହାନ୍ତି, ରଘୁନାଥ ଖୁଣ୍ଟିଆ ଏବଂ ଆଠସାହି ଆଖଡ଼ାର କର୍ମକର୍ତ୍ତା ପ୍ରମୁଖଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀରାମ ଲୀଳା ସାହିଯାତ ବୈଠକ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ ତାରିଖରୁ ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରରେ ଶ୍ରୀରାମ ଲୀଳା ସାହିଯାତ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ 'ଶ୍ରୀରାମ ଲୀଳା' ସାହିଯାତ୍ରା ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୭ସାହିର ସମ୍ପାଦକମାନେ ଯୋଗଦେଇଥିଲେ। ସାହିଯାତ୍ରା ଶ୍ରୀକ୍ଷେତ୍ରର ଅନନ୍ୟ ପରମ୍ପରା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନୀତି ସହିତ ଜଡ଼ିତ। ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସମ୍ପାଦକମାନେ ମତ ଦେଇଥିଲେ। ଯାତ୍ରା ପାଇଁ ଅଧିକ ଆର୍ଥିକ ଅନୁଦାନ ମଞ୍ଜୁର କରିବାକୁ ସାହି ସମ୍ପାଦକମାନେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ପରିକ୍ରମା ମାର୍ଗ ପରିଚ୍ଛନ୍ନ ରଖିବାକୁ ପୁରୀ ମ୍ୟୁନିସପାଲିଟି ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଥିଲା।

### ସାଇବର ଠକେଇ ଅଭିଯୋଗ

ପୁରୀ୧୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ବାସିନ୍ଦା ହେକ୍ଟର ମିଶ୍ର ଗୁରୁବାର ଏକ ସାଇବର ଠକେଇରୁ ବର୍ତ୍ତିଯାଇଛନ୍ତି। ତେବେ ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ମିଶ୍ର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗୁରବାର ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଡା. ପି.କେ. ସାହୁ ତାଙ୍କ ହ୍ୱାଟ୍ସଆପ୍‌କୁ ମେସେଜ କରିଥିଲେ। ତାଙ୍କର ତୁରନ୍ତ ୩୫ ହଜାର ଟଙ୍କା ଦରକାର ବୋଲି ଲେଖିଥିଲେ। ମିଶ୍ର ରାଜି ହୋଇ ସେହି ମେସେଜରେ ଫୋନ୍ ପେ ନମ୍ବର ମାଗିଥିଲେ। ଏକ ନମ୍ବର ବି ଆସିଥିଲା। ମାତ୍ର ମିଶ୍ରଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ସେ ତାଙ୍କର ପରିଚିତ ଡାକ୍ତର ସାହୁଙ୍କୁ ଫୋନ୍ କରିଥିଲେ। ଡା. ସାହୁ ତାଙ୍କ ନମ୍ବର ହ୍ୟାକ୍ କରାଯାଇ ଏଭଳି ଅନେକ ଲୋକଙ୍କୁ ଟଙ୍କା ମଗାଯାଇଛି ବୋଲି ସୂଚନା ଦେଇଥିଲେ। ସେ ଏନେ ଥାନାରେ ଅଭିଯୋଗ କରିଛନ୍ତି ଏବଂ ଏପରିକି କିଛି ଲୋକ ଟଙ୍କା ପଠାଇ ଦେଇଥିବା ମଧ୍ୟ କହିଥିଲେ। ଏହାପରେ ମିଶ୍ର ତାଙ୍କ ପାଖକୁ ଆସିଥିବା ଫୋନ୍ ପେ ନମ୍ବରକୁ ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ।

### ମଦ୍ୟପାନ କରି ଗାଡ଼ିଚାଳନା ନେଇ ୧୦୪ ମାମଲା ରୁଜୁ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସଡ଼କ ସୁରକ୍ଷା ଓ ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପୋଲିସ ଦ୍ୱାରା ନିୟମିତ ଟ୍ରାଫିକ ଚେକିଂ ଓ ନାକା ବନ୍ଦୋବସ୍ତ କରାଯାଉଛି। ଗତ ୭୭ ଦିନ ମଧ୍ୟରେ ପୁରୀ ଟ୍ରାଫିକ ଥାନା ବିଭିନ୍ନ ସ୍ଥାନରେ ଚେକିଂ ସମୟରେ ମଦ୍ୟପାନ କରି ଗାଡ଼ି ଚଲାଇବା ନେଇ ମୋଟ ୧୦୪ଟି ମାମଲା ପଞ୍ଜୀକୃତ କରାଯାଇଛି। ଟ୍ରାଫିକ ଥାନା ଅଧିକାରୀ ସଙ୍ଗୀତା ଦାଶ ଓ ତାଙ୍କ ଟିମ ଚେକିଂ କାର୍ଯ୍ୟ ଚାଲୁ ରଖିଛନ୍ତି। ମୁଖ୍ୟ ସଡ଼କ, ବଡଦାଣ୍ଡ, ସମୁଦ୍ରକୂଳ ଓ ଭିଡ଼ ଅଞ୍ଚଳରେ ବିଶେଷତଃ ଡ୍ରାଇଭରମାନଙ୍କୁ ସତର୍କ କରାଯାଉଛି ଓ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ପୁରୀ ପୋଲିସ ସମସ୍ତ ପର୍ଯ୍ୟଟକ ଓ ସ୍ଥାନୀୟ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ମଦ୍ୟପାନ କରି ଗାଡ଼ି ଚଲାଇବାରୁ ସମ୍ପୂର୍ଣ୍ଣ ବିରତ ରହନ୍ତୁ। ଏପରି ଅବିବେକୀୟ ଆଚରଣ ନିଜ ସହ ସାଧାରଣ ଲୋକଙ୍କ ଜୀବନକୁ ମଧ୍ୟ ବିପଦରେ ପକାଏ। ପୁରୀ ପୋଲିସ ପକ୍ଷରୁ ଆହ୍ୱାନ କରାଯାଉଛି 'ସୁରକ୍ଷିତ ଡ୍ରାଇଭ କରନ୍ତୁ, ଜୀବନର ମୂଲ୍ୟ ବୁଝନ୍ତୁ'। ନିୟମ ଭଙ୍ଗ କଲେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ପୋଲିସକୁ ୧୧୨ରେ କଲ୍ କରି ସୂଚନା ଦେବାକୁ ଅନୁରୋଧ କରାଯାଇଛି।

### ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ପୁରୀ, ୧୯।୩ (ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ ବାଲିପଡ଼ା ଗ୍ରାମର ସୁବାସିନୀ ବେହେରା (୭୩)ଙ୍କ ଏକାଦଶାହ



ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷମାନେ ଯୋଗଦେଇ ସୁବାସିନୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସୁବାସିନୀଙ୍କ ୪ ପୁତ୍ର ନାରାୟଣ ବେହେରା, ସୁଦର୍ଶନ ବେହେରା, ଦୁର୍ଯ୍ୟୋଧନ ବେହେରା ଏବଂ ଧୁଶାସନ ବେହେରା ଦୀର୍ଘବର୍ଷ ହେବ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଗତ ୯ ତାରିଖରେ ସୁବାସିନୀଙ୍କ ଦେହାନ୍ତ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୨୧ରୁ ପୁରୀରେ ଫିଟ୍ ଇଣ୍ଡିଆ କାର୍ନିଭାଲ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସହଯୋଗରେ ପୁରୀରେ ଆୟୋଜିତ ହେବାକୁ ଯାଉଛି ଫିଟ୍ ଇଣ୍ଡିଆ କାର୍ନିଭାଲ। 'ସମସ୍ତେ ସୁସ୍ଥ ରୁହନ୍ତୁ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ରୁହନ୍ତୁ'ର ବାର୍ତ୍ତା ନେଇ ଖେଲୋ ଇଣ୍ଡିଆର ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚ୍‌ରେ ଅନୁଷ୍ଠିତ ହେବ। ପୁରୀ ଜିଲା ପ୍ରଶାସନ ଏଥିରେ ସହଯୋଗ ଯୋଗାଇଦେବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶକ୍ରମେ ଗୁରୁବାର ସର୍କିଟ ହାଉସରେ ଏ ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲାପାଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୧୯ରୁ ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବେ ଏହା ଆୟୋଜନ ହୋଇଆସୁଛି। ପୁରୀରେ ଚଳିତ ବର୍ଷ ଏହାର ଆୟୋଜନ ଖୁସିର କଥା ଓ ପୁରୀବାସୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବେହେରା ଆଶା ବ୍ୟକ୍ତ କରିଥିଲେ। ଏଥିରେ ଯୋଗ ପ୍ରଶିକ୍ଷଣ, ଜୁମ୍ବା, ଅନ୍ୟାନ୍ୟ କ୍ରୀଡ଼ା ପୂର୍ବାହ୍ନ ୬ଟାରୁ ୯ଟା ଏବଂ ଅପରାହ୍ନ ୪ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି ସାଇ ସହକାରୀ ନିର୍ଦ୍ଦେଶକ କରଣ ସାଦୱାନୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବ୍ୟବସ୍ଥା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇ ସଂପୃକ୍ତ ବିଭାଗ ପଦକ୍ଷେପ ନେବାକୁ କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସାଇ ଉପନିର୍ଦ୍ଦେଶକ ତ୍ରୈଲୋକ୍ୟ ନାଥ ସାହୁ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ହରପ୍ରିୟା ଦାଶ, ସାଇ କ୍ରୀଡ଼ା ସମ୍ପର୍କ ପରିଚାଳକ କୋମଲ କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏବଂ ଅନ୍ୟ ଅଧିକାରୀ ।



ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ଗୁରୁବାର ପୁରୀଠାରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# 'ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି ହିନ୍ଦୁ ନବବର୍ଷ'

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବାଲିସାହି ବାରାହୀ ଲେନ୍‌ସ୍ଥିତ ଅଦ୍ୱୈତ ଭବନରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅନୁଷ୍ଠାନର ସଭାପତି ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଡ. ଦାଶ କହିଲେ ଯେ, ହିନ୍ଦୁ ନବବର୍ଷ ହିନ୍ଦୁଙ୍କର ଏକ ପବିତ୍ର ଦିବସ। ଏହି ଦିନ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ପାଳନ ହେବା ସହ ଆଜିଠାରୁ ବାସନ୍ତିକ ନବଦିନାତ୍ମକ ପୂଜାର ଆରମ୍ଭ ହୋଇଛି। ପ୍ରତ୍ୟେକ ହିନ୍ଦୁ ଏହି ପର୍ବକୁ ଶୁଦ୍ଧପୁତ ଭାବେ ପାଳନ କରିବା ଉଚିତ୍। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ପଣ୍ଡିତ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଇତ୍ୟବସରରେ ଜଗନ୍ନାଥାଷ୍ଟକମ୍ ପାଠ କରାଯାଇଥିଲା। ମୁଖ୍ୟ ବକ୍ତା ରୂପେ ସାହିତ୍ୟିକ ଶିବସୁନ୍ଦର ମିଶ୍ର ଯୋଗଦେଇ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ହିନ୍ଦୁ ନବବର୍ଷ ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ରଘୁନାଥ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଶ୍ରୀଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ଡ. ଶଶିକାନ୍ତ ରଥ, ସମାଜସେବୀ ଅନ୍ନପୂର୍ଣ୍ଣା କର, ଡ. ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଭାରତୀୟଙ୍କୁ ଆଧାତ୍ମିକ ଚେତନାରେ ଅନୁପ୍ରାଣିତ କରିବା ସହ ବିଶ୍ୱରେ ଶାନ୍ତି, ମୈତ୍ରୀ, ସଦ୍‌ଭାବନା ଓ ଭାଇଚାରା ପ୍ରତିଷ୍ଠା କରୁଥିବା କହିଥିଲେ। ସୌମ୍ୟାଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ।

# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲା ଶ୍ରୀଜଗନ୍ନାଥ ସେନା

## ଶ୍ରୀମନ୍ଦିର ସିଂହଦ୍ୱାର ଗୁମ୍ଫଟ ଉପରେ ଦଶାବତାର ମୂର୍ତ୍ତି ପୁନଃ ସ୍ଥାପନ ଦାବି

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ଗୁମ୍ଫଟ ଉପରେ ଦଶାବତାର ମୂର୍ତ୍ତି ପୁନଃ ସଂସ୍ଥାପନ କରିବାକୁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଗୁରୁବାର ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଭେଟି ଅନୁରୋଧ କରିଛନ୍ତି। ପଟ୍ଟନାୟକଙ୍କ ଦର୍ଶାଇଛନ୍ତି ଯେ, ପ୍ରାୟ ୧୪ –୧୫ ବର୍ଷ ପୂର୍ବେ ଶ୍ରୀମନ୍ଦିର ସିଂହଦ୍ୱାର ଗୁମ୍ଫଟରୁ ଦଶବତାର ମୂର୍ତ୍ତି ଅପସାରଣ କରାଯାଇଥିଲା। ଅପରପକ୍ଷରେ ଦଶାବତାର ମୂର୍ତ୍ତି ନିର୍ମାଣ ହୋଇଥିଲେ ମଧ୍ୟ ତାହାକୁ ସଂସ୍ଥାପନ କରାଯାଉନାହିଁ। ମୂର୍ତ୍ତିର ଦଶମ ଅବତାରରେ ଶ୍ରୀଜଗନ୍ନାଥ ରହିବେ କି ବୁଦ୍ଧ ରହିବେ, ତାହାକୁ ନେଇ ବିବାଦ ଉପୁଜିଛି। ତେବେ ପ୍ରଶାସନ ଉକ୍ତ ମୂର୍ତ୍ତି ନ ଆଣିବାରୁ ଶ୍ରୀଜଗନ୍ନାଥ ସେନା ଟଙ୍କା ଦେଇ ଉକ୍ତ ମୂର୍ତ୍ତିକୁ ଆଣି ସିଂହଦ୍ୱାରଠାରେ ରଖିଛି। ପୂର୍ବରୁ ସିଂହଦ୍ୱାର ଗୁମ୍ଫଟରେ ଯାହା ରହିଥିଲା, ସେହିଭଳି ଭାବେ ରହୁ। କିଛି ବଦଳାଇବା ପାଇଁ କାହାର ଅଧିକାର ନାହିଁ। ତେଣୁ କିପରି ଦଶାବତାର ମୂର୍ତ୍ତି ପୁନ ସ୍ଥାପନ ହେବ ସେଥିପାଇଁ ଜଗଦ୍‌ଗୁରୁ ହସ୍ତକ୍ଷେପ କରନ୍ତୁ ବୋଲି ପଟ୍ଟନାୟକ ନିବେଦନ କରିଥିଲେ। ଏ ନେଇ ଶଙ୍କରାଚାର୍ଯ୍ୟ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ମୋ ପାଖରୁ ବିଧିବଦ୍ଧ ଭାବେ ପରାମର୍ଶ ଲୋଡ଼ିଲେ ମୁଁ ପରାମର୍ଶ ଦେବି।



ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସାକ୍ଷାତ କରୁଛନ୍ତି।

# ବ୍ରାଉନ ସୁଗାର କାରବାର ଘଟଣାରେ ୪ ଗିରଫ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ଅପରେଶନ ଚକ୍ର ଅଭିଯାନରେ ପୁଣି ୪ ପେଶାଦାର ବ୍ରାଉନସୁଗାର ବେପାରୀକୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଦୀପକ ସୁଆର, ଭବାନୀ ଶଙ୍କର ମଙ୍ଗରାଜ, ରଘୁନାଥ ନନ୍ଦ ଓ ଆଶୁତୋଷ ଦାସ। ବୁଧବାର ସନ୍ଧ୍ୟାରେ ଲୁଚି ଛପି ଜଗନ୍ନାଥବଲ୍ଲଭ ବହୁତଳ ପାର୍କିଂ ପାଖରେ ବ୍ରାଉନ ସୁଗାର ବିକିବା ପାଇଁ ୩ବେପାରୀଙ୍କ ସହ ମୁଲଚାଲ କରୁଥିବାବେଳେ ପୋଲିସ ଖବର ପାଇ ଘଟଣାସ୍ଥଳରେ ଚଢାଉ କରି ୪ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୦.୯୦ ଗ୍ରାମ୍ ବ୍ରାଉନ ସୁଗାର, ୨ଟି ମୋବାଇଲ ଫୋନ୍ ଏବଂ ୮୦୦ ଟଙ୍କା ଜବତ କରିଛି। ପୋଲିସ ଏକ କେସ୍ (ନଂ. ୧୭୫/୨୬) ରୁଜୁ କରିଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ମାମଲା ରହିଛି।

# ସେମିରେ ପୁରୀର ପାୟୋନିୟର କ୍ରିକେଟ କ୍ଲବ



ବିଜୟୀ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

## ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଗୋପ, ୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଗୁରୁବାର ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଛି। ଏହି ଶେଷ ମ୍ୟାଚରେ ରାଞ୍ଚି କ୍ରିକେଟ କ୍ଲବକୁ ୬ ଉଇକେଟରେ ହରାଇ ପୁରୀର ପାୟୋନିୟର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ୨୫ ଓଭର ବିଶିଷ୍ଟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟସ୍ ଜିତି ରାଞ୍ଚି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ମାତ୍ର ୨୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୩୬ ରନ୍ କରିଥିଲା। ଜବାବରେ ପୁରୀ ପାୟୋନିୟର କ୍ରିକେଟ କ୍ଲବର ମଳୟ ପଟ୍ଟନାୟକଙ୍କ ୫୪ ରନ୍ ସହାୟତାରେ ୪ ଉଇକେଟ ହରାଇ ୧୩୬ ରନ୍ କରି ବିଜୟ ହାସଲ କରିଥିଲା। ମଳୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ମ୍ୟାଚ୍‌କୁ ପ୍ରମୋଦ କୁମାର ସିହ୍ନା, ଦେବେନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ।

# 'ଅପରେଶନ ଚକ୍ର': ୧୬୬ ଆଣ୍ଟି–ସୋସିଆଲ ବିରୋଧୀ କାର୍ଯ୍ୟାନୁଷ୍ଠାନ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସାମାଜିକ ସୁରକ୍ଷା ଓ ଶାନ୍ତି–ଶୃଙ୍ଖଳାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପୋଲିସ ଦ୍ୱାରା ଚାଲୁଥିବା ବିଶେଷ ଅଭିଯାନ 'ଅପରେଶନ ଚକ୍ର' ଅନୁସାରେ ଗତ ୭୭ ଦିନ ଧରି ୧୬୬ ଆଣ୍ଟି–ସୋସିଆଲ ବିରୋଧୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅପରେଶନ ଚକ୍ର ଅଭିଯାନ ଜାରି ରହିଛି। ସହରର ବିଭିନ୍ନ ପୋଲିସ ଥାନା ଅଞ୍ଚଳରେ ନିୟମିତ ଚେକିଂ, ନାକା ବନ୍ଦୋବସ୍ତ, ଇଣ୍ଟେଲିଜେନ୍ସ ଆଧାରିତ ରେଡ୍ ଓ ପ୍ୟାଟ୍ରୋଲିଂ କରାଯାଇଥିଲା। ଫଳସ୍ୱରୂପ ମୋଟ ୧୬୬ ଜଣ ଆଣ୍ଟି–ସୋସିଆଲ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।



ରାଷ୍ଟ୍ରୀୟ ନବବର୍ଷରେ ଗୁରୁବାର ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇ ନ ଥିବାରୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ୧୧ ହଜାର ଚାଷୀଙ୍କ ୩ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇନି: ସଞ୍ଜୟ

ପୁରୀ, ୧୯।୩(ଅଜିତ୍ କୁମାର ମହାନ୍ତି)



ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ଉପସଭାପତି ସଞ୍ଜୟ ଦାସବର୍ମା ସୂଚନା ଦେଉଛନ୍ତି ।

ଧାନ ସଂଗ୍ରହ କ୍ଷେତ୍ରରେ ଚାଷୀଙ୍କ ସମସ୍ୟା ନେଇ ଗୁରୁବାର ବିଜେଡିର ବରିଷ୍ଠ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀ ଡାକି ଦାସବର୍ମା କହିଛନ୍ତି, ଚଳିତବର୍ଷ ଜିଲାରେ ଖରିଫ ଧାନ ସଂଗ୍ରହ ପାଇଁ ୧୯ଲକ୍ଷ କୁଇଣ୍ଟାଲ ବଳକା ବିକ୍ରିଯୋଗ୍ୟ ଧାନ ୫୯ ହଜାର ୬୧୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚାଷୀଙ୍କୁ ଭ୍ୟାଲିଡ୍ ଟୋକନ୍ ପ୍ରଦାନ କରାଯାଇଛି। କିନ୍ତୁ ଆଜି ସୁଦ୍ଧା ପୁରୀ ଜିଲାର ୧୧ ହଜାର ଚାଷୀ ୩ ଲକ୍ଷ କୁଇଣ୍ଟାଲ ଧାନ ଧରି ବିଭିନ୍ନ ମଣ୍ଡିରେ ମାସାଧିକ କାଳ ପାଲ ପକେଇ ଜଗିରହିଛନ୍ତି। ମାର୍ଚ୍ଚ ୩୧ ମଧ୍ୟରେ ପ୍ରଶାସନିକ ଅଧିକାରୀ ଜିଲାର ସମସ୍ତ ବଳକା ଧାନ ସଂଗ୍ରହ କରିବୁ ବୋଲି କହିଛନ୍ତି। କିନ୍ତୁ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଚାଷୀ ହଜାର ହଜାର କୁଇଣ୍ଟାଲ ଧାନ ଧରି ମଣ୍ଡି ପାଖରେ ଅପେକ୍ଷା କରିଛନ୍ତି। ସରକାର କେବେ ତାଙ୍କ ଧାନ କିଣିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ୨୦୨୫ – ୨୬ ରବି ଧାନ ସଂଗ୍ରହ ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଚାଷୀମାନେ ଫର୍ମ ପୂରଣ କରି ଦାଖଲ କରିବା ପାଇଁ ମାର୍ଚ୍ଚ ୨୦ ତାରିଖ ନିର୍ଣ୍ଣୟ କରାଯାଇଛି। ସଂଗୃହୀତ ଫର୍ମଗୁଡ଼ିକୁ ଡିଜିଟାଇଜେଶନ କରିବା ପାଇଁ ଚଳିତ ମାସ ୨୫ ତାରିଖ ନିର୍ଦ୍ଧାରିତ ହୋଇଛି। ଜିଲାରେ ରବି ଧାନ କ୍ରୟ ପାଇଁ ୧୪୫ଟି କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ହେଇଥିଲା। ଆଜି ସୁଦ୍ଧା ମାତ୍ର ୬ ଟି କ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ୨ ବର୍ଷ ତଳୁ ଜିଲାର ପଞ୍ଜୀକୃତ ହୋଇଥିବା ନୂତନ ପ୍ରାଥମିକ ସେବା ସମବାୟ ସମିତି ପଞ୍ଜୀକରଣ ଏବଂ ଧାନ କିଣା ବିକାରେ ସାମିଲ କରା ନ ଯାଇ ୬ ମାସ ତଳେ ପଞ୍ଜୀକୃତ ହୋଇଥିବା ଅତିରିକ୍ତ ସେବା ସମବାୟ ସମିତିକୁ ପଞ୍ଜୀକରଣ କରିବା ପାଇଁ ପ୍ରଶାସନିକ ନିଷ୍ପତ୍ତି ନେଇଥିବାରୁ ଦାସବର୍ମା ଏହି ବ୍ୟବସ୍ଥାର ତୀବ୍ର ନିନ୍ଦା କରିଛନ୍ତି। ସରକାରଙ୍କ ନିୟମାବଳୀ ଚାଷୀ ବିରୋଧୀ ଯୋଗୁ ଚାଷୀମାନେ ରବି ଧାନ ପଞ୍ଜୀକରଣ କରି ବିକ୍ରି କରିବାରୁ ବଞ୍ଚିତ ହେବେ। ସରକାର ସମସ୍ତ ବଳକା ଓ ବିକ୍ରିଯୋଗ୍ୟ ଧାନ ବିନା କଟ୍‌ନି ଛଟ୍‌ନିରେ ସଂଗ୍ରହ କରିବେ କହିଥିଲେ, କିନ୍ତୁ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି। ଗତ ରବି ଧାନ ସଂଗ୍ରହ ସମୟରେ ଜିଲାର ୩୮ ପ୍ରତିଶତ ଚାଷୀ ଭାଲିଡ୍ ଟୋକନ୍ ଥାଇ ଧାନ ବିକ୍ରି କରିପାରିଲେ ନାହିଁ। ୨୦୨୪–୨୦୨୫ ରବି ସିଜିନ୍‌ରୁ ଯେଉଁ ୪ ଲକ୍ଷ କୁଇଣ୍ଟାଲ ଧାନ ବିଭିନ୍ନ ମିଲ୍‌ରେ ଗଚ୍ଛିତ ରହିଛି ଏବଂ ଖରିଫ ଋତୁରେ ସଂଗୃହୀତ ହୋଇ ପଡ଼ିରହିଥିବା ୧ ଲକ୍ଷ କୁଇଣ୍ଟାଲ ଧାନକୁ ତୁରନ୍ତ ଷ୍ଟେଟ ପୁଲ୍‌କୁ କିଭଳି ହସ୍ତାନ୍ତର କରାଯିବ ସେ ପ୍ରକ୍ରିୟା କରାଯାଉ ବୋଲି ଦାସବର୍ମା କହିଛନ୍ତି। ଖବରଦାତା ସମ୍ମିଳନୀରେ ପୁରୀ–ନିମାପଡ଼ା ବ୍ୟାଙ୍କ ନିର୍ଦ୍ଦେଶକ ଭଗବାନ ନାୟକ, କୃଷକ ନେତା ଯୁଧିଷ୍ଠିର ନାୟକ ଏବଂ ବିଜୟ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

**ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ବୃଦ୍ଧାଙ୍କ ମୁଣ୍ଡ ଫାଟିଲା**

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ଗୁରୁବାର ରାତ୍ର ଜଗୁଆଳିଙ୍କ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୁଣ୍ଡ ଫାଟିଛି। ସେ ହେଲେ ନରଣପୁର ଗ୍ରାମର କବିତା ଦାସ(୬୫)। ଗୁରୁବାର ଅପରାହ୍ନରେ କବିତା ତହସିଲ କାର୍ଯ୍ୟାଳୟକୁ ଆସିଥିବେଳେ ରାତ୍ର ଜଗୁଆଳିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରାତ୍ର ଜଗୁଆଳି ଜଣଙ୍କ କବିତାଙ୍କୁ ଆକ୍ରମଣ କରିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

# ପାନ୍ଥନିବାସରେ 'ପଖାଳ ପର୍ବ' ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)


'ପଖାଳ ପର୍ବ' ଉଦ୍‌ଘାଟନ ଅବସରରେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଗୁରୁବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଦୁଇଦିନିଆ 'ପଖାଳ ପର୍ବ' ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିବା ସହିତ ଜଗନ୍ନାଥ ସଂସ୍କୃତିରେ ଏହାର ଅନନ୍ୟ ମହତ୍ତ୍ୱକୁ ଉପସ୍ଥାପନ କରିଥିଲେ। ପ୍ରଫେସର ଡ. ସିତିକଣ୍ଠ ମିଶ୍ର ଏବଂ ସନ୍ଦୀପ ମୁଖାର୍ଜୀ ପଖାଳର ଗୁଣବତ୍ତା, ଧାନର ବିବିଧତା ଏବଂ ଆଧୁନିକ ହୋଟେଲ ଶିଳ୍ପରେ ପଖାଳ ଭଳି ପାରମ୍ପରିକ ଖାଦ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଦୁଇଟି ବିଷୟଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଆଲୋଚନାଚକ୍ରରେ 'ମନ୍ଦିର ରୋଷେଇ ଶାଳରୁ ଘରୋଇ ଚୁଲି ପର୍ଯ୍ୟନ୍ତ: ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ' ଶୀର୍ଷକ ବିଷୟ ଉପରେ ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଶ୍ୱନାଥ ସାମନ୍ତରାୟ ଓ ବିପି ତ୍ରିପାଠୀ ମତ ରଖି ଓଡ଼ିଆ ଖାଦ୍ୟ ପରମ୍ପରାର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ବିଷୟରେ କହିଥିଲେ। ଦ୍ୱିତୀୟ ଆଲୋଚନାଚକ୍ର 'ସ୍ଥାନୀୟ ପରମ୍ପରାରୁ ବିଶ୍ୱସ୍ତରୀୟ ବ୍ରାଣ୍ଡ: ଓଡ଼ିଆ ରୋଷେଇ ପାଇଁ ମାର୍କେଟିଂ ରଣନୀତି'ରେ ପ୍ରଫେସର ତପନ କୁମାର ପଣ୍ଡା, ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ରିଣ୍ଟୁ ପଟ୍ଟନାୟକ ଏବଂ ଶେଫ୍ ଅବିନାଶ ନାୟକ ଅଂଶଗ୍ରହଣ କରି ଓଡ଼ିଆ ଖାଦ୍ୟକୁ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ବ୍ରାଣ୍ଡିଂ ଓ ଅଭିନବ ମାର୍କେଟିଂ ପଦ୍ଧତି ଉପରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହ ଖାଦ୍ୟ ପରମ୍ପରାର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରିଥିଲା। ଶୁକ୍ରବାର ପଖାଳ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜଗତ୍‌ସିଂହପୁରରେ ନର୍ସିଂ କଲେଜ ପ୍ରତିଷ୍ଠା ଦାବିକଲେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ)

ବର୍ତ୍ତମାନ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଚାହିଦା ବଢ଼ିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ଜିଲାରେ ଏକ ନର୍ସିଂ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସେ ଚିଠି ଲେଖିଛନ୍ତି। ସେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ, କ୍ଲିନିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ତାଲିମପ୍ରାପ୍ତ ନର୍ସଙ୍କର ଆବଶ୍ୟକତା ରହିଛି। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଦକ୍ଷ ଓ ସେବା ମନୋବୃତ୍ତି ରଖୁଥିବା ପେସାଦାର ନର୍ସ ପ୍ରସ୍ତୁତ କରିଥାଏ ନର୍ସିଂ କଲେଜ। ଏହା ରୋଗୀଙ୍କର ଠିକ୍ ଭାବେ ଯତ୍ନ ନେବା ଓ ଡାକ୍ତରଙ୍କୁ ସହାୟତା କରିବା ନେଇ ପ୍ରଶିକ୍ଷଣ ଦେଇଥାଏ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ସହ ହସ୍ପିଟାଲ ଉପରୁ ଚାପ ହ୍ରାସ କରିବାରେ ସହାୟକ ହୋଇଥାଏ। ଜଗତ୍‌ସିଂହପୁରରେ ଜନସଂଖ୍ୟା ବଢୁଥିବା ବେଳେ ବର୍ଦ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ନର୍ସିଂ କଲେଜର ଆବଶ୍ୟକତା ରହିଛି। ଦୀର୍ଘଦିନ ଧରି ଜଗତ୍‌ସିଂହପୁର ଜିଲାବାସୀ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଆସୁଛନ୍ତି। ତେଣୁ ଜିଲାବାସୀଙ୍କ ଶିକ୍ଷାଗତ ଆଶା ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ବିଚାର କରି ଏଦିଗରେ ଯଥାଶୀଘ୍ର ହସ୍ତକ୍ଷେପ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

# ବିଏମ୍‌ସିକୁ ମିଳିବ 'ଗ୍ଲୋବାଲ ସଷ୍ଟେନେବିଲିଟି ଆଣ୍ଡ୍ ଇନୋଭେଶନ ପୁରସ୍କାର'

ଭୁବନେଶ୍ୱର, ୧୯।୩ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ମିଳିବ 'ଗ୍ଲୋବାଲ ସଷ୍ଟେନବିଲିଟି ଆଣ୍ଡ୍ ଇନୋଭେଶନ' ପୁରସ୍କାର। ଜଳବାୟୁ ଅନୁକୂଳ ନବୀକରଣଯୋଗ୍ୟ, ଜଳ ଭିତ୍ତିଭୂମି କ୍ଷେତ୍ରରେ ଉତ୍କର୍ଷତା ଏବଂ ମଳପଙ୍କ ପ୍ରକ୍ରିୟାକରଣରୁ ସମ୍ବଳ ପୁନଃ ଉଦ୍ଧାର କରିବା କ୍ଷେତ୍ରରେ ଅଭିନବ ପଦକ୍ଷେପ, ସ୍ୱୀକୃତିପ୍ରାପ୍ତ ସ୍ଥାୟୀ ଭିତ୍ତିଭୂମି ଏବଂ ଦକ୍ଷ ବର୍ଜ୍ୟଜଳ ପରିଚାଳନାରେ ବିଏମ୍‌ସିର ପ୍ରଗତିଶୀଳ ଆଭିମୁଖ୍ୟ ପାଇଁ ଏହି ସମ୍ମାନଜନକ ପୁରସ୍କାର ଦିଆଯିବ। ଆସନ୍ତା ୨୪ ତାରିଖ ସନ୍ଧ୍ୟା ୬ଟାରେ ନୂଆଦିଲ୍ଲୀ ଶାମଭେଟ ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଏମ୍‌ସିକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏନେଇ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା ଖୁସି ବ୍ୟକ୍ତ କରିଛନ୍ତି। ଟିମ୍ ବିଏମ୍‌ସି ସହ ସମସ୍ତ ଅଧିକାରୀ, କର୍ମଚାରୀ, କର୍ପୋରେଟର, ସ୍ୱଚ୍ଛକର୍ମୀ ଓ ସ୍ୱଚ୍ଛସାଥୀଙ୍କ ସହ ଏହି ଶ୍ରେୟ ଭୁବନେଶ୍ୱରବାସୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ସମୁଦାୟ ୩୦ଟି ସୋଲାର ୱାଟର କିଓସ୍କ ଚାଲିଛି। ସେହିପରି ବାସୁଆଘାଇଠାରେ ମଳପଙ୍କ ପ୍ରକ୍ରିୟାକରଣ କରି ସେଥିରୁ ବାହାରୁଥିବା ଜଳକୁ ପୁନଃ ବ୍ୟବହାର ଉପଯୋଗୀ କରାଯିବା ସହ ମଳପଙ୍କକୁ ମଧ୍ୟ ଖତ ରୂପେ ବ୍ୟବହାର କରାଯାଉଛି। ଭୁବନେଶ୍ୱରକୁ ଦୀର୍ଘମିଆଦୀ ସୂତ୍ରରେ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ବିଏମସି ପକ୍ଷରୁ ଏହି ପ୍ରକ୍ରିୟା ଜାରି ରହିଛି। ଏ ସବୁକୁ ସାମଗ୍ରିକ ଭାବେ ବିଚାରକୁ ନେଇ ଆର୍ଥ ୱାଟର ଫାଉଣ୍ଡେଶନ ପକ୍ଷରୁ ବିଏମ୍‌ସିକୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ଦର୍ଶକଙ୍କ ମନମୋହିଲା ନାଟକ 'ରୋମିଓ ଜୁଲିଏଟ୍'


ନାଟକ 'ରୋମିଓ ଜୁଲିଏଟ୍'ର ଏକ ଦୃଶ୍ୟ।

## ଜୟଦେବ ସମାରୋହ

ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ' ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ସଂସ୍କୃତି ବିଭାଗ ପୂର୍ବତନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ, ନାଟ୍ୟକାର ଧୀରେନ୍ଦ୍ର ନାଥ ମଲ୍ଲିକ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୁରାତନ ଛାତ୍ର କଲ୍ୟାଣ ସମିତି ସଭାପତି ଲାଲାବିରେନ ରାୟ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ପ୍ରମୁଖ ଯୋଗଦେଇ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଦୀର୍ଘ ବର୍ଷର ଗୌରବମୟ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ଅନନ୍ୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଶାର କଳା ଜଗତରେ ସାରସ୍ୱତ ପ୍ରତିଭା ସୃଷ୍ଟି କରିବା ଦିଗରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସନ୍ଧ୍ୟାରେ ଗୁରୁ ଡ଼. ସମିତାରାଣୀ ମହାନ୍ତି, ଗୁରୁ ସଞ୍ଜୟ ସାହା ଓ ଗୁରୁ ନିତ୍ୟାନନ୍ଦ ରାଉତଙ୍କ ନିର୍ଦ୍ଦେଶନାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗର ଛାତ୍ରୀଛାତ୍ରମାନେ ନାଟକ 'ରୋମିଓ ଜୁଲିଏଟ' ପରିବେଷଣ କରିଥିଲେ, ଯାହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ପରିଚାଳନା କରିଥିଲେ।

# ୨୧ରୁ ପୁରୀରେ ଫିଟ୍ ଇଣ୍ଡିଆ କାର୍ନିଭାଲ

ପୁରୀ,୧୯।୩(ଅଜିତ୍ କୁମାର ମହାନ୍ତି)

କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସହଯୋଗରେ ପୁରୀରେ ଆୟୋଜିତ ହେବାକୁ ଯାଉଛି ଫିଟ୍ ଇଣ୍ଡିଆ କାର୍ନିଭାଲ। 'ସମସ୍ତେ ସୁସ୍ଥ ରୁହନ୍ତୁ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ରୁହନ୍ତୁ'ର ବାର୍ତ୍ତା ନେଇ ଖେଲୋ ଇଣ୍ଡିଆର ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପୁରୀ ଭିକ୍ଟୋରିଆ ହୋଟେଲ ସମ୍ମୁଖ ସି ବିଚ୍‌ରେ ଅନୁଷ୍ଠିତ ହେବ। ପୁରୀ ଜିଲା ପ୍ରଶାସନ ଏଥିରେ ସହଯୋଗ ଯୋଗାଇଦେବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ପରାମର୍ଶକ୍ରମେ ଗୁରୁବାର ସର୍କିଟ ହାଉସରେ ଏ ସମ୍ପର୍କରେ ଏକ ବୈଠକ ଅତିରିକ୍ତ ଜିଲାପାଳ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୨୦୧୯ରୁ ପ୍ରଧାନମନ୍ତ୍ରୀଙ୍କ ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ଭାବେ ଏହା ଆୟୋଜନ ହୋଇଆସୁଛି। ପୁରୀରେ ଚଳିତ ବର୍ଷ ଏହାର ଆୟୋଜନ ଖୁସିର କଥା ଓ ପୁରୀବାସୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବେହେରା ଆଶା ବ୍ୟକ୍ତ କରିଥିଲେ। ଏଥିରେ ଯୋଗ ପ୍ରଶିକ୍ଷଣ, ଜୁମ୍ବା, ଅନ୍ୟାନ୍ୟ କ୍ରୀଡ଼ା ପୂର୍ବାହ୍ନ ୬ଟାରୁ ୯ଟା ଏବଂ ଅପରାହ୍ନ ୪ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି ସାଇ ସହକାରୀ ନିର୍ଦ୍ଦେଶକ କରଣ ସାଦୱାନୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବ୍ୟବସ୍ଥା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇ ସଂପୃକ୍ତ ବିଭାଗ ପଦକ୍ଷେପ ନେବାକୁ କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍

ଭୁବନେଶ୍ୱର,୧୯।୩(ତ୍ରିନାଥ ମହାନ୍ତି)

ବଡ଼ଗଡ଼ ଥାନା କଟକ ବାଇପାସ୍ ହୋଟେଲ ପ୍ରତିମା ହେରିଟେଜ ନିକଟରେ ଶୁଭାଶିନୀ ସାହୁଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ବୁଧବାର ଅପରାହ୍ନ ୨ଟାରେ ଶୁଭାଶିନୀ ସ୍କୁଟିରେ ଘରକୁ ଫେରୁଥିବାବେଳେ ପଛରୁ ଦୁଇଜଣ ଅଭିଯୁକ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଛନ୍ତି। ଲୁଟ୍ ପରେ ମହିଳା ଜଣଙ୍କ ସେଠାରେ ପଡ଼ିଯାଇଥିଲେ।

# ରାଜ୍ୟ ସଂଗ୍ରହାଳୟରେ ହର୍‌ମାନଙ୍କ ସ୍ମୃତି ଚାରଣ


ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୧୯।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଐତିହାସିକ ପଦ୍ମଶ୍ରୀ ପ୍ରଫେସର ହର୍‌ମାନ କୁଲ୍‌କେଙ୍କ ସ୍ମୃତିରେ ଏକ ସାରସ୍ୱତ ସ୍ମୃତି ସଭା ଆୟୋଜିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ପ୍ରଫେସର ସୁସ୍ମିତା ପାଣି, ଡ଼. ସୁନୀଲ ପଟ୍ଟନାୟକ, ଡ଼. ଯତୀନ ନାୟକ, ଡ଼. ଶକୁନ୍ତଳା ବଳିୟାରସିଂହ, ଡ଼. ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ହର୍‌ମାନ ଜଣେ ସୁପ୍ରତିଷ୍ଠିତ ଜର୍ମାନ ଐତିହାସିକ ଓ ଭାରତବିଜ୍ଞାନୀ ଭାବେ ସୁପରିଚିତ ଥିଲେ। ସେ କୀଲ୍ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗରେ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସୀୟ ଇତିହାସର ପ୍ରଫେସର ଥିଲେ। ଓଡ଼ିଶାର ଇତିହାସ ଓ ସଂସ୍କୃତିକୁ ନେଇ ହର୍‌ମାନଙ୍କ ରଚିତ ପୁସ୍ତକ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ। ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିଛନ୍ତି। ଇତିହାସ ଜଗତ ପାଇଁ ପ୍ରଫେସର ହର୍‌ମାନଙ୍କ ଅବଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ମତପ୍ରକାଶ କରିଥିଲେ। ସଂଗ୍ରହାଳୟ ଅଧୀକ୍ଷକ ଡ. ଭାରତୀ ପାଲ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆଉଟ୍‌ସୋର୍ସିଂ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ)


ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ନେଇ ଆଲୋଚନା କରୁଛନ୍ତି।

ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବି ପୂରଣ ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ୯ଦିନ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଛି ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ। ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ କ୍ରମେ ବୁଧବାର ରାତିରେ ମହାସଂଘ ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ଉପଦେଷ୍ଟା ବିଜୟ ମଲ୍ଲ, ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଆଠଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇଥିଲେ। ସେଠାରେ ପ୍ରତିନିଧିମଣ୍ଡଳୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କ ଉପସ୍ଥିତିରେ ଘଣ୍ଟାଏରୁ ଅଧିକ ସମୟ ଧରି ଆଲୋଚନା ହୋଇଥିଲା।

ମୁଖ୍ୟମନ୍ତ୍ରୀ ଜାତୀୟ ସ୍ୱାସ୍ଥ୍ୟ ମିଶନର ଛଟେଇ ନିର୍ଦ୍ଦେଶକୁ ବାତିଲ କରିବା ପାଇଁ ତାଙ୍କ ଅତିରିକ୍ତ ସଚିବଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରି ମହାସଂଘ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ରାଜ୍ୟର ତଥ୍ୟକୁ ଆଧାର କରି ସ୍ଥାୟୀ ନିଯୁକ୍ତି ପାଇଁ ଯାହା ଆନୁଷଙ୍ଗିକ ବ୍ୟବସ୍ଥା ଆବଶ୍ୟକ ତାହାର ତର୍ଜମା କରି ଏକ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗୁରୁବାର ଆଇନ ମନ୍ତ୍ରୀ, ଭଟଲି ବିଧାୟକ, ଏକାମ୍ର ବିଧାୟକ ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିବା ସହିତ ଆନ୍ଦୋଳନକୁ ସ୍ଥଗିତ କରିବା ପାଇଁ ଅନୁରୋଧ କରିଥିଲେ।

## ଫଟୋ ରେ ଖବର



ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଚାକିରି ନିୟମିତ କରିବା ଦାବିରେ ଗୁରୁବାର ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଭାରତକୁ ସାମ୍ବିଧାନିକ ଭାବେ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବିରେ ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପୂଜାପାଠ କରି ଅଭିନବ ପ୍ରତିବାଦ।

# ରଥରେ ସଂଯୋଗହେଲା ନାହାକା

## କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

ନିରାକାରପୁର, ୧୯।୩
(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପାରମ୍ପରିକ ବିଜୟା ରଥଯାତ୍ରା ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ରଥଖଳାରେ ରଥକାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ରଥରେ ନାହାକା(ଗରଓରା) ସଂଯୋଗ କରାଯାଇଛି। ନାହାକା ସଂଯୋଗ ପୂର୍ବରୁ କପିଳେଶ୍ୱର ଦେବଙ୍କ ଠାରୁ ମାଳି ସେବାୟତ ଆଜ୍ଞା ଫୁଲମାଳ ଆଣିଥିଲେ। ପରେ ନାହାକାକୁ ପଞ୍ଚାମୃତ କରାଯାଇ ବନ୍ଦାପନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାଶ ଫଳ ଅର୍ପଣ କରାଯାଇ ମୁଖ୍ୟ ପୂଜକ ଧ୍ରୁବକିଶୋର ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଘଣ୍ଟି, ହରିବୋଲ, ହୁଳହୁଳି ମଧ୍ୟରେ ନାହାକା ସଂଯୋଗ କରାଯାଇଥିଲା। ସେହିପରି ଏହି ରଥଯାତ୍ରା ନିମନ୍ତେ ଆରେଡି ଗ୍ରାମର ଇଷ୍ଟଦେବ ତଥା କପିଳେଶ୍ୱର ଦେବଙ୍କ ବଡ଼ଭାଇ ଗ୍ରାମେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କ ପାଖକୁ ଶୁକ୍ରବାର ପାରମ୍ପରିକ ରୀତିରେ ନିମନ୍ତ୍ରଣ ପଠାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ କହିଛନ୍ତି। ସେହିପରି ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମର ରଥ ନିର୍ମାଣ ସେବକ(ବିଶ୍ୱକର୍ମା) ଦୁର୍ଯ୍ୟୋଧନ ମହାରଣା କୁହନ୍ତି, ଠାକୁରଙ୍କ କରୁଣାରୁ ଦୀର୍ଘ ବର୍ଷ ହେବ ୨୦ଜଣ ସହଯୋଗୀଙ୍କୁ ନେଇ ଏହି ରଥ ନିର୍ମାଣ କାର୍ଯ୍ୟ କରୁଛୁ। ପିଲାବେଳେ ବାପା, ଜେଜେବାପାଙ୍କ ସହିତ ଏହି ରଥ ନିର୍ମାଣ କାର୍ଯ୍ୟ ଦେଖିବାକୁ ଆସୁଥିଲେ। ସେମାନଙ୍କ ପରେ ଏହି ଦାୟିତ୍ୱ ତୁଲାଇ ଆସିଛି ବୋଲି ସେ କହିଛନ୍ତି। ନାହାକା ସଂଯୋଗ କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମସ୍ତ ସଦସ୍ୟ, ମାଳି ଓ କାହାଳିଆ ମହାରଣା, ଗ୍ରାମବାସୀ, ସମସ୍ତ ସେବାୟତ ଉପସ୍ଥିତ ଥିଲେ।

# ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ବେଳେ ବାଜିଲାନି ସାଇରନ୍



## ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଟାଙ୍ଗୀ, ୧୯।୩(ରଘୁନାଥ ସାହୁ)

ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ରୋଗୀଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ଶୋକାକୁଳ ବାତାବରଣ ଦେଖାଯିବା ସହ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ନ ଥିବା ଜଣାପଡ଼ିଛି। ସରକାରଙ୍କ ଚେତା ପଶିବା ପରେ ଏବେ ରାଜ୍ୟରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଧିକାରୀମାନଙ୍କ ଦ୍ୱାରା ତଦାରଖ କରାଯାଇଛି। ଏହିକ୍ରମରେ ଗୁରୁବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଅଛି କି ନାହିଁ, ସେନେଇ ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଜାଣି ନ ଥିବା ଏବଂ ଅଗ୍ନି ସଂଯୋଗ ବେଳେ ସାଇରନ ବାଜୁ ନ ଥିବା ତଦାରଖ ଅଧିକାରୀ ଜାଣିବାକୁ ପାଇଥିଲେ। ଏପରିକି ସାଇରନ ପାଇଁ ଥିବା ତାରର ସଂଯୋଗ ବିଚ୍ଛିନ୍ନ ଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କୁ ଅଗ୍ନିକାଣ୍ଡ ସମୟରେ କିପରି ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅଗ୍ନିଶମ କାର୍ଯ୍ୟାଳୟର ଫାୟାର ଅଫିସର ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିକାଶ ରଞ୍ଜନ ମହାପାତ୍ର, ହେମନ୍ତ ସାହୁ, ତପନ କୁମାର ବେହେରା ପ୍ରମୁଖ ତଦାରଖ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଚାନ୍ଦପୁର ଅଞ୍ଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ଲିନିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ କରିବାକୁ ସାଧାରଣରେ ଦାବି ହେଉଛି।

# ଧକ୍କାକରି ଫେରାର ଥିବା ଚାଳକ ଗିରଫ, ଗାଡ଼ି ଜବତ

ବୋଲଗଡ଼, ୧୯।୩(ଦେବବ୍ରତ ହୋତା)

ବୋଲଗଡ ଉପକଣ୍ଠ ମଙ୍ଗଳା ମନ୍ଦିର ନିକଟରେ ଗତ ରବିବାର ପ୍ରାତଃରେ ଏକ ଅଜଣା ଗାଡ଼ି ଧକ୍କାରେ ସ୍ଥାନୀୟ ବନ୍ଧସାହିର ବାସନ୍ତୀ ବେହେରା(୫୫)ଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତାଙ୍କ ସ୍ୱାମୀ ମେଳଛ ବେହେରାଙ୍କ ଅଭିଯୋଗକ୍ରମେ ବୋଲଗଡ଼ ଥାନା ପୋଲିସ ଏକ ମାମଲା (ନଂ.୧୧୧/୨୬)ରୁଜୁକରି ତଦନ୍ତ ଜାରି ରଖିଥିଲା। ବୁଧବାର ପୋଲିସ ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ କରିବା ସହ ସେ ଚଳାଉଥିବା ଟ୍ରକ୍ (ଓଡି ୦୨ସିଏକ୍ସ ୪୪୩୧)କୁ ଜବତ କରିଛି। ଗିରଫ ଡ୍ରାଇଭର ହେଲେ ଇଟାମାଟି ଥାନା ହରେକୃଷ୍ଣପୁର ଗ୍ରାମର ପ୍ରଶାନ୍ତ ଖଣ୍ଡା(୨୫)। ଏସ୍‌ଆଇ ହାଡୁବନ୍ଧୁ ଦାସଙ୍କ ସୂଚନା ଅନୁଯାୟୀ, ଉକ୍ତ ଗାଡ଼ିରେ ପ୍ରତ୍ୟହ ଭୁବନେଶ୍ୱରରୁ ରାତିରେ କୌଣସି ସାମଗ୍ରୀ ଆସି ଭୀମପଡ଼ାରେ ଖଲାସ ହୋଇଥାଏ। ସ୍ଥାନୀୟ ଲୋକଙ୍କ ନିକଟରୁ ସୂଚନା ପାଇ ପୋଲିସ ଭୀମପଡ଼ାରେ ପହଞ୍ଚି ସମ୍ପୃକ୍ତ ଗାଡ଼ିକୁ ଠାବ କରି ଚାଳକ ପ୍ରଶାନ୍ତଙ୍କୁ ଜେରା କରିଥିଲା। ସେ ପ୍ରଥମେ ଏହି ଘଟଣାକୁ ଅସ୍ୱୀକାର କରିଥିବା ବେଳେ ପରବର୍ତ୍ତୀ ସମୟରେ ମାନିଯାଇଥିଲେ। ଏହା ପରେ ପ୍ରଶାନ୍ତଙ୍କୁ ଗିରଫ କରେ କୋର୍ଟଚାଲାଣ କରାଯାଇଛି।

# ‘ଗୋବଂଶର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ’



## ଶ୍ରୀରାମକୃଷ୍ଣ ଗୋଶାଳାର ୬ଷ୍ଠ ବାର୍ଷିକୋତ୍ସବ

ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ନବବର୍ଷ ଅବସରରେ ଖୋର୍ଦ୍ଧା ବ୍ଲକ ପୁରୁସାହିଠାରେ ଶ୍ରୀରାମକୃଷ୍ଣ ଗୋସେବା କେନ୍ଦ୍ର(ଟ୍ରଷ୍ଟ) ଆନୁକୂଲ୍ୟରେ ଚାଲିଥିବା ଶ୍ରୀରାମକୃଷ୍ଣ ଗୋଶାଳାର ୬ଷ୍ଠ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ସକାଳେ ପାରମ୍ପରିକ ରୀତିନୀତିରେ ବିଶ୍ୱଶାନ୍ତି ହୋମଯଜ୍ଞ କରାଯାଇଥିଲା। ଗୋ’ମାତାର ପୂଜନ, ଆଳତି ସହ ବେଦପାଠର ମନ୍ତ୍ରଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଗୋଭକ୍ତ ଯୋଗଦେଇ ଗୋମାତାଙ୍କ ଆଳତି କରିଥିଲେ। ଗୋମାତାକୁ ଚାରା, ଗୋଖାଦ୍ୟ ଅର୍ପଣ ସହ ପୂଜନ କରିଥିଲେ। ସନ୍ଧ୍ୟାରେ ଗୋ ମାହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା।

ଗୋସେବା ଟ୍ରଷ୍ଟର ସଭାପତି ବିକାଶ ସ୍ୱାଇଁ କହିଛନ୍ତି, ୬ବର୍ଷ ହେବ ଏହି କାର୍ଯ୍ୟ ଜାରିରହିଛି। କରୋନା ସମୟରେ ରାସ୍ତାକଡରେ ଅସହାୟ ଅବସ୍ଥାରେ ପଡିଥିବା ଗୋରଙ୍କୁ ଦାନା, ଚାରା, ପାଣି ଯୋଗାଇବାଠାରୁ ଗୋସେବା ଆରମ୍ଭ ହୋଇଥିଲା। ଏଥିସହ ଅସହାୟ ଅବସ୍ଥାରେ ପଡିଥିବା ଗୋରୁ, ଷଣ୍ଢଙ୍କ ସେବା କରାଗଲା। ଇତି ମଧ୍ୟରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଗୋରୁଙ୍କ ସେବା କରାଯାଇଛି। ଏହି କାର୍ଯ୍ୟରେ ବହୁ ଯୁବକ ଗୋଭକ୍ତ ଯୋଡ଼ି ହୋଇଛନ୍ତି। ୧୬ ଓ ୫୭ନମ୍ବର ଜାତୀୟ ରାଜପଥରେ ଗୋଚାଲାଣ ବନ୍ଦ, ଗୋସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ଗୋଶାଳା ଆରମ୍ଭ ହୋଇଛି। ଆଗାମୀ ଦିନରେ ଅନେକ ଗୋଭକ୍ତ, ଚାଷୀଙ୍କୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସେହିପରି ଟ୍ରଷ୍ଟର ସମ୍ପାଦକ ତପନ ସାମନ୍ତରାୟ କୁହନ୍ତି, ଭାରତୀୟ ଗୋବଂଶ ହେଉଛନ୍ତି ଆମ ସଂସ୍କୃତିର ପ୍ରତୀକ। ଗୋବଂଶର ସମୃଦ୍ଧି, ବିକାଶ ସମ୍ବର୍ଦ୍ଧନାରେ ଦେଶର ବିକାଶ ନିର୍ଭର। ଗ୍ରାମୀଣ ସଂସ୍କୃତିର ଆଧାର ହେଉଛି ଭାରତୀୟ ଗୋବଂଶ। ଏହାର ବିକାଶ, ସୁରକ୍ଷା ସମସ୍ତଙ୍କ ଉତ୍ତର ଦାୟିତ୍ୱ। ଗୋଭକ୍ତ ଉଦିତ ନାରାୟଣ ପ୍ରହରାଜ କୁହନ୍ତି, ଗୋମାତାକୁ ହତାଦର କରନ୍ତୁ ନାହିଁ। ସେମାନଙ୍କ ଉପଯୁକ୍ତ ସେବା ଲାଳନପାଳନ କରିବା ସମସ୍ତଙ୍କ କର୍ତ୍ତବ୍ୟ।

# ଅମୃତେଶ୍ୱର ଦେବଙ୍କ ପନ୍ଦରଦୋଳ ଯାତ୍ରା



## ପନ୍ଦରଦୋଳ ଯାତ୍ରାରେ ବାରପଲ୍ଲୀର ୪୨ ଠାକୁର

ବୋଲଗଡ଼, ୧୯।୩(ଦେବବ୍ରତ ହୋତା)

ବୋଲଗଡ଼ ତୃତୀୟାପଡ଼ାଠାରେ ଅମୃତେଶ୍ୱର ଦେବଙ୍କ ପନ୍ଦରଦୋଳ ଯାତ୍ରାର ୧୨୩ତମ ବାର୍ଷିକ ବାରପଲ୍ଲୀ ଦୋଳ ମହୋତ୍ସବ ବୁଧବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଛି। ଉକ୍ତ ବାରପଲ୍ଲୀ ଦୋଳ ମହୋତ୍ସବ ୧୯୦୩ ମସିହାଠାରୁ ରାଜଠାକୁର ଅମୃତେଶ୍ୱର ଦେବ ଦୋଳଯାତ୍ରା ମହୋତ୍ସବ ଭାବେ ୩ଦିନ ଧରି ହୋଇ ଆସୁଥିବା ବେଳେ ଚଳିତ ଥର ବୁଧବାର ରାତିରେ ଅଟୋପ ପଟୁଆରରେ ପାରମ୍ପରିକ ଭାବେ ଯଥା ରୀତିନୀତି ଅନୁସାରେ ରାଜଠାକୁର ଭାବେ ଖଇଁରିଆ ଗ୍ରାମର ଅମୃତେଶ୍ୱର ଦେବଙ୍କ ସୁସଜ୍ଜିତ ଦୋଳବିମାନ ପ୍ରଥମେ ଯାତ୍ରା ପଡିଆରେ ପ୍ରବେଶ କରିଥିଲା। ପରେ ମନ୍ତ୍ରୀ ଠାକୁର ଭାବେ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ସମେତ ଉକ୍ତ ଦୋଳ ମହୋତ୍ସବକୁ ନିମନ୍ତ୍ରିତ ଅନ୍ୟ ୪୦ ଠାକୁର ସୁସଜ୍ଜିତ ବିମାନରେ ପଟୁଆର ସହ ପନ୍ଦରଦୋଳ ଯାତ୍ରା ପଡ଼ିଆକୁ ବିଜେ କରି ନିଜ ଆସନରେ ଉପବିଷ୍ଟ ହୋଇଥିଲେ। ଏହି ଦୃଶ୍ୟ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରାରେ ବିଜେ କରିଥିବା ସମସ୍ତ ଦେବଦେବୀ ରୀତିନୀତି ଅନୁଯାୟୀ ପୂଜା ପାଇବା ସହ ଗୁରୁବାର ପ୍ରାତଃରୁ ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ଏହି ଅବସରରେ ଏଠାରେ ଆୟୋଜିତ ଅମୃତ ମହୋତ୍ସବ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ଖୋଲାଯାଇଛି।

# ଉଦ୍ୟୋଗୀ ସଚେତନତା ଶିବିର

କଳାପଥର, ୧୯।୩(ଗଙ୍ଗାଧର ସାହୁ)

କଳାପଥର ପଞ୍ଚାୟତ ଅଧୀନ କପିଳେଶ୍ୱର ଦେବ ମନ୍ଦିର ପରିସରରେ ଉଦ୍ୟୋଗୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହର୍ଟିକଲଚର ବିଭାଗର ଯନ୍ତ୍ରୀ ଚିତ୍ତରଞ୍ଜନ ମହାନ୍ତି, ଆସିଷ୍ଟାଣ୍ଟ ଏଗ୍ରିକଲଚର ଅଫିସର ଶ୍ରୀନିବାସ ଦାସ, ଉପଖଣ୍ଡସ୍ତରୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ସାହୁ, ସହକାରୀ ଶିଳ୍ପ ଅଧିକାରୀ ସତ୍ୟପ୍ରିୟ ସାହୁ, ଜିଲା ସମ୍ବଳ ଅଧିକାରୀ ସୁଶୀଲ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ମାଣ୍ଡିଆ ଚୂନା, ଆରିସାପିଠା, ଇଟା ପ୍ରସ୍ତୁତ, ଡ୍ରେସ, ମହୁ ଚାଷ, ଆଇସକ୍ରିମ ଫ୍ୟାକ୍ଟ୍ରି, ଚୁଡା କଳ, ମସଲା, ଧୂପକାଠି, କଣ୍ଢେଇ ଆଦି ଅଣୁ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରି ଲାଭବାନ ଏବଂ ସ୍ୱାବଲମ୍ବୀ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସତ୍ୟପ୍ରିୟ ସାହୁଙ୍କ ଦ୍ୱାରା ପରିଚାଳିତ ସଚେତନତା ସଭାରେ ବହୁ ଉଦ୍ୟୋଗୀ ଯୋଗଦେଇଥିଲେ। ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ଜାଗୁଳେଇଙ୍କ ବାସନ୍ତିକ ଦୁର୍ଗାପୂଜା, ନବରାତ୍ର ମହୋତ୍ସବ ଆରମ୍ଭ



## ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ

ଜଟଣୀ, ୧୯।୩(ରବୀନ୍ଦ୍ରନାଥ ମହାକୁଡ)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଗ୍ରାମଦେବୀ ମା’ ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବ୍ରତଧାରୀ ମହିଳା ପୁରୁଷମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ମାଝଣା ପୋଖରୀରୁ ପାଣି ଆଣି କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପ୍ରତ୍ୟେକ ଦିନ ସାଲା ମଣ୍ଡନ, ସୂର୍ଯ୍ୟ ପୂଜା, ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା’ଙ୍କୁ ମହାସ୍ନାନ ପରେ ବେଶ କରାଯିବ। ପ୍ରଥମ ଦିବସରେ ମା’ଶୈଳପୁତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଷୋଡ଼ଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି, ଆଳତି ଓ ପୁଷ୍ପାଞ୍ଜଳି ଦିଆଯାଇଥିଲା। କର୍ତ୍ତାକର୍ତ୍ତୀ ଭାବେ ହରେକୃଷ୍ଣ ମଙ୍ଗରାଜ ଓ ତାଙ୍କ ସହଧର୍ମିଣୀ ରାନୁବାଳା ଦାୟିତ୍ୱ ନିର୍ବାହ କରୁଛନ୍ତି। ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା, ସଭପତି ରାଧାମୋହନ ପଟ୍ଟନାୟକ, ସମ୍ପାଦକ ଏଲ୍.ଡି ମହାନ୍ତି, ଅଶୋକ ଦାଶ, ଭାଗୀରଥି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହାଣି, ଜିତେନ୍ଦ୍ର ଜେନା, ପବିତ୍ର ମୋହନ ରାଣସିଂହ, ବାରିଷ୍ଟର ସୁରେଶ ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ସତୀଶ ପରିଡ଼ା, ସାହିଲ ସାହାଣୀ, ବିଶ୍ୱରଞ୍ଜନ ସାହୁ, ବିକାଶ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଶୁକ୍ରବାର ମା’ ବ୍ରହ୍ମଚାରିଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବ ଦକ୍ଷତା ବିକାଶ ପ୍ରଶିକ୍ଷଣ



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼, ୧୯।୩(ଦେବବ୍ରତ ହୋତା)

ଖୋର୍ଦ୍ଧା ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଆନୁକୂଲ୍ୟରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଏକଦିବସୀୟ ଉଦ୍ୟାନ କୃଷି କର୍ମଶାଳା ବୋଲଗଡ଼ ବ୍ଲକ ରାଜସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ସମ୍ପ୍ରସାରଣ କର୍ମୀ ପ୍ରଶାନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣିବା ଏବଂ ସଠିକ ପ୍ରଶିକ୍ଷଣ ନେଇ ଛତୁଚାଷ ସହ ବିଭିନ୍ନ ଚାଷ କରି ସ୍ୱାବଲମ୍ବୀ ହେବା, ଅନ୍ୟକୁ ରୋଜଗାରକ୍ଷମ କରିବା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ଶ୍ରୀୟା ଶାଶ୍ୱତୀ କର, ବ୍ଲକ କୃଷି ଅଧିକାରୀ ସନ୍ତୋଷ ପରିଡ଼ା, ବ୍ଲକ ଅଧ୍ୟକ୍ଷ ହୁଲ୍ଲାସ ପ୍ରଧାନ, ଉପାଧ୍ୟକ୍ଷ ରମେଶ ସାହୁ, ସମିତିସଭ୍ୟ ରଞ୍ଜନ ଲେଙ୍କା, ମତ୍ସ୍ୟ ଅଧିକାରିଣୀ ମିତାଲି ଖୁଣ୍ଟିଆ, ବିପିସି ସ୍ୱର୍ଣ୍ଣପ୍ରଭା, ବିପିଏମ୍ ପ୍ରକାଶ ବଳିୟାରସିଂହ, ଓଏଲ୍‌ଏମ୍ ଈଶ୍ୱର ପରିଡ଼ା, ମହିଳା ମହାସଂଘ ସଭାନେତ୍ରୀ ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି ଯୋଗଦେଇ ଉଦ୍ୟାନ କୃଷି ମାଧ୍ୟମରେ ଛତୁ, ମହୁ, ଫୁଲ, ଫଳ ଓ ପନିପରିବା ଆଦି ଚାଷରେ ସରକାର ପ୍ରଦାନ କରୁଥିବା ବିଭିନ୍ନ ରିହାତି ଉପରେ ଆଲୋକପାତ କରିଥିଲେ। ମୁଗମଣ୍ଡା ଗ୍ରାମର ସୁକାନ୍ତ ଦଳାଇ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛତୁଚାଷ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶତାଧିକ ମହିଳା ଏହି କର୍ମଶାଳାରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ରବୀନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ପଶି ସୁନା ଅଳଙ୍କାର, ଟଙ୍କା ନେଇଗଲେ

ବେଗୁନିଆ, ୧୯।୩(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଥାନା ଅନ୍ତର୍ଗତ ତଳକଡ଼ବ ଗ୍ରାମର ପ୍ରତାପ ସିଂଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ ଟଙ୍କା ଚୋରି ହୋଇଛି। ଏନେଇ ଅଭିଯୋଗ ପରେ ଗୁରୁବାର ପୋଲିସ ଓ ଅନୁସନ୍ଧାନକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୨୫/୨୬) ରୁଜୁ ହୋଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଲୁଟେରାଙ୍କ ସନ୍ଧାନ ପୋଲିସ ପାଇ ନ ଥିବା ଜଣାପଡିଛି। ଅଭିଯୋଗ ମୁତାବକ, ତଳକଡ଼ବ ଗ୍ରାମର ପ୍ରତାପ ସିଂ ଏବଂ ତାଙ୍କ ପରିବାର ବୁଧବାର ରାତିରେ ବିଶ୍ରାମ କରିଥିଲେ। ଲୁଟେରାମାନେ ତାଙ୍କ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ଘରେ ଥିବା ଆଲମିରା ଖୋଲି ୬୫ ହଜାର ଟଙ୍କା ସହିତ ସୁନା ଅଳଙ୍କାର ଲୁଟି ନେଇଛନ୍ତି।

# ଶ୍ରୀରାମ ରଥ ପରିକ୍ରମା ଶୁଭାରମ୍ଭ

ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱ ହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଗୁରୁବାର ଶ୍ରୀରାମ ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ପୁରୁସାହିସ୍ଥିତ ଶ୍ରୀରାମକୃଷ୍ଣ ଗୋଶାଳା ପରିସରରେ ଏହି ରଥ ଉଦ୍‌ଘାଟନ ହୋଇଥିଲା। ଏକ ସୁସଜ୍ଜିତ ରଥରେ ଶ୍ରୀରାମ ଲାଲା ବିଜେ କରିଛନ୍ତି। ଏହି ରଥ ସପ୍ତଦିନ ବ୍ୟାପୀ ବେଗୁନିଆ, ବୋଲଗଡ଼, ବାଙ୍କୀ, ରଣପୁର ଦେଇ ଟାଙ୍ଗୀ, ବାଣପୁର, ଚିଲିକା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଏହି ରଥ ପରିକ୍ରମା କରିବ। ଶ୍ରୀରାମ ନବମୀରେ ଖୋର୍ଦ୍ଧା ପ୍ରବେଶ କରିବ। ଗୁରୁଜଙ୍ଗ ପତିତପାବନ ଛକରେ ରଥକୁ ସ୍ୱାଗତ କରାଯାଇ ସେଠାରୁ କୁମାରବସ୍ତ, ପିତାପଲ୍ଲୀ, ଜଟଣୀ ବାଇପାସ, ମୁକୁନ୍ଦପ୍ରସାଦ ଦେଇ ସହର ପରିକ୍ରମା କରି ଜରିପୁଟସ୍ଥିତ ହନୁମାନ ମନ୍ଦିର ଠାରେ ଶେଷ ହେବ ବୋଲି ବିଏଚ୍‌ପି ପକ୍ଷରୁ କୁହାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ପ୍ରଭାତ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ରଞ୍ଜନ ବରାଳ, ସାମାଜିକ କର୍ମୀ ସୁଚିସ୍ମିତା ବଡ଼ଜେନା, ବିଏଚ୍‌ପି ଖୋର୍ଦ୍ଧା ପ୍ରଖଣ୍ଡ କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ବେହେରା, ବଜରଙ୍ଗ ଦଳ ଜିଲା ସଂଯୋଜକ ଉଦିତ ନାରାୟଣ ପ୍ରହରାଜ, ସହ ଜିଲା ସଂଯୋଜକ ଏସ୍‌ଏମ୍ ଦିବ୍ୟ ପ୍ରକାଶ, ଚନ୍ଦନ ମହାରଣା, ଶୁଭଙ୍କର ପାଇକରାୟ, ବିକାଶ ସ୍ୱାଇଁ, ବିକାଶ ପ୍ରଧାନଙ୍କ ସମେତ ଏକାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ସତ୍ୟନିଷ୍ଠା, ଭାତୃପ୍ରେମ, ପ୍ରଜାବତ୍ସଳତା, ସାମାଜିକ ସମରସତା, ଆଦର୍ଶ ପରିବାର ବାର୍ତ୍ତା ସମଗ୍ର ସମାଜକୁ ଦେଉଛି। ଧୀରେ ଧୀରେ ଲୋକେ ନିଜ ସଂସ୍କୃତିକୁ ଫେରିବାରେ ଲାଗିଛନ୍ତି। ଗ୍ରାମାଞ୍ଚଳରେ ଶ୍ରୀରାମ ଉତ୍ସବ ସହ ଲୋକଙ୍କୁ ଯୋଡ଼ିବା, ସଂସ୍କୃତି, ପରମ୍ପରା ପ୍ରତି ଆଗ୍ରହ ସୃଷ୍ଟି ଏହି ରଥ ପରିକ୍ରମାର ଲକ୍ଷ୍ୟ ବୋଲି କୁହାଯାଇଛି।



# ଦେଉଳଟାଙ୍ଗୀ, ପଳାସପୁର ସେମିରେ

ଖୋର୍ଦ୍ଧା, ୧୯।୩(ପ୍ରଭାତ ପାଣିଗ୍ରାହୀ)



ଜଣେ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା’ ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଜରିପୁଟ ଏବଂ ଦେଉଳଟାଙ୍ଗୀ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଜରିପୁଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୮ଉଇକେଟ ବିନିମୟରେ ୧୪୧ରନ ସଂଗ୍ରହ କରିଥିଲା। ଜବାବରେ ଦେଉଳଟାଙ୍ଗୀ ଟିମ୍ ୫ ଉଇକେଟ ବିନିମୟରେ ୧୪୪ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ସୌମେନ୍ଦ୍ର ପ୍ରଧାନ ୪୬ବଲରୁ ୮୩ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପଳାସପୁର ଏବଂ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ପଳାସପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୬ ଉଇକେଟ ବିନିମୟରେ ୧୮୦ରନ ସଂଗ୍ରହ କରିଥିଲା। ଜବାବରେ ସୁଆଙ୍ଗ ଟିମ୍ ୧୫ ଓଭରରେ ୯ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ଫଳରେ ୧୬ରନରେ ପଳାସପୁର ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ବସନ୍ତ ସାହୁ ୩୭ ବଲରେ ୯୫ରନ ଏବଂ ୩ ଓଭର ବୋଲିଂ କରି ୧୮ରନ ଦେଇ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଶାନ୍ତ ମାର୍ଥା ଏବଂ ତିରୁପତି ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସନ୍ତୋଷ ସାହୁ ସ୍କୋରର, ଆଶୁତୋଷ ମହାପାତ୍ର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସାମାଜିକକର୍ମୀ ମଦନ ମୋହନ ସ୍ୱାଇଁ, ବିପିନ କୁମାର ମହାପାତ୍ର, ନୃସିଂହ ଦଳାଇ, ଶୁଭମ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ପଖାଳକୁ ଝୁରୁଛି ମନ

**ପୁରୀ, ୧୯।୩(ଅଜିତ କୁମାର ମହାନ୍ତି)**

ପଖାଳ ହେଉଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ଏବଂ ଓଡ଼ିଆ ସଂସ୍କୃତି, ଜୀବନୀ, ଆତ୍ମୀୟତାର ପରିଚୟ। ଓଡ଼ିଆ ଜାତିର ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ। ପଖାଳକୁ ସ୍ମରଣ ରଖିବା ପାଇଁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଦେଶ ବିଦେଶରେ ଥିବା ଓଡ଼ିଆମାନେ ମଧ୍ୟ ପଖାଳ ଦିବସ ପାଳନ କରିଥାନ୍ତି। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା' କାହିଁକି ପଖାଳ ପ୍ରତି ସେମାନଙ୍କର ଆକର୍ଷଣ ରହିଛି। ସେଥିପାଇଁ କଥାରେ ଅଛି– ଝୁରି ହେଉଛି ଦିନକାଳ, ମନ ଖୋଜୁଛି ସେକାଳ ପଖାଳ। ଗାଁଠୁ ସହର ପର୍ଯ୍ୟନ୍ତ ପ୍ରତି ଘରେ ପଖାଳ ଏକ ନିତିଦିନିଆ ଖାଦ୍ୟ। ସମ୍ପ୍ରତି ଛୋଟ ବଡ଼ ହୋଟେଲ ସମେତ ବିଭିନ୍ନ ସଙ୍ଗଠନ ତରଫରୁ ପଖାଳ ଦିବସ ପାଳନ କରାଯାଉଛି। ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି। କେବେ ଆଳୁଭଜା, ବଡ଼ିଚୂରା, ମାଛଭଜା ପ୍ରଭୃତି ସହ ତ କେବେପୁଣି ଶାଗ, ପିଆଜ, ଲଙ୍କା ସହ ପଖାଳ ଖାଇବାକୁ ଇଚ୍ଛା ହୁଏ। ଆଧୁନିକ ସଭ୍ୟତାରେ ଛନ୍ଦିହୋଇ ଯୁବପିଢ଼ି ପାଶ୍ଚାତ୍ୟ ଖାଦ୍ୟମୁହାଁ ହେଉଥିଲେ ମଧ୍ୟ ଗ୍ରୀଷ୍ମଦିନେ ସେମାନେ ପଖାଳ ଖୋଜୁଛନ୍ତି। ସହରର ଅନେକ ଅନୁଷ୍ଠାନ ଓ ହୋଟେଲ ପକ୍ଷରୁ ଶୁକ୍ରବାର ପଖାଳ ଦିବସ ପାଳନ କରାଯିବାକୁ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀମନ୍ଦିର ଚୂନରା ସେବାୟତ ଡ. ଶରତ କୁମାର ମହାନ୍ତି କହିଛନ୍ତି, ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ। କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁଙ୍କ ନିକଟରେ ପ୍ରତିଦିନ ପଖାଳ ଭୋଗ ଲାଗିହୋଇଥାଏ। ବଡ଼ପାତ୍ରରେ ଅନ୍ନ ଚିପୁଡ଼ାଯାଇ ସେଥିରେ ଆବଶ୍ୟକ ଅନୁଯାୟୀ ଲବଣ, ଅଦା ସିଝା, ଦହି ଆଦି ମିଶ୍ରିତ କରାଯାଇ ପଖାଳ ପ୍ରସ୍ତୁତ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା କହିଛନ୍ତି, ଏ ଜାତିର ପ୍ରାଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଲାଗିହୋଇଥାଏ। ବିଭାଘର ସମୟରେ ବନ୍ଧୁ ଘରକୁ ତୋରାଣିପିଆ ପାଇଁ ଯାଇଥାଏ। କୁଣିଆ ଘରେ ପଖାଳ ଖାଇବାକୁ ଦିଆଯାଇଥାଏ। ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ସମ୍ପାଦିକା ନୀହାରିକା ତ୍ରିପାଠୀ କହିଛନ୍ତି, ଭାଇଚାରା ବଜାୟ ରଖିବାକୁ ଟ୍ରଷ୍ଟ ପକ୍ଷରୁ ବିଗତ ୬ବର୍ଷ ହେବ ପଖାଳ ଦିବସ ପାଳନ କରାଯାଉଛି। ଗୁରୁବାର ପଖାଳ ଦିବସ ପାଳନ କରିଛୁ। ଦହି ପଖାଳ ସହ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲୁ। ଏବେ ବିଶ୍ୱରେ ପଖାଳ ଦିବସ ପାଳନ ହେବା ଆମ ପାଇଁ ଗର୍ବର ବିଷୟ। ସଂଗଠକ ଶ୍ୟାମପ୍ରକାଶ ସେନାପତି କହିଛନ୍ତି, ପଖାଳ ଦିବସ ପାଳନ ଆମ ପିଲା ଦିନର ଗାଁ ସ୍ମୃତି ମନେପକାଇ ଦେଉଛି। ପଖାଳ ଆମ ଓଡ଼ିଆ ସଂସ୍କୃତିର ଅଭିନ୍ନ ଅଙ୍ଗ। ଆମ ପାରମ୍ପରିକ ପଖାଳ ଏବେ ଛୋଟ ବଡ଼ ହୋଟେଲରେ ସ୍ଥାନ ପାଇଛି। ଏହାକୁ ଦେଶ ବିଦେଶର ଲୋକେ ବହୁତ ପସନ୍ଦ କରୁଛନ୍ତି। ପଖାଳ ଖାଇଲେ ପେଟ ଥଣ୍ଡା ସହିତ ମନ ପ୍ରଫୁଲ୍ଲ ରହିଥାଏ। ଏହା ଦେହକୁ ହିତ ବୋଲି ଅନେକ ଡାକ୍ତର ମଧ୍ୟ କହିଛନ୍ତି। ପଖାଳକୁ ନେଇ ଅନେକ ଗୀତ ରହିଛି। ଗରିବ ହେଉ କି ଧନୀ ସମସ୍ତଙ୍କର ପ୍ରିୟ ହେଉଛି ପଖାଳ। ପୁରୀ ସିଟି ରୋଡ଼ସ୍ଥିତ ଟୁ ବ୍ରଦର୍ସ ରେଷ୍ଟୁରାଣ୍ଟର ଲିପନ କୁମାର ପୃଷ୍ଟି କହିଛନ୍ତି, ଓଡ଼ିଆ ପର୍ଯ୍ୟଟକଙ୍କ ସହ ବିଦେଶୀ ବିଶେଷକରି ବଙ୍ଗାଳୀ ପର୍ଯ୍ୟଟକ ଖାଇବାକୁ ଆସିଥାନ୍ତି। ବିଶେଷତଃ ଖରାଦିନେ ଲୋକେ ପଖାଳ ଖୋଜିଥାନ୍ତି। ତେଣୁ କିଛି ବର୍ଷ ହେବ ଖରାଦିନେ ପଖାଳ ବ୍ୟବସ୍ଥା କରୁଛୁ। ପଖାଳ ସହ ବିଭିନ୍ନ ଭଜା, ପାମ୍ପଡ଼, ଖଟା, ବଡ଼ିଚୁରା ଆଦି ଦିଆଯାଏ। ଆମିଷାଶୀଙ୍କ ପାଇଁ ଦହିପଖାଳ ସହ ମାଛଭଜା, ଆଳୁଭଜା, ବଡ଼ିଚୂରା, ପାମ୍ପଡ, ଆଚାର ଆଦି ରହିଥାଏ। ଚଳିତ ବର୍ଷ ଗ୍ୟାସ ସଂକଟ ଦେଖାଦେଇଥିବାରୁ ମୂଲ୍ୟ ପୂର୍ବାପେକ୍ଷା ୧୦ ଟଙ୍କା ଅଧିକ ରହିଛି। ପଖାଳ କଂସା ମୂଲ୍ୟ ୧୧୦ ଟଙ୍କା ରଖାଯାଇଛି।



ଉର୍ଜାବାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ପାଳନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ଅନ୍ୟମାନେ ପଖାଳ ଖାଉଛନ୍ତି।

**ସଂକ୍ଷେପରେ**

## ଡିଜେ ଜବତ ପାଇଁ ଯାଇଥିବା ପୋଲିସ ଟିମ୍‌କୁ ଦୁର୍ବ୍ୟବହାର

**ବଳଙ୍ଗା, ୧୯।୩(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ମେଳଣ ଶୋଭାଯାତ୍ରାରେ ବେଆଇନ ଭାବେ ବାଜୁଥିବା ଡିଜେକୁ ଜବତ କରିଛି ପୋଲିସ। ତେବେ ଜବତ ସମୟରେ ପୋଲିସ ଟିମ୍‌କୁ ମେଳଣ କମିଟି ପକ୍ଷରୁ ବିରୋଧ ସହ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ବିରୋଧ ସତ୍ତ୍ୱେ ଥାନା ଅଧିକାରୀ ସସ୍ମିତା ସାହୁ ଡିଜେ ସହ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୂଚନା ମୁତାବକ, ଡିଜେ ପାଇଁ ବିଭିନ୍ନ ମେଳଣ ଶୋଭାଯାତ୍ରାରେ ଗଣ୍ଡଗୋଳ ହେବା ସହ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବାରୁ ଚଳିତବର୍ଷ ବଳଙ୍ଗା ମେଳଣରେ ଡିଜେ ବାଦ୍ୟ ଉପରେ କଟକଣା ଲଗାଯାଇଥିଲା। ତେବେ ଗତ ମଙ୍ଗଳବାର ରାତିରେ ସରସ୍ୱତୀପୁର ମେଳଣ ବେଳେ ସେଠାରେ ବେଆଇନ ଭାବେ ଡିଜେ ବ୍ୟବହାର ହେଉଥିବା ନେଇ ଥାନା ଅଧିକାରୀ ସାହୁଙ୍କୁ ସୂଚନା ମିଳିଥିଲା। ସେ ପୋଲିସ ଟିମ୍ ସହ ସେଠାରେ ପହଞ୍ଚି ଡିଜେ ବାଜାକୁ ବନ୍ଦ କରି ଉକ୍ତ ଗାଡ଼ିକୁ ଜବତ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ମେଳଣ କମିଟି ପକ୍ଷରୁ ପୋଲିସ ଟିମ୍‌କୁ ବିରୋଧ କରାଯାଇଥିଲା। ଆଗକୁ ବଳଙ୍ଗା ଥାନା ଅର୍ନ୍ତଗତ ବିଭିନ୍ନ ଗ୍ରାମରେ ମେଳଣ ହେବାକୁ ଥିବାବେଳେ ଶୋଭାଯାତ୍ରାରେ ଡିଜେ ବ୍ୟବହାର ନ କରିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି। ଯଦି କେହି ଏହାକୁ ଅମାନ୍ୟ କରନ୍ତି, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସାହୁ କହିଛନ୍ତି।

## ଗ୍ରାମାଞ୍ଚଳରେ ଚାଲିଛି ଚୋରା ନିଶା କାରବାର

**ଯୋଗେଶ୍ୱରପୁର, ୧୯।୩ (ରଶ୍ମିରଞ୍ଜନ ସାହୁ)**

ଗ୍ରାମାଞ୍ଚଳରେ ଚୋରା ନିଶା କାରବାର ବଢିଚାଲିଛି। ବିଶେଷକରି ଯୁବଗୋଷ୍ଠୀ ନିଶା କବଳରେ କବଳିତ ହେଉଥିବା ଦେଖିବାକୁ ମିଳିଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ଝଞ୍ଜାଳିଆ ଗ୍ରାମରେ ଜଣେ ଯୁବକ ନକଲି ବିଦେଶୀ ମଦ କାରବାର କରୁଥିବା ଖବର ପାଇ ଅବକାରୀ ବିଭାଗ ଗତ କିଛିଦିନ ତଳେ ଚଢାଉ କରି ବହୁ ପରିମାଣର ମଦ ଜବତ କରିଥିଲା। ଏବେ ସେଠାରେ ପୁଣି ମଦ ବିକ୍ରି ହେଉଥିବା ଜଣାପଡ଼ିଛି। ସେହିପରି ଦୁର୍ଗାପୁର ଗ୍ରାମରେ ଜଣେ ବ୍ୟକ୍ତି ଘରେ ଗଞ୍ଜେଇ ରଖି ଖୁଚୁରା ବ୍ୟବସାୟୀମାନଙ୍କୁ ବିକ୍ରି କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ସନ୍ଧ୍ୟା ହେଲେ ଜହ୍ନିମାଳିଆ ଛକରେ ନିଶାଖୋର ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏ ଦିଗରେ ଅବକାରୀ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ପାନୀୟଜଳ ଯୋଗାଣ ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ

**ଗୋପ, ୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ଲକରେ ପାନୀୟଜଳ ସମସ୍ୟା ନେଇ ଅଭିଯୋଗ ଆସିବା ପରେ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟଶଙ୍କର ଦାଶ ଗୁରୁବାର ଏକ ଜରୁରୀ ବୈଠକ ଡାକି ଆଲୋଚନା କରିଛନ୍ତି। ଯେକୌଣସି ପଞ୍ଚାୟତରେ ପାନୀୟଜଳ ସମସ୍ୟା ସୃଷ୍ଟି ହେଲେ, ଯୁଦ୍ଧକାଳୀନ ଭିତ୍ତିରେ ପାଣି ଯୋଗାଇ ଦେବାକୁ ବ୍ଲକ ଜଳ ପରିମଳ ବିଭାଗକୁ ତହସିଲଦାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକ ଅଧୀନରେ ୩୧ଟି ଗ୍ରାମପଞ୍ଚାୟତ ରହିଛି। ଶତାଧିକ ଗାଁରେ ଏବେ ପିଇବା ପାଣି ସମସ୍ୟା ମୁଣ୍ଡ ଟେକିଥିବାବେଳେ ଅଧିକାଂଶ ନଳକୂପ ଅଚଳ ପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ନଳକୂପ ମରାମତି କରାଯାଉନାହିଁ। ଗୋପ ବ୍ଲକ ଓ କୋଣାର୍କ ଏନ୍‌ଏସି ପାଇଁ ଦୁଇ ଜଣ ବ୍ଲକ ଜଳ ପରିମଳ ଯନ୍ତ୍ରୀ ଥିଲେ ମଧ୍ୟ ବ୍ଲକକୁ ଆସୁନାହାନ୍ତି ବୋଲି ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଗୋପ ବ୍ଲକ ଅଞ୍ଚଳରେ ବସୁଧା ଆଉ କେତେକ ଯୋଜନାରେ ପିଇବା ପାଣି ଯୋଗାଇଦେବାକୁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ପିଇବା ପାଣିର ସଙ୍କଟ ଦେଖାଦେଇଛି। ତହସିଲଦାର ଦାଶ କହିଛନ୍ତି, ଲୋକଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି। ତୁରନ୍ତ ପାନୀୟଜଳ ଯୋଗାଇ ଦିଆଯିବା ସହ ଅଚଳ ନଳକୂପ ମରାମତି କରାଯିବ।

## ବଡ଼ବଜାରରେ ମାପଚୁପ: ଜବରଦଖଲକାରୀ ଛାନିଆ

**ନିମାପଡ଼ା, ୧୯।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ରାଜସ୍ୱ ଏବଂ ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ମୁଖ୍ୟରାସ୍ତା କଡ଼ ସମେତ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଜବରଦଖଲ ଉଚ୍ଛେଦ କରାଯାଉଛି। ମୁଖ୍ୟ ଛକ ବଜାର ରାସ୍ତାକୁ ଅଧିକ ଚଉଡ଼ା ଓ ଆକର୍ଷଣୀୟ କରାଯିବା, ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତାକଡ଼ରେ ଉନ୍ନତମାନର ଡ୍ରେନ୍ ନିର୍ମାଣ କରାଯିବା, ନିମାପଡ଼ାକୁ ବିକଶିତ ଓ ଆକର୍ଷିତ ଭାବେ ଗଢିତୋଳିବା ପାଇଁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଥାନା ଛକଠାରୁ ନିମାପଡ଼ା ବଡବଜାର ସହ ଦୋଳବେଦି ଛକ ପର୍ଯ୍ୟନ୍ତ ମୁଖ୍ୟ ବଜାର ରାସ୍ତାକୁ ଅଧିକ ଚଉଡ଼ା ଓ ସମ୍ପ୍ରସାରଣ କରାଯିବା ପାଇଁ ରାସ୍ତାକଡ଼ରେ ଡ୍ରେନ୍ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଛି। ଏହି ପରିପ୍ରେକ୍ଷୀରେ ଥାନା ଛକଠାରୁ ବଡ଼ବଜାର ସମେତ ଦୋଳବେଦିଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଚିହ୍ନଟ କରାଯାଇଛି। ଫଳରେ ଦୀର୍ଘବର୍ଷ ଧରି ଦୋକାନ କରିଥିବା ଶତାଧିକ ବ୍ୟବସାୟୀ ଏବେ ଛାନିଆ ହୋଇପଡ଼ିଥିବା ଦେଖାଯାଉଛି। ମାପଚୁପ ପରେ ବହୁ ବ୍ୟବସାୟୀ ନିଜ ଦୋକାନଗୁଡ଼ିକର ଆଗକୁ ମାଡ଼ିଥିବା ଆଜବେଷ୍ଟ, ଲୁହାଗ୍ରୀଲ, ଟାଟିକବାଟ, କାନ୍ଥ, ଦୋକାନର ଲୁହା ଶଟର, ପିଣ୍ଡି, ତାରଜାଲି ଆଦିକୁ ଆପେ ଆପେ ଖୋଲିପକାଉଥିବା ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ଥାନାଛକଠାରୁ ବଡବଜାର ଦେଇ ଦୋଳବେଦି ଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ପିପିଲି ସାପ୍ତାହିକ ହାଟ ପରିଦର୍ଶନ କଲେ ବିଧାୟକ, ଜିଲାପାଳ


ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପିପିଲି ସାପ୍ତାହିକ ହାଟ ପରିଦର୍ଶନ କରୁଛନ୍ତି।

**ପିପିଲି, ୧୯।୩ (ଦୁର୍ଗାମାଧବ ମିଶ୍ର)**

ଚାନ୍ଦୁଆ ବଜାର ମଧ୍ୟରେ ଥିବା ପିପିଲି ସାପ୍ତାହିକ ହାଟ ନବୀକରଣ ଓ ପାର୍ଶ୍ୱସ୍ଥ ଭୁବନାନନ୍ଦ ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ଗୁରୁବାର ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପିପିଲି ସାପ୍ତାହିକ ହାଟ ପରିଦର୍ଶନ କରିଛନ୍ତି। ବିଧାୟକ ବିଧାନସଭାରେ ହାଟ ନବୀକରଣ ପ୍ରସଙ୍ଗ ଉପସ୍ଥାପନ କରିଥିବାବେଳେ ସରକାର ଏଦିଗରେ ଗୁରୁତ୍ୱ ଦେଇଥିବା ସେ ସୂଚନା ଦେଇଛନ୍ତି। ଏହି ସାପ୍ତାହିକ ହାଟ ରାଉଲକେଲା ଭଳି ଡିଜାଇନରେ କରାଯିବ ବୋଲି ଜିଲାପାଳ କହିଛନ୍ତି। କେତେ ଅର୍ଥ ବ୍ୟୟବରାଦ ହେବ ସେନେଇ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତାଲିକା ଅନୁଯାୟୀ ଅର୍ଥ ମଞ୍ଜୁର ପରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳ କହିଛନ୍ତି। ନୂତନ ହାଟ ନିର୍ମାଣ ପରେ ବ୍ୟବସାୟୀମାନେ ଥଇଥାନ ହେବେ ଏବଂ ଖାଉଟି ଓ ଚାଷୀ ଉପକୃତ ହୋଇପାରିବେ। ସେହିଭଳି ଭୁବନାନନ୍ଦ ପୋଖରୀ ମାଟି ଖନନ କରାଯାଇ ଉକ୍ତ ମାଟିକୁ ପୋଖରୀ ଚତୁଃପାର୍ଶ୍ୱରେ ପକାଯାଇ ବିଦ୍ୟୁତ ଆଲୋକରେ ଆଲୋକିତ କରାଯିବ। ପୋଖରୀ ଖନନ ନିମନ୍ତେ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପୋଖରୀରୁ ଉଠାଯାଉଥିବା ମାଟିକୁ ଅନ୍ୟତ୍ର ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ପିପିଲି ବଜାର ଉଚ୍ଛେଦ କରାଯାଇ ଥିବାବେଳେ ଜବରଦଖଲକାରୀମାନେ ପୁନର୍ବାର ଦଖଲ କରୁଥିବାରୁ ସେସବୁକୁ ଯଥାଶୀଘ୍ର ଭଙ୍ଗାଯାଇ ରାସ୍ତା ଚଉଡ଼ା କରିବା ପାଇଁ ପିପିଲି ପିଡବ୍ଲୁଡି ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜବରଦଖଲ ଉଚ୍ଛେଦ ପାଇଁ ଏକାଠି ହେଲେ ଗ୍ରାମବାସୀ

**ଚାରିଛକ, ୧୯।୩(ଶିଶିର କୁମାର ସ୍ୱାଇଁ)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ଖୋରଡ଼ ଗ୍ରାମର କିଛି ସରକାରୀ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅକ୍ତିଆର କରି ଘର କରିବା ପାଇଁ ମସୁଧା ଚଳାଇଛନ୍ତି। ଏହାକୁ ବିରୋଧକରି ଜଗବନ୍ଧୁ ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଜୟ ଭୋଇ, ଶଙ୍କର ନାୟକ, ଭାସ୍କର ନାୟକ, ଶିବ ରାଉତଙ୍କ ଗ୍ରାମବାସୀଙ୍କ ତରଫରୁ ଥାନାରେ ଏତଲା ଦିଆଯାଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଆର୍‌ଆଇଙ୍କଠୁ ଆରମ୍ଭକରି ନିମାପଡା ତହସିଲଦାରଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଯଦି ସେ ଜାଗାକୁ ଅବରୋଧ କରାଯାଏ, ତା'ହେଲେ ଗ୍ରାମବାସୀ ଚଳପ୍ରଚଳ କରିବାରେ ଅସୁବିଧା ଭୋଗିବା ସହ ଭବିଷ୍ୟତରେ ଜମିକୁ ଚାଷକରିବା ପାଇଁ ଯିବା ଆସିବା କରିବାରେ ହଇରାଣ ହେବେ। ତୁରନ୍ତ ଖୋରଡ଼ ଗ୍ରାମରେ ଥିବା ସରକାରୀ ଜମିକୁ ଜବରଦଖଲମୁକ୍ତ କରିବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

## ବରିଷ୍ଠ ନାଗରିକ ସମାଜର ମାର୍ଗଦର୍ଶକ


ବାର୍ଷିକ ସମ୍ମିଳନୀରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ନିମାପଡ଼ା, ୧୯।୩(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣମଣ୍ଡପରେ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦିଗମ୍ବର ନାୟକ ମଞ୍ଚର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନିମାପଡ଼ା ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସାମାଜିକ କର୍ମୀ ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ ଏବଂ ବରିଷ୍ଠ ନାଗରିକଙ୍କ ପ୍ରେରଣା ହିଁ ଉତ୍ତମ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ଗୋଛାୟତଙ୍କ ରଚିତ 'ଜୀବନ ରଥର ଦୁଇ ସାରଥି' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ମିଳନୀରେ ନିମାପଡ଼ା ବରିଷ୍ଠ ନାଗରିକ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କ ସମେତ ପ୍ରାୟ ୨୫୦ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ନୟାହାଟ-କଳାବୁଦା ରାସ୍ତା ଅବସ୍ଥା ଶୋଚନୀୟ

**ଯୋଗେଶ୍ୱରପୁର, ୧୯।୩(ରଶ୍ମିରଞ୍ଜନ ସାହୁ)**

ଗ୍ରାମ୍ୟ ଉନ୍ନୟନ ଅଧୀନରେ ଥିବା ନୟାହାଟ-କଳାବୁଦା ୧୦କିମି ରାସ୍ତାରୁ ୩କି.ମି. ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଦେଉଳୀ, ବଡତୋଟା ବାଲିଉପର, ଭାରଗୋଳ, ବଉଳାଙ୍ଗ ହରିଜନ ସାହି ଠାରୁ କରମଙ୍ଗା ପର୍ଯ୍ୟନ୍ତ ବଡ ବଡ଼ ଖାଲରେ ପରିଣତ ହୋଇଛି। ଉକ୍ତ ରାସ୍ତା ଉପରେ ଲକ୍ଷ୍ମୀ ବସ୍ ପୁରୀ-କୋଣାର୍କ ଯାତ୍ରୀବାହୀ ବସ୍ ଯାତାୟାତ କରେ। ତେବେ ରାସ୍ତାର ଦୁରାବସ୍ଥା ଯୋଗୁ ବସ୍ ଚଳାଚଳ ଗତ କିଛିଦିନ ହେବ ବନ୍ଦ ଅଛି। ଏହି ରାସ୍ତା ଦେଇ ଧୂମାଳ, ଦେଉଳୀ, ବାଉଳାଙ୍ଗ ଜଙ୍ଗଲବୋରି ପଞ୍ଚାୟତର ଜନସାଧାରଣ କୋଣାର୍କ, ପୁରୀ, କାଳିଆଗାଦିକୁ ଯିବାଆସିବା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସାମାଜିକ କର୍ମୀ ମକରଧ୍ୱଜ ସ୍ୱାଇଁ, ଜଙ୍ଗଲବୋରି ସରପଞ୍ଚ ପ୍ରଭାତୀ ସାହୁ, ଧୂମାଳ ସରପଞ୍ଚ ମୋନାଲିସା ସିଂହ ପ୍ରମୁଖ ଗ୍ରାମ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ନିକଟରେ ଦାବି କରିଛନ୍ତି।

## ଆତସବାଜିରେ କମ୍ପିଲା ମେଳଣ ପଡ଼ିଆ


ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ଗୋପ, ୧୯।୩(ଭାରତୀ ଭୂଷଣ ଉପାଧ୍ୟାୟ)**

**ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା: ସମ୍ବର୍ଦ୍ଧିତ ହେଲେ ତହସିଲଦାର**

ଗୋପ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଗୋପ ଲୋକ ମହୋତ୍ସବର ସଭାପତି ବନରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ତଥା ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ପ୍ରମୁଖ ଯୋଗଦେଇ ବ୍ରିଟିଶ ଅମଳର ଏହି ମେଳଣର ସଂସ୍କୃତି ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଲୋକ ମହୋତ୍ସବ ଅବସରରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଘଣ୍ଟା ଧରି ଆତସବାଜି ପ୍ରତିଯୋଗିତା କରାଯାଇଥିବା ବେଳେ ହଜାର ହଜାର ସଂଖ୍ୟକ ଲୋକ ଆତସବାଜି ଉପଭୋଗ କରିଥିଲେ।

## ପିଲାଙ୍କୁ ରାହା ଦେଖାଇବ ମାଗଣା ପାଠଶାଳା

**'ମୋ ଗାଁ-ମୋ ଗର୍ବ' ଅନୁଷ୍ଠାନ ପକ୍ଷରୁ ନିଆରା ପ୍ରୟାସ**

**ଅସ୍ତରଙ୍ଗ/କାକଟପୁର, ୧୯।୩ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)**

'ସା ବିଦ୍ୟା ଯା ବିମୁକ୍ତେ' ଅର୍ଥାତ୍ ଯେଉଁ ବିଦ୍ୟା ମନୁଷ୍ୟକୁ ଅଜ୍ଞାନତାରୁ ମୁକ୍ତି ଦେଇଥାଏ, ସେହି ବିଦ୍ୟା ହିଁ ସତ୍ୟ ଶିକ୍ଷା। ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ମୂଳ ଶକ୍ତି ହେଉଛି ଶିକ୍ଷା। ତେଣୁ ଭାରତୀୟ ସମାଜରେ ଶିକ୍ଷାକୁ ସଦା ଉଚ୍ଚ ସ୍ଥାନ ଦିଆଯାଇଛି। କିନ୍ତୁ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ଆର୍ଥିକ ଭାବେ ପଛୁଆ ଶ୍ରେଣୀର ଛାତ୍ରୀଛାତ୍ର ଅନେକ ସମୟରେ ସୁଯୋଗରୁ ବଞ୍ଚିତ ହେଉଛନ୍ତି। ପ୍ରତିଭା ଓ ଦକ୍ଷତା ଥିଲେ ମଧ୍ୟ ଅର୍ଥାଭାବ ଯୋଗୁ ସେମାନେ ଉଚ୍ଚମାନର ଶିକ୍ଷାରୁ ଦୂରେଇଯାଉଛନ୍ତି। ବିଶେଷକରି ଗରିବ ପରିବାରର ପିଲାମାନେ ସରକାରୀ ସ୍କୁଲ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପଢ଼ିବାର ସୁଯୋଗ ପାଉ ନ ଥିବାରୁ ଶିକ୍ଷାରେ ପଛରେ ପଡୁଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍‌ର ଆଳସାହି, ନଗର, ଆଳଙ୍ଗପୁର ସମେତ ନିକଟସ୍ଥ ଗ୍ରାମଗୁଡ଼ିକୁ ନେଇ ଗଢ଼ିଉଠିଥିବା 'ମୋ ଗାଁ– ମୋ ଗର୍ବ ସଂଗଠନ' ପକ୍ଷରୁ ସ୍ଥାନୀୟ ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏକ ନିଆରା ପଦକ୍ଷେପ ସ୍ୱରୂପ 'ସନ୍ଧ୍ୟାକାଳୀନ ସ୍ୱୟଂ ଅଧ୍ୟୟନ କେନ୍ଦ୍ର' ଖୋଲାଯାଇଛି। ଏହି କେନ୍ଦ୍ରରେ ପ୍ରାରମ୍ଭିକ ଶ୍ରେଣୀରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠପଢ଼ା ସହ ଟିଉଶନ ସୁବିଧା ଯୋଗାଇ ଦିଆଯିବ। ସ୍ଥାନୀୟ ଲୋକେ ଏହାକୁ 'ମାଗଣା ପାଠଶାଳା' ବୋଲି କହୁଛନ୍ତି।

ଗୁରୁବାର ଆଳସାହି ପଞ୍ଚାୟତର ପାଟସୁନ୍ଦରପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ 'ମୋ ଗାଁ– ମୋ ଗର୍ବ ସଂଗଠନ' ପକ୍ଷରୁ ଏହି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ସଭାପତି କୃଷ୍ଣଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସଙ୍ଗଠନର ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳ ଯୋଗଦେଇ କହିଥିଲେ, ଏହି କେନ୍ଦ୍ରରେ ପ୍ରାରମ୍ଭିକ ଶ୍ରେଣୀରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠପଢ଼ା ଓ ଟିଉଶନ ସୁବିଧା ଯୋଗାଇ ଦିଆଯିବ। କେତେଜଣ ଶିକ୍ଷିତ ଯୁବତୀ ଯୁବକ ଏବଂ ଅବସରପ୍ରାପ୍ତ ଶିକ୍ଷକ ପିଲାମାନଙ୍କୁ ନିଷ୍ଠାର ସହ ଶିକ୍ଷାଦାନ କରିବେ। ଫଳରେ ପିଲାମାନେ ସ୍କୁଲରେ ଭଲ ପ୍ରଦର୍ଶନ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଓ ଆତ୍ମବିଶ୍ୱାସରେ ମଧ୍ୟ ଉନ୍ନତି ଆସିପାରିବ। ଆଗାମୀ ଦିନରେ ଏଭଳି ୨୨ଟି ମାଗଣା ଶିକ୍ଷା କେନ୍ଦ୍ର ଖୋଲାଯିବାର ପରିକଳ୍ପନା ରହିଛି ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଅଜୟ ଜେନା, ଉପଦେଷ୍ଟା ବେଣୁଧର ଲେଙ୍କା, ସଂଯୋଜକ ଶିଖର ବାରିକ, ପୂର୍ବତନ ସରପଞ୍ଚ ଅଧିକାରୀ ବେହେରା, ଶିକ୍ଷା କମିଟି ସଦସ୍ୟ ବିଷ୍ଣୁଚରଣ ମଲ୍ଲିକ, କମ୍ପ୍ୟୁଟର ପ୍ରଶିକ୍ଷକ କେଦାରନାଥ ନାୟକ, ଆଶିଷ ଖୁଣ୍ଟିଆ, ସାମାଜିକ କର୍ମୀ ଭୋଳାନାଥ ବେହେରା ଏବଂ ପ୍ରଭାତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।


ସନ୍ଧ୍ୟାକାଳୀନ ସ୍ୱୟଂ ଅଧ୍ୟୟନ କେନ୍ଦ୍ର ଉଦ୍‌ଘାଟନ ଅବସରରେ 'ମୋ ଗାଁ– ମୋ ଗର୍ବ ସଂଗଠନ'ର ଆବାହକ ଇଂ. ଅରୁଣ କୁମାର ବିଶ୍ୱାଳଙ୍କ ସହ ଗ୍ରାମବାସୀ ଓ ପିଲାମାନେ।

## ଡିପିଏସ୍‌ରେ ଗ୍ରାଜୁଏଶନ ଉତ୍ସବ ପାଳିତ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ଫୁଲନଖରା ଅଡାଳିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗରେ ପ୍ରେପ ଗ୍ରାଜୁଏଶନ ଡେ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପୃଥୀ ମଞ୍ଜିଦି ମୁଖ୍ୟ ଅତିଥି ରୂପେ ଯୋଗଦେଇ କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରୋଭାଇସ ଚେୟାରପର୍ସନ ମାଲା ମିଶ୍ର, କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରୋ, ଉପାଧ୍ୟକ୍ଷା ସାତି ନାଥ, ଉପାଧ୍ୟକ୍ଷ ସଞ୍ଜୟ କୁମାର ଜେନା, ପ୍ରଧାନ ଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଏସ୍‌ସିବିର ଅଗ୍ନି ସୁରକ୍ଷା ନୋଡାଲ ଅଫିସର ହେଲେ ଡା. ଜ୍ୟୋତିର୍ମୟ

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଅଗ୍ନି ସୁରକ୍ଷାର ନୋଡାଲ ଅଫିସର ଭାବେ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ଡା. ନାୟକ ଏହି ପଦରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

### ବିଦ୍ୟୁତ୍ ବିଲ୍ ପୈଠ ନ ହେବାରୁ ରାସ୍ତା ଆଲୋକ ସଂଯୋଗ କଟିଲା

କଟକ ସଦର,୧୯।୩(ସୁଶାନ୍ତ କୁମାର ଜେନା)

ମାର୍ଚ୍ଚ ମାସ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ବିଲ୍ ଆଦାୟ ଅଭିଯାନ ଆରମ୍ଭ ହୋଇଛି। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ଲାଗିଥିବା ରାସ୍ତା ଆଲୋକ ବିଲ ବାବଦକୁ ୧୩ ଲକ୍ଷ ଟଙ୍କା ବକେୟା ରହିଛି। ପଞ୍ଚାୟତ ପକ୍ଷରୁ ବକେୟା ପୈଠ ନ କରାଯିବାରୁ ଗୁରୁବାର ଟାଟା ପାୱାର ପକ୍ଷରୁ ଅନେକ ସ୍ଥାନର ରାସ୍ତା ଆଲୋକ ସଂଯୋଗ କାଟି ଦିଆଯାଇଛି। ଫଳରେ ଗ୍ରାମର ଛକ ଅନ୍ଧାରରେ ରହିଛି। ୩ ବର୍ଷ ଧରି ବିଧାୟକ, ଏମ୍‌ପିମାନଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ରାସ୍ତା ଆଲୋକ ଲଗାଯାଉଥିଲା ସୁଦ୍ଧା ବିଲ ପୈଠ କରାଯାଉ ନାହିଁ।

### ଟ୍ରକ୍ ପଛରେ ପିଟିଲା ପିକ୍‌ଅପ୍ ଭ୍ୟାନ୍, ୨ ଗୁରୁତର

ଖୁଣ୍ଟୁଣୀ,୧୯।୩(ସଚ୍ଚିଦାନନ୍ଦ ପଣ୍ଡା)

୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ନିକଟ ଖୁଣ୍ଟୁଣୀ ଗଣେଶ ବଜାର ନିକଟରେ ଗୁରୁବାର ଭୋର ସମୟରେ ଆଗରେ ଯାଉଥିବା ଏକ ଟ୍ରକ୍ ପଛକୁ ଏକ ପିକ୍‌ଅପ୍ ଭ୍ୟାନ ପିଟି ହୋଇଯାଇଛି। ଫଳରେ ପିକ୍‌ଅପ୍ ଚାଳକ ଓ ସୁପରଭାଇଜର ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଖୁଣ୍ଟୁଣୀ ଥାନା ଆଇଆଇସି ଜହର ଆବେଦିନ ଓ ଏସଆଇ ପହଞ୍ଚି ଚାଳକଙ୍କୁ କଟକ ବଡ ଡାକ୍ତରଖାନା ପଠାଇଥିଲେ। ଅନ୍ୟ ଜଣେ ଯୁବକ ପିକ୍‌ଅପ୍ ଭିତରେ ଚାପି ହୋଇ ରହିଯାଇଥିବାରୁ ତାଙ୍କୁ ବାହାର କରିବାକୁ ଆଠଗଡ଼ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି କଟର ସହାୟତାରେ କାଟି ପଦାକୁ ବାହାର କରି ଆମ୍ବୁଲାନ୍ସରେ କଟକ ପଠାଇଥିଲେ। ସୂଚନା ମୁତାବକ କୁକୁଡ଼ା ଟିଆଁ ଖାଲି କରି ଢେଙ୍କାନାଳ ପଟୁ ମଙ୍ଗୁଳି ଅଭିମୁଖେ ଆସୁଥିବା ପିକ୍‌ଅପ୍ ଭ୍ୟାନ ଖୁଣ୍ଟୁଣୀ ବଜାରଠାରେ ଭାରସାମ୍ୟ ହରାଇ ଏକ ଟ୍ରକ ପଛରେ ପିଟି ହୋଇଯାଇଥିଲା।

### କୃଷକଙ୍କ ଗଣ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଫୁଲନଖରା,୧୯।୩(ସତ୍ୟରଞ୍ଜନ ଦାସମହାପାତ୍ର)

ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୨୨ରୁ ୩୧ତାରିଖ ପର୍ଯ୍ୟନ୍ତ କୃଷକ ଏକତା ଗଣ ପଦଯାତ୍ରା ଓ ସତ୍ୟାଗ୍ରହ ଆୟୋଜନ ହେବ। ଏହା ଘଟଗାଁ ତାରିଣୀ ମନ୍ଦିରଠାରୁ ବାହାରି ଭୁବନେଶ୍ୱର ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର ହୋଇଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ପାହାଳ ଥାନା ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ସରକାର କୃଷକଙ୍କ ପ୍ରତି ଘୋର ଅବିଚାର ଓ ଅନ୍ୟାୟ କରୁଥିବା ବିଷୟ ବର୍ଣ୍ଣନା କରିବା ସହିତ ସଙ୍ଗଠିତ ହୋଇ ଏହାର ଦୃଢ଼ ପ୍ରତିବାଦ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଦଯାତ୍ରା ସ୍ୱାଗତ କମିଟି ଗଠନ କରାଯାଇଛି। ଏଥିରେ ଶରତ କୁମାର ରଥ ସଭାପତି, ପ୍ରମୋଦ କୁମାର ମହାପାତ୍ର ଉପସଭାପତି, କୃଷ୍ଣଚନ୍ଦ୍ର ବେହେରା ସମ୍ପାଦକ, ଅଶୋକ କୁମାର ମହାନ୍ତି, ପ୍ରବୋଧ ମହାପାତ୍ର, ମନୋରଞ୍ଜନ ଜେନା, ବାଉରୀବନ୍ଧୁ ସାହୁ, ବାବାଜି ଚରଣ ପାତ୍ର, ଜଟାଧାରୀ ଲେଙ୍କା, ମନୋଜ କୁମାର ସାଇଁ ଓ ଦିଲ୍ଲୀପ କୁମାର ବେହେରା ପ୍ରମୁଖ ରହିଛନ୍ତି। ଆୟୋଜିତ ସଭାରେ ନିଆଳି, କଣ୍ଟାପଡ଼ା, ବାରଙ୍ଗ ଓ ସଦର ବ୍ଲକର କୃଷକ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଆଜି ପଖାଳ ଦିବସ

# ମଠ, ହୋଟେଲ ସବୁଠି ପ୍ରସ୍ତୁତି

**କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ): ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳ। ପଖାଳକୁ ସ୍ୱତନ୍ତ୍ର କରିବା ଲାଗି ମାର୍ଚ୍ଚ ୨୦ ତାରିଖରେ ଏହାକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଶୁକ୍ରବାର ପଖାଳ ଦିବସ ଥିବାବେଳେ ଏଥିପାଇଁ ମଠଠାରୁ ଆରମ୍ଭ କରି ବଡ଼ ତାରକା ହୋଟେଲ ଓ ସାମାଜିକ ଅନୁଷ୍ଠାନଗୁଡ଼ିକ ଏହାକୁ ପାଳିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି।**



### ମଠରେ ସ୍ୱତନ୍ତ୍ର ପ୍ରସ୍ତୁତି ଜୋର୍‌ଦାର



ଚାଉଳିଆଗଞ୍ଜ ଥଟାରୀ ସାହିସ୍ଥିତ ମଦନ ମୋହନ ଜୀଉ ମଠ ପକ୍ଷରୁ ପଖାଳ ଦିବସ ପାଳନ କରାଯିବ। ମଠରେ ଏହାର ଆୟୋଜନ କରାଯାଉଥିବାବେଳେ ଦହିଚୁଙ୍କ ପଖାଳ ସହ ସାତ୍ତ୍ୱିକ ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଛି। ପ୍ରାୟ ୩୦୦୦ ଲୋକଙ୍କ ଏଠାରେ ପଖାଳର ବ୍ୟବସ୍ଥା କରାଯାଇଛି ବୋଲି ମଠ ମୁଖ୍ୟ ପରିଚାଳକ ଚିରଞ୍ଜୟ ସାହୁ କହିଛନ୍ତି।

### ନନ୍‌ଭେଜ୍ ପଖାଳ ପ୍ଲାଟର



ପାଲା ମଣ୍ଡପଠାରେ ଥିବା ହୋଟେଲ ଗ୍ରାଣ୍ଡ ରେସିଡେନ୍ସି ପକ୍ଷରୁ ଭେଜ ଓ ନନ୍‌ଭେଜ ପ୍ଲାଟରର ବ୍ୟବସ୍ଥା କରାଯାଇଛି। ଭେଜ ପ୍ଲାଟର ଦର ୩୪୯ ଟଙ୍କା ରହିଥିବାବେଳେ ସେଥିରେ ଫ୍ଲେଭର ପଖାଳ, ଶାଗ ବଡ଼ି ନଡ଼ିଆ, କଖାରୁ ଫୁଲ ଭଜା, ବାଦାମ ବଡ଼ିଚୁରା, କଲରା ଚିପ୍ସ, ତନ୍ଦୁରି ପୋଡା, ଟମାଟୋ ଚଟଣି, ଛୁଇଁ ଚଡଚଡି, ମସଲା ବାଇଗଣ ଫ୍ରାୟ, ଝୁରି ଆଳୁ ଭଜା, ଆଚାର ଓ ପାମ୍ପଡ଼ ରହିଛି। ସେହିପରି ନନ୍‌ଭେଜ ପଖାଳ ପ୍ଲାଟର ଦର ୪୯୯ ଥିବାବେଳେ ସେଥିରେ ରୋହି ମାଛ ତାୱା ଫ୍ରାୟ, ପୋହଳା ମାଛ ପେପର ଫ୍ରାଏ, ଚିଙ୍ଗୁଡ଼ି ଭଜା ଓ ଛେଚା ରହିଛି। ଏହା ମେ' ପର୍ଯ୍ୟନ୍ତ ଉପଲବ୍ଧ ରହିବା ନେଇ ହୋଟଲର ମ୍ୟାନେଜର ରିତେଶ ନାୟକ କହିଛନ୍ତି।

### ପଖାଳ ସାଙ୍ଗକୁ ମାଛ ପୋଡ଼ା



ବଜ୍ରକବାଟୀଠାରେ ଥିବା ମିଳାମିଶା ହୋଟେଲରେ ପଖାଳ ଦିବସ ସ୍ୱତନ୍ତ୍ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ଭେଜ ଖାଦ୍ୟରେ ରହିଛି ଆଳୁ ଭର୍ତ୍ତା, ଶାଗ ଭଜା, ଆମ୍ବ ଚଟଣୀ, ଆମ୍ବ ଖଟା, କଲରା ଆଳୁ ଭଜା, ସଜନା ଛୁଇଁ ଭଜା, କଖାରୁ ଫୁଲ ପିଠା ଇତ୍ୟାଦି ରହିବ। ଏହାର ଦର ୧୨୦ ଟଙ୍କା ରହିଛି। ସେହିପରି ନନ୍‌ଭେଜ ପଖାଳ ଦର ୧୪୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ସେଥିରେ ରୋହି ମାଛ ପତ୍ର ପୋଡା, ଚୁନା ମାଛ ଭଜା, ପୋହଳା ମାଛ ବେସର, ଚିଙ୍ଗୁଡ଼ି ବେସର, ଚୁନା ମାଛ ବେସର ଇତ୍ୟାଦି ରହିଛି। ହୋଟେଲ ମାଲିକ ସ୍ୱର୍ଗତ ପ୍ରମୋଦ କୁମାର ସ୍ୱାଇଁ ଏହି ସବୁ ଖାଦ୍ୟର ବ୍ୟବସ୍ଥା କରିଆସୁଥିବାବେଳେ ଏବେ ତାଙ୍କ ପୁଅ ମିତନ ସ୍ୱାଇଁ ସମସ୍ତ ପ୍ରସ୍ତୁତି କରୁଥିବା କହିଛନ୍ତି।

### ପଖାଳ ସହ ଚିଙ୍ଗୁଡ଼ି ଛେଚା



ପଖାଳ ଦିବସ ପାଇଁ ଅରୁଣୋଦୟ ନଗରଠାରେ ଥିବା ହୋଟେଲ ଶୀତଳଠାରେ ଥିବା ନାଇଁଥ ବିଷ୍ଟ୍ରୋ ରେଷ୍ଟୁରାଣ୍ଟରେ ପଖାଳ ସହ ଭଳି କି ଭଳି ଖାଦ୍ୟର ଆୟୋଜନ କରାଯାଇଛି। ଭେଜ ପଖାଳ ଦର ୫୫୦ ଟଙ୍କା ଓ ନନ୍‌ଭେଜ ପଖାଳ ଦର ୬୦୦ ଟଙ୍କା ରହିଛି। ଭେଜ ପଖାଳ ମଧ୍ୟରେ ଦହି ପଖାଳ ଛୁଙ୍କ, ଆଳୁ ଭର୍ତ୍ତା, ବାଇଗଣ ଫ୍ରାଏ, ବଡ଼ି ଚୁରା, ସୋରିଷ ଦିଆ ଛୁଇଁ ବେସର, ପଣସ କଠା କଷା, ପତ୍ରପୋଡା ଛତୁ, ପୋଡା ଟମାଟୋ ଚଟଣୀ ରହିଛି। ସେହିପରି ନନ୍‌ଭେଜ ପଖାଳ ମଧ୍ୟରେ ପତ୍ରପୋଡା ରୋହି ମାଛ ଓ ଦେଶୀ ଚିଙ୍ଗୁଡ଼ି ଛେଚା ରହିଛି। ପଖାଳ ଦିବସ ଗୋଟିଏ ସପ୍ତାହ ଯାଏ ହୋଟେଲରେ ଉପଲବ୍ଧ ରହିବ ବୋଲି ହୋଟେଲର ସିଇଓ ସୋମ୍ୟସ୍ମିତା ସାହୁ କହିଛନ୍ତି।

### ଛାତ୍ରୀଛାତ୍ରଙ୍କ ସହ ପଖାଳ ଦିବସ ପାଳିଲେ



ପଖାଳ ଦିବସ ଅବସରରେ ସାମାଜିକ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରିଷ୍ଟନ ପାରାଡ଼ାଇଜଠାରେ ଗୁରୁବାର ପଖାଳ ଦିବସ ପାଳନ କରାଯାଇଛି। ସ୍ୱର୍ଗତ ପଦ୍ମଶ୍ରୀ ଡ଼ି. ପ୍ରକାଶ ରାଓଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଇଥିବାବେଳେ ତାଙ୍କ ଆଶା ଆଶ୍ୱସନାର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏହି ଦିବସ ପାଳନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ୪୦୦ ଲୋକଙ୍କ ପାଇଁ ପଖାଳ ସହ ବିଭିନ୍ନ ବ୍ୟଞ୍ଜନର ଆୟୋଜନ କରାଯାଇଥିବା ଟ୍ରଷ୍ଟର ସଭାପତି ମନୋଜ ପଣ୍ଡା କହିଛନ୍ତି।

## ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରିବା ଦୁଃଖଦାୟକ: ଡ. ସଂତୃପ୍ତ ମିଶ୍ର

**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡସ୍ଥଳ ବୁଲି ଦେଖିଲେ ରାଜ୍ୟ ସଭା ସଦସ୍ୟ ଡ. ସଂତୃପ୍ତ ମିଶ୍ର। ପରେ ଦୁଇ ଗୁରୁତରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ସଂତୃପ୍ତ କହିଛନ୍ତି, ଏସ୍‌ସିବି ଟ୍ରମା କେୟାର ଅଗ୍ନିକାଣ୍ଡ ଘଟଣା ସମସ୍ତଙ୍କ ମନରେ ଭୟ ସୃଷ୍ଟି କରିଛି। ଏହା ରାଜ୍ୟର ବୃହତ୍ ଚିକିତ୍ସା ପ୍ରତିଷ୍ଠାନ। ଏପରି ପ୍ରତିଷ୍ଠାନରେ ଏଭଳି ଅବହେଳା ଆଦୌ ଗ୍ରହଣୀୟ ନୁହେଁ। ଏସ୍‌ସିବି ମେଡିକାଲରେ ଥିବା ସମସ୍ତ କୋଠାର ବିଦ୍ୟୁତ ଓ ଅଗ୍ନି ନିରାପତ୍ତାର ଅଡିଟ୍ କିଏ କରିଥିଲା, ତାହା ଏବେ ପ୍ରଶ୍ନବାଚୀ ରହିଛି। ଯେଉଁମାନେ ଏଥିଲାଗି ଦାୟୀ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବିଜେଡି ସରକାର ସମୟରେ ଘରୋଇ ହସ୍ପିଟାଲରେ ଅଗ୍ନିକାଣ୍ଡ ହୋଇଥିଲା। ସେହି ସମୟରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ। ଏବେ ସରକାରୀ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ଜୀବନ ଯାଇଛି। ହେଲେ ସରକାର ତଳିଆ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ମିଶ୍ର କହିଛନ୍ତି। ଏହି ଗସ୍ତ ସମୟରେ କଟକ ମେୟର ସୁବାସ ସିଂ, କଟକ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ଜରିମାନା କାଟିବାକୁ ଆଇଆଇସିଙ୍କୁ ଦାବିପତ୍ର



ଟାଙ୍ଗୀ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ମଙ୍ଗୁଳି-ଜଗତପୁର,୧୯।୩(ମାନସ ସାମଲ)

ମଙ୍ଗୁଳି ଛକଠାରୁ ଟାଙ୍ଗୀ ଯାଏଁ ୧୬ ନମ୍ବର ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ବେଆଇନ ପାର୍କିଂ ଓ ବିନା ହେଲ୍‌ପରରେ ଚାଲୁଥିବା ଭାରିଯାନ ପାଇଁ ଦିନକୁ ଦିନ ବଢୁଥିବା ଦୁର୍ଘଟଣା ଯୋଗୁ ଅକାଳରେ ନିରୀହ ଜୀବନ ଚାଲିଯାଉଛି। ମଙ୍ଗୁଳିଠାରୁ ଟାଙ୍ଗୀ ଯାଏଁ ଟ୍ରାଫିକ ବ୍ୟବସ୍ଥା ନ ଥିବା ଫଳରେ ଏହା ଡେଥ୍ ଜୋନ ପାଲଟିଛି। ଏହାକୁ ରୋକିବାକୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ନେତୃମଣ୍ଡଳୀ ଟାଙ୍ଗୀ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଟାଙ୍ଗୀ ଅଞ୍ଚଳରେ ବିଶେଷ କରି ଜାତୀୟ ରାଜପଥର ଦୁଇ ପାର୍ଶ୍ୱ ଓ ସର୍ଭିସ ରୋଡରେ ବେଆଇନ ପାର୍କିଂ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ଭାରିଯାନଗୁଡ଼ିକ ହେଲ୍‌ପର ବିନା ବେଧଡକ ଚଳାଚଳ କରୁଛି। ଫଳରେ ଚାଳକ ବାମ ପାର୍ଶ୍ୱ ଆସୁଥିବା ଗାଡିର ଗତିପଥ ଜାଣି ପାରୁନାହାନ୍ତି। ଗତ ୬ ମାସରେ ଶହେରୁ ଅଧିକ ଦୁର୍ଘଟଣା ଘଟିଛି। ୪୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ତଥାପି ପରିବହନ ବିଭାଗ ପକ୍ଷରୁ ବେଆଇନ ପାର୍କିଂ ଓ ବିନା ହେଲ୍‌ପର ଗାଡି ଚଳାଚଳରେ ଅଙ୍କୁଶ ଲଗେଇ ପାରୁନି। ମଙ୍ଗୁଳିରେ ରାତ୍ରି ଯାଏଁ ଢାବାରେ ମଦ ବିକ୍ରି ପାଇଁ ମଦ୍ୟପଙ୍କ ଉପଦ୍ରବ ବୃଦ୍ଧି ପାଉଛି। ପୋଲିସ ପ୍ରଶାସନ ଏହିସବୁ ଦିଗ ଉପରେ ଧ୍ୟାନ ଦେବା ସହ ମୋଟା ଅଙ୍କର ଜରିମାନା ଆଦାୟ କଲେ ଆଉ କେହି ଏଭଳି ଭୁଲ କରିବାକୁ ଡରିବେ ବୋଲି ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସୁକାନ୍ତ ପଡ଼ିଆରୀ, କାଳନ୍ଦି ସାହୁ, ସଞ୍ଜୟ ସ୍ୱାଇଁ, ତ୍ରିନାଥ ମଲିକ, ଶେଖ ଯାବେଦ, ସାନୁଆ ସାମଲ, ଅମୂଲ୍ୟ ମାଝି, ଶେଖ ହମିଦ, କାଳିଆ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସପ୍ତାହକ ମଧ୍ୟରେ ବେଆଇନ ପାର୍କିଂ ଓ ବିନା ହେଲ୍‌ପର୍‌ରେ ଚାଲୁଥିବା ଗାଡିକୁ ଚିହ୍ନଟ କରି ଏମ୍‌ଭିଆଇଙ୍କ ସହାୟତାରେ ଜରିମାନା ଆଦାୟ କରାଯିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ କହିଛନ୍ତି।

**ବେଆଇନ ପାର୍କିଂ, ବିନା ହେଲ୍‌ପର ଗାଡି ପାଇଁ ବଢୁଛି ଦୁର୍ଘଟଣା**

## ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ଭଳି ବ୍ୟକ୍ତି ବିରଳ

କଟକ,୧୯।୩(କାର୍ତ୍ତିକ ସାହୁ)

ସିକିମ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ଯୁଗଳ କିଶୋର ମହାନ୍ତିଙ୍କ ୨୮ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ହାଇକୋର୍ଟ ବିଚାରପତି ବିଭୁ ପ୍ରସାଦ ରାଉତରାୟ ଯୋଗଦେଇ ଜଷ୍ଟିସ ମହାନ୍ତିଙ୍କ ଭଳି ହୃଦୟବାନ ବ୍ୟକ୍ତି ବିରଳ ବୋଲି କହିଥିଲେ। ତାଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ବକ୍ତା ରୂପେ ଶିକ୍ଷାବିତ ଡ. ଖାରବେଳ ମହାନ୍ତି ଯୋଗଦେଇ ଜଷ୍ଟିସ ମହାନ୍ତିଙ୍କ ମାନବିକତା ଓ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ। ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ଡ. ସୁଲୋଚନା ଦାସ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଡ. ସତ୍ୟ ରାୟ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା।

## ଗର୍ଭାଶୟ କର୍କଟରୁ ସୁରକ୍ଷା ଟିକାକରଣ ସଚେତନତା

କଟକ,୧୯।୩(କାର୍ତ୍ତିକ ସାହୁ)

ମହିଳାମାନଙ୍କୁ ଗର୍ଭାଶୟ କର୍କଟରୁ ସୁରକ୍ଷା ଦେବା ନିମନ୍ତେ ଜିଲାସ୍ତରୀୟ ହ୍ୟୁମାନ ପାପିଲୋମା ଭାଇରସ (ଏଚ୍‌ପିଭି) ଟୀକାକରଣ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଖ୍ୟାତନାମା ପର୍ବତାରୋହୀ ସମୀରା ଖାନ ଯୋଗଦେଇ ସଚେତନତା ବାର୍ତ୍ତାରେ କହିଛନ୍ତି, ପୁରୁଷକୈନ୍ଦ୍ରିକ ସମାଜରେ ନାରୀମାନଙ୍କୁ ମନୋବଳ ଦୃଢ଼ କରିବା ସହ ଶାରିରୀକ ଭାବେ ସୁସ୍ଥ ରହିବା ଆବଶ୍ୟକ। ସେଥିନିମନ୍ତେ ଗୋଟିଏ ଡୋଜ ଏଚ୍‌ପିଭି ଟୀକା ନେଲେ ମହିଳାମାନଙ୍କୁ ବହୁପରିମାଣରେ ଗର୍ଭାଶୟ କର୍କଟରୁ ସୁରକ୍ଷା ଦିଆଯାଇପାରିବ। ସିଟି ହସ୍ପିଟାଲ ଅତିରିକ୍ତ ନିର୍ଦ୍ଦେଶିକା ଡ. ରଞ୍ଜନା ଭଣ୍ଡାରି ଗର୍ଭାଶୟ କର୍କଟର ଲକ୍ଷଣ, ଏଚ୍‌ପିଭି ଟୀକା ଦ୍ୱାରା ନିରାକରଣ, ଟୀକାକାରଣର ପରବର୍ତ୍ତୀ ଲକ୍ଷଣଗୁଡ଼ିକ ବିଷୟରେ ଲୋକମାନଙ୍କୁ ସଚେତନ କରାଇବାକୁ ଉପସ୍ଥିତ ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ କହିଥିଲେ। ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାଢ଼ୀ ଅଭିଭାବକମାନେ ନିଜ ଘରେ ଥିବା ମହିଳାମାନଙ୍କୁ ଟୀକା ଦେବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ୧୪ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନେ ଟିକା ନେଇପାରିବେ। ଏହି ଅବସରରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନାଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ।




ଗର୍ଭାଶୟ କର୍କଟରୁ ସୁରକ୍ଷା ଟିକାକରଣ ସଚେତନତା ଅବସରରେ ଆୟୋଜିତ ସାଇକେଲ ରାଲି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଲା ୫ ହଜାର ପୋଷ୍ଟ କାର୍ଡ

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଦାବି କରି ଗୁରୁବାର ଆନ୍ଦୋଳନରତ ଛାତ୍ରୀମାନେ ସହରରେ ପୋଷ୍ଟର ଓ ପୋଷ୍ଟକାର୍ଡ ଅଭିଯାନ ଆରମ୍ଭ କରିଛନ୍ତି। ପୁରାତନ ଛାତ୍ରୀ ସଂଘର ନେତୃତ୍ୱରେ ଛାତ୍ରୀମାନେ କଲେଜ କ୍ୟାମ୍ପସ ସମେତ ରାସ୍ତାର କାନ୍ଥରେ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ଦାବି ନୁହେଁ ଆମ ହକ ଲିଖିତ ପୋଷ୍ଟର ଲଗାଇ କଟକବାସୀଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି ଅଭିଯାନରେ ଅନେକ ସାଧାରଣ ଲୋକ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଗତ ଏକ ସପ୍ତାହ ମଧ୍ୟରେ ଛାତ୍ରୀଙ୍କ ପକ୍ଷରୁ ହୋଇଥିବା ପୋଷ୍ଟକାର୍ଡ କାମ୍ପେନରେ ପ୍ରାୟ ୫ ହଜାରରୁ ଅଧିକ ପୋଷ୍ଟକାର୍ଡ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି। ସରକାର ସେମାନଙ୍କ ଦାବିକୁ ସହୃଦୟତାର ସହ ଗ୍ରହଣ କରି ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ଛାତ୍ରୀ ସଂଘ ପକ୍ଷରୁ କୁହାଯାଇଛି। ଏହି ଅଭିଯାନରେ ପୁରାତନ ଛାତ୍ରୀ ପ୍ରଫେସର ଗୋପା ଦାସ, ଉଷାରାଣୀ ଟୀଗା, ସୌଦାମିନୀ ଜେନା, ସ୍ନିଗ୍ଧା ରାୟ, ସୁଚିତ୍ରା ସେଠୀ ଓ ଛାତ୍ରୀ ମୌସୁମୀ ମହାନ୍ତ, ଈଶା ପ୍ରିୟଦର୍ଶିନୀ, ପ୍ରଭାତୀ ସେଠୀ, ଶୁଭସ୍ମିତା ଭୂତିଆ, ତୃପ୍ତିମୟୀ ନାୟକ ପ୍ରମୁଖ ସାମିଲ ଥିଲେ।

**ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ**

## ୨୪ରୁ ଆରମ୍ଭ ହେବ ବାସନ୍ତିକ ଦୁର୍ଗାପୂଜା

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)



ବାସନ୍ତିକ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ।

ମଙ୍ଗଳାବାଗସ୍ଥିତ ମୋହନମଣ୍ଡପରେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ଚଳିତବର୍ଷ ବାସନ୍ତି ଦୁର୍ଗାପୂଜା ଓ ଭସାଣି ଉତ୍ସବ ସଫଳ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭିକାରୀ ଦାସ ବାସନ୍ତୀ ଦୁର୍ଗାପୂଜା ଓ ଇଦ ପର୍ବ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଚଳିତବର୍ଷ ମାର୍ଚ୍ଚ ୨୪ ମହାଷଷ୍ଠୀରୁ ପୂଜା ଆରମ୍ଭ ହୋଇ ୨୮ ଓ ୨୯ ତାରିଖ ଦୁଇ ଦିନଧରି ଭସାଣି ଯାତ୍ରା କରାଯିବ ବୋଲି ଆଗତ ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଏହାସହ ୨୫ ଓ ୨୬ ତାରିଖ ସନ୍ଧ୍ୟାରେ କମିଟିର କାର୍ଯ୍ୟାଳୟରୁ କର୍ମକର୍ତ୍ତାମାନେ ବାହାରି ବିଭିନ୍ନ ଦୁର୍ଗାମଣ୍ଡପ ପରିଦର୍ଶନ କରିବେ। ୨୪ରେ ଦରଘାବଜାର, ସୂତାହାଟ, ସର୍ପାଦୁର୍ଗା (ମାଛୁଆବଜାର), ମଙ୍ଗଳାବାଗ, ରାଣୀହାଟବଜାର, ରାଣୀହାଟ, ଷ୍ଟେଶନବଜାର, ଶିଖରପୁର ଓ ସର୍ବୋଦୟପୁର ପୂଜା କମିଟି ପରିଦର୍ଶନ କରିବାକୁ ଥିବାବେଳେ ୨୫ରେ ଚୌଧୁରୀବଜାର, ବଙ୍ଗାଳିସାହି, ଉପର-ତେଲେଙ୍ଗାବଜାର, ମା' ବୈଷ୍ଣଦେବୀ (ମରୁୱାଡିକ୍ଲବ), ବିନୋଦବିହାରୀ (ବାଲୁବଜାର), ଭଗତଟ୍ରଷ୍ଟ-ବାଲୁବଜାର, ଚାନ୍ଦିନୀଚୌକ ଓ ବିଡାନାସୀ ପୂଜା କମିଟି ପରିଦର୍ଶନ କରିବେ। ଚଳିତବର୍ଷ ବାସନ୍ତି ଦୁର୍ଗାପୂଜାକୁ ସଫଳ କରିବାକୁ ପୋଲିସ ପ୍ରଶାସନ ଓ କଟକ ମହାନଗର ନିଗମକୁ ପକ୍ଷରୁ ଦେବୀଗଡା ରାସ୍ତାର ଉନ୍ନତୀକରଣ, ୨ଟି ଜଳପୂର୍ଣ୍ଣ କୃତ୍ରିମ ପୋଖରୀ ଏବଂ ଦୁଇଦିନ ଆଲୋକର ବ୍ୟବସ୍ଥା କରିବାକୁ ନିବେଦନ କରାଯାଇଛି। ବୈଠକରେ କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, କଟକ ମହାନଗର ନିଗମ ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଏଡିସିପି ଅମରେନ୍ଦ୍ର ପଣ୍ଡା, କଟକ ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଓ ଭାଜପା ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦିଗରେ ମତ ଦେଇଥିଲେ। ଅନ୍ୟାମାନଙ୍କ ମଧ୍ୟରେ ମହାନଗର ଶାନ୍ତି କମିଟି କର୍ମକର୍ତ୍ତା ଆଇନଜୀବୀ ଜ୍ୟୋତିପ୍ରକାଶ ଘୋଷ, ନୃସିଂହଚରଣ ଚୌଧୁରୀ, ନରେଶ କୁମାର ସାହୁଙ୍କ ସମେତ ବାସନ୍ତୀ ଦୁର୍ଗା ମଣ୍ଡପର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କମିଟି ଉପସଭାପତି ଶିବେନ୍ଦ୍ର ହାତୀ ଧନ୍ୟବାଦ ଅର୍ପଣ କରିଥିଲେ।

**୨୮, ୨୯ରେ ଭସାଣି ଯାତ୍ରା**




୧୯।୦୩।୨୦୨୬

| ୫,୨୦,୮୮୦ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୩୧.୫୦୦ ଗ୍ରାମ୍ |

# ତନ୍ନତନ୍ନ କରି ଯାଞ୍ଚ କଲା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

■ମେଡିକାଲ କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା

■ଦ୍ୱିତୀୟ ଥର ଯାଞ୍ଚ କଲା କମିଟି

କଟକ,୧୯।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାର ଅଧିକ ତଦନ୍ତ ପାଇଁ ଗୁରୁବାର ଦ୍ୱିତୀୟ ଥର ପାଇଁ ପହଞ୍ଚି ଯାଞ୍ଚ କରିଛି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଟିମ୍‌ରେ ଅଗ୍ନିଶମ ବିଭାଗ ଆଇଜି ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ଇଆଇସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ୍ ଇଞ୍ଜିନିୟର ବିଲ୍‌ଡିଂ ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ପ୍ରଥମେ ମାଛୁଆ ବଜାରସ୍ଥିତ ସର୍କିଟ ହାଉସରେ ପହଞ୍ଚିଥିଲେ। ମେଡିକାଲ କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ଦିଗ ଉପରେ ପ୍ରାୟ ଦୁଇଘଣ୍ଟା ପଚରାଉଚରା ପରେ ଉକ୍ତ ଟିମ୍ ଆଇସିୟୁକୁ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ କରିଥିଲା। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେଉଁ ମାସରେ ଏହି କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଯାଞ୍ଚ କରାଯାଇଥିଲା, ମକ୍‌ଡ୍ରିଲ ସମୟାନୁକ୍ରମେ ହୋଇଥିଲା କି ନାହିଁ, ଏହାସହ ଅନ୍ୟାନ୍ୟ ପ୍ରସଙ୍ଗରେ ବୈଠକରେ ଟିମ୍ ମେଡିକାଲ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ସହ ଦୀର୍ଘ ସମୟ ଯାଏ ଆଲୋଚନା କରିଥିବା ସୂଚନା ମିଳିଛି। ଏହି ଗସ୍ତ ସମୟରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ, ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ପ୍ରଶାସନିକ ଅଧିକାରୀ ସୁବାସ ରାଏ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଗତ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ୧୩ଜଣ ରୋଗୀଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ୨ଜଣ ଗୁରୁତରଙ୍କ ନ୍ୟୁରୋ ସର୍ଜରି ଆଇସିୟୁରେ ଚିକିତ୍ସା ଜାରି ରହିଛି। ଏହି ଘଟଣାର ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା। ୧୬ ତାରିଖ ପ୍ରଥମ ଥର ଏହି କମିଟି ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଥିଲା। କମିଟିର ତଦନ୍ତ ପରେ ବୁଧବାର ୪ଜଣଙ୍କୁ ନିଲମ୍ବନ କରାଯାଇଥିଲା।

## ପିଜି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ): କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ(ସିପିଇଟି) ପାଇଁ ଆବେଦନ ସମୟ ସୀମା ବୃଦ୍ଧି କରାଯାଇଛି। ଆଗ୍ରହୀ ଛାତ୍ରୀଛାତ୍ର ମାର୍ଚ୍ଚ ୨୨ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ କମନ ଆପ୍ଲିକେଶନ ଫର୍ମ ପୂରଣ କରି ଆବେଦନ କରିପାରିବେ। ପୂର୍ବରୁ ଏହି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଲାଗି ମାର୍ଚ୍ଚ ୧୮ ଶେଷ ତାରିଖ ରହିଥିଲା। କିନ୍ତୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନ ସମୟସୀମା ବୃଦ୍ଧି କରାଯାଇଛି ବୋଲି ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ଲାଗି ଛାତ୍ରୀଛାତ୍ରଙ୍କୁ ସିପିଇଟି ଦେବାକୁ ପଡ଼ିବ। ସିପିଇଟି ମାର୍କ ଆଧାରରେ ହିଁ ଛାତ୍ରୀଛାତ୍ରମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ। ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଠିକ୍ ସମୟରେ ସ୍ନାତକୋତ୍ତର ପାଠପଢ଼ା ଶେଷ କରାଯାଇ ଠିକ ସମୟରେ ପରୀକ୍ଷା ସହ ଫଳାଫଳ ଘୋଷଣା କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି।




ପଖାଳ ଦିବସର ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁନିଲ



@ ଶଶିକାନ୍ତ



@ ଦେବେଶ



@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡା. ଦୁର୍ଗାମାଧବ ଶତପଥୀ ନୂଆ ଡିଏମ୍‌ଇଟି

## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ପାଇଁ ସ୍ୱାସ୍ଥ୍ୟ ବିଭାଗରେ ଅଦଳବଦଳ

ଭୁବନେଶ୍ୱର, ୧୯।୩(ବନ୍ଦନା ସେଠୀ)



ଡା. ଦୁର୍ଗାମାଧବ ଶତପଥୀ ନୂତନ ଡିଏମ୍‌ଇଟି (ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ) ଭାବେ ନିଯୁକ୍ତି ପାଇଛନ୍ତି। ସେ ଏମ୍‌କେସିଜି ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଉଥିଲେ। ଅପରପକ୍ଷେ ପୂର୍ବରୁ ଡିଏମ୍‌ଇଟି ଥିବା ଡା. ସନ୍ତୋଷ ମିଶ୍ରଙ୍କୁ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍‌ର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ୪ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। କଟକ ସର୍କଲର ଡେପୁଟି ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍‌ସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସ୍‌ସିବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ରଞ୍ଜନ କୁମାର ବିଶ୍ୱାଳଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ସ୍ୱାସ୍ଥ୍ୟ ବିଭାଗରେ ଛୋଟ ଅଦଳବଦଳ କରାଯାଇଛି।

# ମେ ୧୫ ଯାଏ ଚାଲିବ ପୁରୀ ରେଳଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ

## ୬ ଟ୍ରେନ୍ ଚଳାଚଳ ଅସ୍ଥାୟୀ ଭାବେ ବାତିଲ

ପୁରୀ,୧୯।୩(ଅଜିତ୍ କୁମାର ମହାନ୍ତି)

ପୁରୀକୁ ବିଶ୍ୱସ୍ତରୀୟ ରେଳଷ୍ଟେଶନ କରିବା ଲକ୍ଷ୍ୟରେ ନବୀକରଣ କାର୍ଯ୍ୟ ଜାରି ରହିଛି। ତେବେ ଯାତ୍ରୀ ସୁବିଧା ଓ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳପଥ ପୁରୀ ରେଳ ଷ୍ଟେଶନରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ କରୁଛି। ଏହି କାର୍ଯ୍ୟରେ ଷ୍ଟେଶନ ୟାର୍ଡରେ ବାଲାଷ୍ଟଲେସ୍ ଟ୍ରାକ୍ ନିର୍ମାଣ ଓ ପ୍ଲାଟ୍‌ଫର୍ମ ନମ୍ବର ୭ ଏବଂ ୮ର ବିକାଶମୂଳକ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ରଥଯାତ୍ରା ପୂର୍ବରୁ କାର୍ଯ୍ୟ ସାରିବା ପାଇଁ ପଦକ୍ଷେପ ନିଆଯାଉଛି। ଚଳିତବର୍ଷ ମାର୍ଚ୍ଚ ୧୫ରୁ ମେ ୧୫ ପର୍ଯ୍ୟନ୍ତ ୨ମାସ ଏହି କାର୍ଯ୍ୟ ଚାଲିବ। ଷ୍ଟେଶନ ପରିସର ରେଳଧାରଣାକୁ କଂକ୍ରିଟ୍‌ଯୁକ୍ତ କରାଯିବାକୁ ଯୋଜନା ହୋଇଛି, ଅର୍ଥାତ୍ ଟ୍ରାକ୍‌ରେ ଆଉ ଗୋଡ଼ି ରହିବ ନାହିଁ। ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ପାଇଁ ନିର୍ମାଣ ହେଉଛି ବାଲାଷ୍ଟଲେସ ଟ୍ରାକ୍ ନିର୍ମାଣ। ଷ୍ଟେଶନ ୟାର୍ଡରେ ୭ ନମ୍ବର ଓ ୮ ନମ୍ବର ପ୍ଲାଟ୍‌ଫର୍ମକୁ ବାଲାଷ୍ଟଲେସ ଟ୍ରାକ୍ କରାଯାଉଛି। ଏହି କାର୍ଯ୍ୟ ପାଇଁ ୩ ଯୋଡ଼ା ୬ଟି ଟ୍ରେନର ଚଳାଚଳ ଅସ୍ଥାୟୀ ଭାବେ ବାତିଲ କରାଯାଇଛି। ସେଗୁଡ଼ିକ ହେଲା ଶାଳିମାର-ପୁରୀ ଟିଓଡି ସ୍ପେଶାଲ, ପୁରୀ-ଭଞ୍ଜପୁର ଟିଓଡି ସ୍ପେଶାଲ, ଖୋର୍ଦ୍ଧା ରୋଡ୍-ପୁରୀ ଟ୍ରେନ୍। ସେହିପରି ୧୫ ଯୋଡ଼ା ଏକ୍ସପ୍ରେସ୍ ଟ୍ରେନକୁ ମାଳତୀପାଟପୁର ପର୍ଯ୍ୟନ୍ତ ସର୍ଟ ଟର୍ମିନେଟେଡ୍ ଓ ସର୍ଟ ଓରିଜିନେଟେଡ୍ କରାଯାଇଛି। ଯାତ୍ରୀଙ୍କୁ ସେମାନଙ୍କ ଯାତ୍ରା ଆରମ୍ଭ କରିବା ପୂର୍ବରୁ ରେଲୱେ ଅନୁସନ୍ଧାନ ପ୍ରଣାଳୀ (ଏନ୍‌ଟିଇଏସ୍) ମାଧ୍ୟମରେ ଟ୍ରେନ୍‌ଗୁଡ଼ିକର ସଦ୍ୟତମ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବତଟ ରେଳପଥ ଏଥିପାଇଁ ସମସ୍ତ ଯାତ୍ରୀଙ୍କ ଅସୁବିଧା ପାଇଁ ସହଯୋଗ କାମନା କରିବା ସହ ଏହା ଦୀର୍ଘମିଆଦୀ ସୁରକ୍ଷା , ନିର୍ଭରଯୋଗ୍ୟତା ଓ କ୍ଷମତା ବୃଦ୍ଧି ପାଇଁ ଏଭଳି କରାଯାଉଥିବା ଖୋର୍ଦ୍ଧାରୋଡ ଡିଭିଜନ ଏଡିଆର୍‌ଏମ୍ ପ୍ରଦୀପ କୁମାର ବେହେରା କହିଛନ୍ତି। ଏହି ସମୟରେ ମାଳତୀପାଟପୁର ରେଳଷ୍ଟେଶନକୁ ଯାତ୍ରୀଙ୍କ ଯିବା ଓ ଆସିବା ପାଇଁ ବ୍ୟାପକ ବସ୍ ଯାତାୟାତ ବ୍ୟବସ୍ଥା ହୋଇଥିବା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଯାତ୍ରୀଙ୍କ ସୁରକ୍ଷା ପାଇଁ ପୁରୀ, ମାଳତୀପାଟପୁର, ସତ୍ୟବାଦୀରେ ବସ୍ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରତି ଷ୍ଟେଶନରେ ହେଲ୍ପ ଡେସ୍କ ଖୋଲାଯାଇଛି। ଯାତ୍ରୀଙ୍କୁ ସୂଚନା ଦେବା ସହ ସେମାନଙ୍କୁ ବସ୍‌ରେ ରେଳଷ୍ଟେଶନକୁ ପଠାଇବା ଓ ସେଠାରୁ ଆଣିବାର ବ୍ୟବସ୍ଥା ହୋଇଛି। ସୁରକ୍ଷା ପାଇଁ ମାଳତୀପାଟପୁର,ସାକ୍ଷୀଗୋପାଳ ଷ୍ଟେଶନରେ ଜିଆର୍‌ପି ଏବଂ ଆର୍‌ପିଏଫ ମୁତୟନ ସହ ଆଉଟପୋଷ୍ଟ କରାଯାଇଛି। ଜିଆର୍‌ପି ଏସ୍‌ପି ସୁରକ୍ଷା ବ୍ୟବସ୍ଥା ସହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ କିଭଳି ସୁରକ୍ଷାକର୍ମୀ ରହିବେ ଓ କେତେ ଫୋର୍ସ ମୁତୟନ କରାଯିବ ସେନେଇ ସମୀକ୍ଷା କରାଯାଇଥିବା ଜିଆର୍‌ପି ଏସ୍‌ପି ଭବାନୀ ଚରଣ ଉଦ୍‌ଗାତା ସୂଚନା ଦେଇଛନ୍ତି।

# ଭୋଟର ତାଲିକା ସଂଶୋଧନରେ ଅବହେଳା: ସହକାରୀ ଶିକ୍ଷୟିତ୍ରୀ ନିଲମ୍ବିତ

ଭୁବନେଶ୍ୱର,୧୯।୩(ସୁଚିସ୍ମିତା ସାହୁ)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରାଯାଇଛି। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଜିଲା ନିର୍ବାଚନ ଅଧିକାରୀ ତଥା ବିଏମ୍‌ସି କମିଶନର ଚଞ୍ଚଳ ରାଣା ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଧାରା ୩୨(୧) ଆଧାରରେ ଚନ୍ଦ୍ରଶେଖରପୁର ଫେଜ-୨ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ରଶ୍ମି ସାହୁଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଲମ୍ବନ ସମୟରେ ସେ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତ୍ତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ସାହୁଙ୍କୁ ବିଧାନସଭା ନିର୍ବାଚନମଣ୍ଡଳୀ ନଂ.୧୧୩ର ବୁଥ୍ ନଂ. ୧୦୯ ପାଇଁ ବୁଥ୍ ଲେଭଲ ଅଫିସର (ବିଏଲଓ) ଭାବେ ନିଯୁକ୍ତ କରାଯାଇଥିଲା। ସେ ଏସ୍‌ଆଇଆର କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ଭୋଟର ତାଲିକାର ସଠିକତା ଓ ସତ୍ୟନିଷ୍ଠା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ। ହେଲେ ସେ କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହିତ ନିଜ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲେ। ଏହାକୁ ଗୁରୁତର ଅବହେଳା ଓ କର୍ତ୍ତବ୍ୟଚ୍ୟୁତି ଭାବେ ଗଣାଯାଇଛି।

# ଶାଶ୍ୱତୀ ସେନଙ୍କୁ 'ମାହାରୀ ସମ୍ମାନ'




## ୩୨ତମ ଗୁରୁ ପଙ୍କଜ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୯।୩(ସୌମ୍ୟରଞ୍ଜନ ରାଉତ)

୩୨ତମ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ସମାରୋହ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଶାଶ୍ୱତୀ ସେନ୍‌ଙ୍କ କଥକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରୀତିଶା ମହାପାତ୍ର, ଶ୍ରେୟା ସବରବାଲ, ସ୍ୱର୍ଣ୍ଣଲା ଦାସ, ପ୍ରଭାତ କୁମାର ସ୍ୱାଇଁ ପ୍ରମୁଖ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନୋରଞ୍ଜନ କରିଥିଲେ। ଅତିଥି ଭାବେ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ର କର୍ପୋରେଟ ବ୍ୟାପାର ମୁଖ୍ୟ ଅମିତ ସିଂହ, ଏମ୍‌ଜିଏମ୍ ଗ୍ରୁପ ଅଫ୍ କମ୍ପାନୀର ନିର୍ଦ୍ଦେଶକ ସୀମା ମହାନ୍ତି, ଏସ୍‌ବିଆଇ ଏଜିଏମ୍ (ମାନବ ସମଳ) ଭବାନୀ ଶଙ୍କର ମହାନ୍ତି, କିଶୋର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ କଥକ ନୃତ୍ୟ ଶିଳ୍ପୀ ଶାଶ୍ୱତି ସେନଙ୍କୁ 'ମାହାରୀ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଶରତ ଦାସ ଓ ଉପଦେଷ୍ଟା ବଟକୃଷ୍ଣ ତ୍ରିପାଠୀ ପରିଚାଳନା କରିଥିଲେ। ବିଶ୍ୱଜିତ ବଳିୟାରସିଂହ ଓ ସ୍ମିତା ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ରିୱାଇଣ୍ଡ ଆଣ୍ଡ ରିଫ୍ରେମ- ଏ ଥର୍ସଡେ ଟକ୍ ସିରିଜ୍ ଉଦ୍‌ଘାଟିତ

## ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍

କଟକ,୧୯।୩(କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ଅତିଥିମାନେ ଲୋଗୋ ଉନ୍ମୋଚନ କରୁଛନ୍ତି।

ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଓଡ଼ିଶାରେ ରିୱାଇଣ୍ଡ ଆଣ୍ଡ ରିଫ୍ରେମ- ଏ ଥର୍ସଡେ ଟକ୍ ସିରିଜ୍ ଭଳି ଅଭିନବ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭବିଷ୍ୟତ ପିଢ଼ିକୁ ଅତୀତରେ କୀର୍ତ୍ତି ସାଉଁଟିଥିବା ବ୍ୟକ୍ତିତ୍ୱମାନଙ୍କ ଅନୁଭୂତିକୁ ଜ୍ଞାନରେ ପରିବର୍ତ୍ତନ କରି ମାର୍ଗଦର୍ଶନ କରିବା ଓ ଗବେଷଣା ଭିତ୍ତିକ ସିନେମା ଶିକ୍ଷା ପ୍ରଦାନ କରିବା ଏହାର ପ୍ରମୁଖ ପ୍ରୟାସ ବୋଲି କହିଛନ୍ତି ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଶେଖର ଖଟୁଆ। ପ୍ରଫେସର ଖଟୁଆ କହିଥିଲେ, ରିୱାଇଣ୍ଡ ଏବଂ ରିଫ୍ରେମ ଏକ ଆଲୋଚନା ସିରିଜ। ଏହା ଅଭିଜ୍ଞତା ଏବଂ ଆକାଂକ୍ଷା ମଧ୍ୟରେ ଏକ ସେତୁ। ସ୍ୱନାମଧନ୍ୟ ବ୍ୟକ୍ତିତ୍ୱମାନଙ୍କ ସହିତ ଜଡ଼ିତ ହୋଇ, ଆମର ଛାତ୍ରୀଛାତ୍ରମାନଙ୍କୁ ପ୍ରେରଣା ଦେବା ଏବଂ ସେମାନଙ୍କ ଗବେଷଣା କ୍ଷମତାକୁ ଉନ୍ନତ କରିବା ପାଇଁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ସେମାନଙ୍କ ଦୃଷ୍ଟିକୋଣକୁ ସମୃଦ୍ଧ କରିବ ଏବଂ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ଜ୍ଞାନ ସଂରକ୍ଷଣ କରିବ। ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ର ରଞ୍ଜନ ରାୟ କହିଛନ୍ତି, ଏହି ସିରିଜ୍ ଜିଜ୍ଞାସାକୁ ଜାଗ୍ରତ କରିବ ଏବଂ ସିନେମା, ଗଣମାଧ୍ୟମ, ସଂସ୍କୃତି, ଶିକ୍ଷା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ବିବିଧ କ୍ଷେତ୍ର ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ପ୍ରତ୍ୟେକ ଅଧିବେଶନ ପାଠ୍ୟପୁସ୍ତକ ଏବଂ ଶ୍ରେଣୀଗୃହ ବାହାରେ ମୂଲ୍ୟବାନ ଦୃଷ୍ଟିକୋଣ ମଧ୍ୟ ପ୍ରଦାନ କରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ନିର୍ଦ୍ଦେଶକ ଏବଂ ନାଟ୍ୟକାର ଅନନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ ଉପସ୍ଥିତ ରହି ସେମାନଙ୍କ ସୃଜନଶୀଳ ଯାତ୍ରା ଏବଂ ଅନ୍ତର୍ଦୃଷ୍ଟି ଦର୍ଶକଙ୍କ ସହିତ ବାଣ୍ଟିଥିଲେ। ଫେଡେରେଶନ ଅଫ ଫିଲ୍ମ ସୋସାଇଟି ଅଫ ଇଣ୍ଡିଆର ଅଧ୍ୟକ୍ଷ ପ୍ରେମେନ୍ଦ୍ର ମଜୁମଦାର ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ତାଙ୍କର ଶୁଭେଚ୍ଛା ଏବଂ ପ୍ରତିଫଳନ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଫେସର ଖଟୁଆଙ୍କ ଦ୍ୱାରା ରିୱାଇଣ୍ଡ ଆଣ୍ଡ ରିଫ୍ରେମ ଏବଂ କ୍ୟାମ୍ପସ ଫିଲ୍ମ ସୋସାଇଟିର ଲୋଗୋ ଉନ୍ମୋଚନ କରାଯାଇଥିଲା। ଏଥିସହ ପ୍ରଶଂସିତ ଚଳଚ୍ଚିତ୍ର କ୍ରାନ୍ତିଧାରା ପ୍ରଦର୍ଶନ ହୋଇଥିଲା। ପରେ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ ଅତିଥିମାନଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ହୋଇଥିଲା। ସାଉଣ୍ଡ ଆଣ୍ଡ ଟିଭି ଇଞ୍ଜିନିୟରିଂ ମୁଖ୍ୟ ରାକେଶ କୁମାର ଦାସ ଧନ୍ୟବାଦ ଦେଇଥିଲେ।

**କୋରେଇ ବିଇଓ ଅଫିସ୍‌ରେ ୫.୫୬ କୋଟି ଟଙ୍କା ଆତ୍ମସାତ୍ ଘଟଣା**

# ପୁଅ ପରେ ମା'ବାପା ବନ୍ଧା ହେଲେ

ଯାଜପୁର/କଟକ,୧୯।୩ (ହର୍ଷବର୍ଦ୍ଧନ ବେହେରା/କାର୍ତ୍ତିକ ସାହୁ)

ଯାଜପୁର ଜିଲା କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ୫.୫୬ କୋଟି ଟଙ୍କା ଆତ୍ମସାତ୍ ଘଟଣାରେ ଦିନକ ତଳେ ଗିରଫ ବ୍ୟାଙ୍କ ଅଧିକାରୀଙ୍କ ମା'ବାପାଙ୍କୁ ଓଡ଼ିଶା ଭିଜିଲାନ୍ସ ଗୁରୁବାର ଭଦ୍ରକସ୍ଥିତ ଏକ ହୋଟେଲରୁ ଗିରଫ କରିଛି। ସେମାନେ ହେଲେ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ଗୀତାରାଣୀ ମହାନ୍ତି। ଏହାପୂର୍ବରୁ ବୁଧବାର ପ୍ରଦୀପଙ୍କ ପୁଅ ତଥା ଜନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଭଦ୍ରକ ଶାଖାର ମୁଖ୍ୟ ମାତୃପ୍ରସାଦ ମହାନ୍ତିଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ଉଭୟ ସ୍ୱାମୀସ୍ତ୍ରୀ ଫେରାର ହୋଇ ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ। ସେମାନେ ଶେଷ ଥର ପାଇଁ କୋଲକାତାରେ ଲୁଚି ରହିଥିବା ସନ୍ଦେହ କରାଯାଇଥିଲା। ତେଣୁ ଓଡ଼ିଶା ଭିଜିଲାନ୍ସର ଏକ ଦଳ କୋଲକାତାର ସନ୍ଦିଗ୍ଧ ଆଡ୍ଡାଗୁଡ଼ିକରେ ଚଢ଼ାଉ କରିଥିଲା। ତେବେ ସେମାନେ ସେଠାରେ ଅସୁରକ୍ଷିତ ମନେ କରି କୋଲକାତା ଛାଡ଼ିବାକୁ ମନସ୍ଥ କରିଥିଲେ। ଏହାପରେ ଉଭୟ ସ୍ୱାମୀସ୍ତ୍ରୀ ବୁଧବାର ରାତିରେ କୋଲକାତା ଛାଡ଼ି ଭଦ୍ରକର ଚରମ୍ପାସ୍ଥିତ ଏକ ହୋଟେଲରେ ଲୁଚି ରହିଥିଲେ। ସେଠାରେ ଗୁରୁବାର ଭୋର ସମୟରେ ସେମାନଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ଏହି ମାମଲାରେ ପଚରାଉଚରା କରାଯାଉଛି। ଆତ୍ମସାତ୍ ହୋଇଥିବା ଅର୍ଥ ପ୍ରଦୀପ ମହାନ୍ତି, ତାଙ୍କ ସ୍ତ୍ରୀ ଗୀତାରାଣୀ ଓ ପୁଅ ମାତୃପ୍ରସାଦ ମହାନ୍ତି ଏବଂ ଅନ୍ୟମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୋରେଇ ବିଇଓଙ୍କ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତି

## ଭିଜିଲାନ୍ସ ଚଢ଼ାଉ, ତନାଘନା ଜାରି



ପ୍ରଦୀପ କୁମାର ମହାନ୍ତି

ପାଇଥିଲେ। ପେନସନଭୋଗୀ ଶିକ୍ଷକମାନଙ୍କ ବିଲ୍ ପ୍ରସ୍ତୁତ କରିବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ଏଥିରେ ସେ ଅନିୟମିତତା କରି ୧୩ ଜଣ ଶିକ୍ଷକଙ୍କୁ ନିୟମିତ ଦର୍ଶାଇ ସେମାନଙ୍କ ନାମରେ ମାସିକ ପେନ୍‌ସନ୍ ବିଲ୍ ପ୍ରସ୍ତୁତ କରୁଥିଲେ। ଏଭଳି ଅନିୟମିତତା ଉପରେ ସମ୍ପୃକ୍ତ କୋରେଇ ବିଇଓ କିଭଳି ମଞ୍ଜୁର କରୁଥିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ପ୍ରଦୀପଙ୍କ ଏହି ଅନିୟମିତତା ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟରେ ଧରାପଡ଼ିଥିଲା। ଉକ୍ତ ରିପୋର୍ଟ ଉପରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ସଚିବ ଏନ.ତିରୁମାଲା ନାଏକ ୨୩।୨।୨୦୨୬ରେ ଯାଜପୁର ଜିଲାପାଳଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ପରେ ୫।୩।୨୦୨୬ରେ ଜିଲା ଶିକ୍ଷାଧିକାରୀ (ଡିଇଓ) ୧୨ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମରେ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ବର୍ତ୍ତମାନର ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ ଜଣ ପୂର୍ବତନ ବିଇଓ ସୁଶାନ୍ତ କୁମାର ଶତପଥୀ, ସୁମତୀ କୁମାରୀ ସାହୁ ଓ ଜଗବନ୍ଧୁ ଶତପଥୀ, ପୂର୍ବତନ ଜୁନିୟର ଆସିଷ୍ଟାଣ୍ଟ ବିଷ୍ଣୁପ୍ରସାଦ ଦାସ, ରମେଶଚନ୍ଦ୍ର ବଳ, ରାମଚନ୍ଦ୍ର ସାହୁ, ପୂର୍ବକୋଟ ୟୁଜିଏମ୍ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ମାତୃପ୍ରସାଦ ମହାନ୍ତି, ଗୀତାରାଣୀ ମହାନ୍ତି, ଦିଲୀପ କୁମାର ମହାପାତ୍ର ଓ ମୋନାଲିସା ପାଣିଙ୍କ ନାମ ରହିଛି। ଆଭ୍ୟନ୍ତରୀଣ ଅଡିଟ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୧୮ ନଭେମ୍ବରରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ୧୯ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମରେ ଶିକ୍ଷକତା କରୁଥିବା ଦର୍ଶାଇ ୪୮୦ ଥର ଟଙ୍କା ଉଠାଣ କରାଯାଇଛି। ଆଉ ଏହିସବୁ ଟଙ୍କା ପୂର୍ବକୋଟ ୟୁଜିଏମ୍ଇ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି ଏବଂ ସ୍ତ୍ରୀ ଗୀତାରାଣୀ ମହାନ୍ତିଙ୍କ ସମେତ ତାଙ୍କ ଘରେ ଆୟା ଭାବେ କାର୍ଯ୍ୟ କରୁଥିବା ମୋନାଲିସା ପାଣି ଏବଂ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବେତନ ବିଭାଗରେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ମହାନ୍ତିଙ୍କ ଆକାଉଣ୍ଟକୁ ଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଧରିବାକୁ ପ୍ରୟାସ ଚାଲିଥିବା ସୂଚନା ମିଳିଛି।

# ଅଭିଯୁକ୍ତ କଟକରୁ ଧରା ପଡ଼ିଲେ

## ଆର୍‌ଆଇଙ୍କୁ ଅଫିସରୁ ଘୋଷାରି ମାଡ଼ ଘଟଣା

ଚାନ୍ଦବାଲି,୧୯।୩ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ସାରଣା ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କୁ ଅଫିସରୁ ଘୋଷାରି ମାଡ଼ ଘଟଣାରେ ଅଭିଯୁକ୍ତ ଯୁବକଙ୍କୁ ଗୁରୁବାର କଟକରୁ ବାଂଶଡ଼ା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଭୂଇଁବୃତ୍ତି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସୁବାସ ଦାସ। ଏନେଇ ମାମଲା (ନଂ.୮୬/୨୬) ରୁଜୁ ହୋଇଥିବା ବେଳେ ସୁବାସଙ୍କୁ କୋର୍ଟଚାଲାଣ କରାଯାଇଛି।

ପ୍ରକାଶ ଯେ, ଗତ ମଙ୍ଗଳବାର ଅପରାହ୍ନରେ ସୁବାସ ତାଙ୍କର ଜଣେ ସମ୍ପର୍କୀୟଙ୍କ ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଆର୍‌ଆଇ ଅଫିସକୁ ଯାଇଥିଲେ। କିଛି ବେଆଇନ କାର୍ଯ୍ୟ କରିବାକୁ ଆର୍‌ଆଇ ତାପସ ରଞ୍ଜନ ଜେନାଙ୍କୁ ସେ ବାଧ୍ୟ କରିଥିଲେ। ଆର୍‌ଆଇ ମନା କରିବାରୁ ସୁବାସ ତାଙ୍କୁ ଅଫିସରୁ ଘୋଷାରି ମାଡ଼ ମାରିଥିଲେ। ଏନେଇ ଆର୍‌ଆଇ ଜେନାଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ କରି ଥାନାଧିକାରୀ ଏସ୍‌କେ ହାଫିଜ୍ ତଦନ୍ତଭାର ନେଇଥିଲେ। ଏହି ଘଟଣାରେ ଆଉ କେହିସମ୍ପୃକ୍ତ ଅଛନ୍ତିକି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

# ୩୬ ଲକ୍ଷ ଠକେଇ, ୨ ଗିରଫ

ଆନନ୍ଦପୁର,୧୯।୩ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଶାଳପଡ଼ାଠାରେ ଘଟିଥିବା ଏକ ଘରୋଇ ଫାଇନାନ୍ସ କମ୍ପାନୀ ନାମରେ ଲୋନ୍ ହଡ଼ପ ଅଭିଯୋଗରେ ଘସିପୁରା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭାରତ ଫାଇନାନ୍ସ କମ୍ପାନୀର ପୂର୍ବତନ ଶାଖା ପରିଚାଳକ ଭଦ୍ରକ ଜିଲାର ପବିତ୍ର ମୋହନ ଦାସ ଓ ନନ୍ଦିପଦା ଥାନା ଅଞ୍ଚଳର ସୁନୀଲ ଜେନା। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆନନ୍ଦପୁର ଏସ୍‌ଡିପିଓ କମଲ ପଣ୍ଡା ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ଦ୍ୱୟ ୧୫୭ ଜଣଙ୍କ କାଗଜପତ୍ର ସଂଗ୍ରହ କରି ସେମାନଙ୍କ ନାମରେ ଲୋନ୍ ଉଠାଇ ନିଜେ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଗିରଫ ଭୟରେ ଅଭିଯୁକ୍ତମାନେ କେତେକ ଲୋକଙ୍କ ଲୋନ ଅର୍ଥକୁ ପରିଶୋଧ କରିଥିବା ବେଳେ ୪୬ ଜଣଙ୍କ ଲୋନ ଅର୍ଥ ପ୍ରାୟ ୩୬ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଭାରତ ଫାଇନାନ୍ସ ଲିମିଟେଡ୍ କମ୍ପାନୀର ଘସିପୁରା ଥାନା ଶାଳପଡ଼ା ଶାଖା ପରିଚାଳକ ଦେବାଶିଷ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୫୭/୨୬) ରୁଜୁ ହୋଇଥିଲା। ଘଟଣାରେ ତଦନ୍ତ କରି ପୋଲିସ ପୂର୍ବରୁ ନନ୍ଦିପଦା ଥାନା ଅଧୀନରୁ ସୁନୀଲଙ୍କୁ ଗିରଫ କରିଥିଲା। ବୁଧବାର କମ୍ପାନୀର ପୂର୍ବତନ ଶାଖା ପରିଚାଳକ ପବିତ୍ର ମୋହନଙ୍କୁ ଗିରଫ କରିଛି। ଉଭୟଙ୍କୁ କୋର୍ଟଚାଲାଣ କରି ତଦନ୍ତ ଚଳାଇଛି।

# ଗିରଫ ଭୟରେ ଯୁବକଙ୍କ ଆତ୍ମହତ୍ୟା

## ଲିଭ୍ ଇନ୍‌ରେ ରହୁଥିଲେ...

ପୁରୁଣା ଭୁବନେଶ୍ୱର/ପିପିଲି, ୧୯।୩ (ସୁବାସ ଚନ୍ଦ୍ର ପ୍ରଧାନ/ଦୁର୍ଗାମାଧବ ମିଶ୍ର)

ଲିଭ୍ ଇନ୍‌ରେ ରହୁଥିବା ଯୁବତୀଙ୍କ ଅଭିଯୋଗ ଆଧାରରେ ଗିରଫ କରିବା ପାଇଁ ଘର ବାହାରେ ପୋଲିସ ଜଗିଥିଲା, ହେଲେ ଘର ଭିତରେ ଆତ୍ମହତ୍ୟା କରିଦେଲେ ଯୁବକ। ଗୁରୁବାର ପିପିଲି ଥାନା ଅଧୀନ ଗୁଡ଼ିଆପୋଖରୀ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକହେଲେ କଟକ ମଧୁପଟଣା ଅଞ୍ଚଳର ସୁଧାଂଶୁ ଶେଖର ବେହେରା। ଆତ୍ମହତ୍ୟା ପୂର୍ବରୁ ସେ ଶେଷ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ପୋଲିସ ନ୍ୟାୟ ଦେଇପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ପ୍ରେମ ପ୍ରତାରଣାକୁ ନେଇ ସୁଧାଂଶୁ ଆତ୍ମହତ୍ୟା କରିଥିବା ପୋଲିସ କହିଛି।

ପୋଲିସ ସୂଚନା ମୁତାବକ, ସୁଧାଂଶୁ ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏପରିକି ଦୁହେଁ ଲିଭ ଇନ୍‌ରେ ରହିଆସୁଥିଲେ।



ସୁଧାଂଶୁ ଶେଖର ବେହେରା

ଯୁବତୀ ତାଙ୍କୁ ବିବାହ କରିବାକୁ କହି ୮ଲକ୍ଷ ଟଙ୍କା ଠକେଇ କରିନେଇଥିବା ସୁଧାଂଶୁ ଅଭିଯୋଗ କରିଥିଲେ। ଯୁବତୀଙ୍କ ବିରୋଧରେ ମାମଲା ଦାଏର କରିବା ପାଇଁ ସେ ପିପିଲି ଥାନାଠୁ ଆରମ୍ଭ କରି ଶହୀଦନଗର ଥାନା ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ। ଯୁବତୀ ଜଣଙ୍କ ଓଲଟା ପିପିଲି ଥାନାରେ ସୁଧାଂଶୁଙ୍କ ନାମରେ ଏକ ମାମଲା ଓ ଭୁବନେଶ୍ୱର ମହିଳା ଥାନାରେ ଏକ ବଳାତ୍କାର ମାମଲା ରୁଜୁ କରି ଶୁଧାଂଶୁଙ୍କୁ ଛନ୍ଦି ଦେଇଥିଲେ। ବୁଧବାର ମହିଳା ଥାନା ପୋଲିସ ସୁଧାଂଶୁଙ୍କୁ ଗିରଫ କରିବା ପାଇଁ ସେ ରହୁଥିବା ଗୁଡ଼ିଆପୋଖରୀ ନିକଟ ଆପାର୍ଟମେଣ୍ଟକୁ ଯାଇଥିଲା। ତେବେ ପୋଲିସକୁ ଦେଖି ସେ ଘର ଭିତରେ କବାଟ କିଳି ଦେଇଥିଲେ। 'ମୁଁ ନିର୍ଦ୍ଦୋଷ ମୋତେ ନ୍ୟାୟ ମିଳୁ ନଚେତ କବାଟ ଖୋଲିବି ନାହିଁ ବୋଲି କୁଆଡ଼େ କହିଥିଲେ। କିଛି ସମୟ ପରେ ପୋଲିସ କବାଟ ତାଡ଼ି ଦେଖିଲା ବେଳକୁ ସେ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା (ନଂ. ୯/୨୬) ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି। ସେମାନେ ଲିଭ୍ ଇନ୍‌ରେ ରହିଆସୁଥିବାବେଳେ ଗତ ଜାନୁଆରୀରୁ ପରସ୍ପର ଅଲଗା ହୋଇ ରହୁଥିଲେ ବୋଲି ପିପିଲି ଥାନା ଆଇଆଇସି ସୌମେନ୍ଦ୍ର ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

# ୭୨୭ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ମୋହନା,୧୯।୩(ମନ୍ମଥ ମିଶ୍ର)

ଗଜପତି ଜିଲାରୁ ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ବିପୁଳ ପରିମାଣର ଗଞ୍ଜେଇକୁ ଅଡ଼ବା ପୋଲିସ ଜବତ କରିଛି।

ଖାରିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୋହନାଗୁଡ଼ା ଓ ଗୁରୁଝୁଲି ଗ୍ରାମ ପଞ୍ଚାୟତର ରାଜପୁର ଗାଁ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଗଚ୍ଛିତ ରଖା ଯାଇଥିବା ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଡ଼ବା ପୋଲିସ ସଦଳବଳ ସେଠାରେ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଜବତ କରିଥିଲା। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଜବତ ଗଞ୍ଜେଇର ପରିମାଣ ୭୨୭ କେଜିରୁ ଊର୍ଦ୍ଧ୍ୱ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏ ନେଇ ନଂ.୬୧/୨୬ ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଗଞ୍ଜେଇ ଚାଲାଣ ପାଇଁ ଗଚ୍ଛିତ ରଖିଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

# ଅବକାରୀ ଚଢ଼ାଉ, ୮ ଗିରଫ

ଝାରସୁଗୁଡ଼ା,୧୯।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଇ କରାଯାଇ ବିପୁଳ ମଦ ଜବତ କରାଯାଇଛି। ଜିଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ତରଫରୁ ଭୁଲିଆଟିକ୍ରା, ବନ୍ଧରପଡ଼ା, ସରବେଣ୍ଡା ଅଞ୍ଚଳରେ ଚଢ଼ାଉ କରାଯାଇ ୨୨୦ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ଭୁଲିଆଟିକ୍ରା ଅଞ୍ଚଳର କ୍ରୀଷ୍ଟା ଏକ୍କା, ବନ୍ଧରପଡ଼ା ଅଞ୍ଚଳର ପ୍ରେମା କିଷାନ ଓ ସରବେଣ୍ଡା ଅଞ୍ଚଳର ସୁବାସିନୀ ଓରାମଙ୍କୁ ଗିରଫ କରାଯାଇଛି। ସେହିପରି ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ କୁକୁରଜଙ୍ଘା ଓ ହରେକୃଷ୍ଣପୁର ଅଞ୍ଚଳରେ ଚଢ଼ାଉ କରାଯାଇ ୨୮ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ କୁକୁରଜଙ୍ଘା ଗ୍ରାମର ଈଶ୍ୱର ସାହୁ ଓ ହରେକୃଷ୍ଣପୁର ଗ୍ରାମର ମହେଶ ଭୋଇଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଲଇକେରା ଅବକାରୀ ବିଭାଗ ପକ୍ଷରୁ ନାଏକଡ଼ିହି, କେନ୍ଦଡ଼ିହି ଓ ତିଲେଇମାଲ ଅଞ୍ଚଳରେ ଚଢ଼ାଉ କରାଯାଇ ୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ନାଏକଡିହି ଗ୍ରାମର ରୀନା ଓରାମ, କେନ୍ଦଡିହି ଗ୍ରାମର ବୀରସେନ କିଷାନ ଓ ତିଲେଇମାଲ ଗ୍ରାମର ସଞ୍ଜୟ ଓରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୮ଟି ମାମଲା ରୁଜୁ ହୋଇଛି।

# ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା, ସ୍ୱାମୀ ବନ୍ଧା ହେଲେ

ବୁଗୁଡ଼ା,୧୯।୩(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ପୋଚାଲୁଣ୍ଡି ଗ୍ରାମରେ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୋଚାଲୁଣ୍ଡି ଗ୍ରାମର ମନୋଜ କୁମାର ଜେନା(୩୬)। ମନୋଜ ଲୁହା ଚେନ୍‌ରେ ସ୍ତ୍ରୀ ସୁନିତାଙ୍କ ବେକ ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ସୁନିତାଙ୍କ ବାପା ବୁଗୁଡ଼ା ଥାନା ଆଦିପୁର ଗ୍ରାମର ନାରାୟଣ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୨୪/୨୬ରେ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ବାଇକ୍ ଲକ୍ ଚେନ୍‌କୁ ଜବତ କରାଯାଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

୫ ବର୍ଷ ତଳେ ସୁନିତା ଓ ମନୋଜଙ୍କ ବାହାଘର ବୈଦିକ ରୀତିନୀତିରେ ହୋଇଥିଲା। ବାହାଘର ସମୟରେ ଯୌତୁକ ବାବଦକୁ ସୁନା ଅଳଙ୍କାର, ବାଇକ୍ ଓ ବିଭିନ୍ନ ଆସବାବପତ୍ର ସହ ୧ ଲକ୍ଷ ୩୫ ହଜାର ଟଙ୍କା ଦିଆଯାଇଥିଲା। ବିବାହ ପରେ ପୁଣି ୫ ଲକ୍ଷ ଟଙ୍କା ବାପଘରୁ ଆଣିବା ପାଇଁ ଚାପ ପଡିଥିଲେ ମଧ୍ୟ ସୁନିତାଙ୍କ ବାପା ଅସହାୟତା ପ୍ରକାଶ କରିଥିଲେ। ଏହାପରେ ସୁନିତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ବୁଧବାର ରାତିରେ ମନୋଜ ତାଙ୍କ ଶ୍ୱଶୁର ନାରାୟଣଙ୍କୁ ସୁନିତାଙ୍କ ମୃତ୍ୟୁ ଖବର ଜଣାଇଥିଲେ। ନାରାୟଣ ଝିଅର ଶାଶୁଘରେ ପହଞ୍ଚି ସୁନିତାଙ୍କ ବେକରେ ଦାଗ ଦେଖିବାକୁ ପାଇଥିଲେ। ଝିଅକୁ କୌଣସି ଚେନ୍ କିମ୍ବା ଦଉଡ଼ିରେ ତଣ୍ଟି ଚିପି ହତ୍ୟା କରାଯାଇଥିବାର ସନ୍ଦେହ କରି ନାରାୟଣ ବାଲିପଦର ଫାଣ୍ଡିରେ ଅଭିଯୋଗ କରଥିଲେ। ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡ୍ଡୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ସ୍ୱାମୀ ମନୋଜଙ୍କୁ ଗିରଫ କରିବା ସହିତ ସେ ହତ୍ୟା କରି ଫୋପାଡ଼ି ଦେଇଥିବା ବାଇକ୍ ଚେନଟିକୁ ଜବତ କରିଥିଲେ।

# ସ୍କୁଟି ନମ୍ବର ଲଗାଇ ଚଲାଉଥିଲେ ପିକ୍‌ଅପ୍ ଭ୍ୟାନ୍

## ଯାଞ୍ଚ ବେଳେ ଧରାପଡ଼ିଲା

ନୀଳଗିରି, ୧୯।୩(ପ୍ରଶାନ୍ତ ବିଶ୍ୱାଳ)

ସ୍କୁଟି ନମ୍ବର ପ୍ଲେଟ୍ ଲଗାଇ ଚଲାଉଥିଲେ ପିକଅପ୍ ଗାଡ଼ି। ଆଉ କାଗଜ ପତ୍ର ଯାଞ୍ଚ ପରେ ଏଭଳି ତଥ୍ୟ ଏବେ ସାମ୍ନାକୁ ଆସିଛି। ଗୁରୁବାର ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ଗାଡ଼ି କାଗଜପତ୍ର ଯାଞ୍ଚ କରିବା ପାଇଁ ଏକ ଟିମ୍ ପହଞ୍ଚିଥିଲା। ସେହି ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଏକ ପିକଅପ୍ ଗାଡ଼ି ଯାଉଥିଲା। ଏହି ଗାଡ଼ିର (ନଂ. ଓଡ଼ି୦୧ଏଏ-୬୯୫୮)ଟିକୁ ଦେଖି ପରିବହନ ବିଭାଗ ଅଧିକାରୀଙ୍କ ମନରେ ସନ୍ଦେହ ହେବାରୁ ଗାଡ଼ିର ନମ୍ବର୍ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଗାଡ଼ିଟିରେ ଯେଉଁ ନମ୍ବର ଲାଗିଥିଲା ସେ ଏକ ସ୍କୁଟି ନମ୍ବର ବୋଲି ଜଣାପଡ଼ିଥିଲା। ତେବେ ଗାଡ଼ିର ମାଲିକ ସ୍କୁଟି ନମ୍ବର ଲଗାଇ ଗାଡ଼ି କାହିଁକି ଚଳାଉଥିଲେ ତାହା ଜାଣିବା ପାଇଁ ଉକ୍ତ ପିକଅପ୍ ଗାଡ଼ିର ଫିଟନେସ୍ ଓ ଇନ୍‌ସ୍ୟୁରାନ୍ସ ମଧ୍ୟ ଯାଞ୍ଚ କରିଥିଲେ ଅଧିକାରୀ। ହେଲେ ଗାଡ଼ିର କୌଣସି କାଗଜପତ୍ର ଠିକ୍ ନ ଥିବା ଜଣାପଡ଼ିଥିଲା। ପରେ ଗାଡ଼ିକୁ ନୀଳଗିରି ଥାନାକୁ ଆଣି ପରିବହନ କନିଷ୍ଠ ଅଧିକାରୀ ଦେବସ୍ମିତା ନାୟକ ଜିମା ଦେଇଥିଲେ। ତେବେ ଗାଡ଼ି ମାଲିକ ଟୋଲ ଟ୍ୟାକ୍ସ ଫାଙ୍କିବା କିମ୍ବା କୌଣସି ଚୋରା କାରବାରରେ ଏହାକୁ ବ୍ୟବହାର କରିବା ପାଇଁ ଏମିତି କରିଥାଇପାରନ୍ତି ବୋଲି ପରିବହନ ବିଭାଗ ଅନୁମାନ କରୁଛି।

# ଜାଲ୍ ଚେକ୍ ମାଧ୍ୟମରେ ୯.୫୬କୋଟି ଠକେଇ

ଭୁବନେଶ୍ୱର,୧୯।୩ (ତ୍ରିନାଥ ମହାନ୍ତି)

- ଛତିଶଗଡ଼ରୁ ଅଭିଯୁକ୍ତଙ୍କୁ ଗିରଫକଲା ଇଓଡବ୍ଲ୍ୟୁ
- ପ୍ରଥମେ ମୟୂରଭଞ୍ଜ ଭଞ୍ଜପୁର ପୋଲିସ ଷ୍ଟେଶନରେ ହୋଇଥିଲା ଅଭିଯୋଗ

ଜାଲ୍ ଚେକ୍ ମାଧ୍ୟମରେ ୯.୫୬କୋଟି ଟଙ୍କା ଠକେଇ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଛତିଶଗଡ଼ରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରଜେଶ ମିଶ୍ର। ସେ ମିଶ୍ର ଏଣ୍ଟରପ୍ରାଇଜେସ୍ ଏବଂ ମହାକାଳ କନ୍‌ଷ୍ଟ୍ରକ୍‌ଶନ ସଂସ୍ଥାର ମାଲିକ। ଛତିଶଗଡ଼ସ୍ଥିତ ଘରୁ ତାଙ୍କୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଥିଲା। ଏଠାରେ ପଚରାଉଚରା କରାଯିବା ପରେ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇ ବାଲେଶ୍ୱର ଜେଲକୁ ପଠାଇ ଦିଆଯାଇଛି।

ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦାର ମୁଖ୍ୟ ପରିଚାଳିକା ସୁଜାତା କାନୁନ୍‌ଗୋଙ୍କ ଅଭିଯୋଗ ଆଧାରରେ ୨୦୨୪ ଏପ୍ରିଲରେ ଇଓଡବ୍ଲ୍ୟୁରେ ଏକ ମାମଲା(ନଂ-୫/୨୪) ରୁଜୁ କରାଯାଇଥିଲା। ୨୦୨୪ ଏପ୍ରିଲ



ବ୍ରଜେଶ ମିଶ୍ର

୧୦ରୁ ଏପ୍ରିଲ ୧୮ତାରିଖ ମଧ୍ୟରେ ଚାରୋଟି ଚେକ୍ ଦେଇ ମୟୂରଭଞ୍ଜ ଜିଲା ପରିଷଦର ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍‌ଏଫ୍)ର ଆକାଉଣ୍ଟରୁ ଅର୍ଥ ହରିଲୁଟ କରାଯାଇଥିଲା। ଆକାଉଣ୍ଟରୁ ୯ କୋଟି ୫୬ ଲକ୍ଷ ୭୬ହଜାର ୬୦୦ ଟଙ୍କା ବେଆଇନ ଭାବେ ଅନ୍ୟ ଆକାଉଣ୍ଟକୁ ନିଆଯାଇଥିଲା। ଡିଏମ୍‌ଏଫ୍ ଟ୍ରଷ୍ଟ ନାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଶାଖାରେ କୋଟି କୋଟି ଟଙ୍କା ଥିବା ଅଭିଯୁକ୍ତ ଜାଣିଥିଲେ। ଅଭିଯୁକ୍ତମାନେ ଏଥିଲାଗି ଜାଲ୍ ଚେକ୍ ପ୍ରସ୍ତୁତ କରି ବ୍ୟାଙ୍କରୁ ମୋଟ ୯ କୋଟି ୫୬ ଲକ୍ଷ ୭୬ ହଜାର ଟଙ୍କା ଲୁଟି ନେଇଥିଲେ। ଟଙ୍କା ଦୁଇଟି ଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଥିଲା। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ପରିଚାଳିତ ପିଟି କନ୍‌ଷ୍ଟ୍ରକଶନ୍ ଆଣ୍ଡ ସପ୍ଲାୟର ଏବଂ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କରେ ଏସ୍‌କେ ଏଣ୍ଟରପ୍ରାଇଜେସ ନାମରେ ପରିଚାଳିତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ପରେ ପିଟି କନଷ୍ଟ୍ରକ୍ସନ ଆଣ୍ଡ ସପ୍ଲାୟର ଏବଂ ଏସ୍‌କେ ଏଣ୍ଟରପ୍ରାଇଜେସ ଆକାଉଣ୍ଟରୁ ଅନେକ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ମାମଲା ହେବା ପରେ ଟଙ୍କା ଯାଇଥିବା ୩୩ଟି ଆକାଉଣ୍ଟରେ ପଡ଼ିରହିଥିବା ୧୩ଲକ୍ଷ ୫୬ ହଜାର ୯୪୮ ଟଙ୍କାକୁ ଫ୍ରିଜ୍‌କରାଯାଇଥିଲା।

**Office of the Project Administrator, ITDA, Th.Rampur at Bhawanipatna**

**e-procurement notice**

**Letter No : 614 / Date : 18.03.2026**

**No.19001/92/2526** : The Project Administrator, ITDA, Thuamul Rampur at Bhawanipatna invites percentage rate of BIDS through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website **www.tendersodisha.gov.in**. The bidder should have necessary portal enrolment with his / her own Digital Signature Certificate (DSC).

1. No. of works : **02.**
2. Nature of work : **Civil construction**
3. BID identification No. : **ITDA,THR-05/2025-26**
4. Date and Time of availability of Bid document in portal : **From 11.00 A.M. of 20.03.2026 to 31.03.2026 up to 5.00 PM for online biding.**
5. Last date & time for receipt of BIDS in portal : **31.03.2026 up-to 5.00 P.M.**
6. BIDs received online shall be opened on : **02.04.2026 at 11.00 A.M.**
7. Name and address of the officer : **Project Administrator, ITDA, Th.Rampur at Bhawanipatna**

OIPR-19001/19449/1/25-26/0006 — Sd./- Project Administrator, ITDA, Th.Rampur, Bhawanipatna

**INSTITUTE OF MATHEMATICS AND APPLICATIONS**
**ANDHARUA, BHUBANESWAR, ODISHA-751029**
**(Under Science & Technology Department, Govt. of Odisha) www.iomaorissa.ac.in**

**ADVERTISEMENT FOR REGISTRAR POST**

**No.IMA/100/319/2026** **Dated:19/03/2026**

**No.28001/6/2526:** Applications in prescribed format are invited from the eligible Indian nationals for the Post of Registrar on the deputation basis. For details of the Post, eligibility criteria, qualifications, experience, scale of pay, application format etc., please visit the website ***https://iomaorissa.ac.in.***

| Sl.No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is **10/04/2026.**

OIPR-28001/28010/1/25-26/0001 **Sd./- REGISTRAR**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.4001/78/2526

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**

**Tender Call Notice No.File No.:IDCO/HO-P&C/A-10823/ 04/2026/V-1 7412 Dated:16/03/2026**

**NOTICE INVITING TENDER THROUGH e-Procurement**

**Name of the Work:** Construction of 11 KV OH Line (2.72 CKM), UG Line (0.075 Km), 1x250 KVA DSS, 2x500 KVA DSS & LT Line for providing power supply to different units at Ramdaspur I.E., Cuttack.

**Estimated Cost put to tender: Rs.1,66,89,300.00**

**Period of Completion: 3 (Three) Calendar Months**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ES-T/E-46/2025-26 | 17:00 hours of dt.24.03.2026 | 17:00 hours of dt.15.04.2026 |

Further details can be seen from the e-Procurement Portal, **www. Tendersodisha.gov.in.** and Corrigendum if any will be published in newspapers and can only be seen in the **e-Procurement portal** as well as in **IDCO website.**

**Sd./-Chief General Manager (P&C) IDCO, Bhubaneswar**

OIPR-4001/4075/1/25-26/0025

**OFFICE OF THE SR.GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA**

OHPC ISO 9001-14001 18001 Certified

DIST: KALAHANDI- 766026, ODISHA, E-mail:sgmel_uihep@ohpcltd.com/sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.UIHEP-59/2025-26, DATE 19.03.2026**

**No.32001/222/2526:** Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Manufacturers or its Channel Partners/ Authorized dealers for supply of the following materials/ providing services as mentioned below.

| Description of Work | Cost of tender paper (Non-refund-able) in Rs. | EMD in shape of DD/Banker's Cheque only (Re-fundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply of 03 Nos. of 220 KV single phase Potential Transformers (PTs) for 220 KV Bus at Switchyard of UIHEP, Mukhiguda | 7,080/- (inclusive of GST) | 13,517/- | From 30.03.2026 to 13.04.2026 upto 12.00 Hrs. | 13.04.2026 (upto 13:00 Hrs) | 13.04.2026 at 16:30 Hrs. |

For details of the tender documents, terms and conditions please visit our website **www.ohpcltd.com**

OIPR-32001/32136/1/25-26/0048 **Sd./- C&P Head, UIHEP, Mukhiguda**

NATIONAL HEALTH MISSION ଜାତୀୟ ସ୍ୱାସ୍ଥ୍ୟ ମିଶନ

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR DISTRICT PROGRAMME MANAGEMENT UNIT (DPMU), NATIONAL HEALTH MISSION (NHM)**

**WALK-IN-INTERIVEW**

**Advt. No. 963** **Date: 18.03.2026**

No. 10001/128/2526: Walk-in-Interview will be conducted as scheduled below for filling of the following posts under National Health Mission of Jagatsinghpur district.

| Sl. No. | Name of the Programme/Activities as per NHM PIP | Name of the Post | Vacancy | Monthly Remuneration (In Rupees) + P1 | Date of Registration/ Interview |
|---|---|---|---|---|---|
| 1 | District Early Intervention Centre (DEIC) | Pediatrician, DEIC | 1 | Rs.86,116/- + P1 | 24.03.2026 |
| 2 | Special Newborn Care Unit (SNCU) | Medical Officer | 1 | Rs.68,893/- + P1 | 24.03.2026 |
| 3 | Urban PHC, Paradeep | Medical Officer | 1 | Rs.68,892/- + P1 | 24.03.2026 |
| 4 | Urban PHC, Jagatsinghpur | Medical Officer | 1 | Rs.68,892/- + P1 | 24.03.2026 |
| 5 | Urban Ayushman Arogya Mandir (UAAM), Jagatsinghpur | Medical Officer | 1 | Rs.57,409/- + P1 | 24.03.2026 |

**Venue: Office of the CDM & PHO-cum-DMD, Jagatsinghpur**

The above positions are purely temporary and also co-terminus with the scheme. The actual numbers of vacancy may differ (increase or decrease) at the time of engagment. Canvassing in any form will render the candidate disqualified for the position and no undertaking will be entertained. Details of qualification, Experience of post along with application form can be downloaded from the district website: **www.jagatsinghpur.odisha.gov.in**. The registration time for the Walk-in-Interview will be from 10.00 A.M. to 11.00 A.M. The candidates are requested to visit the district website on regular interval till completion of recruitment/ empanelment process. The undersigned reserves the right to cancel any or all the application without assigning any reason or communication thereof.

**OIPR-10001/10043/1/25-26/0004** **Sd./- CDM & PHO-cum-DMD, Jagatsinghpur**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ପତ୍ର ସଂଖ୍ୟା: **5239**/ଭୁ.ଉ.କ., ଭୁବନେଶ୍ୱର ତା: **11.03.2026**ରିଖ

**SRC-105/88**

**ସୂଚନା**

No. 13001/700/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. S-5/506କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୪୨୭୪/ଏ.ଏଲ୍. ତା୦୮।୦୬।୨୦୦୧ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସୁରେନ୍ଦ୍ର ମହାପାତ୍ର, ପିତା: ସ୍ୱର୍ଗତ ବୃନ୍ଦାବନ ମହାପାତ୍ର, ଗ୍ରାମ/ପୋଷ୍ଟ/ଥାନା: ଆନନ୍ଦପୁର, ଜିଲ୍ଲା: କେଉଁଝର, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି। ଆବଣ୍ଟନଗ୍ରାହୀ ସୁରେନ୍ଦ୍ର ମହାପାତ୍ର ଗତ ତା୧୨।୦୧।୨୦୨୫ରିଖରେ ମୃତ୍ୟୁ ବରଣ କରିଅଛନ୍ତି। (Death Certificate Registration No. 1491/2005 dated 30.01.2025).

Legal heir Certificate Misc. Case No. E-LHC/2025/156772 Dated: 25.07.2025 ଅନୁଯାୟୀ ସୁରେନ୍ଦ୍ର ମହାପାତ୍ରଙ୍କର ଉତ୍ତରାଧିକାରୀ (୧) ବିଦ୍ୟୁତ୍‌ପ୍ରଭା ମହାପାତ୍ର (ସ୍ତ୍ରୀ), (୨) ତାରିଣୀ ପ୍ରସାଦ ମହାପାତ୍ର (ପୁତ୍ର) ଓ (୩) ଦେବ ପ୍ରସାଦ ମହାପାତ୍ର (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/25-26/0049

# ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ରକୁ ଗୁରୁତ୍ୱ

## ସିଆଇଆଇ ଓଏମ୍‌ସିଇ ୨୦୨୬ ଉଦ୍‌ଘାଟିତ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ସିଆଇଆଇ ଓଡ଼ିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍ସନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମ୍‌ସିଇ) ୨୦୨୬ ଗୁରୁବାର ଆରମ୍ଭ ହୋଇଛି। ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସିଆଇଆଇ ଟ୍ରେଡ୍ ଫେୟାର କାଉନସିଲ ଅଧ୍ୟକ୍ଷ ବି. ଥିଆଗରଜନ ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଅନିଲ କୁମାର ସିଂ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବ ଭାରତରେ ଖଣି ଓ ନିର୍ମାଣ ଉପକରଣ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଏହି ୩ ଦିନିଆ ଏକ୍ସପୋ ଉଦ୍ଭାବନଗୁଡ଼ିକୁ ପ୍ରଦର୍ଶିତ କରିବା, ସହଭାଗିତା ବିକଶିତ କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପର ପ୍ରମୁଖ ହିତାଧିକାରୀମାନଙ୍କୁ ଏକତ୍ରିତ କରିଛି। ମୁଖ୍ୟ ଅତିଥି ହେମନ୍ତ ଶର୍ମା ଶିଳ୍ପ ବିକାଶ ଓ ନିବେଶ ପାଇଁ ଏକ ସମାବେଶୀ ଇକୋସିଷ୍ଟମ ଗଠନ କରିବା କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ରେଖାଙ୍କିତ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ରାଉଣ୍ଡ ଟେବୁଲ ବୈଠକ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ପ୍ରମୁଖ ଆହ୍ୱାନ, ନୀତିଗତ ସମର୍ଥନ, ବୈଷୟିକ ଗ୍ରହଣୀୟତା ଏବଂ ଅଞ୍ଚଳରେ ଖଣି ଓ ନିର୍ମାଣ ଉପକରଣ ଇକୋସିଷ୍ଟମକୁ ମଜଭୁତ କରିବା ପାଇଁ ସୁଯୋଗଗୁଡ଼ିକ ଉପରେ ଏକ ଗଠନମୂଳକ ଆଲୋଚନା ଲାଗି ଏକ ଉଚ୍ଚସ୍ତରୀୟ ଆଲୋଚନା ଭାବେ କାର୍ଯ୍ୟ କରିଛି। ଓଏମ୍‌ସିଇ ୨୦୨୬ରେ ୧୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିଛନ୍ତି ଏବଂ ୧୦,୦୦୦ରୁ ଅଧିକ ବ୍ୟବସାୟିକ ପରିଦର୍ଶକଙ୍କୁ ଏହା ଆକର୍ଷିତ କରିଛି। ଏହି ଏକ୍ସପୋ ଖଣି, ନିର୍ମାଣ ଓ ଭିତ୍ତିଭୂମି କ୍ଷେତ୍ରରୁ ଅଗ୍ରଣୀ ସଂସ୍ଥାଗୁଡ଼ିକର ଉପକରଣ, ଟେକ୍ନୋଲୋଜି ଓ ସମାଧାନଗୁଡ଼ିକର ଏକ ବିସ୍ତୃତ ଶୃଙ୍ଖଳାକୁ ପ୍ରଦର୍ଶିତ କରିଛି। ଏହି କାର୍ଯ୍ୟକ୍ରମ ବି୨ବି ଓ ବି୨ଜି ବୈଠକ, ବୈଷୟିକ ଅଧିବେଶନ ଓ ନେଟୱର୍କିଂ ସୁଯୋଗ ସହିତ ପରବର୍ତ୍ତୀ ୨ ଦିନ ପାଇଁ ଜାରି ରହିବ, ଯାହା ଏହି କ୍ଷେତ୍ରରେ ସହଭାଗିତା, ଉଦ୍‌ଭାବନ ଓ ନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ଲକ୍ଷ୍ୟ ରଖିଛି।

## ବଢ଼ୁଛି ଡ୍ରାଏ ଫ୍ରୁଟସ୍ ଦର

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ପ୍ରଭାବ ଏବେ ରୋଷେଇଘର ଓ ବ୍ୟବସାୟ ଉପରେ ପଡ଼ିବା ଆରମ୍ଭ ହୋଇଛି। ରାଜଧାନୀ ଦିଲ୍ଲୀରେ ଡ୍ରାଇ ଫ୍ରୁଟ୍ସର ମୂଲ୍ୟ ୨୦ରୁ ୫୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ସପ୍ଲାଇ ବାଧାପ୍ରାପ୍ତ ହେବାରୁ ବଜାରରେ ଅନିଶ୍ଚୟତା ବଢ଼ିଛି, ଯାହାର ସିଧାସଳଖ ପ୍ରଭାବ ଉପଭୋକ୍ତାଙ୍କ ପକେଟ ଉପରେ ପଡ଼ୁଛି। କାଜୁକୁ ବାଦ୍ ଦେଲେ ଅଧିକାଂଶ ଡ୍ରାଇ ଫ୍ରୁଟ୍ସ ପଶ୍ଚିମ ଏସିଆରୁ ଆସେ। ଇଦ୍ ନିକଟବର୍ତ୍ତୀ ହେବାରୁ ଡେଟସ୍‌ର ଚାହିଦା ବଢ଼ିଛି, ମାତ୍ର ଷ୍ଟକ୍ ସୀମିତ ରହିଛି। ବ୍ୟବସାୟୀମାନେ ପୁରୁଣା ଷ୍ଟକ୍ ସାହାଯ୍ୟରେ ଚଳୁଛନ୍ତି। ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରିର ଚେୟାରମ୍ୟାନ ବୃଜେଶ ଗୋୟଲ ଚେତାବନୀ ଦେଇଛନ୍ତି, ଯୁଦ୍ଧ ଦୀର୍ଘକାଳୀନ ହେଲେ ଲମ୍ବା ହେଲେ ଦିଲ୍ଲୀର ପ୍ରାୟ ୫୦୦୦ କୋଟି ଟଙ୍କାର ବ୍ୟବସାୟ ପ୍ରଭାବିତ ହେବ। ଇରାନରୁ ଆସୁଥିବା ପିସ୍ତା, ଆଲୁବୁଖାରା, କିସ୍‌ମିସ୍, ଖଜୁରି ଆଦିର ଦାମ ୩୦–୪୦% ବଢ଼ିଛି। ଏହାର ପ୍ରଭାବ ଔଷଧ ଉପରେ ମଧ୍ୟ ପଡ଼ିଛି। ପ୍ୟାରାସିଟାମଲ ଦାମ ୪୭% ବଢ଼ିଛି। ଫାର୍ମା ସେକ୍ଟର ଚାପରେ ରହିଛି। ଦିଲ୍ଲୀରେ ପ୍ରାୟ ୫୦ ହଜାର ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ୨୦–୩୦% ବନ୍ଦହେବା ଆଶଙ୍କା ରହିଛି।

## ୟୁବିଆଇ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର ସିଏସ୍‌ଆର୍ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ୟୁନିୟନବ୍ୟାଙ୍କଅଫ୍‌ଇଣ୍ଡିଆ(ୟୁବିଆଇ)ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ଏମ୍ପାୱର ହର ଆଣ୍ଡ ପାୱର ହିମ୍' ଥିମ୍ ଅନ୍ତର୍ଗତ ସମାଜ କଲ୍ୟାଣ ପାଇଁ ଦୁଇଟି ଅର୍ଥପୂର୍ଣ୍ଣ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେଲେଙ୍ଗାପେଣ୍ଠସ୍ଥିତ 'ସଖା ଓଲ୍ଡ ଏଜ୍ ହୋମ୍'ରେ ଥିବା ଅନ୍ତେବାସୀଙ୍କ ପାଇଁ ୫ ବେଡ୍ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ , ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଖା ଓଲ୍ଡ ଏଜ୍ ହୋମ୍‌ର ସେକ୍ରେଟାରି କବିତା ମହାପାତ୍ର ଉପସ୍ଥିତ ଥିଲେ। ସାଇ ସ୍କୁଲ ବସୁନ୍ଧରା, ଗତିରାଉତପାଟଣାଠାରେ ଅନୁଷ୍ଠିତ ହୋଇଥବା ଅନ୍ୟ ଏକ କାର୍ଯ୍ୟକ୍ରମରେ ଅନାଥ ଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ୍, ନୋଟ୍ ବୁକ୍ ଏବଂ ଷ୍ଟେସ୍‌ନେରି ସାମଗ୍ରୀ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀ, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାଇସ୍କୁଲ ବସୁନ୍ଧରାର ସେକ୍ରେଟାରି ଡ. ସ୍ନିଗ୍ଧା ବିଶ୍ୱାଳ, କୋଅର୍ଡିନେଟର ବିଧୁ ଭୂଷଣ ମହାନ୍ତି ଏବଂ ଅନୁଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ହରପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଜୟଆଲୁକ୍କାସ୍‌ର ସୀମିତ ସମୟ ଅଫର ଘୋଷଣା

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଅଗ୍ରଣୀ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ସୀମିତ ସମୟର ଅଫର ଘୋଷଣା କରିଛି। ଏହି ଅଫର ମାର୍ଚ୍ଚ ୧୮ରୁ ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଜୟଆଲୁକ୍କାସ ଶୋ'ରୁମ୍‌ଗୁଡ଼ିକରେ ଉପଲବ୍ଧ ରହିବ। ଗ୍ରାହକମାନେ ସମସ୍ତ ଜୁଏଲେରି କଲେକ୍‌ସନରେ ସୁବିସ୍ତୃତ ରେଞ୍ଜରେ ମେକିଂ ଚାର୍ଜ ଉପରେ ସିଧା ୪୦% ରିହାତି ପାଇପାରିବେ। ପାରମ୍ପରିକ ଡିଜାଇନରୁ ଆଧୁନିକ ଡିଜାଇନ ଅଳଙ୍କାର ଗ୍ରାହକ ପାଇପାରିବେ। ଅନ୍ୟପଟେ ଜୟଆଲୁକ୍କାସ୍ ୧୮ ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ମାତ୍ର ଗ୍ରାହକମାନେ ତାଙ୍କର ଭବିଷ୍ୟତ କ୍ରୟ ପାଇଁ ଯୋଜନା କରୁଥିବା ଲୋକମାନଙ୍କ ପାଇଁ ଏକ ଏକ୍ସକ୍ଲୁସିଭ ଆଡଭାନ୍ସ ବୁକିଂ ଅଫର ଆରମ୍ଭ କରୁଛି। ଗ୍ରାହକମାନେ କେବଳ ୧୦% ପୂର୍ବ ରାଶି ଦେଇ ବର୍ତ୍ତମାନ ସୁନା ଦରକୁ ମେ ୨ ପର୍ଯ୍ୟନ୍ତ ସୁରକ୍ଷିତ କରିପାରିବେ। ଜୟଆଲୁକ୍କାସ୍‌ର ଚେୟାରମ୍ୟାନ ଏବଂ ମ୍ୟାନେଜିଂ ଡାଇରେକ୍ଟର ଡ. ଜୟ ଆଲୁକ୍କାସ୍ କହିଛନ୍ତି, ଏହା ଅଳଙ୍କାର କ୍ରୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ, କାରଣ ଅନେକ ଗ୍ରାହକ ବିବାହ, ବିଶେଷ ଅବସର ଏବଂ ଦୀର୍ଘକାଳୀନ ନିବେଶ ପାଇଁ ପୂର୍ବରୁ ଯୋଜନା କରନ୍ତି ।

## ସି.ଭି. ରମଣ ପଲିଟେକ୍ନିକ୍‌ର ୭ ଦିନିଆ ଶିବିର



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠରେ ଥିବା ସି.ଭି. ରମଣ ପଲିଟେକ୍ନିକ୍‌ର ଏନ୍‌ଏସ୍‌ଏସ୍ ୟୁନିଟ୍, ସିଏଚ୍‌ଏସ୍‌ଇ ଏନ୍‌ଏସ୍‌ଏସ୍ ବ୍ୟୁରୋ ଅଧୀନରେ ନପୁଟ ଗ୍ରାମରେ ୭ଦିନିଆ ବିଶେଷ ଶିବିର ଅନୁଷ୍ଠିତ ହୋଇଯାଇଛି। ସି .ଭି. ରମଣ ପଲିଟେକ୍ନିକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି ଏହି ଶିବିରର ଉଦ୍‌ଘାଟନକରି ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ନିଷ୍ଠାର ସହ କାମ କରିବାକୁ ପ୍ରେରିତ କରିଥିଲେ । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସଲମାନ ଖାନ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ମୋଟ ୫୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଏବଂ ଅଧ୍ୟାପକ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଶିବିର ସମୟରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସାମାଜିକ ସେବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦେଇଥିଲେ । ଏଥିରେ ପଞ୍ଚାୟତ କାର୍ଯ୍ୟାଳୟ, ନୀଳକଣ୍ଠ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ଗ୍ରାମ ମନ୍ଦିର ପରିସରରେ ପରିଚ୍ଛନ୍ନତା ଅଭିଯାନ ପରିଚାଳିତ ହୋଇଥିଲା । ଏହା ସହ ଓଡ଼ିଶା ରାଇଟ ଟୁ ପବ୍ଲିକ୍ ସର୍ଭିସେସ୍ ଆକ୍ଟ ବିଷୟରେ ଶିକ୍ଷାର୍ଥୀ ଏବଂ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ବେଟି ବଚାଓ ବେଟି ପଢ଼ାଓ ଏବଂ ତମାଖୁକୁ ନା ବିଷୟରେ ସଚେତନତା ରାଲି ଆୟୋଜନ କରିଥିଲେ। ଏହା ବ୍ୟତୀତ ସାକ୍ଷରତା ସର୍ଭେ, ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ନିଃଶୁଳ୍କ ଆଖି ପରୀକ୍ଷା ଶିବିର ଏବଂ ସାଧାରଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ଏବଂ ପଦକ ପ୍ରଦାନ କରାଯାଇଥିଲା ଏବଂ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ମାନପତ୍ର ଦିଆଯାଇଥିଲା ।

## ସୁନା ମୂଲ୍ୟ ୭ ହଜାର କମିଲା

### ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ହ୍ରାସ

ନୂଆଦିଲ୍ଲୀ, ୧୯।୩ (ପି.ଟି.)

ଭାରତୀୟ ବଜାରରେ ଗୁରୁବାର ସୁନା ଓ ରୁପା ମୂଲ୍ୟରେ ବଡ଼ ଧରଣର ହ୍ରାସ ବା 'କ୍ରାସ' ଦେଖିବାକୁ ମିଳିଛି। ବିଶ୍ୱ ବଜାରରେ କମୋଡିଟି ବିକ୍ରିର ଚାପ ଏବଂ ଆମେରିକୀୟ ଡଲାରର ମଜଭୁତ ସ୍ଥିତି ଯୋଗୁ ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୧୭,୮୦୦ ଟଙ୍କା ଏବଂ ସୁନା ୧୦ ଗ୍ରାମ୍ ପିଛା ୭,୦୦୦ ଟଙ୍କା ହ୍ରାସ ପାଇଛି।

ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ ଅନୁଯାୟୀ, ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୭ ପ୍ରତିଶତ ହ୍ରାସ ପାଇ ୨,୩୮,୭୦୦ ଟଙ୍କାରେ ପହଞ୍ଚିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ଜାନୁଆରୀ ୨୯ ତାରିଖରେ ଥିବା ୪,୦୪,୫୦୦ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରରୁ ରୁପା ଏବେ ସୁଦ୍ଧା ୪୧ ପ୍ରତିଶତ ଶସ୍ତା ହୋଇସାରିଛି। ସେହିପରି ୯୯.୯% ଶୁଦ୍ଧତା ବିଶିଷ୍ଟ ସୁନା ୭,୦୦୦ ଟଙ୍କା କମି ପ୍ରତି ୧୦ ଗ୍ରାମ୍ ୧,୫୩,୩୦୦ ଟଙ୍କା ହୋଇଛି। ସୁନା ମଧ୍ୟ ଏହାର ସର୍ବୋଚ୍ଚ ସ୍ତର (୧,୮୩,୦୦୦ ଟଙ୍କା)ରୁ ପ୍ରାୟ ୧୬.୨୩% ତଳକୁ ଖସି ଆସିଛି।

ଏଲ୍‌କେପି ସିକ୍ୟୁରିଟିଜ୍ ବିଶେଷଜ୍ଞ ଯତୀନ ତ୍ରିବେଦୀଙ୍କ କହିବାନୁଯାୟୀ, ବିଶ୍ୱସ୍ତରୀୟ ଅର୍ଥନୈତିକ କାରଣ ଏବଂ ଆମେରିକାର ଫେଡେରାଲ ରିଜର୍ଭର କଡ଼ା ନୀତି ଯୋଗୁ ନିବେଶକମାନେ ସୁନା, ରୁପା ବିକ୍ରି କରିବା ଆରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ସୁନା ଦର ପ୍ରତି ଆଉନ୍ସ ପିଛା ୪,୭୦୦ ଆମେରିକୀୟ ଡଲାରରୁ ତଳକୁ ଖସି ଆସିଛି, ଯାହା ଗତ ଦୁଇ ଦିନ ମଧ୍ୟରେ ପ୍ରାୟ ୩୦୦ ଡଲାରର ହ୍ରାସ ଘଟିଛି। ହଠାତ୍ ଦର ହ୍ରାସ ପାଇବା ଫଳରେ ସାଧାରଣ ଗ୍ରାହକ ଓ ଅଳଙ୍କାର କ୍ରେତାମାନେ ଆଶ୍ୱସ୍ତି ପାଇଥିବା ବେଳେ ନିବେଶକମାନେ ସତର୍କ ହୋଇଯାଇଛନ୍ତି। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ, ବଜାରରେ ବର୍ତ୍ତମାନ ଅସ୍ଥିରତା ଲାଗି ରହିବ, ତେଣୁ ନିବେଶ ପୂର୍ବରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

## ଓଡିଏମ୍‌ରେ 'ପିତୃ-ମାତୃ ପୂଜନ ଦିବସ'



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭୁବନେଶ୍ୱରର ଶିଶୁବିହାର ପଟିଆସ୍ଥିତ ମୂଲ୍ୟବୋଧଭିତ୍ତିକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଓଡିଏମ୍ ପବ୍ଲିକ୍ ସ୍କୁଲର ୩୭ତମ ପ୍ରତିଷ୍ଠା ଦିବସକୁ 'ପିତୃ-ମାତୃପୂଜନ ଦିବସ' ଭାବରେ ପାଳନ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ପ୍ରତିଷ୍ଠାତା ଡ. ମୀନକେତନଙ୍କ ତତ୍ତ୍ୱାବଧାନରେ ଓଡିଏମ୍‌ର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'ଜୟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାର୍ଥୀମାନଙ୍କ ଭିତରେ ପାରିବାରିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ପିତାମାତାଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ୱରଚିତ କବିତାଗୁଡ଼ିକୁ ନେଇ ଏକ ଇ-ମାଗାଜିନ୍ ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ୫୧ କୁଣ୍ଡଳୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ଡ. ମୀନକେତନ ତାଙ୍କ ଭାଷଣରେ ପିତାମାତା ଜୀବନ୍ତ ଦେବତା, ତାଙ୍କ ପ୍ରତି ସମ୍ମାନ, ଶ୍ରଦ୍ଧା ଓ ଭକ୍ତି ଜ୍ଞାନ କରିବା ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଡ. ପି.କେ. ଦାସ, ଡ.ଜ୍ୟୋତ୍ସ୍ନା ମହାପାତ୍ର, ଶିକ୍ଷା ନିର୍ଦ୍ଦେଶକ ଡ.ଆର୍ତ୍ତତ୍ରାଣ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନାଉଡ଼ିଆ ଓ କତକୁଲା ଗ୍ରାମକୁ ବୀମାଗ୍ରାମ ପୁରସ୍କାର

କୁଜଙ୍ଗ,୧୯।୩(ମନୋଜ ପ୍ରଧାନ)

ପାରାଦୀପ ଶାଖା ଜୀବନ ବୀମା ନିଗମ ପକ୍ଷରୁ କୁଜଙ୍ଗ ବ୍ଲକ୍‌ରେ ବୁଧବାର ବୀମା ଗ୍ରାମ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପାରାଦୀପ ଶାଖା ପ୍ରବନ୍ଧକ ବିଶ୍ୱରଞ୍ଜନ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନ ବୀମା ନିଗମର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତକରି ଏହି ସଂସ୍ଥା ଲୋକମାନଙ୍କର ଜୀବନ ସାଥୀ ହୋଇ ପାରିଥିବା ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ କଟକ ଡିଭିଜନର ପ୍ରଶାସନିକ ଅଧିକାରୀ ଜ୍ୟୋତିର୍ମୟ ରଥ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମୁଖ୍ୟ ପ୍ରବନ୍ଧକ ରଶ୍ମିରଞ୍ଜନ ପ୍ରଧାନ, କୋଠି ସରପଞ୍ଚ ଲକ୍ଷ୍ମୀଧର ସାହୁ, ନିରାକାର ରାଉତ ପ୍ରମୁଖ ଯୋଗଦେଇ ଏଲ୍‌ଆଇସି କିପରି ଜନସାଧାରଣଙ୍କ ସବୁ ସମୟର ଅନ୍ତରଙ୍ଗ ବନ୍ଧୁ ହୋଇପାରିଛି ପ୍ରକାଶ କରିଥିଲେ। ଏହି ଅବସରରେ କତକୁଲା ଓ ନାଉଡ଼ିଆ ଗ୍ରାମକୁ ଯଥାକ୍ରମେ ୧ ଲକ୍ଷ ଓ ୭୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କତକୁଲା ଗ୍ରାମ ପକ୍ଷରୁ ସଭାପତି ତ୍ରିଲୋଚନ ସ୍ୱାଇଁ, ଗୀତାଞ୍ଜଳୀ ବିଶ୍ୱାଳ, ସବିତା ପ୍ରଧାନ, ଅନନ୍ତ ବିଶ୍ୱାଳ, ଅକ୍ଷୟ କୁମାର ବିଶ୍ୱାଳ, ପ୍ରହ୍ଲାଦ ପଲାଇ, ସ୍ନେହପ୍ରଭା ସ୍ୱାଇଁ, ଶର୍ମିଷ୍ଠା ସେଠୀଇଁ ଓ ନାଉଡ଼ିଆ ପକ୍ଷରୁ ସଭାପତି ମାନସ ସ୍ୱାଇଁ, ସମ୍ପାଦକ ପ୍ରିୟତମା ନାୟକ, ଏଲିନା ଖଣ୍ଡୁଆଳ, ଚୈତନ୍ୟ ବେହେରା, ହରେକୃଷ୍ଣ ନାୟକ, ସୁଭୟ ମହାନ୍ତି, ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀକାନ୍ତ ଦାସ ମଞ୍ଚ ସଂଯୋଜନା କରିଥିଲେ। ସୁମନ୍ତ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବୁଦ୍ଧଦେବ ଦାସ,କାବୁ ରଣା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।




## ୩ ଷ୍ଟେଶନରେ ଟ୍ରେନ୍‌ଗୁଡ଼ିକର ପରୀକ୍ଷାମୂଳକ ରହଣି

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଦୀର୍ଘଦିନର ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଏବଂ ରେଳ ସଂଯୋଗୀକରଣକୁ ଉନ୍ନତକରିବା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ହରିଶ୍ଚନ୍ଦ୍ରପୁରମ ପିଏଚ୍, ମନ୍ଦାସା ରୋଡ୍ ଏବଂ ପାତପଟନମ ରେଳ ଷ୍ଟେଶନରେ ପରୀକ୍ଷାମୂଳକ ଭାବରେ କିଛି ଯାତ୍ରୀବାହୀ ପାସେଞ୍ଜର ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡିକର ରହଣି ପାଇଁ ଅନୁମୋଦନ କରିଛି। ଏହି ଅତିରିକ୍ତ ରହଣିଗୁଡ଼ିକ ନିକଟବର୍ତ୍ତୀ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧା ଏବଂ ସୁଗମ୍ୟତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ମାର୍ଚ୍ଚ ୨୦ ଠାରୁ କାର୍ଯ୍ୟକାରୀ ଏହି ରହଣି କାର୍ଯ୍ୟକାରୀ ହେବ। ୫୮୫୦୬ ବିଶାଖାପାଟଣା ଗୁଣପୁର ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସକାଳ ୮ଟା ୩୩ ରେ ପହଞ୍ଚିବ ଏବଂ ସକାଳ ୮ଟା ୩୪ରେ ପ୍ରସ୍ଥାନ କରିବ। ସେହିପରି ଫେରିବା ଦିଗରେ ଟ୍ରେନ୍ ନମ୍ବର ୫୮୫୦୫ ଗୁଣପୁର- ବିଶାଖାପାଟଣା ପାସେଞ୍ଜର ହରିଶ୍ଚନ୍ଦ୍ରପୁରମ ପିଏଚ୍‌ରେ ସନ୍ଧ୍ୟା ୫ଟା ୧୮ରେ ପହଞ୍ଚିବ ଏବଂ ସନ୍ଧ୍ୟା ୫ଟା ୧୯ରେ ଛାଡ଼ିବ। ୧୮୫୨୬ ବିଶାଖାପାଟଣା - ବ୍ରହ୍ମପୁର ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସନ୍ଧ୍ୟା ୭ଟା ୩ରେ ପହଞ୍ଚିବ ଏବଂ ୭ଟା ୪ରେ ଛାଡ଼ିବ। ଫେରିବା ଦିଗରେ ୧୮୫୨୫ ବ୍ରହ୍ମପୁର ବିଶାଖାପାଟଣା ଏକ୍ସପ୍ରେସ୍ ମନ୍ଦାସା ରୋଡ୍‌ରେ ସକାଳ ୧୦ଟା ୩୮ରେ ପହଞ୍ଚିବ ଏବଂ ୧୦ଟା ୩୯ରେ ଛାଡ଼ିବ। ୧୮୧୧୭ ରାଉରକେଲା ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ୧୧ଟା ୫୧ରେ ପାତପଟନମରେ ପହଞ୍ଚିବ ଏବଂ ୧୧ଟା ୫୨ରେ ଛାଡ଼ିବ। ଫେରିବା ଦିଗରେ ୧୮୧୧୮ ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ପାତପଟନମରେ ସନ୍ଧ୍ୟା ୫ଟା ୧୨ ପହଞ୍ଚିବ ଏବଂ ୫ଟା ୧୩ରେ ଛାଡ଼ିବ।

## ଗ୍ରୀସ୍‌ରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳି



ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର ଖେଳାଳିମାନେ ଗ୍ରୀସ୍‌ର ଏଥେନ୍ସରେ ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ଏକ୍ରୋପୋଲିସ୍ ଅନ୍ତର୍ଜାତୀୟ ଉଶୁ ଓପନ ଟୁର୍ଣ୍ଣାମେଣ୍ଟରେ ଅସାଧାରଣ ସଫଳତା ହାସଲ କରିଛନ୍ତି। ହଷ୍ଟେଲର ୨ଜଣ ପ୍ରତିଭାବାନ୍ ଖେଳାଳି ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଅଣ୍ଡର-୧୪ ବର୍ଷ ବାଳିକା ୩୯ କିଲୋଗ୍ରାମ ବର୍ଗରେ ପ୍ରତିଯୋଗିତା କରିଥିବା ସବିନୀ ମୁଣ୍ଡା ଫାଇନାଲରେ ଫ୍ରାନ୍ସର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତକରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କର ଏହି ସଫଳତା ତାଙ୍କର ନିଷ୍ଠା, ଅନୁଶାସନ ଓ ହଷ୍ଟେଲରେ ପ୍ରାପ୍ତ ଉଚ୍ଚମାନର ତାଲିମର ପରିଚୟ ଦେଉଛି। ସିନିୟର ମହିଳା ୪୮ କିଲୋଗ୍ରାମ ବର୍ଗରେ ମଞ୍ଜୁ ମୁଣ୍ଡା ପ୍ରଶଂସନୀୟ ଦକ୍ଷତା ଓ ଦୃଢ଼ତା ପ୍ରଦର୍ଶନ କରି ଫାଇନାଲରେ ଗ୍ରିସର ପ୍ରତିଦ୍ୱନ୍ଦ୍ୱୀଙ୍କ ବିରୋଧରେ କଠିନ ଲଢ଼େଇ ପରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ହଷ୍ଟେଲର ଅନ୍ତର୍ଜାତୀୟ ଖ୍ୟାତିକୁ ଆହୁରି ବଢ଼ାଇଛି। ନବୀନ ଜିନ୍ଦାଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ ଗ୍ରାମାଞ୍ଚଳ ଓ ଅଣସଂରକ୍ଷିତ ବର୍ଗର ଯୁବତୀଯୁବକଙ୍କୁ କ୍ରୀଡ଼ା ପ୍ରତିଭା ବିକାଶରେ ନିଯୁକ୍ତ। ଓଡ଼ିଶାର ଆଦିବାସୀ ପ୍ରଧାନ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳରେ ଅବସ୍ଥିତ ଏହି ହଷ୍ଟେଲରେ ପ୍ରାୟ ୬୦ ଜଣ ପ୍ରତିଭାବାନ୍ ଖେଳାଳିଙ୍କୁ ସିବିଏସ୍‌ଇ ଆଧାରିତ ଶିକ୍ଷା ସହିତ ବିଶ୍ୱସ୍ତରୀୟ କ୍ରୀଡ଼ା ସୁବିଧା ଯୋଗାଇ ଦିଆଯାଉଛି।

## ଯୋଡ଼ିହେଲେ ଏୟାରଟେଲର ୪୪.୦୬ ଲକ୍ଷ, ଜିଓର ୨୪.୩୭ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)

ଭାରତୀୟ ଟେଲିକମ୍ ନିୟନ୍ତ୍ରକ (ଟ୍ରାଇ) ଦ୍ୱାରା ପ୍ରକାଶିତ ଜାନୁଆରୀ ୨୦୨୬ର ମାସିକ ତଥ୍ୟ ଅନୁଯାୟୀ, ଭାରତୀ ଏୟାରଟେଲ ଜାନୁଆରୀରେ ୪୪.୦୬ ଲକ୍ଷ ବେତାର ଗ୍ରାହକ ଯୋଡ଼ି ବଡ଼ ଲାଭ ହାସଲ କରିଛି। ଅନ୍ୟପଟେ ରିଲାଏନ୍ସ ଜିଓ ୨୪.୩୭ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଛି। ଜିଓର ମୋଟ ଓ୍ୱାରଲେସ୍ ଗ୍ରାହକ ସଂଖ୍ୟା ୪୯.୧୪ କୋଟିରେ ପହଞ୍ଚିଛି। ଏୟାରଟେଲ ଡିସେମ୍ବର ୨୦୨୫ରେ ୪୬.୩୩ କୋଟି ଗ୍ରାହକଠାରୁ ବଢ଼ି ଜାନୁଆରୀରେ ୪୬.୭୭ କୋଟିରେ ପହଞ୍ଚିଛି। ଭୋଡାଫୋନ ଆଇଡିଆ ୪.୧୧ ଲକ୍ଷ ଗ୍ରାହକ ହରାଇଛି, ଫଳରେ ତାହାର ଓ୍ୱାରଲେସ୍ ଗ୍ରାହକ ସଂଖ୍ୟା ୧୯.୯ କୋଟିକୁ ଖସିଛି।

## ରାୟଗଡ଼ା ଡିଭିଜନ ନିରୀକ୍ଷଣକଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର,୧୯।୩ (ଅନୁରାଧା ମହାରଣା)



ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ପରମେଶ୍ୱର ଫୁଙ୍କୱାଲ, ରାୟଗଡ଼ା ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଅମିତାଭ ସିଂଘଲଙ୍କ ସହ ରାୟଗଡ଼ା ଡିଭିଜନର ନିରୀକ୍ଷଣ କରିଛନ୍ତି। ଏହି ସମୟରେ ରାୟଗଡ଼ାରେ ଚାଲିଥିବା ଭିତ୍ତିଭୂମି ବିକାଶମୂଳକ କାର୍ଯ୍ୟ, ସୁରକ୍ଷା ପଦକ୍ଷେପ ଏବଂ ରେଳ କାର୍ଯ୍ୟାଳୟଗୁଡିକର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ରାୟଗଡ଼ା-ସିଙ୍ଗାପୁର ରୋଡ୍-ଥେରୁଭାଲି ସେକ୍ସନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସିଙ୍ଗାପୁର ରୋଡ୍-ଥେରୁଭାଲି ଷ୍ଟ୍ରେଚ୍, ଷ୍ଟେଶନ ୟାର୍ଡ ଏବଂ ତୃତୀୟ ଲାଇନ କାର୍ଯ୍ୟଗୁଡ଼ିକର ଫୁଙ୍କୱାଲ ଏକ ବିସ୍ତୃତ ଯାଞ୍ଚ କରିଥିଲେ। ସେ ଟ୍ରାକ୍ ସ୍ଥିତି, ସିଗ୍ନାଲିଂ ସିଷ୍ଟମ, ସେତୁ ଏବଂ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଦିଗଗୁଡ଼ିକର ସମୀକ୍ଷା କରିଥିଲେ। ମହାପ୍ରବନ୍ଧକ ରାୟଗଡ଼ା ରେଳ ଷ୍ଟେଶନକୁ ମଧ୍ୟ ପରିଦର୍ଶନ କରି ଯାତ୍ରୀ ସୁବିଧାଗୁଡିକର ମୂଲ୍ୟାଙ୍କନ କରିବା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ରେଳ ଅଧିକାରୀମାନଙ୍କ ସହ ଆଲୋଚନାକରି ଫୁଙ୍କୱାଲ ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ଭାବେ ପାଳନ କରିବା ସହିତ ପ୍ରକଳ୍ପଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କ୍ୱାର୍ଟରରେ ପ୍ରଗତି, ସହିଦ ସ୍ପୋର୍ଟିଂ

**ଭୁବନେଶ୍ୱର,୧୯।୩ (ଅନାଦି କର)**

ସ୍ଥାନୀୟ ଆଇଆରସି ଭିଲେଜରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ ଏଲ୍‌ଏଲ୍‌ସିସି କପ୍ ଟୁର୍ନାମେଣ୍ଟରେ ଗୁରୁବାର ପ୍ରଗତି ଓ ସହିଦ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ୨୫ ଓଭରରେ ୭ ଉଇକେଟ ହରାଇ ୧୩୬ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ପଟ୍ଟନାୟକ ୭୬ ରନ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୧.୧ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିବିସିଏ ୨୩.୨ ଓଭରରେ ୧୨୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ସହିଦ ସ୍ପୋର୍ଟିଂ ୧୩.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

# ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟ୍‌ବଲ: ମଙ୍ଗଳା କ୍ଲବ ବିଜୟୀ

**ଭୁବନେଶ୍ୱର,୧୯।୩(ଅନାଦି କର)**

ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଅଲ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୬-୧ ଗୋଲରେ ସମଲେଶ୍ୱରୀ ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଦିନବନ୍ଧୁ ଓ ଆକାଶ ଦୁଇଟି ଲେଖାଏ ଗୋଲ ଦେଇଥିବା ବେଳେ ଅଶାନ୍ତ କେର୍କେଟା ଓ ପବିତ୍ର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଜବାବରେ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ରିଜୟ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ମ୍ୟାଚ୍ କମିଶନର ଭାବେ ସୁଦୀପ ଦାସଙ୍କ ମାର୍ଗଦର୍ଶନରେ ମ୍ୟାଚ୍‌କୁ ଶଙ୍କର ପଣ୍ଡା, ସୁଜିତ କୁମାର ପାତ୍ର, ସକାୟତ ଅଲୀ ଖାନ ଓ ଏମ୍ ଏସ୍ ବେଗ ରେଫରି ଭାବେ ପରିଚାଳନା କରିଥିଲେ। ବିଜୟୀ ଦଳର ଆକାଶ ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୩ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ଦିଆଯାଇଛି। ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅଲିମ୍ପିକ୍ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ସମୀର ମହାନ୍ତି, ସାମଜିକ କର୍ମୀ ସୁରଥ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାମଜିକ କର୍ମୀ ଜଙ୍ଘାଶିଷ ମହାପାତ୍ର, ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଯୋଗ ଦେଇଥିଲେ।



ମ୍ୟାନ ଅଫ୍ ଦି ମ୍ୟାଚ୍ ଆକାଶ ଓରାମଙ୍କୁ ପୁରସ୍କୃତ କରାଯାଉଛି।

# ଏଲିସ୍ ଆଇପିଏଲ୍‌ରୁ ବାଦ୍

**ଚେନ୍ନାଇ, ୧୯।୩ (ପି.ଟି.):** ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ପାଞ୍ଚ ଥର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଷ୍ଟ୍ରେଲୀୟ ପେସ୍ ବୋଲର ନାଥାନ ଏଲିସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ବାହାର ହୋଇଯାଇଛନ୍ତି। ଫ୍ରାଞ୍ଚାଇଜ୍ ଅଫିସିଆଲଙ୍କ ତରଫରୁ ଗୁରୁବାର ଏହା ସ୍ପଷ୍ଟ କରାଯାଇଛି। ଏଲିସ ବାହାର ହୋଇଯିବା ଦ୍ୱାରା ଦଳକୁ ଶକ୍ତ ଧକ୍କା ହୋଇଛି। ଶ୍ରୀଲଙ୍କା ବୋଲର ମାଥିସା ପଥିରାନାଙ୍କ ଅନୁପସ୍ଥିତିରେ ଏହି ୩୧ ବର୍ଷୀୟ ବୋଲର ଦଳର ବୋଲିଂ ଆକ୍ରମଣର ନେତୃତ୍ୱ ନେଇଥାନ୍ତେ। ପଥିରାନା ବର୍ତ୍ତମାନ କୋଲକାତା ନାଇଟ ରାଇଡର୍ସ ଦଳ ତରଫରୁ ଖେଳିବେ। ସିଏସ୍‌କେ ଏପର୍ଯ୍ୟନ୍ତ ଏହାର ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ବଂଶୀଧର ପାତ୍ର**
ହାତୀଶାଳସାହି, ଦେବଗଡ଼
ଆବିର୍ଭାବ- ୦୩।୦୫।୧୯୭୬
ତିରୋଧାନ- ୨୦।୦୩।୨୦୨୪
ତୁମେ ଆମମାନଙ୍କୁ ଅଚାନକ ଛାଡ଼ି ଚାଲିଗଲ। ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ସବୁଦିନ ପାଇଁ ମନେ ରହିବ। ତୁମ ଅନୁପସ୍ଥିତି ଆମ୍ଭମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଦୁଃଖ ଏବଂ ଯନ୍ତ୍ରଣା ଦେଉଛି। ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମେ ଯେଉଁଠି ବି ଥାଅ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମାକୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ ପରିବାରବର୍ଗ:- ପତ୍ନୀ- ଗୀତାଞ୍ଜଳି, ପୁଅ- ଚିନ୍ମୟ, ଝିଅ- ସ୍ମିତାରାଣୀ
ଧ-୩୬୯୫

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ତ୍ରିଲୋଚନ ସାହୁ**
ପ୍ଲଟ୍ ନଂ.୧୮, ରାଜାରାଣୀ କଲୋନୀ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୦୯।୦୩।୨୦୨୬ (ସୋମବାର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ
ଧ-୭୬୧୦୦

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଜଗନ୍ନାଥ ଖୁଣ୍ଟିଆ**
ଆବିର୍ଭାବ: ୦୭.୦୭.୧୯୩୩
ତିରୋଧାନ: ୩୧.୦୩.୨୦୨୫
ଅଟଳା ଗ୍ରାମର ସର୍ବାଙ୍ଗୀନ ଉନ୍ନତିର ନାୟକ ତଥା ଅଟଳା ରଥଯାତ୍ରାର ରାଜକାର୍ଯ୍ୟ ତୁଲାଉ ଥିବା ଶ୍ରୀଯୁକ୍ତ ଖୁଣ୍ଟିଆ ଏକାଧାରରେ ପରୋପକାରୀ ଓ ସମାଜସେବୀ ରୂପେ ପରିଚିତ ଥିଲେ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ଜାନକୀ, ଲତା, ବିପିନ- ପୁଷ୍ପା, କାହ୍ନୁ- ଜ୍ୟୋତି, ଭାଇ- ଭାଇବୋହୂ, ଝିଅ-ଜ୍ୱାଇଁ, ଝିଆରୀ- ପୁତୁରା, ଭଣଜା- ଭାଣେଜୀ, ନାତି- ନାତୁଣୀ, ଅଣନାତି-ଅଣନାତୁଣୀ, ଅଟଳା ଗ୍ରାମବାସୀ ବୃନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୩

# ଜଗବନ୍ଧୁ ମେମୋରିଆଲ କ୍ରିକେଟ: ମଞ୍ଚେଶ୍ୱର-ସୁଆଙ୍ଗ ଫାଇନାଲ

**ପୁରୁଣା ଭୁବନେଶ୍ୱର, (ସୁବାସ ଚନ୍ଦ୍ର ପ୍ରଧାନ) ୧୯।୩**

ସ୍ଥାନୀୟ ବାଙ୍କୁଆଳ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମଞ୍ଚେଶ୍ୱର ଓ ବେଲେଶ୍ୱର କ୍ରିକେଟ ଟିମ ମଧ୍ୟରେ ହୋଇଥିଲା। ମ୍ୟାଚରେ ବେଲେଶ୍ୱରକ ୧୪୪ରନରେ ମଞ୍ଚେଶ୍ୱର କ୍ରିକେଟ ଟିମ ହରାଇ ଫାଇନାଲକୁ ଉନ୍ନୀତ ହୋଇଛି। ଟସ ଜିତି ମଞ୍ଚେଶ୍ୱର ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୮୬ରନ କରିଥିଲା। ଜବାବରେ ବେଲେଶ୍ୱର କ୍ରିକେଟ ଟିମ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ରନ କରିବାକୁ ସକ୍ଷମ ହୋଇଥିଲା। ମଞ୍ଚେଶ୍ୱର ଆସନ୍ତା ୨୨ ତାରିଖରେ ସୁଆଙ୍ଗ ସହ ଫାଇନାଲ ଖେଳିବ। ବିଜୟୀ ଦଳର ଗିରିଶ ନାୟକଙ୍କୁ ଆୟୋଜକ ଭଗବତୀ କ୍ରିକେଟ କ୍ଲବର ସଦସ୍ୟ ଗୌତମ ସ୍ୱାଇଁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ସାମନ୍ତରାୟ, ସୁନୀଲ ସ୍ୱାଇଁ ଏବଂ ଜିତେନ୍ଦ୍ର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।

**ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ ସୁଦର୍ଶନ ପ୍ରଧାନ**
ପୂର୍ବତନ ପ୍ରଧାନ ଶିକ୍ଷକ
ଲକ୍ଷ୍ମୀସାଗର ଓ ବରଗଡ଼ ହାଇସ୍କୁଲ, ଭୁବନେଶ୍ୱର
ଆବିର୍ଭାବ: ୧୮।୦୭।୧୯୩୬
ତିରୋଧାନ: ୦୧।୦୪।୨୦୧୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ।
ଶୋକସନ୍ତପ୍ତ: ହତଭାଗ୍ୟ ପରିବାର, ସହକର୍ମୀ, ଛାତ୍ରଛାତ୍ରୀ ଏବଂ କର୍ମଚାରୀ ବୃନ୍ଦ
୩୪, ଗୌତମ ନଗର, ଭୁବନେଶ୍ୱର

# ଏଆଇଏଫ୍‌ଏଫ୍-ଫିଫା ଏକାଡେମୀ ବାଦ୍ ପଡ଼ିଲା

## ୧୮ ବର୍ଷରୁ କମ୍ ୟୁଥ୍ ଲିଗ୍

**ନୂଆଦିଲ୍ଲୀ, ୧୯।୩**

ଫିଫାର ଗ୍ଲୋବାଲ ଫୁଟ୍‌ବଲ ଡେଭଲପ୍‌ମେଣ୍ଟ ମୁଖ୍ୟ ଆର୍ସେନିୱେଙ୍ଗରଙ୍କ ଦ୍ୱାରା ୨୦୨୩ନଭେମ୍ବର ୨୩ରେ ଲଞ୍ଚ କରାଯାଇଥିବା ଏଆଇଏଫ୍‌ଏଫ୍ ଟ୍ୟାଲେଣ୍ଟ ଏକାଡେମୀ, ଓଡ଼ିଶା ଏହାର ନିଜସ୍ୱ ନିୟମାବଳୀର ଧାରା ୯.୧ର ଉଲ୍ଲଂଘନ କରିଛି। ଫଳତଃ ଏହାକୁ ୧୮ବର୍ଷରୁ କମ୍ ଏଲିଟ୍ ୟୁଥ୍ ଲିଗ୍‌ରେ ଅଂଶଗ୍ରହଣରୁ ବାରଣ କରାଯାଇଛି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘର ଏହି ପ୍ରିମିୟର ଟ୍ୟାଲେଣ୍ଟ ଏକାଡେମୀ ଖେଳାଳିମାନଙ୍କ ବୟସ ଜାଲିଆତି କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ଏହି ଅଭିଯୋଗ ମିନର୍ଭା ପଞ୍ଜାବ ଏକାଡେମୀ ତରଫରୁ କରାଯାଇଥିଲା। ଏଆଇଏଫ୍‌ଏଫ୍‌ର ୪ଜଣିଆ ସଦସ୍ୟ ବିଶିଷ୍ଟ ଶୃଙ୍ଖଳା କମିଟି ଅଭିଯୋଗର ବିଚାର କରିଥିଲା। ମିନର୍ଭାର ଅଭିଯୋଗ ଥିଲା ଏଆଇଏଫ୍‌ଏଫ୍-ଫିଫା ଟ୍ୟାଲେଣ୍ଟ ଏକାଡେମୀ ଦ୍ୱାରା ମନୋନୀତ ଦଳରେ ୫ଜଣରୁ ଅଧିକ ଖେଳାଳି ଥିଲେ, ଯେଉଁମାନେ ୧୬ ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟ (ବୋନ୍ ଡେନ୍‌ସିଟି ଟେଷ୍ଟ)ରେ ବିଫଳ ହୋଇଥିଲେ। ୨୦୨୫ ସେପ୍ଟେମ୍ବର ୧୮ରେ କ୍ଲବଗୁଡ଼ିକ ନିକଟକୁ ଏକ ସର୍କୁଲାର ପଠାଯାଇଥିଲା। ଏଥିରେ ଉଲ୍ଲେଖଥିଲା ଟିଡବ୍ଲ୍ୟୁ୩ ଟେଷ୍ଟରେ ଯଦି କୌଣସି ଖେଳାଳିଙ୍କ ବୟସ ୧୬.୨ରୁ ଅଧିକ ଥିବା ଦେଖାଯାଏ ତେବେ ସେ ୧୬ ବର୍ଷରୁ କମ୍ କାଟେଗୋରୀରେ ଅଂଶଗ୍ରହଣରୁ ବଞ୍ଚିତ ହେବେ। ୧୬ବର୍ଷରୁ କମ୍ ଟିଡବ୍ଲ୍ୟୁ୩ ଟେଷ୍ଟରେ ବିଫଳ ହୋଇଥିବା ୩ଜଣ ଖେଳାଳିଙ୍କୁ ଏକ ୧୮ବର୍ଷରୁ କମ୍ ଦଳରେ ସାମିଲ କରାଯାଇଥାଇପାରେ।

# Classified Everyday

**0674-2580101, 9692975378**



**REAL ESTATE**
**SALE**

Land near Balasore Town for Sale. Residential Plot 19 decimals near Harihat in Village SINDHIA near Balighat and 278 decimals all in Village SAHUPADA near BALASORE-Baripada National Highway suitable for farmhouse, apartment, institute. Please contact immediately - 7656861995, 8763744316. D-75866

2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880. D-101

DO U NEED TO INVEST on property/Immediately house purpose ???? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-248

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25





All types of physiotherapy and massage contact 9556924059 / 7656969134. D-3668

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Notary Public, Bhubaneswar, Odisha dated- 18.03.2026, I, Sasmita Dash, W/o.- Late Chandra Sekhar Dash, Flat No.- 3R/6, M.I. Colony, Unit- 9 Flat, P.O.- Bhoinagar, P.S.-Saheednagar, Dist.- Khordha, Odisha, PIN-751022 declare that after the marriage my surname got changed from "Satapathy" to "Dash". Both name Sasmita Satapathy & Sasmita Dash is one and same. Hence, I shall be known as Sasmita Dash for all purpose. D-3693

By virtue of an affidavit sworn before Notary Public, Rayagada, dated 16.03.2026, I, LAKSHMI KURSIKA, resident AT- PANGILI, P.O.- KANDHA KHATIPADU, P.S.- K.SINGPUR, Dist.- Rayagada, PIN- 765016 declare that I have changed the name of my daughter from ISHANI HIKAKA to ESWARI KURSIKA. Henceforth, he shall be known as ESWARI KURSIKA for all purposes.
LAKSHMI KURSIKA
D-3694

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit dtd.- 19.03.2026 sworn before Executive Magistrate, Bhadrak, I, Swapna Barik, W/o.- Khageswar Barik, Vill.- Edadei, P.O.- Kaupur, P.S.- Bhadrak (R), Dist.- Bhadrak, Odisha, PIN- 756113 declare that I have an LIC policy bearing No. 589506941. Where my name is mentioned Rukmani Barik. I further declare that Swapna Barik and Rukmani Barik, W/o.- Khageswar Barik same and one person. D-3692

By virtue of an affidavit in the court of the Executive Magistrate, Bhubaneswar vide affidavit No. 101/ Date- 11.03.2026, I, Rabi Narayan Dash of At/P.O.- Mukhiguda, P.S.- Jaipatna, Dist.- Kalahandi changed my minor daughter's name from "Megha Dash" to "Meghna Rani Dash". Henceforth, she shall be known as Meghna Rani Dash for all furture purposes. D-3690

I, Sanjaya Behera, S/o.- Purandar Behera, Vill.- Nizigarh Dhundinali, P.O./P.S.- Hindol, Dist.- Dhenkanal, Odisha- 759022 solemnly declare that my minor son's name has changed from SAMMYASINDHUBEHERA to SOUMYASINDHU BEHERA, dtd. 17.03.2026 before Executive Magistrate, Hindol.
Sanjaya Behera
D-3688

By virtue of an affidavit sworn before Executive Magistrate, Gudari, affidavit No.-129, dtd.- 18.03.2026 I, Sri LANGA DINDIRIGUDAKA, S/o.- Kalia Dindirigudaka, At- Grahibandha, P.O.- Siriguda, P.S.- Gudari, Dist.- Rayagada, Odisha declare that I have changed the name of my daughter from Kaberi Dindirigudaka to TARA DINDIRIGUDAKA. Henceforth, she shall be known as TARA DINDIRIGUDAKA for all purposes.
Langa Dindirigudaka
D-3689

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## LEGAL NOTICE

**In the Court of the Additional Commissioner, Settlement & Consolidation, Bargarh**
**Settlement Revision Case No. 925 of 2025**

Dileswar Khamari, S/o.- Aniruddha Khamari .........Petitioner

Vrs.

Trupti Sahu, D/o.- Debendra Naik and others .........Opp. Parties

To,

1. Trupti Sahu, D/o.- Debendra Naik, R/o.- Patharla, P.S./Tahasil- Patnagarh, Dist.- Balangir, 2. Dipti @ Padmalaya Sahu, D/o.- Debendra Naik, R/o.- Kushanpuri, P.S./Tahasil- Bhatli, Dist.- Bargarh, 3. Eeti @ Rukmini Padhan, D/o.- Debendra Naik, R/o.-Bhalupali, P.S./Tahasil- Attabira, Dist.- Bargarh, 4. Asha @ Aseswari Naik, D/o.- Debendra Naik, R/o.- Padhanpali, P.S./Tahasil- Bheden, Dist.- Bargarh, 5. Shashanka Sekhar Dash, 6. Subhendu Kumar Dash, Both are S/o.- Kamal Lochan Dash, R/o.- LIC Colony, Motijharan, Sambalpur, P.S./Tahasil/Dist.- Sambalpur ......O.P

NOTICE THROUGH PAPER PUBLICATION U/O 5 RULE 20 CIVIL PROCEDURE CODE, 1908

The above petitioner has filed the above noted case against the above O.Ps for recording of the case land mentioned below on the strength of Regd. Sale Deed bearing No. 10191500662 Dated 16.11.2015 and an interim RSD bearing No. 1402 Dated 14.06.1989. The petitioner has filed a separate prayer petition U/O 5 Rule 20 of the C.P.C stating the reason therein. Hence this newspaper publication. The case land consists Hal Plot No.- 6652 Area-Ac.1.29 dec under Hal Khata No.-151 of Mouza-Kumbhari, PS/Tah.-Barpali, Dist.- Bargarh.

Hence, the O.Ps are directed to appear in this Court in person or through Advocate on 24.04.2026 at 08:30 AM by filing Counter in response to the said revision petition failing which the said revision case will be heard and determined Ex-Party in your absence as per law.

Given under my hand and seal of the Court on this 17th March, 2026

Sd./- ADDL. COMMISSIONER
SETTLEMENT & CONSOLIDATION,
BARGARH
D-3691

# ସଞ୍ଜୁଙ୍କ ସ୍ୱପ୍ନ



ସଞ୍ଜୁ ସାମସନ



ସ୍ତ୍ରୀ ଚାରୁଲତା ରମେଶଙ୍କ ସହ ସଞ୍ଜୁ ସାମ୍‌ସନ

**ଟି୨୦ ବିଶ୍ୱକପ୍ ପରଠାରୁ ଏ ପର୍ଯ୍ୟନ୍ତ କ୍ରିକେଟ ଜଗତରେ ଯେଉଁ ଖେଳାଳି ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି ସେ ହେଉଛନ୍ତି ସଞ୍ଜୁ ସାମ୍‌ସନ। କ୍ୟାରିୟର ଆରମ୍ଭରେ ସଂଘର୍ଷ, ପ୍ରଦର୍ଶନରେ ଅସ୍ଥିରତା ଯୋଗୁ ଉତ୍‌ଥାନ ପତନ ଦେଇ ଆଗକୁ ବଢ଼ିଥିବା ସଞ୍ଜୁଙ୍କୁ ଏବେ ଭାଗ୍ୟ ସାଥ୍ ଦେଇଛି। ଟିମ୍ ଇଣ୍ଡିଆରେ ଟପ୍ ଅର୍ଡର ଖେଳାଳିଙ୍କ ଅସୁସ୍ଥତାଜନିତ କାରଣରୁ ସୁଯୋଗ ପାଇଥିବା ସଞ୍ଜୁ ଏହାର ଭରପୂର ସଦୁପଯୋଗ କରି ଭାରତକୁ ତୃତୀୟଥର ଲାଗି ଟ୍ରଫି ଜିତାଇବାରେ ବଡ଼ ଭୂମିକା ତୁଲାଇଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ସହ ସେ ଘରୋଇ ମାଟିରେ ଟ୍ରଫି ଜିତିବାରେ ଭାରତର ସ୍ୱପ୍ନକୁ ମଧ୍ୟ ସାକାର କରିଛନ୍ତି। ଏବେ ସମସ୍ତଙ୍କ ମୁହଁରେ ସଞ୍ଜୁଙ୍କ ପ୍ରଶଂସା..**

ଚଳିତ ବର୍ଷ ଭାରତୀୟ ଦଳର ଟି୨୦ ବିଶ୍ୱକପ୍ ସଫଳତାରେ ସଞ୍ଜୁ ସାମ୍‌ସନଙ୍କ ଅବଦାନ ଯେଉଁଭଳି ଥିଲା, ତାହା ପ୍ରତ୍ୟେକ ବ୍ୟାଟରଙ୍କ ଲାଗି ସ୍ୱପ୍ନ। ଟୁର୍ନାମେଣ୍ଟରେ ୩ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ର ଅତ୍ୟଧିକ ଚାପ ପରିସ୍ଥିତିରେ ସେ ୩ଥର ୧୯୦ରୁ ଉର୍ଦ୍ଧ୍ୱ ଷ୍ଟ୍ରାଇକ୍‌ରେଟ୍‌ରେ ୮୦ରୁ ଉର୍ଦ୍ଧ୍ୱ ରନ କରିଥିଲେ। ମାତ୍ର ୫ ମ୍ୟାଚ୍ ଖେଳି ସାମ୍‌ସନ ୩୨୧ ରନ କରି ବିଶ୍ୱକପ୍‌ରେ ତୃତୀୟ ସର୍ବାଧିକ ସ୍କୋରର ହୋଇଥିଲେ। ଏହା ତାଙ୍କୁ ନିର୍ବିବାଦୀୟ ଭାବେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପରିଗଣିତ କରିଥିଲା। ଟି୨୦ ଫର୍ମାଟରେ ଅତ୍ୟଧିକ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ପ୍ରଦର୍ଶନରେ ସ୍ଥିରତା ରକ୍ଷା କରିବା କଷ୍ଟକର। ଏହାସତ୍ତ୍ୱେ ବିଶ୍ୱକପ୍‌ର ନକ୍‌ଆଉଟ୍ ମ୍ୟାଚ୍‌ରେ ଲଗାତର ମ୍ୟାଚ୍ ବିଜୟୀ ଇନିଂସ ଖେଳି ନିଜର ଦକ୍ଷତାକୁ ସେ ପରିପ୍ରକାଶ କରିଛନ୍ତି। ସାମ୍‌ସନଙ୍କୁ ଭାଗ୍ୟ ସହାୟ ହୋଇଥିବା କଥାକୁ ଅସ୍ୱୀକାର କରିହେବନି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇନିଂସ ଆରମ୍ଭରୁ ତାଙ୍କୁ ଜୀବନଦାନ ମିଳିଥିଲା। ସେହିପରି ଦକ୍ଷିଣ ଆଫ୍ରିକାଠାରୁ ସୁପର-୮ ପର୍ଯ୍ୟାୟରେ ଭାରତର ପରାଜୟ ପରେ ଟିମ୍ ମ୍ୟାନେଜମେଣ୍ଟ ସଞ୍ଜୁଙ୍କୁ ପୁଣି ଓପନର ଭାବେ ଖେଳାଇବାକୁ ନିଷ୍ପତ୍ତି ନେଇଥିଲା। ସେ ଉଚ୍ଚ ଅଭିଳାଷ ଓ ନିୟନ୍ତ୍ରଣ ସହିତ ଖେଳିଥିଲେ, ଯାହାକି ତାଙ୍କ ପ୍ରଦର୍ଶନରେ ପ୍ରତିଫଳିତ ହୋଇଛି।

ବିଶ୍ୱକପ୍ ପୂର୍ବରୁ ସଞ୍ଜୁଙ୍କ କ୍ୟାରିୟରର କାହାଣୀ କିଛି ଭିନ୍ନ ଥିଲା। ୨୦୧୫ରେ ପଦାର୍ପଣ କରିଥିବା ସଞ୍ଜୁଙ୍କୁ ତାଙ୍କର ପ୍ରଥମ ୫ ମ୍ୟାଚ୍ ଖେଳିବା ପାଇଁ ୬ ବର୍ଷ ଲାଗିଥିଲା। ଟି୨୦ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ପାଇଁ ୧୪ ମ୍ୟାଚ୍ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୨ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ଅର୍ଦ୍ଧଶତକ କରିଥିଲେ। କିନ୍ତୁ ସୁଯୋଗର ଅଭାବ ଓ ବ୍ୟାଟିଂ ପୋଜିଶନକୁ ନେଇ ଅସ୍ୱଷ୍ଟତା ଯୋଗୁ ସେ ସ୍ଥିର ପ୍ରଦର୍ଶନ କରିପାରି ନ ଥିଲେ। ୨୦୨୪ ଟି୨୦ ବିଶ୍ୱକପ୍ ମଧ୍ୟରେ ସେ ମାତ୍ର ୧୧ଟି ମ୍ୟାଚ୍ ଖେଳି ୧୭.୫୩ ଆଭରେଜରେ ୧୨୩ ରନ କରିଥିଲେ।

୨୦୨୪ ଟି୨୦ ବିଶ୍ୱକପ୍ ସଫଳତା ପରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ଏବଂ ଲଗାତର ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ବଳରେ ସାମ୍‌ସନ ପୁଣି ଥରେ ଜାତୀୟ ଦଳକୁ ଫେରିଥିଲେ। ତାଙ୍କୁ ନୂଆ କୋଚ୍ ଗୌତମ ଗମ୍ଭୀର ଖୁବ୍ ସମର୍ଥନ ଦେଇଥିଲେ। ୩ ମ୍ୟାଚ୍ ପରେ ସେ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଶତକ କରିଥିଲେ। ପରବର୍ତ୍ତୀ ୪ ମ୍ୟାଚ୍‌ରେ ଆହୁରି ୨ ଶତକ ହାସଲ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପ୍ରଥମ ବ୍ୟାଟର ଭାବେ ଗୋଟିଏ ବର୍ଷରେ ୩ ଅନ୍ତର୍ଜାତୀୟ ଟି୨୦ ଶତକ ହାସଲ କରିଥିଲେ। ହେଲେ ୨୦୨୫ରେ ସେ ଫର୍ମ ହରାଇଥିଲେ। ଏଥିଯୋଗୁ ଏସିଆ କପ୍ ଲାଗି ଶୁବମନ ଗିଲ୍‌ଙ୍କୁ ଦଳର ଉପ ଅଧିନାୟକ କରାଯାଇଥିଲା। ସାମ୍‌ସନଙ୍କ ବ୍ୟାଟିଂ ପୋଜିଶନରେ ପରିବର୍ତ୍ତନ କରାଯିବା ସହ ଗିଲ୍‌ଙ୍କୁ ଓପନିଂ କରିବାକୁ ଦିଆଯାଇଥିଲା। ପରେ ଟିମ୍ ମ୍ୟାନେଜମେଣ୍ଟ ଜିତେଶ ଶର୍ମାଙ୍କୁ ସୁଯୋଗ ଦେବାରୁ ସାମ୍‌ସନ ନିଜର ସ୍ଥାନ ହରାଇଥିଲେ। ମାତ୍ର ଗିଲ୍ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ଦଳ ପୁଣି ଥରେ ସାମ୍‌ସନଙ୍କୁ ସୁଯୋଗ ଦେଇଥିଲା। ହେଲେ ସାମ୍‌ସନ ସଂଘର୍ଷ କରିବାରୁ ଇଶାନ କିଶନଙ୍କୁ ଦୁଇ ବର୍ଷର ବ୍ୟବଧାନରେ ଦଳକୁ ଫେରିବାକୁ ସୁଯୋଗ ମିଳିଯାଇଥିଲା।

ଗତ ବିଶ୍ୱକପ୍‌ରେ ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ସଞ୍ଜୁଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା। ମାତ୍ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ଅଭିଷେକ ଶର୍ମା ପେଟ ସଂକ୍ରମଣ କାରଣରୁ ଉପଲବ୍ଧ ନ ଥିବାରୁ ସଞ୍ଜୁଙ୍କୁ ସୁଯୋଗ ମିଳିଥିଲା। ସେ ଏହି ମ୍ୟାଚ୍‌ରେ ୮ ବଲରେ ୧ ଚୌକା ଓ ୩ ଛକା ସହିତ ୨୨ ରନ କରିଥିଲେ। ଅଭିଷେକ ସୁସ୍ଥ ହେବାରୁ ପାକିସ୍ତାନ ଓ ନେଦରଲାଣ୍ଡ୍ସ ବିପକ୍ଷ ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଖେଳିଥିଲେ। ଏଥିଯୋଗୁ ସଞ୍ଜୁ ବାଦ୍ ପଡ଼ିଥିଲେ। ଲିଗ୍ ପର୍ଯ୍ୟାୟରେ ୪ ମ୍ୟାଚ୍‌ରୁ ତାଙ୍କୁ କେବଳ ଥରେ ସୁଯୋଗ ମିଳିଥିଲା। କିନ୍ତୁ ସୁପର-୮ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଦଳର ଶୋଚନୀୟ ପରାଜୟ ସଞ୍ଜୁଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଦଳର ଟପ୍ ଅର୍ଡରରେ ୩ ବାମହାତୀ ବ୍ୟାଟର ଥିବାରୁ ପ୍ରତିପକ୍ଷ ଦଳ ପାୱାରପ୍ଲେରେ ଅଫ୍ ସ୍ପିନରଙ୍କୁ ବ୍ୟବହାର କରୁଥିଲେ। ଏହି ଧାରାକୁ ଭାଙ୍ଗିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ କମ୍ବିନେଶନରେ ପରିବର୍ତ୍ତନ କରିଥିଲେ। ଟପ୍ ଅର୍ଡରରେ ଡାହାଣହାତୀ ବ୍ୟାଟରଙ୍କ ଆବଶ୍ୟକତା ଥିବାରୁ ସଞ୍ଜୁଙ୍କୁ ପୁଣି ଥରେ ଓପନିଂ କରିବାକୁ ସୁଯୋଗ ଦିଆଯାଇଥିଲା। ସେ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ୧୫ ବଲରେ ୧ ଚୌକା ଓ ୨ ଛକା ସହିତ ୨୪ ରନ କରିଥିଲେ। ସେମିଫାଇନାଲକୁ ଉନ୍ନୀତ ହେବା ପାଇଁ ଭାରତକୁ ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ନିହାତି ବିଜୟ ଆବଶ୍ୟକ ଥିଲା। ଏହି ଭର୍ଚୁଆଲ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଘରୋଇ ଭାରତୀୟ ଦଳ ଆଗରେ ୧୯୬ ରନର ଏକ ବଡ଼ ସ୍କୋର ଛିଡ଼ା କରିଥିଲା। ଭାରତୀୟ ଦଳର ଅନ୍ୟ ବ୍ୟାଟରମାନେ ଦ୍ରୁତ ଗତିରେ ରନ କରିବାକୁ ସଂଘର୍ଷ କରୁଥିବା ବେଳେ ସଞ୍ଜୁ କ୍ରିଜ୍‌କୁ ଠିକ୍‌ଭାବେ ପଢ଼ି ପାରିଥିଲେ। ଫଳରେ ଦକ୍ଷତାର ଉପଯୋଗ କରି ପ୍ରତ୍ୟେକ ଓଭରରେ ବଡ଼ ବଡ଼ ଶଟ୍ ଖେଳିଥିଲେ। ମ୍ୟାଚ୍‌ରେ ସେ ୫୦ ବଲରେ ଅପରାଜିତ ୯୭ ରନର ଇନିଂସ ଖେଳି ଦଳକୁ ଜିତାଇଥିଲେ। ତାଙ୍କର ଏହି ଇନିଂସରେ ୧୨ ଚୌକା ଓ ୪ ଛକା ସାମିଲ ଥିଲା। ଏଭଳି ପ୍ରଦର୍ଶନ ଲାଗି ପ୍ଲେୟର ଅଫ୍ ମ୍ୟାଚ୍ ଭାବେ ତାଙ୍କୁ ଚୟନ କରାଯାଇଥିଲା। ସେହିଭଳି ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ତାଙ୍କୁ ଆରମ୍ଭରୁ ଜୀବନ ଦାନ ମିଳିଥିଲା, ଯାହାର ସେ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ଜୋଫ୍ରା ଆର୍ଚର, ସାମ କୁରାନ, ଆଦିଲ ରଶିଦଙ୍କୁ ନେଇ ଗଠିତ ବୋଲିଂ ଲାଇନ୍‌ଅପ୍‌କୁ ଛିନ୍ନଭିନ୍ନ କରିଦେଇଥିଲେ। ସେ ୪୨ ବଲରେ ୮ ଚୌକା ଓ ୭ ଛକା ମାରି ୮୯ ରନ କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହ ସେ ଇଶାନ କିଶନ, ଶିବମ ଦୁବେଙ୍କ ସହ ଭଲ ପାର୍ଟନରଶିପ୍ ମଧ୍ୟ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଏହାପରେ ମାର୍ଚ୍ଚ ୮ରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଭାରତର ଟପ୍-୩ ବ୍ୟାଟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ସାମ୍‌ସନ ୪୬ ବଲରେ ୫ ଚୌକା ଓ ୮ ଛକା ସହିତ ସର୍ବାଧିକ ୮୯ ରନ କରିଥିଲେ। ଏଭଳି ପ୍ରଦର୍ଶନ ଲାଗି ଭାରତ ଖୁବ୍ ସହଜରେ ବିଶ୍ୱକପ୍ ଜିତିଥିଲା ଏବଂ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଏଥିସହିତ ସେ ଟି୨୦ ବିଶ୍ୱକପ୍‌ରେ ଅନେକ ରେକର୍ଡର ଅଧିକାରୀ ହୋଇଥିଲେ। ଭାରତର ଏହି ବିଜୟ ସହ ତାଙ୍କର ପିଲାଦିନର ସ୍ୱପ୍ନ ସାକାର ହୋଇଥିଲା। ସେ ହୋଇଥିଲେ ମ୍ୟାଚ ବିଜେତା।

**-ଅନାଦି କର**

## 'ଅଦ୍ଭୁତ ଅନୁଭବ ହେଉଛି'

ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ସମ୍ପର୍କରେ ସଞ୍ଜୁ କହିଥିଲେ, ଏହା ସ୍ୱପ୍ନ ଭଳି ଲାଗୁଛି। ଏଭଳି ପ୍ରଦର୍ଶନ କରିପାରିଥିବାରୁ ମୁଁ କୃତଜ୍ଞ। ଏକ ଅଦ୍ଭୁତ ଅନୁଭବ ହେଉଛି। ମୁଁ ସବୁବେଳେ ଏଭଳି ହିଁ ଖେଳିବାକୁ ଚାହୁଁଥିଲି। ଗତ ୨୦୨୪ରେ ବିଶ୍ୱକପ୍ ବିଜୟୀ ଦଳ ସହ ମୁଁ ଥିଲି। ହେଲେ ମୋତେ ସୁଯୋଗ ମିଳି ନ ଥିଲା। ରୋହିତ ଓ କୋହଲିଙ୍କ ଭଳି କିମ୍ବଦନ୍ତୀଙ୍କଠାରୁ ଚାପ ସ୍ଥିତିରେ କେଉଁ ଭଳି ଖେଳିବାକୁ ହୁଏ, ଶିକ୍ଷା କରିଥିଲି। ମୁଁ ନିଜ ବ୍ୟାଟିଂ ଉପରେ କାମ କରିବା ଜାରି ରଖିଥିଲି। ବିଶ୍ୱକପ୍ ପୂର୍ବରୁ ନ୍ୟୁଜିଲାଣ୍ଡ ସିରିଜ୍ ବେଳେ ମୁଁ ଭାଙ୍ଗିପଡ଼ିଥିଲି। ମୋ ସ୍ୱପ୍ନ ଚୂନା ହୋଇସାରିଥିଲା। କିନ୍ତୁ ମୋ ପାଇଁ ଭଗବାନଙ୍କ ଯୋଜନା କିଛି ଅଲଗା ଥିଲା। ମୋତେ ହଠାତ୍ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁଯୋଗ ମିଳିଲା ଏବଂ ମୋତେ ଯାହା କରିବା କଥା ମୁଁ କରିଥିଲି।

# ଅବିସ୍ମରଣୀୟ

**ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଅନେକ ଦୃଷ୍ଟିକୋଣରୁ ଅବିସ୍ମରଣୀୟ ହୋଇଛି। ୩ ଥର ଟାଇଟଲ ଜିତି ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳର ମାନ୍ୟତା ପାଇଥିବାବେଳେ ଘରୋଇ ପରିବେଶରେ ପ୍ରଥମଥର ଟାଇଟଲ ବିଜୟର ସ୍ୱାଦ ଚାଖିଛି। ବ୍ୟକ୍ତିଗତ ଭାବେ ମଧ୍ୟ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତୀୟ ଖେଳାଳି...**



ନିର୍ମଳ କୁମାର ମିଶ୍ର

ତୃତୀୟ ଥର ପାଇଁ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇ ଇତିହାସ ରଚିଛି ଟିମ୍ ଇଣ୍ଡିଆ। ଅନେକ କାରଣରୁ ଏହି ବିଶ୍ୱକପ୍ ଭାରତ ପାଇଁ ଅବିସ୍ମରଣୀୟ ହୋଇଛି। ତିନି ବର୍ଷ ମଧ୍ୟରେ ଜିତିଛି ଚତୁର୍ଥ ଆଇସିସି ଟ୍ରଫି। ଘରୋଇ ପରିବେଶରେ ପ୍ରଥମଥର ଟି୨୦ ବିଶ୍ୱକପ୍ ଜିତି ପ୍ରତିଯୋଗିତା ଇତିହାସରେ ଏକ ନୂଆ ଧାରା ଆରମ୍ଭ କରିଛି। ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା ଭାରତ। ୨୦୨୫ରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ହୋଇଥିଲା ଏକଦିବସୀୟ ମହିଳା ବିଶ୍ୱକପ୍ ଚାମ୍ପିୟନ। ଏବେ ୨୦୨୬ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ନିଜସ୍ୱ ମାଟିରେ ଟି୨୦ ବିଶ୍ୱକପ୍ ଟାଇଟଲ ହାସଲ କରି ଭାରତ ନିଜ ଦକ୍ଷତା ଦେଖାଇଛି। ୨୦୦୭ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ପ୍ରଥମ ଟି୨୦ ବିଶ୍ୱକପ୍ ଜିତିଥିଲା। ଇତିମଧ୍ୟରେ ମୋଟ ଉପରେ ୮ଟି ଆଇସିସି ଟ୍ରଫି ଜିତି ନିଜର ଦମ୍ ଦେଖାଇଛି ଭାରତ। ଡିଫେଣ୍ଡିଂ ଚାମ୍ପିୟନ ଭାବରେ ଭାରତ ଏଥର ପ୍ରତିଯୋଗିତାର ଆୟୋଜକ ରହିଥିଲା। ମାତ୍ର ପାକିସ୍ତାନ ସହିତ ରାଜନୈତିକ ଶତ୍ରୁତା ଯୋଗୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଏହାକୁ ଆୟୋଜନ କରିଥିଲେ।

ଗ୍ରୁପ୍-'ଏ'ରେ ସ୍ଥାନ ପାଇଥିବା ଭାରତ ସୁପର-୮କୁ ଯିବା ପ୍ରାୟ ନିଶ୍ଚିତ ଥିଲା। ମାତ୍ର ଗ୍ରୁପ୍ ପର୍ଯ୍ୟାୟରେ ଆଇସିସିର ସହଯୋଗୀ ଦେଶର ଦଳଗୁଡିକ ଚମତ୍କାର ଖେଳ ପ୍ରଦର୍ଶନ କରି ବଡ ବଡ ଟିମ୍‌କୁ ଅସୁବିଧାରେ ପକାଇ ଥିବାର ଦେଖାଯାଇଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଆମର ପ୍ରଦର୍ଶନ ସେତେ ଉଚ୍ଚକୋଟୀର ରହି ନ ଥିଲା। ୟୁଏସ୍‌ଏକୁ ମାତ୍ର ୨୯ ଓ ନେଦରଲାଣ୍ଡ୍ସକୁ ୧୭ରନ୍‌ରେ ହରାଇଥିଲା। ନାମ୍ବିୟାକୁ ୯୩ ରନ୍‌ରେ ଏବଂ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଆମେ ୬୧ରନ୍‌ରେ ହରାଇବା ଦଳର ମନୋବଳ ବଢ଼ାଇଥିଲା। ଯଦିବା ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିଲା ତେବେ ବିଶ୍ୱର ଅନେକ ପୂର୍ବତନ ଖେଳାଳି ଆମର ଦକ୍ଷତା ଉପରେ ପ୍ରଶ୍ନବାଚୀ ଉଠାଇଥିଲେ। ନୂଆ ରଣନୀତି ଓ ବ୍ୟାପକ ପରୀକ୍ଷାନିରୀକ୍ଷା ମାଧ୍ୟମରେ ବ୍ୟାଟିଂ ଶକ୍ତିକୁ ନେଇ ଭାରତ ମ୍ୟାଚ ଖେଳିଥିଲା। ୟୁଏସ୍‌ଏ ବିପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ୮୪, ନାମ୍ବିୟା ବିପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅର୍ଦ୍ଧଶତକ ଏବଂ ୨ଟି ଉଇକେଟ, ନେଦରଲାଣ୍ଡ୍ସ ବିପକ୍ଷରେ ଶିଭମ ଦୁବେଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଏବଂ ପାକିସ୍ତାନ ବିପକ୍ଷରେ ଇଶାନ କିଶନଙ୍କ ଦ୍ରୁତ ୭୭ରନ୍ ଭାରତ ପାଇଁ ସୁପର -୮ ପର୍ଯ୍ୟାୟ ବାଟ କଢାଇଥିଲା।

ସୁପର-୮ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ୭୬ରନରେ ପରାଜିତ ହେବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟକୁ ଅନେକ କିଛି ଭାବିବାକୁ ବାଧ କରିଥିଲା। ନେଟ୍ ରନରେଟ୍ ଦୁର୍ବଳ ରହିଥିବାରୁ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ବଡ଼ ବିଜୟ ଚ୍ୟାଲେଞ୍ଜ ଆଣିଥିଲା। ତେବେ ଜିମ୍ବାୱେ ବିପକ୍ଷରେ ୭୨ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ ଉଇକେଟରେ ବିଜୟ ଭାରତକୁ ସେମିଫାଇନାଲରେ ପହଞ୍ଚାଇ ଦେଇଥିଲା। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ବୃହତ୍ ସ୍କୋର ହୋଇଥିଲେ ମଧ୍ୟ ଭାରତ ମାତ୍ର ୭ ରନରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସଞ୍ଜୁ ସାମ୍‌ସନ ଚମତ୍କାର ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଯଶପ୍ରୀତ ବୁମରାଙ୍କ ଚମତ୍କାରୀ ସ୍ପେଲ୍ ମଧ୍ୟ ଭାରତ ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ସଞ୍ଜୁଙ୍କ ଦମ୍‌ଦାର ବ୍ୟାଟିଂ ଏବଂ ବୁମ୍‌ରାଙ୍କ ୧୫ ରନରେ ୪ ଉଇକେଟ ହାସଲ ଭାରତକୁ ଘରୋଇ ମାଟିରେ ଟ୍ରଫି ଜିତାଇବାରେ ବିଶେଷ ସହାୟକ ହୋଇଥିଲା। ୯୬ ରନରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ହୋଇଥିଲା ଟିମ୍ ଇଣ୍ଡିଆ।

ଟୁର୍ନାମେଣ୍ଟରେ ଭାରତୀୟ ବ୍ୟାଟର୍ସମାନେ ୯ଟି ମ୍ୟାଚରେ ମୋଟ ୧୭୩୯ ରନ୍ ସ୍କୋର କରିଥିଲେ। ଏକ ଟୁର୍ନାମେଣ୍ଟରେ ୧୭ଶହ ରନ ଅତିକ୍ରମ କରିବାରେ ପ୍ରଥମ ଦଳ ହୋଇଥିଲା ଭାରତ। ୯ ମ୍ୟାଚରେ ଭାରତୀୟ ବ୍ୟାଟର୍ସମାନେ ୧୦୬ ଛକା ମାରିଥିଲେ। ଗୋଟିଏ ସଂସ୍କରଣରେ ଏହା ମଧ୍ୟ ଏକ ରେକର୍ଡ। ପ୍ରତିଯୋଗିତାରେ ୪ଥର ମଧ୍ୟ ଦୁଇ ଶହରୁ ଅଧିକ ରନ ଏବଂ ୩ଥର ଦୁଇଶହ ପଚାଶରୁ ଅଧିକ ରନ ସଂଗ୍ରହ ହୋଇଥିଲା। ଭାରତ ପକ୍ଷରୁ ଯଦିଓ କେହି ଶତକ ହାସଲ କରି ନ ଥିଲେ ତେବେ ଗୋଟିଏ ସଂସ୍କରଣରେ ୭ଟି ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା। ପାକିସ୍ତାନର ଶାହିବଜାଦା ଫରହାନ ଏକାକୀ ୨ଟି ଶତକ ହାସଲ କରିଥିଲେ। ଭାରତର ଷ୍ଟାର ଓପନର ସଞ୍ଜୁ ସାମ୍‌ସନ ୩ଟି ଅର୍ଦ୍ଧଶତକୀୟ ଇନିଂସ ମାଧ୍ୟମରେ ୩୨୧ରନ ସଂଗ୍ରହ କରିଥିଲେ। ସେ ୩ ଥର ଶତକର ନିକଟତର ହୋଇଥିଲେ ମଧ୍ୟ ବ୍ୟକ୍ତିଗତ ରେକର୍ଡ ଅପେକ୍ଷା ଦଳର ସ୍ୱାର୍ଥକୁ ପ୍ରାଥମିକତା ଦେଇଥିଲେ। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ତାଙ୍କ ପାଇଁ ଥିଲା ଯଥାର୍ଥ ଉପହାର। ପେସ୍ ବୋଲର ଯଶପ୍ରୀତ ବୁମରା ଭାରତ ପକ୍ଷରୁ ସର୍ବାଧିକ ୧୪ଟି ଉଇକେଟ ନେଇଥିଲେ। ଫାଇନାଲରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ମଧ୍ୟ ହୋଇଥିଲେ। ଭାରତ ଫାଇନାଲର ପାୱାର ପ୍ଲେ ୬ ଓଭରରେ ୯୨ରନ ସ୍କୋର କରି ଆଉ ଏକ ରେକର୍ଡର ଅଧିକାରୀ ହୋଇଥିଲା। ଟି୨୦ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଜିମ୍ବାୱେ ବିପକ୍ଷ ସୁପର ୮ ମ୍ୟାଚରେ ଗୋଟିଏ ଇନିଂସରେ ୧୭ଟି ଛକା ମାରି ଭାରତ ରେକର୍ଡ କରିଥିଲା।

ପ୍ରତ୍ୟେକ ଦୃଷ୍ଟି କୋଣରୁ ଗତ ଟି୨୦ ବିଶ୍ୱକପ୍ ଭାରତ ପାଇଁ ଏକ ବଡ଼ ଆହ୍ୱାନ ଥିଲା। ୨୦୨୪ ବିଶ୍ୱକପ୍‌ଠାରୁ ଭାରତ ଏହି ଫର୍ମାଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଆସୁଛି। ହ୍ୱାଇଟ ବଲ ଫର୍ମାଟରେ ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ରୂପେ ୫୨ଟି ମ୍ୟାଚରୁ ୪୨ଟିରେ ବିଜୟୀ ହୋଇଥିବାବେଳେ ୮ଟିରେ ପରାଜିତ ହୋଇଛନ୍ତି। ଏହା ମଧ୍ୟ ଏକ ରେକର୍ଡ।



ଟି୨୦ ବିଶ୍ୱକପ ବିଜୟୀ ଭାରତୀୟ ଦଳ

## ଗର୍ଲ ଫ୍ରେଣ୍ଡ

ଝାଡ଼ଖଣ୍ଡ ଦି ସାଭଏ ହୋଟେଲକୁ
ଭେନ୍ୟୁ ପାଇଁ ନେଇ ଭଡା
ଟିମ୍ ଇଣ୍ଡିଆର କୁଲଦୀପ ଯାଦବଙ୍କ
ବାନ୍ଧବୀ ବଂଶୀକା ଚଢା
ପଢିଲେ ମ୍ୟାରେଜ ପଢା
ହ୍ୟାପି ମ୍ୟାରେଜ ଲାଇଫ କଟାନ୍ତୁ ଦମ୍ପତି
ୱିସ ଦିଅ ତାଳି ବାଡା।



ଧର୍ମ ପତ୍ନୀ ଛାଡି ନିଜ ଗର୍ଲଫ୍ରେଣ୍ଡକୁ
ପଡିଆରେ କରି ଗେଲ
ମହାନ ତ୍ରିରଙ୍ଗା ପତାକାକୁ ନେଇ
ପାଣ୍ଡ୍ୟା ହେଲା କଲବଲ
ପାଶ୍ଚାତ୍ୟକୁ କରି ଫଲୋ
ଆଜିକାଲି ସ୍ୱାମୀ ଗର୍ଲଫ୍ରେଣ୍ଡ ସଙ୍ଗେ
ଚାଟିଂ, ଡେଟିଂ କରେ ଭଲ।

ସଫଳତା ପାଇଁ ସୂର୍ଯ୍ୟ କୁମାର ସ୍ତ୍ରୀ
ଦେଭିଶାଙ୍କୁ ଦେଲା ଶ୍ରେୟ
ଗୋଡ଼ ହାତ ଚଳୁଥିଲେ ଗର୍ଲଫ୍ରେଣ୍ଡ
ଡେଲି ପଚାରିବା ଥୟ
ରଖ ଫ୍ୟୁଚରକୁ ଲୟ
ପରିଣତ ବୟସର ସାଥୀ ପାଇଁ
ଏବେ କର ଜୟ ଜୟ।

**-ସୁବାସ ଚନ୍ଦ୍ର ପ୍ରଧାନ**



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୧୦୦ମିଟର ଦୌଡ଼ରେ ଅଂଶଗ୍ରହଣ ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ଓଡ଼ିଶାର ଜୟନ୍ତୀ ବେହେରା (ଡାହାଣରୁ ତୃତୀୟ)। ଫଟୋ: ବିକାଶ ନାୟକ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୫ ପଦକ

**ଜାତୀୟ ପାରା ଆଥଲେଟିକ୍ସ**

**ଭୁବନେଶ୍ୱର,୧୯।୩(ଅନାଦି କର)**

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରତିଯୋଗିତାର ପ୍ରଥମ ଦିନ ଓଡ଼ିଶାର ପାରା ଆଥଲେଟ୍ମାନେ ୫ ପଦକ ଜିତିଛନ୍ତି। ଏହି ତାଲିକାରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ରହିଛି।

ଓଡ଼ିଶା ପାଇଁ ଜୟନ୍ତୀ ବେହେରା ଓ ଜାନକୀ ଓରାମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମହିଳା ୧୦୦ ମି. ଟି୪୭ ଇଭେଣ୍ଟରେ ୧୩.୧୭ ସେକେଣ୍ଡ ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ୧୦୦ ମି. ଟି୧୨ କାଟେଗୋରୀରେ ଜାନକୀ ଓରାମ ୧୩.୮୧ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପୁରୁଷ ଜାଭେଲିନ ଥ୍ରୋ ଏଫ୍୪୬ ଇଭେଣ୍ଟରେ ରଞ୍ଜିତ ଚଣ୍ଡ ୫୫.୫୫ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ ଅକ୍ତିଆର କରିଛନ୍ତି। ପୁରୁଷ ୧୦୦ ମିଟର ଟି୫୩ ଇଭେଣ୍ଟରେ କମଳାକାନ୍ତ ନାୟକ ୨୦.୮୧ ସେ. ଟାଇମିଂ ସହ ବ୍ରୋଞ୍ଜ ପଦକ ହାତେଇଛନ୍ତି। ମହିଳା ୧୦୦ ମି. ଟି୧୩ ଇଭେଣ୍ଟରେ କବିତା ପ୍ରବାହୁଏ ୧୬.୦୫ ସେ. ଟାଇମିଂ ସହ ରୌପ୍ୟ ପଦକ ଅର୍ଜନ କରିଛନ୍ତି।



କବିତା ପ୍ରବାହୁଏ ଓ ଜାନକୀ ଓରାମ।

# କଳିଙ୍ଗରେ ହେବ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ

**ନୂଆଦିଲ୍ଲୀ,୧୯।୩(ପି.ଟି.)**

ଆସନ୍ତା ୨୦୨୮ରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ) ପକ୍ଷରୁ ଗୁରୁବାର ଭାରତକୁ ଆୟୋଜନ ଅଧିକାର ଦିଆଯାଇଛି। ପୋଲାଣ୍ଡର ତୋରୁନଠାରେ ବସିଥିବା କାଉନ୍‌ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତକୁ ୨୦୨୮ ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍ ଆୟୋଜନ ଅଧିକାର ଦିଆଯାଇଥିବା ଡବ୍ଲ୍ୟୁଏ ଉପସଭାପତି ଆଦିଲ ସୁମରିୱାଲା କହିଛନ୍ତି।

ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ଲାଗି ଚଳିତ ବର୍ଷ ଏଏଫ୍‌ଆଇ(ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ବିଡ୍ ଦାଖଲ କରାଯାଇଥିଲା। ୱାର୍ଲ୍ଡ ଆଥ୍‌ଲେଟିକ୍ସର ଏକ ଦୁଇ ଜଣିଆ ଦଳ ଗତ ଜାନୁଆରୀରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଥିବା ଷ୍ଟେଟ୍-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମ ପରିଦର୍ଶନ କରିଥିଲା। ସେହିଭଳି ସୁମରିୱାଲାଙ୍କ ସହ ଡବ୍ଲ୍ୟୁଏ କାଉନ୍‌ସିଲ ସଦସ୍ୟ, ଏଏଫ୍‌ଆଇର ପୂର୍ବତନ ସଭାପତି ଏବଂ ଓଡ଼ିଶା ସରକାରଙ୍କ ଜଣେ ଅଧିକାରୀ ପୋଲାଣ୍ଡ ଗସ୍ତ କରିଥିଲେ। ଏଥିପୂର୍ବରୁ ନ୍ୟୁଜିଲାଣ୍ଡ ଏହି ଟୁର୍ନାମେଣ୍ଟ ଆୟୋଜନ ପାଇଁ ଇଚ୍ଛା ପ୍ରକଟ କରିଥିଲା। ଏ ସମ୍ପର୍କରେ ଏଏଫ୍‌ଆଇର ପୂର୍ବତନ ସମ୍ପାଦକ ରବୀନ୍ଦର ଚୌଧାରୀ କହିଛନ୍ତି, ଭାରତ ଆୟୋଜନ ଦୌଡ଼ରେ ଥିବାରୁ ଆମକୁ ଆୟୋଜକ ସହର ବାଛିବା ନିଷ୍ପତ୍ତିରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ପରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଭାରତକୁ ଆୟୋଜନ ଅଧିକାର ପ୍ରଦାନ କରାଯାଇଥିବା ଘୋଷଣା କରାଯାଇଥିଲା। ଏହା ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଆଥଲେଟ୍‌ଙ୍କ ବୃଦ୍ଧି ପାଉଥିବା ପ୍ରତିଷ୍ଠାକୁ ଦର୍ଶାଉଛି।

ୱାର୍ଲ୍ଡ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ମୁଖ୍ୟତଃ ୨୬ଟି ଇଭେଣ୍ଟ ଅନୁଷ୍ଠିତ ହୁଏ। ୩ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ୧୩ଟି ଲେଖାଏ ଇଭେଣ୍ଟ ହେବ। ପୋଲାଣ୍ଡରେ ହେବାକୁ ଥିବା ଚଳିତ ସଂସ୍କରଣରେ ପ୍ରଥମ ଥର ପାଇଁ ୪X୪୦୦ ମି. ମିକ୍ସଡ୍ ରିଲେ ଇଭେଣ୍ଟ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସାମିଲ ଥିବା ୧୩ଟି ଇଭେଣ୍ଟ ହେଲା ୬୦ମି., ୪୦୦ ମି., ୮୦୦ ମି., ୧୫୦୦ ମି., ୩୦୦୦ ମି., ୬୦ ମି. ହର୍ଡଲ୍ସ, ୪X୪୦୦ ମି. ରିଲେ, ହାଇ ଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ, ହେପ୍ଟାଥଲନ (ମହିଳାଙ୍କ ପାଇଁ ପେଣ୍ଟାଥଲନ)।

୨୦୨୪ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ଷ୍ଟେଟ-ଅଫ୍-ଦି-ଆର୍ଟ ଇନ୍‌ଡୋର ଷ୍ଟାଡିୟମଠାରେ ୨୦୨୮ ଏସିଆନ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାର ଯୋଜନା ରହିଛି। ଏଥିଲାଗି ଏସିଆନ ଆଥ୍‌ଲେଟିକ୍ସ ଆସୋସିଏଶନ (ଏଏଏ)ର ଦୁଇ ଜଣିଆ ପ୍ରତିନିଧି ଦଳ ଗତ ମାସରେ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଏହା ବ୍ୟତୀତ ଆସନ୍ତା ୨୪ ଓ ୨୫ରେ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଇନ୍‌ଡୋର ଆଥ୍‌ଲେଟିକ୍ସ କେନ୍ଦ୍ରରେ ୨୦୦ ମିଟର ସିନ୍ଥେଟିକ୍ ଟ୍ରାକ, ୮୦ ମିଟର ସହିତ ୨୦ ମି. ରନିଂ ଟ୍ରାକ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ, ଶଟ ପୁଟ୍ ଇଭେଣ୍ଟ ଲାଗି ନିର୍ଦ୍ଦିଷ୍ଟ ଅଞ୍ଚଳ ରହିଛି।



# ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ

**ମୁକ୍ତେଶ୍ୱର କ୍ଲବ ସିନିୟର କ୍ରିକେଟ**




ଅନୁରାଗ ଷଡ଼ଙ୍ଗୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

**ଭୁବନେଶ୍ୱର, ୧୯।୩ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜି କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ୮୭ ରନରେ ହରାଇ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୪୦ ଓଭରରେ ୭ ଉଇକେଟ ହରାଇ ୨୬୦ ରନ କରିଥିଲା। ଶତକ ହାସଲକାରୀ ଅନୁରାଗ ଷଡ଼ଙ୍ଗୀ ୯୭ ବଲ୍‌ରୁ ୧୦୮ ରନ ସ୍କୋର କରିଥିଲେ। ହିମାଂଶୁ ବିସ୍ତ ୫୧ ଓ ରମଣୀ ଜେନା ୪୫ ରନ କରିଥିଲେ। ବିପକ୍ଷ ବୋଲର ଏସ୍‌କେ ନକିବ ଓ ରିତେଶ ପ୍ରିୟରଞ୍ଜନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୨୮.୩ ଓଭରରେ ୧୭୩ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ବିଦ୍ୟାଧର ବେହେରା ୩୫ ଓ ଦେବାଶିଷ ସାମନ୍ତରାୟ ୩୨ ରନ କରିଥିଲେ। ବିଜୟୀ ଦଳର ସାଇ ପ୍ରିୟାଂଶ ପଟ୍ଟନାୟକ ୪ଟି ଏବଂ ଚନ୍ଦ୍ରାଂଶୁ, ପ୍ରତୀପ ଓ ଅଭିନବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅନୁରାଗ ଷଡ଼ଙ୍ଗୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବନ୍ଧନ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆୟର୍ଲାଣ୍ଡରେ ଟି୨୦ ସିରିଜ ଖେଳିବ ଭାରତ

**ନୂଆଦିଲ୍ଲୀ,୧୯।୩**

ବିଶ୍ୱ ଚାମ୍ପିୟନ ଭାରତ, ଇଂଲଣ୍ଡରେ ଧଳା ବଲ ସିରିଜ୍ ଖେଳିବା ପୂର୍ବରୁ ଆସନ୍ତା ଜୁନରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଟି୨୦ ସିରିଜ୍ ଖେଳିବ। ଆୟର୍ଲାଣ୍ଡର ଡାଇରେକ୍ଟର ଅଫ୍ ହାଇ ପରଫମାନ୍ସ ଗ୍ରାହାମ ୱେଷ୍ଟ ବୁଧବାର ଏହା ସ୍ପଷ୍ଟ କରିଛନ୍ତି। ଏଥିସହିତ ପଲ ଷ୍ଟର୍ଲିଙ୍ଗ ଆୟର୍ଲାଣ୍ଡ ଟି୨୦ ଦଳର ଅଧିନାୟକ ପଦରୁ ଓହରି ଯାଇଥିବା ସେ ଘୋଷଣା କରିଛନ୍ତି। ଆଗାମୀ ଆଇପିଏଲ୍ ଶେଷ ହେବା ପରେ ଭାରତୀୟ ଦଳ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ଓ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ଏହି ସିରିଜ ଜୁନ ୨୦ ତାରିଖରେ ଶେଷ ହେବ। ଏହାପରେ ଭାରତ ୫ ଟି୨୦ ଓ ୩ ଦିନିକିଆ ମ୍ୟାଚ୍ ଖେଳିବା ଲାଗି ଇଂଲଣ୍ଡ ଟୁର କରିବ। ଏହି ଟୁରରେ ଆୟର୍ଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ୍ୟ ସାମିଲ ରହିଛି। ଭାରତ ଗତ ୭ ବର୍ଷ ମଧ୍ୟରେ ଚତୁର୍ଥ ଥର ପାଇଁ ୨୦୨୩, ୨୦୨୨ ଓ ୨୦୧୮ରେ ଆୟର୍ଲାଣ୍ଡ ଟୁର କରିବାକୁ ଯାଉଛି। ୨୦୨୮ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଷ୍ଟର୍ଲିଙ୍ଗ ଟି୨୦ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଏଥିଯୋଗୁ ଦଳକୁ ନୂଆ ଅଧିନାୟକ ଓ ନୂଆ ଷ୍ଟ୍ରାଟେଜୀ ଦରକାର। ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଷ୍ଟର୍ଲିଙ୍ଗ ଦଳର ନେତୃତ୍ୱ ଛାଡ଼ିଛନ୍ତି। ହେଲେ ସେ ଦିନିକିଆ ଫର୍ମାଟରେ ଦଳର ନେତୃତ୍ୱ ନେବା ଜାରି ରଖିବେ।

# ମୁନି ଦିଲ୍ଲୀର ଫିଲ୍ଡିଂ କୋଚ୍

**ମୁମ୍ବାଇ,୧୯।୩:** ଆୟର୍ଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଜନ ମୁନିଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତ କରିଛି। ତାଙ୍କ ପୂର୍ବରୁ ଆଣ୍ଟନ ରୌକ୍ସ ଓ ଜ୍ଞାନେଶ୍ୱରନ ରାଓ ଏହି ଦାୟିତ୍ୱରେ ଥିଲେ। ୪୪ ବର୍ଷୀୟ ମୁନି ମୁଖ୍ୟ କୋଚ୍ ହେମଙ୍ଗ ବଦାନୀଙ୍କ ନେତୃତ୍ୱରେ ଓ ବୋଲିଂ କୋଚ୍ ମୁନାଫ ପଟେଲ ଓ ବ୍ୟାଟିଂ କୋଚ୍ ଇଆନ ବେଲଙ୍କ ସହ କାର୍ଯ୍ୟ କରିବେ। ୪୪ ବର୍ଷୀୟ ମୁନି ପୂର୍ବରୁ ୱେଷ୍ଟଇଣ୍ଡିଜ୍ ଓ ଆଫଗାନିସ୍ତାନ ଭଳି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିଲେ।

# ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ନିଯୁକ୍ତ

**ୱାର୍ଲ୍ଡ ସ୍କ୍ୱାଶ ପ୍ରିମିୟର**

**ନୂଆଦିଲ୍ଲୀ, ୧୯।୩ (ପି.ଟି.):** ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏକ ନୂଆ ଗ୍ଲୋବାଲ ପ୍ରଫେଶନାଲ ପ୍ରତିଯୋଗିତା ପାଇଁ ଭାରତର ସ୍କ୍ୱାଶ ଆଇକନ ସୌରଭ ଘୋଷାଲ ସ୍ପୋର୍ଟ୍ସ କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଘୋଷାଲ ଭାରତର ଏକମାତ୍ର ପୁରୁଷ ଖେଳାଳି ଭାବେ ପିଏସ୍‌ଏ (ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ) ୱାର୍ଲ୍ଡ ର୍‌ୟାଙ୍କିଂର ଟପ୍ ୧୦ରେ ପ୍ରବେଶ କରିପାରିଛନ୍ତି। ସେ ୧୧ଟି ଟାଇଟଲ, ୯ ଏସିଆନ ଗେମ୍ସ ପଦକ ଜିତିପାରିଛନ୍ତି। ସେ ଆହୁରି ମଧ୍ୟ ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ (ପିଏସ୍‌ଏ) ପୁରୁଷ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶ (ଡବ୍ଲ୍ୟୁପିଏସ୍)ସ୍ପୋର୍ଟ୍ସ କମିଶନର ଭାବେ ଘୋଷାଲ ଲିଗ୍‌ର ସମ୍ପୂର୍ଣ୍ଣ ଖେଳ ଢାଞ୍ଚା ପ୍ରସ୍ତୁତ କରିବା ସହ ତାହାର ଦେଖାଚାହାଁ କରିବେ। ଏହାଛଡ଼ା ସେ ଖେଳାଳି ଯୋଗ୍ୟତା ପଥ ଏବଂ ଖେଳ ପରିଚାଳନାର ମାନଦଣ୍ଡ ପ୍ରସ୍ତୁତ କରିବେ। ୱାର୍ଲ୍ଡ ପ୍ରିମିୟର ସ୍କ୍ୱାଶର ଉଦ୍‌ଘାଟନୀ ସଂସ୍କରଣ ଅଗଷ୍ଟ ମାସରେ ହେବ। ଡବ୍ଲ୍ୟୁପିଏସ୍ ହେଉଛି ଏକ ଏଲିଟ୍ ପ୍ରଫେଶନାଲ ପ୍ରତିଯୋଗିତା। ଏଥିରେ ମଲ୍ଟି ମୋଡାଲ ଏଆଇ ବ୍ୟବହାର କରାଯାଇଛି। ଲିଗ୍‌ରେ ରିଜର୍ଭ ଖେଳାଳି ଓ ୮ଏଲିଟ୍ ପ୍ରଫେଶନାଲ ସମେତ ୨୪ ଖେଳାଳି ଭାଗ ନେବେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ